

# ଜଗନ୍ନାଥ ଜଣାଣ

## କେତୋଟି ପାଖୁଡ଼ା

ଗଜେନ୍ଦ୍ର କୁମାର ସାହୁଙ୍କ ଦ୍ୱାରା ସଂଗୃହୀତ

ଶ୍ରୀ ନୀଳମାଧବ ପୀଠ, କଣ୍ଟିଲୋ



ମୋର ପୂଜନୀୟ ଗୁରୁଜନଙ୍କ କରକମଳରେ ସମର୍ପଣ |

ଗଜେନ୍ଦ୍ର କୁମାର, ହାମବର୍ଗ,୧୦ ଅକ୍ଟୋବର ୨୦୧୬ |

କୁଆଁର ପୁନେଇ ଜହ୍ନ ଗୋ ଫୁଲ
ବଉଳବେଣୀ ।
କୃଷ୍ଣ ଯେତେବେଳେ ମଥୁରାକୁ
ଗଲେ
କାନ୍ଦିଲେ ଯଶୋଦାରାଣୀ ଗୋ
ଫୁଲ ବଉଳବେଣୀ ।।

କରମଙ୍ଗା ଗଛ ଛାଇଲୋ ଫୁଲ
ବଉଳବେଣୀ ।
କୃଷ୍ଣ ଯେତେବେଳେ ବନସ୍ତକୁ ଗଲେ
ସଙ୍ଗେ ଥିଲେ ବଡ଼ ଭାଇ ଗୋ
ଫୁଲ ବଉଳବେଣୀ ।।

କୁଆଁର ପୁନେଇ ଜହ୍ନ ଗୋ ଫୁଲ
ବଉଳବେଣୀ ।
କୁଆଁରୀମାନେ ଯେ ପୁଚି ଖେଳୁଛନ୍ତି
ଝୁଣ୍ଟିଆ ଶବଦ ଶୁଣ ଗୋ
ଫୁଲ ବଉଳ ବେଣୀ ।।

କଇଁଫୁଲ ଗୋଟି ଗୋଟି ଗୋ ଫୁଲ
ବଉଳବେଣୀ ।
ରାଧା ଯେତେବେଳେ ଦୋଳି
ଖେଳୁଥିଲେ
ବେଣୀ ଯାଉଥିଲା ଲୋଟି ଗୋ
ଫୁଲ ବଉଳବେଣୀ ।।

# ସୂଚୀପତ୍ର

**1 ବନ୍ଦନା ........ 1**

1.1 ଶ୍ରୀ ଶ୍ରୀ ଗଣେଶ ବନ୍ଦନା ........ 1

1.2 ଶ୍ରୀ ଶ୍ରୀ ସରସ୍ୱତୀ ବନ୍ଦନା ........ 2

1.3 ମହାମୃତ୍ୟୁଞ୍ଜୟ ମନ୍ତ୍ର ........ 2

1.4 ଗାୟତ୍ରୀ ମନ୍ତ୍ର ........ 3

1.5 ଦଶାବତାର ........ 3

1.6 ଶ୍ରୀ ଶ୍ରୀ ଜଗନ୍ନାଥାଷ୍ଟକଂ ........ 5

**2 ପ୍ରାର୍ଥନା ........ 7**

2.1 ଅଖିଳ ବ୍ରହ୍ମାଣ୍ଡପତି ମୋ ଜୀବନ ସ୍ୱାମୀ ........ 7

2.2 ଆହେ ଦୟାମୟ ବିଶ୍ୱ ବିହାରୀ ........ 8

2.3 କି ସୁନ୍ଦର ଆହା କି ଆନନ୍ଦମୟ ........ 9

2.4 ଭବ ସାଗର ତାରଣ କାରଣ ହେ ........ 10

2.5 ହେ ଆନନ୍ଦମୟ କୋଟି ଭୁବନ ପାଳକ ........ 11

**3 ଜଗନ୍ନାଥ ଜଣାଣ ........ 12**

3.1 ଅନୁସରିତ ପ୍ରଭୁ କାଳଯାକ ଗଲା ସରିତ ........ 12

3.2 ଅଧାଗଢ଼ା ଦିଅଁଙ୍କର ଦେଖ ଚକାଆଖିକୁ ........ 13

3.3 ଆଡ଼େଇ ଯାଅ ମାଡି ଆସୁଛିରେ କଳିଆ ହାତୀ ............................. 15
3.4 ଆଣିଥିଲ ପ୍ରଭୁ ଶ୍ରୀକ୍ଷେତ୍ର ବୁଲେଇ, ବନ୍ଧୁ କରିଥିଲି ବୋଲି ............ 15
3.5 ଆଳତିବେଳ ବଡ଼ ଦେଉଳ କି ଶୋଭା କଳା ଶ୍ରୀମୁଖ ......................... 16
3.6 ଆସ ଆସ ଆସ ମୋର ସରଗ ତରା ଲୋ ........................................... 17
3.7 ଆସିଛି ଦେଖି ତୋ କଳା ବଦନକୁ ................................................... 18
3.8 ଆସିଥିଲି କାଳିଆ ତୋ ଦରଶନ ପାଇଁରେ ...................................... 18
3.9 ଆହେ ଚକାଆଖି ଶୁଖିଲାଣି କଣ୍ଠ ...................................................... 19
3.10 ଆହେ ନୀଳଗିରି ................................................................................ 20
3.11 ଆହେ ନୀଳ ଶଇଳ ............................................................................. 21
3.12 ଆହେ ନୀଳାଚଳ ନାୟକ ..................................................................... 22
3.13 ଆହେ ନୀଳାଚଳ ବାସୀ ...................................................................... 23
3.14 ଆହେ ପ୍ରଭୁ କଳା ଶ୍ରୀମୁଖ .................................................................. 23
3.15 ଆହେ ପ୍ରଭୁ କଳା ଶ୍ରୀମୁଖ ! ତୁମ୍ଭ ରଥଯାତ ଦେଖି ............................ 24
3.16 ଆହେ ରାମ ହରି ................................................................................ 25
3.17 ଏକା ତୋ' ଭକତ ଜୀବନ ................................................................... 26
3.18 ଏଭଳି ଠାକୁର ଦେଖିଚ କାହିଁ, ଲୀଳା କରୁଥାନ୍ତି ............................. 27
3.19 ଏମିତି ଏ ବଡ଼ଦାଣ୍ଡେ ହାତପାତି ରହିଥିବି ........................................ 28
3.20 କଳା କାହ୍ନୁ କୁହୁକ ଜାଣେ .................................................................. 29

3.21 କଳାକୃଷ୍ଣ କମଳ ଆଖି .......... 30

3.22 କଳା ଶ୍ରୀମୁଖ ହେ ! ନଗଲା ମୋର ଦୁଃଖ .......... 31

3.23 କାଳିଆରେ କାଳିଆ ତୁ ସତ କହ କାହାର.......... 32

3.24 କାହାକୁ ମୁଁ କରିବଇଁ ସାକ୍ଷୀ, ହେ ଚକାଆଖି .......... 32

3.25 କାହିଁକି ଆସିଛୁ ମନ .......... 33

3.26 କାହିଁକି ମୋ ଠାରେ ହେଳା .......... 34

3.27 କାହିଁପାଇଁ ଚକାଡ଼ୋଳା .......... 35

3.28 କାଳିଆରେ କାଳିଆ, ଏ ଜନମ ପରେ ଆର ଜନମକୁ.......... 35

3.29 କାଳିଆ କାହ୍ନୁ ଆଉ ବିଳମ୍ବ କର କାହିଁକି .......... 36

3.30 କାଳିଆ ଧନ .......... 38

3.31 କାଳିଆ ସାଆନ୍ତେ ହୋ ଶୁଣିବା ହେଉ ଗୁହାରି.......... 38

3.32 କି ଲାଗି ଡାକିବି ମହାବାହୁ ବୋଲି ଟେକିଲ ତ ନାହିଁ.......... 40

3.33 କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ.......... 40

3.34 କେତେ ନାଟ ଲଗାଇଛ କଳା ଶ୍ରୀମୁଖ .......... 41

3.35 କେରି କେରି ସୁନା ଦୁବ ଲୋ ସଜନୀ .......... 42

3.36 କେହି ସରି କି, ପ୍ରଭୁ ପଣେ ନୀଳାଦ୍ରି କେଶରୀ କି.......... 43

3.37 କୋଠ ଭୋଗ ଖିଆ.......... 44

3.38 କୃପାସିନ୍ଧୁ ବଦନ କରି ଅବଲୋକନ .......... 45

3.39 କୃପାସିନ୍ଧୁ ଦୀନବନ୍ଧୁ କାହିଁକି କରୁଣା ଊଣା ........ 45
3.40 କୃଷ୍ଣ କେଶବ ହରି........ 46
3.41 ଗୁହାରି ମଣିମା ତୁମ ଚରଣେ........ 47
3.42 ଗୋଡ଼ୋ ଯୋଡ଼ିକ ଥାଇ ବୋଇଲେ........ 47
3.43 ଘୁଁ ଘୁଁ ଘୁଁ ଘୁଁ ରଥ ଚାଲିଚି ବସିଛି ମୋ ଜଗନ୍ନାଥିଆ........ 48
3.44 ଚକାଆଖି ଦେଖୁଚି ସତ ମିଛ ସବୁ ଶୁଣୁଚି ........ 49
3.45 ଚକାଡୋଳା ଚିକ୍କଣ କଳା........ 50
3.46 ଚକାନୟନକୁ ପତିତ କେହି ତକାଇ ଖର ନିଃଶ୍ୱାସ ପକାଇ........ 51
3.47 ଚକାନୟନ ହେ ! ଜଗୁ ଜୀବନ ଶ୍ରୀହରି ........ 52
3.48 ଚନ୍ଦନପୁରରୁ ପତିତପାବନ ଅଳପ ଅଳପ ଦିଶେ........ 53
3.49 ଚନ୍ଦନ ଲାଗି ସମୟେ ଚିନ୍ତ ଚିନ୍ତାମଣିଙ୍କି........ 54
3.50 ଚାଲ ଦେଖିବା ସଜନୀ........ 55
3.51 ଚାଲ ସଖୀ ଆମ୍ଭେ ଦର୍ଶନ କରିବା........ 56
3.52 ଚାହିଁ ଚାହିଁ ଦିନ ଗଲା ରେ ଚକାଡୋଳା ........ 57
3.53 ଚିତ୍ତ ଚିନ୍ତ ଜଗନ୍ନାଥ କଳାମୁଖକୁ। ........ 58
3.54 ଜଗନ୍ନାଥୀଆର ଶ୍ରୀମହାପ୍ରସାଦ ପାଗଳ କଳାରେ ଭାଇ........ 59
3.55 ଜଗନ୍ନାଥ କଲେ ଯା ଅନାଥ........ 60

3.56 ଜଗବନ୍ଧୁ ରଥାଙ୍ଗ ପାଣି ରତ୍ନ ସିଂହାସନ ........ 60
3.57 ଜଗବନ୍ଧୁ ଅଙ୍କେ ରତନ ପଲଙ୍କେ ........ 61
3.58 ଜଗବନ୍ଧୁ ପରି ଜଣେ ସାମନ୍ତ ........ 62
3.59 ଜଗାକାଳିଆରେ, କରୁ କେତେ ହରବର ........ 62
3.60 ଜୟ ଜଗବନ୍ଧୁ ହେ ଯଦୁ ନନ୍ଦନ ........ 63
3.61 ଜଗବନ୍ଧୁ ହେ ଗୋସାଇଁ ........ 64
3.62 ଜଗନ୍ନାଥ ହୋ ! କିଛି ମାଗୁନାହିଁ ମୁଁ ତୋତେ ........ 64
3.63 ଜଗା କାଳିଆ ଦେଉଳରେ ଅଛୁ କି ତୁ ସରଗରେ ........ 65
3.64 ଜୟ ଜୟ ଜଗନ୍ନାଥ ଚଢ଼ି ନନ୍ଦିଘୋଷ ରଥ ........ 66
3.65 ଜୟ ଜୟ ଜଗନ୍ନାଥ ଜଗତ କାରଣ ........ 69
3.66 ଜୟ ଜୟ ଜଗନ୍ନାଥ ନୀଳଗିରି ପତି ........ 69
3.67 ଜୟ ନୀଳାଚଳ ନାଥ ଅଗତି ତାରଣ ........ 70
3.68 ଢଗ ସୁନ୍ଦର ହେ ପ୍ରଭୁ ନୀଳାଚଳ ନାଥ ........ 71
3.69 ତିନିପାଦ ଭୂମି ମୋଠୁଁ ମାଗିନେ ........ 72
3.70 ତୁମେ ପରା ବଡ଼ ଠାକୁର ତୁମେ ଜଗତ ନାହା ........ 73
3.71 ତୁମ୍ଭ ପରା ପ୍ରଭୁ ଥାଉଁ ଥାଉଁ ମୁଁ ଯେ ........ 74
3.72 ତୁମ୍ଭ ଶୁଣିବାକୁ ମୋହ କହିବାକୁ ........ 76
3.73 ତୋ ଦାଣ୍ଡ ଧୂଳି ମୁଁ ନହେଲେ ନାହିଁ ........ 78

3.74 ତୋର ରଥ ଟାଣୁ ଟାଣୁ, ତୋର ରଥ ଟାଣୁ ଟାଣୁ,................................ 79

3.75 ତୋର ସାଆନ୍ତ ପଣକୁ କିଏ ସରିକି.................................................. 80

3.76 ଥକା ମନ ଚାଲ ଯିବା......................................................................... 81

3.77 ଦୟାକର ଦୀନବନ୍ଧୁ ଶୁଭେ ଯାଉ ଆଜ ଦିନ........................................ 82

3.78 ଦାସିଆ ନଡ଼ିଆ ସିନା ଦାସିଆ ନଡ଼ିଆ ସିନା ତତେ ବଢିଆ .................. 83

3.79 ଦିନର ସୂରୁଯ ତୁ ମୋ ରାତିର ତାରା................................................ 83

3.80 ଦୀନବାନ୍ଧବ ହେ, ମୋ ଦୁଃଖ ନଗଲା ଯେ............................................ 85

3.81 ଦୀନବାନ୍ଧବ ହେ କେ କି ଦେଲା ମୁଁ ନ ଦେଲି ...................................... 85

3.82 ଦୀନବନ୍ଧୁ ଏହି ଅଳି ଶ୍ରୀଛାମୁରେ......................................................... 86

3.83 ଦୀନବନ୍ଧୁ ଦଇତାରୀ.......................................................................... 87

3.84 ଦୀନବନ୍ଧୁ ନାମ ବହନ ହେ ................................................................. 87

3.85 ଦୀନବନ୍ଧୁ ମୋ ଦୁଃଖ ନ ଗଲା ଯେ ....................................................... 88

3.86 ଦୀନବନ୍ଧୁ ହେ ! ବାରେ ଘେନ ଜଣାଣ ............................................ 89

3.87 ଦୁଃଖନାଶନ ହେ ! ସୁଖ ନ ପାଇଲି ଦିନେ................................... 90

3.88 ଦୁନିଆରେ ଯେବେ ଦିନ ପରେ ରାତି ରାତି ପରେ ଦିନ................ 90

3.89 ଦେ ରେ କାଳିଆ ଦେ, ତୋ ପାଦେ ଶରଣ ଦେ .................................. 91

3.90 ଦେଖା ଗୋ, ରାଧା ମାଧବ ଚାଲି......................................................... 92

3.91 ଦେଖ ଯା ଚକାଡୋଳାକୁ ଭୁଲନା କାଳୀ ଦଳାକୁ ........ 92
3.92 ଦୁଃଖନାଶନ ଗରୁଡାସନ ହରି ଦୁଃଖ ଜଣାଇବି କାହାକୁ ........ 93
3.93 ଦୁଃଖ ନାଶନ ହେ ସୁଖ ନ ପାଇଲି ଦିନେ ........ 94
3.94 ନ ଗଲୁ ମନ କ୍ଷେତ୍ରସ୍ଥଳକୁ ........ 94
3.95 ନନ୍ଦିଘୋଷ ତୋର ଅଟକିଗଲା ବଡ଼ ଶଙ୍ଖଠାରେ ........ 96
3.96 ନମସ୍ତେ ଗୁରୁ ଗୋବିନ୍ଦ ସଚ୍ଚିଦାନନ୍ଦ ........ 97
3.97 ନମସ୍ତେ ପ୍ରଭୁ ଜଗନ୍ନାଥ ........ 98
3.98 ନୀଳଚକ୍ର ନେତ ଛାଇ ତଳେ ମୋତେ, ଆଶ୍ରା ଦିଅ ........ 99
3.99 ନୀଳଚକ୍ରେ ହେ ........ 100
3.100 ପଥର ହେଲ ହେ ପ୍ରଭୁ, ପଥର ଟେକା ........ 100
3.101 ପ୍ରଭୁ ନୀଳାଦ୍ରିବିହାରୀ ........ 101
3.102 ପ୍ରଭୁ କି ସୁନ୍ଦର ଦିଶ ବସି ରତ୍ନ ସିଂହାସନେ ........ 102
3.103 ପ୍ରଭୁ ଧନ୍ୟ କଲୁ ମୋତେ ନିଜର କରି ........ 103
3.104 ପ୍ରଭୁ ପଦ ତଳେ ପ୍ରଣତୀ ଢାଳେ ........ 103
3.105 ପତିତ ଜନଙ୍କୁ ଉଦ୍ଧାରିବା ପାଇଁ ଉଡ଼ାଉ ଅଛ ପତାକା ........ 104
3.106 ପତିତପାବନ ବାନା ଆଉ କେତେ ବେଳକୁ (୧) ........ 105
3.107 ପତିତପାବନ ବାନା ଆଉ କେତେ ବେଳକୁ(୨) ........ 106
3.108 ପରମାନନ୍ଦ ହେ ମାଧବ ........ 107

3.109 ବଡ଼ଠାକୁର ହେ ବଡ଼ଠାକୁର ........ 107

3.110 ବଡ଼ଦାଣ୍ଡ ଧୂଳି ଉଡ଼େଇ ଉଡ଼େଇ ........ 108

3.111 ବଡ଼ଦାଣ୍ଡ ଧୂଳି ନ ହେଲା ନାଇଁ ହେ, ବାଇଶି ପାହାଚ ନ ହେଲା ........ 109

3.112 ବଡ଼ ଦେଉଳେ ବଡ଼ ଦିଅଁ କାହିଁକି ........ 110

3.113 ବନ୍ଧୁରେ, ସେ ଯେ ଜଗତର ନାଥ, ସେ ମୋ କାଳିଆ ସାଆନ୍ତ ........ 110

3.114 ବଳିଆ ତୁ ସାକ୍ଷୀ ରହିଥା, ଚାନ୍ଦମୁହିଁ ସାକ୍ଷୀ ରହିଥା ........ 111

3.115 ବାଛି କେ ନାମ ଦେଲା ଦୟାନିଧି ........ 112

3.116 ବାଧିଲା ଜାଣି କ୍ଷମା ........ 112

3.117 ବଂଶୀ ବାଜୁଛିରେ, ବଂଶୀ ବାଜୁଛି; ରାଧା ନାଚୁଛିରେ ........ 116

3.118 ବାୟାମନ ଚାଲ ଏଥର ବେଶି ବାଟ ନୁହେଁ ଶିରିକ୍ଷେତର ........ 117

3.119 ବୃନ୍ଦାବନେ ବଂଶୀ କେ ବଜାଇଲା ........ 117

3.120 ଭଜ ନୀଳାଚଳ ବିହାରୀ ........ 118

3.121 ଭଜି ଭଜି ତୋ ନାମ ଚକା ନୟନ ମୋର ଯାଉ ଜୀବନ ........ 119

3.122 ଭକତ ବିଦୁର ଶାଗ ଭଜା ଦେଇ ତୋଷାଇ ପାରିଲା ମନ ........ 120

3.123 ଭକତ ଭୋଳିଆ ଭକତ ସୁଆଗ ସେତିକି ତୁମର ଥାଉ ........ 120

3.124 ଭକ୍ତି ଅଛି ମୋର ପୂଜା ନାହିଁ, ଆଖି ଅଛି ମୋର ଲୁହ ନାହିଁ ........ 121

3.125 ଭଜମନ ସବୁରି ଦୁଃଖ ହର ହରିକି ........ 122

3.126 ଭାବକୁ ନିକଟ ସିଏ ଅଭାବକୁ ଦୂର ........ 123

3.127 ଭୁଜତଳେ ମୋତେ ରଖ ମହାବାହୁ ........ 124
3.128 ମଣିମା ଶୁଣିମା ହେଉ ଗରୀବ ଡାକ ........ 124
3.129 ମଣିମା ହେ ଏତିକି ମାଗୁଣି ମୋର ........ 125
3.130 ମଣି ବିମାନେ ଗୋବିନ୍ଦ ........ 126
3.131 ମନ, ଥୟ କରି ଦେଖ ଏଥ ........ 126
3.132 ମନ ପାରାରେ ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି ଉଡ଼ି ........ 127
3.133 ମନରେ ହରି ଭଜନ, ହରି ଭଜନ ଛାଡ଼ି ........ 129
3.134 ମାନ ଉଦ୍ଧାରଣ କର ହେ ତାରଣ ........ 129
3.135 ମେଘମାଳାକୁ ନିନ୍ଦେ କଳାକୁ ଚାହାଁବାରେ ମନ ଚକାଡୋଳାକୁ ........ 130
3.136 ମିଛ ଦୁନିଆରେ ଗୋଟିଏ ସତ ........ 131
3.137 ମିଛେ ସିନା ମଲି ଡାକି ଡାକି ହେ ଚକାଆଖି ........ 132
3.138 ମୁଁ ଆସିଛି ମୁଁ ଚାଲିଯିବି ତୁ ଥିବୁ କାଳିଆ ସୁନା ........ 133
3.139 ମୁଁ ତ ବଡ଼ ଦେଉଳର ପାରା ରେ ........ 134
3.140 ମୋତେ ସେହି ରୂପ ଦେଖାଅ ହରି (ସାଲବେଗ) ........ 135
3.141 ମୋତେ ସେହି ରୂପ ଦେଖାଅ ହରି(କବି ଦ୍ୱିଜ) ........ 136
3.142 ରମାରମଣ ହେ ........ 137
3.143 ରାଧା କୃଷ୍ଣ ନାମ ଚିନ୍ତାମଣିକି ........ 138
3.144 ରାଧେ ଗୋବିନ୍ଦ ଭଜ, ରାଧେ ଗୋବିନ୍ଦ ଭଜ ........ 138

3.145 ଲାଗିଛି ଲୀଳା ନୀଳାଚଳରେ........................................................ 139

3.146 ଲୋ ଚାନ୍ଦ ମୁହିଁ ଯାଉଛି ଦାରୁ ଖୋଜି ମୁହିଁ........................................ 140

3.147 ସଞ୍ଜ ସକାଳେ ତୁମ ଛବି ଖୋଜେ.................................................. 142

3.148 ସତେ କି ଏ ଜୀବ ଯିବ ବୃନ୍ଦାବନେ ଯାଇ ସ୍ଥାନ ପାଇବ ................. 143

3.149 ସତେ କି ବଡ଼ଦାଣ୍ଡକୁ ଡୋରି ଲାଗିବ ଗୁଣ୍ଡିଚାଯାତକୁ................. 143

3.150 ସବୁଥିରୁ ବଞ୍ଚିତ କରି କେଉଁ ଯଶ ବାନା ଉଡ଼ାଇବ ହେ.................. 144

3.151 ସବୁରି ସବୁ ଅଛି...................................................................... 144

3.152 ସର୍ବ ଆତ୍ମା ନନ୍ଦିଘୋଷ ବିଜେ ତହିଁ ଜଗନ୍ନାଥ.............................. 145

3.153 ସଭିଏଁ କହନ୍ତି ବଡ଼ଦାଣ୍ଡ ବଡ଼ ବୁଲି ଦେଖିଲି................................ 146

3.154 ସାଙ୍ଗ ଆରେ ଯିବା ଶିରିକ୍ଷେତର.................................................. 147

3.155 ଷାଠୀଏ ପଉଟି ଭୋଗରୁ ତୁମର କାଢିତ ନେଇନି ହରି........... 148

3.156 ଶ୍ରୀଜଗନ୍ନାଥ କୃପା ନିଧାନ ହେ !................................................ 148

3.157 ଶ୍ରୀ ପୁରୁଷୋତ୍ତମ ଯିବା ମନ, ସାଙ୍ଗ ହୋଇଥିବା ପାଞ୍ଚ ଜଣ............ 149

3.158 ଶ୍ରୀମନ୍ଦିରେ ଯାଇ ଶ୍ରୀଜଗନ୍ନାଥଙ୍କୁ ମାଗିବି କି ଅବା ଆଉ................. 150

3.159 ଶ୍ରୀକ୍ଷେତ୍ରେ କରିଛି ଘର, କାଳିଆ ମୋ ବନ୍ଧୁ................................ 151

3.160 ହଟିଆ ଠାକୁର ଆଉ କେତେ ନାଟ ଦେଖିବ ....................................... 152

3.161 ହରେ କୃଷ୍ଣ ହରେ କୃଷ୍ଣ (ବୈଷ୍ଣବ ମହାମନ୍ତ୍ର)................................ 153

3.162 ହାତରେ ମୋ ମୁଠା ମୁଠା ଶରଧାବାଲି........................................ 153

3.163 ହାତୀ ଆସନ୍ତି ମୋ ଅଚଳ ମହାମେରୁ। ........................................ 154

3.164 ହେ ଚକାନୟନ, ଅଗତିର ଗତି ଦୀନ ଦୁଃଖ ନାଶନ ........................ 155

3.165 ହେ ଜଗନ୍ନାଥ ନ ଜାଣ କି ମୋହର ଆରତ ପଦ ........................ 156

3.166 ହେଳା କରନା ହେ ........................................................ 156

3.167 ହୋଟେଲର ନାମ ଆନନ୍ଦବଜାର ମାଲିକର ନାମ କାଳିଆ ............. 157

**4 ଆତ୍ମା ଚେତନା ........................................................ 158**

4.1 ଅଜା ଥାଉ ଥାଉ ନାତି ଯାଏ ଚାଲି ........................................ 158

4.2 ଅଦେହି ଦେହେ ଅଛି ସେ ଦିନ ଦିଶୁଛି(୨) ................................ 159

4.3 ଓଲଟ ବୃକ୍ଷେ ଖେଳୁଛି ଲୋଟଣୀ ପାରା ........................................ 160

4.4 କପିଳା ବୋଲିଣ ଗାଇ ସେ ସଦା ସର୍ବଦା ଯୁବା ........................ 161

4.5 କି ହେବ ଶୁଆ ପୋଷିଲେ ........................................................ 161

4.6 କେହି ରହିନାହିଁ ରହିବେ ନାହିଁ ଟି ଭବରଙ୍ଗ ଭୂମି ତଳେ ............ 163

4.7 ଛ ଖଣ୍ଡ କାଠରେ ହେବ ସବାରି ................................................ 164

4.8 ତାତ ମାତ କରୁଛନ୍ତି ରୋଦନ ................................................ 165

4.9 ଦେଖ ମୁଁ ଯାଉଛି ସରି କ୍ଷୀରୋଦ ସିନ୍ଧୁ ବେହାରୀ ........................ 165

4.10 ଧର ଦୃଢ ବନ୍ଧେ, ସର୍ବେ ସେହି ସେ କରତା ................................ 166

4.11 ନାଉରିଆ, କରିଦେ ପାରି ରେ କରିଦେ ପାରି ................................ 167

4.12 ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ ......... 168

4.13 ବଡ଼ ମାୟାବୀ ଜୀବ, ନୁହେଁ କାହାରି ........ 169

4.14 ବ୍ରହ୍ମ ହୁଅ ପରକାଶ ........ 171

4.15 ବାବୁରେ, ପ୍ରଭୁନାମ କେବେ ତୁ ଭଜିବୁ ........ 172

4.16 ବୋହୁ ଚାଲି ନ ଜାଣ ଇ ଲୋ ପାଦ ପଡୁଥାଏ ବଙ୍କା ........ 173

4.17 ଭାଗବତ ଭଜନମାଳା ମନ ସୁତ୍ରେ ଗୁନ୍ଥ ନ କରି ହେଳା ........ 174

4.18 ଭାଗ୍ୟ ଥିଲେ ଧର ଧର ପଦ୍ମପାଦ ଯେ ........ 175

4.19 ମୋର ଯେଦିନ ଜଳିବ ଜୁଇ, ଗଲା ଜାଣିବୁ ଦିଃଖିଟିଏ ........ 175

4.20 ରୂପରେଖ ନାହିଁ ହେ ........ 176

4.21 ଲତାବନେ ବୁଲି ଦେଖ ବେନି ଗୋଟି ପୁଷ୍ପ ଗୋ ........ 176

4.22 ସମର୍ପି ଦେଲି ପାଇଲ ସର୍ବ ........ 177

4.23 ହରି ନାମେ କି ରସ ଅଛି ........ 178

**5 କଳାକଳେବର ଚଉତିଶା ........ 178**

**6 କେଶବ କୋଇଲି ........ 182**

**7 ମନବୋଧ ଚଉଚିଶା ........ 185**

**8 ଜୀବନ ଚିନ୍ତା ........ 193**

**9 ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ ........ 198**

**10 ଶାନ୍ତିପାଠ ........ 200**

# 1 ବନ୍ଦନା

## 1.1 ଶ୍ରୀ ଶ୍ରୀ ଗଣେଶ ବନ୍ଦନା



ଓଁ ବକ୍ରତୁଣ୍ଡ ମହାକାୟ ସୂର୍ଯ୍ୟକୋଟି ସମପ୍ରଭ
ନିର୍ବିଘ୍ନଂ କୁରୁ ମେ ଦେବ ସର୍ବ-କାର୍ୟେଶୁ ସର୍ବଦା ||

ଓଁ ଖର୍ବଂ ସ୍ଥୂଳ-ତନୁଂ ଗଜେନ୍ଦ୍ର-ବଦନଂ ଲମ୍ବୋଦରଂ ସୁନ୍ଦରଂ,
ପ୍ରସ୍ୟନ୍ଦନ୍ ମଦ ଗନ୍ଧଲୁବ୍ଧ ମଧୁପ-ବ୍ୟାଲୋଳ ଗଣ୍ଡସ୍ଥଳଂ.
ଦନ୍ତାଘାତ ବିଦାରିତ-ଅରି-ରୁଧିରୈଃ ସିନ୍ଦୁର-ଶୋଭାକରମ୍,
ବନ୍ଦେ ଶୈଳସୁତା-ସୁତମ୍ ଗଣପତିମ୍ ସିଦ୍ଧିପ୍ରଦମ୍ କାମଦମ୍ ||

ଓଁ ନମୋ ଗଣେଶ ବିଘ୍ନେଶ ଗିରିଜା ନନ୍ଦନ ପ୍ରଭୁ,
ମମ ବିଘ୍ନ ବିନାଶାୟ ଗଣାଧି ପତୟେ ନମଃ ||

ନମଇଁ ପ୍ରଭୁ ଲମ୍ବୋଦର । ପାଶ ଅଙ୍କୁଶ ବେନି  କର ॥
କରୀ-କପାଳେ ଶୋହେ ଚିତା । ବିଦ୍ୟା-ବୁଦ୍ଧିରେ ଜଗଜେତା ॥
ଯାହା ପ୍ରସାଦେ ନିରନ୍ତର । ସକଳ ବିଘ୍ନ ହୁଏ ଦୂର ॥
ତାଙ୍କ ପୟରେ ମୋର ମତି । ସିଦ୍ଧି ଦିଅନ୍ତୁ ଗଣପତି ॥

## 1.2 ଶ୍ରୀ ଶ୍ରୀ ସରସ୍ୱତୀ ବନ୍ଦନା



ଯା କୁନ୍ଦେନ୍ଦୁ-ତୁଷାର-ହାର-ଧବଳା ଯା ଶୁଭ୍ର-ବସ୍ତ୍ରାବୃତା
ଯା ବୀଣା-ବର-ଦଣ୍ଡ-ମଣ୍ଡିତ-କରା ଯା ଶ୍ୱେତ-ପଦ୍ମାସନା |
ଯା ବ୍ରହ୍ମ-ଅଚ୍ୟୁତ-ଶଙ୍କର-ପ୍ରଭୃତିଭିର୍ଦେବୈଃ ସଦା ପୂଜିତା
ସା ମାମ୍ ପାତୁ ସରସ୍ୱତୀ ଭଗବତୀ ନିଃଶେଷ-ଯାଡ୍ୟାପହା ||

କଜ୍ଜଳ-ପୂରିତ-ଲୋଚନ ଧାରେ । ସ୍ତନଯୁଗ-ଶୋଭିତ-ମୁକୁତା ହାରେ ॥
ବୀଣା-ପୁସ୍ତକ-ରଞ୍ଜିତ ହସ୍ତେ । ଭଗବତୀ ଭାରତୀ ଦେବୀ ନମସ୍ତେ ॥
ଅଇଲେ ସରସ୍ୱତୀ ନିର୍ମଳ ବର୍ଣ୍ଣେ । ରତ୍ନ-ବିଭୂଷିତ କୁଣ୍ଡଳ କର୍ଣ୍ଣେ ॥
ଗଳାରେ ଗଜମୋତି-ମୁକୁତା-ହାର । ଦିଅ ମା ସରସ୍ୱତୀ ବିଦ୍ୟା-ଭଣ୍ଡାର ॥

## 1.3 ମହାମୃତ୍ୟୁଞ୍ଜୟ ମନ୍ତ୍ର



ଓଁ ତ୍ର୍ୟମ୍ବକଂ ଯଜାମହେ ସୁଗନ୍ଧିଂ ପୁଷ୍ଟିବର୍ଧନମ୍ |

ଉର୍ବାରୁକମିବ ବନ୍ଧନାନ୍ ମୃତ୍ୟୋର୍ମୁକ୍ଷୀୟ ମାଽମୃତାତ୍ ||

---ଋଗବେଦ ୭।୫୯।୧୨

## 1.4 ଗାୟତ୍ରୀ ମନ୍ତ୍ର



ଓଁ ଭୂଃ ଭୁବଃ ସ୍ୱଃ
ତତ୍ ସବିତୁର୍ବରେଣ୍ୟଂ
ଭର୍ଗୋ ଦେବସ୍ୟ ଧୀମହି
ଧୀୟୋ ୟୋ ନଃ ପ୍ରଚୋଦୟାତ୍

---- ଋଗବେଦ ୩।୬୨।୧୦

## 1.5 ଦଶାବତାର

(ଗୀତ - ଜୟଦେବ)
ପ୍ରଳୟପୟୋଧିଜଳେ ଧୃତବାନସି ବେଦମ୍
ବିହିତବହିତ୍ରଚରିତ୍ର ମଖେଦମ୍,
କେଶବ!, ଧୃତମୀନଶରୀର, ଜୟ ଜଗଦୀଶହରେ।।
କ୍ଷିତିରତିବିପୁଳତରେ ତବ ତିଷ୍ଠତି ପୃଷ୍ଠେ,
ଧରଣିଧରଣକିଣଚକ୍ରଗରିଷ୍ଠେ
କେଶବ!, ଧୃତ କଚ୍ଛପରୂପେ, ଜୟ ଜଗଦୀଶ ହରେ।।
ବସତି ଦଶନଶିଖରେ ଧରଣୀ ତବ ଲଗ୍ନା
ଶଶିନି କଳଙ୍କକଳେବ ନିମଗ୍ନା
କେଶବ!, ଧୃତ ଶୂକରରୂପେ, ଜୟ ଜଗଦୀଶ ହରେ।।
ତବ କରକମଳବରେ ନଖମଦ୍ଭୁତଶୃଙ୍ଗମ୍
ଦଳିତହିରଣ୍ୟକଶିପୁତନୁଭୃଙ୍ଗମ୍
କେଶବ!, ଧୃତ ନରହରିରୂପ, ଜୟ ଜଗଦୀଶ ହରେ।।

ଛଳୟସି ବିକ୍ରମଣେ ବଳିମଦ୍ଭୁତବାମନ
ପଦନଖନୀରଜନିତଜନପାବନ
କେଶବ!, ଧୃତବାମନରୂପ,ଜୟ ଜଗଦୀଶ ହରେ।।
କ୍ଷତ୍ରିୟରୁଧିରମୟେ ଜଗଦପଗତପାପମ୍
ସ୍ନପୟସି ପୟସି ଶମିତଭବତାପମ୍
କେଶବ!, ଧୃତଭୃଗପତିରୂପି, ଜୟ ଜଗଦୀଶ ହରେ।।
ବିତରସି ଦିକ୍ଷୁ ରଣେ ଦିକ୍ପତିକମନୀୟମ୍
ଦଶମୁଖ ମୌଳିବଳିଂ ରମଣୀୟମ୍
କେଶବ!, ଧୃତରାମଶରୀର, ଜୟ ଜଗଦୀଶ ହରେ।।
ବହସି ବପୁଷି ବିଶଦେ ବସନଂ ଜଲଦାଭମ୍
ହଲହତିଭୀତିମିଳିତଯମୁନାଭମ୍
କେଶବ!, ଧୃତହଳଧରରୂପମ, ଜୟ ଜଗଦୀଶ ହରେ।।
ନିନ୍ଦସି ଯଜ୍ଞବିଧରେହହ ଶ୍ରୁତିଜାତମ୍
ସଦୟହୃଦୟ ଦର୍ଶିତପଶୁଘାତମ୍
କେଶବ!, ଧୃତବୁଦ୍ଧଶରୀର, ଜୟ ଜଗଦୀଶ ହରେ।।
ମ୍ଳେଚ୍ଛନିବହ ନିଧନେ କଳୟସି କରବାଳମ୍
ଧୂମକେତୁମିବ କିମପି କରଳମ୍
କେଶବ!, ଧୃତକଳ୍କିଶରୀର, ଜୟ ଜଗଦୀଶ ହରେ।।

ବେଦନୁଦ୍ଧରତେ ଜଗନ୍ତିବହତେ ଭୂଗୋଳମୁଦ୍ବିଭ୍ରତେ
ଦୈତ୍ୟମ୍ ଦାରୟତେ ବଳିଂ ଛଳୟତେ କ୍ଷତ୍ରକ୍ଷୟଂ କୁର୍ବତେ।
ପୌଲସ୍ତ୍ୟମ୍ ଜୟତେ ହଳଂ କଳୟତେ କରୁନ୍ୟମାତନ୍ୱତେ
ମ୍ଳେଚ୍ଛାନ୍ମୂର୍ଚ୍ଛୟତେ ଦଶାକୃତିକୃତେ କୃଷ୍ଣାୟ ତୁଭ୍ୟ ନମଃ।

## 1.6 ଶ୍ରୀ ଶ୍ରୀ ଜଗନ୍ନାଥାଷ୍ଟକଂ

(ଗୀତ - ଶ୍ରୀ ଶ୍ରୀ ଆଦି ଶଙ୍କରାଚାର୍ଯ୍ୟ)

କଦାଚିତ କାଳିନ୍ଦୀ-ତଟ-ବିପିନ-ସଙ୍ଗୀତକ-ରବୋ
ମୁଦାଭୀରୀ-ନାରୀ-ବଦନ-କମଳାସ୍ୱାଦ-ମଧୁପଃ
ରମା-ଶମ୍ଭୁ-ବ୍ରହ୍ମାମର-ପତି-ଗଣେଶର୍ଚିତ-ପଦୋ
ଜଗନ୍ନାଥଃ ସ୍ୱାମୀ ନୟନ-ପଥ-ଗାମୀ ଭବତୁ ମେ |୧|

ଭୁଜେ ସବ୍ୟେ ବେଣୁମ ଶିରସି ଶିଖି-ପିଛମ କଟି-ତଟେ
ଦୁକୂଳମ ନେତ୍ରାନ୍ତେ ସହଚରି-କଟାକ୍ଷମ ବିଦଧତେ
ସଦା ଶ୍ରୀମଦ୍ ବୃନ୍ଦାବନ-ବସତି-ଲିଳା-ପରିଚୟୋ
ଜଗନ୍ନାଥଃ ସ୍ୱାମୀ ନୟନ-ପଥ-ଗାମୀ ଭବତୁ ମେ |୨|

ମହାମ୍ଭୋଦେସ ତୀରେ କନକ-ରୁଚିରେ ନୀଳ-ଶିଖରେ
ବସନ ପ୍ରାସାଦାନ୍ତଃ ସହଜ-ବଳଭଦ୍ରେଣ ବଳିନା
ସୁଭଦ୍ରା-ମଧ୍ୟସ୍ଥଃ ସକଳ-ସୁର-ସେବାବସର-ଦୋ
ଜଗନ୍ନାଥଃ ସ୍ୱାମୀ ନୟନ-ପଥ-ଗାମୀ ଭବତୁ ମେ |୩|

କୃପା-ପାରାବାରଃ ସଜଳ-ଜଳଦ-ଶ୍ରେଣୀ-ରୁଚିରୋ
ରମା-ବାଣୀ-ରାମଃ ସ୍ଫୁରଦ-ଅମଳ-ପଙ୍କେରୁହ-ମୁଖଃ
ସୁରେନ୍ଦ୍ରୈର ଆରାଧ୍ୟଃ ଶ୍ରୁତି-ଗଣ-ଶିଖା-ଗୀତ-ଚରିତୋ
ଜଗନ୍ନାଥଃ ସ୍ୱାମୀ ନୟନ-ପଥ-ଗାମୀ ଭବତୁ ମେ |୪|

ରଥାରୂଢୋ ଗଚ୍ଛନ ପଥୀ ମିଳିତ-ଭୁଦେବ-ପଟଳୈଃ
ସ୍ତୁତି-ପ୍ରାଦୁର୍ଭାବମ ପ୍ରତି-ପଦମ୍ ଉପାକର୍ଣ୍ୟ ସଦୟଃ
ଦୟା-ସିନ୍ଧୁର୍ ବନ୍ଧୁଃ ସକଳ ଜଗତାମ୍ ସିନ୍ଧୁ-ସୁତୟ
ଜଗନ୍ନାଥଃ ସ୍ୱାମୀ ନୟନ-ପଥ-ଗାମୀ ଭବତୁ ମେ |୫|

ପରମ୍ ବ୍ରହ୍ମାପୀଡଃ କୁବଲୟ-ଦଳୋତ୍ଫୁଲ ନୟନୋ
ନିବାସୀ ନିଳାଦ୍ରୌ ନିହିତ-ଚରଣୋऽନନ୍ତ-ଶିରସି
ରସାନନ୍ଦୀ ରାଧା-ସରସ-ବପୁର୍-ଆଲିଙ୍ଗନ-ସୁଖୋ
ଜଗନ୍ନାଥଃ ସ୍ୱାମୀ ନୟନ-ପଥ-ଗାମୀ ଭବତୁ ମେ |୬|

ନ ବୈ ୟାଚେ ରାଜ୍ୟମ୍ ନ ଚ କନକ-ମାଣିକ୍ୟ-ବିଭବମ
ନ ୟାଚେऽହମ୍ ରମ୍ୟାମ୍ ସକଳ-ଜନ-କାମ୍ୟାମ୍ ବର-ବଧୂମ୍
ସଦା କାଳେ କାଳେ ପ୍ରମଥ-ପତିନା ଗୀତ-ଚରିତୋ
ଜଗନ୍ନାଥଃ ସ୍ୱାମୀ ନୟନ-ପଥ-ଗାମୀ ଭବତୁ ମେ |୭|

ହର ତ୍ୱଂ ସଂସାରଂ ଦ୍ରୁତ-ତରଂ ଅସାରଂ ସୁର-ପତେ
ହର ତ୍ୱଂ ପାପାନାମ୍ ବିତତିମ୍ ଅପରାମ୍ ୟାଦବ-ପତେ
ଅହୋ ଦିନେऽନାଥେ ନିହିତ-ଚରଣୋ ନିଶ୍ଚିତମ୍ ଇଦଂ
ଜଗନ୍ନାଥଃ ସ୍ୱାମୀ ନୟନ-ପଥ-ଗାମୀ ଭବତୁ ମେ |୮|

# 2 ପ୍ରାର୍ଥନା

## 2.1 ଅଖିଳ ବ୍ରହ୍ମାଣ୍ଡପତି ମୋ ଜୀବନ ସ୍ୱାମୀ

( ଗୀତ - ଭକ୍ତକବି ମଧୁସୂଦନ ରାଓ)

ଅଖିଳ ବ୍ରହ୍ମାଣ୍ଡପତି ମୋ ଜୀବନ ସ୍ୱାମୀ
ହେ ପରମ ପିତାମାତା ପ୍ରଭୁ ଅନ୍ତର୍ଯ୍ୟାମୀ
ଧନ୍ୟ କରୁଣା ତୋହର
ସେ କରୁଣା ସିନ୍ଧୁ କାହିଁ ତାର ପଟାନ୍ତର || (୧)
ସଙ୍କଟ ପୂରିତ ଘୋର ଭବ ସିନ୍ଧୁଜଳେ
ଏକମାତ୍ର କର୍ଣ୍ଣଧାର ତାରୁ ତୁ ସକଳେ
ତୋର ମଙ୍ଗଳ ବିଧାନ
କରିଅଛି ମରଣକୁ ଅମୃତ ସୋପନ || (୨)
ହେ ଆନନ୍ଦମୟ କୋଟି ଭୁବନ ପାଳକ
ଅଧମ ଅକ୍ଷମ ମୁହିଁ ଅବୋଧ ବାଳକ
ଜ୍ଞାନ ଦାତା ଭଗବାନ
ଦିଅ ମୋତେ ଶୁଭ ବୁଦ୍ଧି ଦିଅ ଦିବ୍ୟଜ୍ଞାନ || (୩)
ବିଶ୍ୱଗୁରୁ ବିଶ୍ୱରାଜ ବିଶ୍ୱ ପିତାମାତା
ବିଶ୍ୱଜନ ପ୍ରାଣସଖା ଦୁଃଖହାରି ଭ୍ରାତା
ଦୀନବନ୍ଧୁ କୃପାସିନ୍ଧୁ
ସୁରନର ମାଗୁଛନ୍ତି ତୋର କୃପାବିନ୍ଦୁ || (୪)
ବ୍ରହ୍ମାଣ୍ଡର ଆଦିମୂଳ ନିଖିଳ ବିଧାତା
ସକଳ କଲୁଷ ହାରି ହେ ମଙ୍ଗଳଦାତା

ତୋର ମଙ୍ଗଳ ସଙ୍ଗୀତ
ନିଖିଳ ଭୁବନ ଗାଏ ହୋଇ ବିମୋହିତ || (୫)
ତ୍ରିଲୋକ ଭାସ୍କର ଚନ୍ଦ୍ର ନକ୍ଷତ୍ର ନିକର
ଅନ୍ତରୀକ୍ଷେ ସମୀରଣ ସଙ୍ଗେ ଜଳଧର
ପ୍ରଭୋ ଭୂଲୋକ ସାଗର
ଅତଳ ଗହନ ନଦୀ ପଶୁପକ୍ଷୀ ନର || (୬)
ବିରାଜିତ ତୁହି ନାଥ ସକଳ ଜୀବନେ
ସମ୍ପଦେ ବିପଦେ ସଦା ଜୀବନେ ମରଣେ
ପୂର୍ଣ୍ଣ ମଙ୍ଗଳ ଆଳୟ
ଦେଉଅଛୁ ସର୍ବଜନେ ଅଭୟ ଆଶ୍ରୟ || (୭)
ସର୍ବେ ତୋ କରୁଣା ସୁଧା କରୁଛନ୍ତି ପାନ
କୋଟି ବ୍ରହ୍ମାଣ୍ଡର ନାଥ ତୁ ପ୍ରେମ ନିଦାନ
ପ୍ରଭୋ ତୋ ପ୍ରେମ କିରଣ
ଉଜଳାଇ ବିଶ୍ୱବାସୀ ହୃଦେ ନିକନ୍ଦନ || (୮)
ସତ୍ୟପଥେ ଧର୍ମପଥେ ଘେନି ଯାଅ ମୋତେ
ଭସାଅ ପରାଣ ମୋର ତବ ପ୍ରେମ ସ୍ରୋତେ
ପ୍ରଭୋ ପରମ ଶରଣ
ଏ ଜୀବନ ଶ୍ରୀଚରଣେ କଲି ସମପର୍ଣ୍ଣ || (୯)

## 2.2 ଆହେ ଦୟାମୟ ବିଶ୍ୱ ବିହାରୀ

( ଗୀତ – ରାମକୃଷ୍ଣ ନନ୍ଦ)
ଆହେ ଦୟାମୟ ବିଶ୍ୱ ବିହାରୀ, ଘେନ ଦୟାବହି ମୋର ଗୁହାରି |୧|

ଜଳ, ସ୍ଥଳ, ବନ, ଗିରି, ଆକାଶ, ତୁମ ଲୀଳା ସବୁଠାରେ ପ୍ରକାଶ |୨|
ତୁମେ ଶୁଭ ବୁଦ୍ଧି ପରା ଶିଖାଅ, ତୁମେ ଭଲ ବାଟ ପରା ଦେଖାଅ |୩|
ମୋର କାମକୁ କରାଅ ସରସ, ମୋର ମୁଖେ ଦିଅ ଚିର ହରଷ |୪|
ତୁମ ଚରଣରେ ମୋର ଭକତି, ଦିଅ ବିପଦେ ସାହାସ ଶକତି |୫|
କୂଟ କପଟ ସ୍ୱଭାବ ଯାହାର, ତାଙ୍କୁ ଦୂରୁଁ ମୁଁ କରଇ ଜୁହାର |୬|
ମୋତେ ନ ମିଶାଅ ତାଙ୍କ ସାଥିରେ, ସଦା ରଖ ସାଧୁଜନ କତିରେ |୭|
ଦୟା ବିନୟ ହେଉ ମୋ ଭୂଷଣ, କାହା ମନେ ନ ଦିଏ ମୁଁ କଷଣ |୮|
ଦୁଃଖୀ ଅରକ୍ଷିତ ସେବା କାରଣେ, ବଳ ଦିଅ ମୋର କର ଚରଣେ |୯|
ସତ କହିବାକୁ କିଆଁ ଡରିବି, ସତ କହି ପଛେ ମଲେ ମରିବି |୧୦|
ମୋତେ ଏତିକି ଶିଖାଅ ସାଇଁ ହେ, ମୋର ଧନଜନ ଲୋଡ଼ା ନାହିଁହେ |୧୧|
ତୁମେ ସବୁଠାରୁ ବଡ଼ ଠାକୁର, ସଦା ରହିବି ମୁଁ ତୁମ ପୟର |୧୨|

## 2.3 କି ସୁନ୍ଦର ଆହା କି ଆନନ୍ଦମୟ

( ଗୀତ – ଭକ୍ତକବି ମଧୁସୂଦନ ରାଓ)
କି ସୁନ୍ଦର ଆହା କି ଆନନ୍ଦମୟ, ଏହି ବିଶାଳ ସଂସାର |
ଧନ୍ୟ ମହାପ୍ରଭୁ, ମହିମା ତୁମ୍ଭର, ଅଟେ ଅନନ୍ତ ଅପାର ||
ସୂର୍ଯ୍ୟ ଚନ୍ଦ୍ର ତାରା ତୁମ୍ଭର ଆଜ୍ଞ୍ୟାରେ, ବରସନ୍ତି ଜ୍ୟୋତି ରାଶି |
ତୁମ୍ଭରି କୁସୁମ ପ୍ରତି ପ୍ରଭାତ ରେ, ହସଇ ଆନନ୍ଦେ ଭାସି ||
ପିତା ମାତା ବନ୍ଧୁ ଭାଇ ଭଗିନୀର ହୃଦୟେ ଦେଇଛ ପ୍ରୀତି |
ତେଣୁ ମୁଁ ସଂସାରେ, ରହିଛି ଆନନ୍ଦେ, ସୁଖ ଭୁଞ୍ଜି ନିତି ନିତି ||
ଦିଅ ଭକ୍ତି ପ୍ରଭୁ ହୃଦୟେ ମୋହର, ବିରାଜ ନିତ୍ୟ ତହିଁରେ |

ସତ୍ୟ ପଥେ ରହି ତୁମ୍ଭରି ଆଶ୍ରାରେ,    ଯାଉ ମୋ ଦିନ ମହୀରେ ||
କି ସୁନ୍ଦର ଆହା କି ଆନନ୍ଦମୟ,    ଏହି ବିଶାଳ ସଂସାର |
ଧନ୍ୟ ମହାପ୍ରଭୁ, ମହିମା ତୁମ୍ଭର,    ଅଟେ ଅନନ୍ତ ଅପାର ||

## 2.4 ଭବ ସାଗର ତାରଣ କାରଣ ହେ

( ଗୀତ – ଦେବେନ୍ଦ୍ର ଭଟ୍ଟାଚାର୍ଯ୍ୟ)
ଭବ ସାଗର ତାରଣ କାରଣ ହେ, ରବି ନନ୍ଦନ ବନ୍ଧନ ଖଣ୍ଡନ ହେ
ଶରଣାଗତ କିଙ୍କର ବିତମନେ, ଗୁରୁଦେବ ଦୟାକର ଦୀନଜନେ ||
ହୃଦ କନ୍ଦର ତମସ ଭାସ୍କର ହେ, ତୁମେ ବିଷ୍ଣୁ ପ୍ରଜାପତି ଶଙ୍କର ହେ
ପରବ୍ରହ୍ମ ପରାତ୍ପର ବେଦ ଭଣେ, ଗୁରୁଦେବ ଦୟାକର ଦୀନଜନେ ||
ମାନ ବାରଣ ଶାସନ ଅଙ୍କୁଶ ହେ, ନରତ୍ରାଣ ତରେ ହରି ଚକ୍ଷୁଶ ହେ
ଗୁଣଗାନ ପରାୟଣ ଦେବଗଣେ, ଗୁରୁଦେବ ଦୟାକର ଦୀନଜନେ ||
କୁଳ କୁଣ୍ଡଳିନୀ ଘୁମ ଭଞ୍ଜକ ହେ, ହୃଦଗ୍ରନ୍ଥି ବିଦାରଣ କାରକ ହେ
ମମ ମାନସ ଚଞ୍ଚଳ ରାତ୍ର ଦିନେ, ଗୁରୁଦେବ ଦୟାକର ଦୀନଜନେ ||
ରିପୁ ସୁଦନ ମଙ୍ଗଳ ନାୟକ ହେ, ସୁଖ ଶାନ୍ତି ବରାଭୟ ଦାୟକ ହେ
ତ୍ରୟ ତାପ ହରେ ତବ ନାମଗୁଣେ, ଗୁରୁଦେବ ଦୟାକର ଦୀନଜନେ ||
ଅଭିମାନ ପ୍ରଭାବ ବିମର୍ଦ୍ଦକ ହେ, ଗତିହୀନ ଜନେ ତୁମେ ରକ୍ଷକ ହେ
ଚିତ ସଙ୍କିତ ବଞ୍ଚିତ ଭକ୍ତି ଧନେ, ଗୁରୁଦେବ ଦୟାକର ଦୀନଜନେ ||
ତବ ନାମ ସଦା ଶୁଭ ସାଧକ ହେ, ପତିତଧାମ ମାନବ ପବକ ହେ
ମହିମା ତବ ଗୋଚର ସୁଦ୍ଧ ମନେ, ଗୁରୁଦେବ ଦୟାକର ଦୀନଜନେ ||
ଜୟ ସଦ୍ ଗୁରୁ ଇଶ୍ୱର ପ୍ରାପକ ହେ, ଭବ ରୋଗ ବିକାର ବିନାଶକ ହେ

ମନ ଜନ ରହେ ତବ ଶ୍ରୀଚରଣେ, ଗୁରୁଦେବ ଦୟାକର ଦୀନଜନେ ||

## 2.5 ହେ ଆନନ୍ଦମୟ କୋଟି ଭୂବନ ପାଳକ

( ଗୀତ - ଭକ୍ତକବି ମଧୁସୂଦନ ରାଓ)
ହେ ଆନନ୍ଦମୟ କୋଟି ଭୂବନ ପାଳକ
ଅଧମ ଅକ୍ଷମ ମୁହିଁ ଅବୋଧ ବାଳକ
ଜ୍ଞାନ ଦାତା ଭଗବାନ
ଦିଅ ମୋତେ ଶୁଭ ବୁଦ୍ଧି ଦିଅ ଦିବ୍ୟଜ୍ଞାନ || (୧)

ବ୍ରହ୍ମାଣ୍ଡର ଆଦିମୂଳ ନିଖିଳ ବିଧାତା
ସକଳ କଳୁଷ ହାରି ହେ ମଙ୍ଗଳଦାତା
ତୋର ମଙ୍ଗଳ ସଙ୍ଗୀତ
ନିଖିଳ ଭୂବନ ଗାଏ ହୋଇ ବିମୋହିତ || (୫)
ତ୍ରିଲୋକ ଭାସ୍କର ଚନ୍ଦ୍ର ନକ୍ଷତ୍ର ନିକର
ଅନ୍ତରୀକ୍ଷେ ସମୀରଣ ସଙ୍ଗେ ଜଳଧର
ପ୍ରଭୋ ଭୂଲୋକ ସାଗର
ଅତଳ ଗହନ ନଦୀ ପଶୁପକ୍ଷୀ ନର || (୨ )
ବିରାଜିତ ତୁହି ନାଥ ସକଳ ଜୀବନେ
ସମ୍ପଦେ ବିପଦେ ସଦା ଜୀବନେ ମରଣେ
ପୁର୍ଣ୍ଣ ମଙ୍ଗଳ ଆଳୟ
ଦେଉଅଛୁ ସର୍ବଜନେ ଅଭୟ ଆଶ୍ରୟ || (୩ )
ସତ୍ୟପଥେ ଧର୍ମପଥେ ଘେନି ଯାଅ ମୋତେ

ଭସାଅ ପରାଣ ମୋର ତବ ପ୍ରେମ ସ୍ରୋତେ
ପ୍ରଭୋ ପରମ ଶରଣ
ଏ ଜୀବନ ଶ୍ରୀଚରଣେ କଲି ସମପର୍ଣ୍ଣ || (୪ )

# 3 ଜଗନ୍ନାଥ ଜଣାଣ

## 3.1 ଅନୁସରିତ ପ୍ରଭୁ କାଳଯାକ ଗଲା ସରିତ

( ଗୀତ – ଗୋପାଳକୃଷ୍ଣ ପଟ୍ଟନାୟକ)
ଅନୁସରିତପ୍ରଭୁ ! ସଂସାର ଯାଗ ଗଲା ତରିତ ।
କଣ ବିତରଣ କଲେ କେତେ ଉଣା
ହୁଅନ୍ତା କରୁଣା ସରିତ ।।
ଅଶରଣ-ଜନ-ବନ୍ଧୁ ପଣ ଯଶ ସଂସାରେ ହୋଇଛ ଉଦିତ ।
ପଥର ହୋଇ ପଥରେ ପଡ଼ିଥିଲା ଅହଲ୍ୟାକୁ ଦେଲ ତାରିତ ।୧।
ପାଞ୍ଚାଳୀକି ଦୁଃଶାସନ ଘଞ୍ଚାଳିଲା ବଞ୍ଚାଇଲ ବାସ ଦେଇତ ।
ଘୁଞ୍ଚାଇଲ ନାହିଁ ମୋ ଛାର କଦନ ପୋଛାଇଲ ନେତ୍ରୁ ବାରି ତ ।୨।
କାହିଁ ଥିଲା ଚକ୍ର କାହିଁ ଥିଲା ନକ୍ର ପଲକ ପତନ ନୋହୁ ତ ।
ଛିଡ଼ିଗଲା ମଥା ରହିଗଲା କଥା ଡାକିଲା ମାତ୍ର କରୀ ତ । ୩।
କାଳକିଙ୍କର ଭୟରେ ଅଜାମିଳ ପୁତ୍ରୋପଚାରରେ ଡାକି ତ ।
ପରମ ପଦ ପାଇଲା ଆପଣଙ୍କ ନାମ ମହିମା ଏପରି ତ ।୪।
ନିରୁପାଧି କୃପାକର ବୋଲି ବିଧି ଭବାଦିରେ ଆଉ କଥିତ ।

ମୁଁ କଲା ଦୋଷ କି ନାଶିଛ କି ବକୀ ପିଆଉଁ ତା ଦୁରିତ ।୫।
ଗୋପାଳକୃଷ୍ଣ କହେ ଜଗନ୍ମଙ୍ଗଳ ଯାହା କରିବ ତୁମ୍ଭ ଚିତ୍ତ ।
ଆପଣା କୃପାଳୁପଣକୁ ବଳି ମୋ ଦୁଷ୍କୃତ ନୁହଇ ଭାରି ତ ।୬।

## 3.2 ଅଧାଗଢ଼ା ଦିଅଁଙ୍କର ଦେଖ ଚକାଆଖିକୁ

( ଗୀତ – )

ଅଧାଗଢ଼ା ଦିଅଁଙ୍କର ଦେଖ ଚକାଆଖିକୁ
ଅଧା ଚାନ୍ଦ ଅଧରରେ ଅଧା ଅଧା ହସକୁ
ଭଜମନ ପୂର୍ଣ୍ଣବ୍ରହ୍ମ ଦାରୁବ୍ରହ୍ମକୁ(୨)
ଦେବାପଣେ ତାହାତୁଲ ପାଇବୁ ତୁ କାହାକୁ
ଧନମୋର ଦୀନଜନେ ଲଗାଇଛି ସ୍ନେହକୁ
ନୀଳାଚଳ ନାଥ ସେତ(୨) ଉଡ଼ାଉଛି ବାନାକୁ ହୋ(୨)
ପତିତକୁ ତାରିବାକୁ ତୋଳିଅଛି ବାହାକୁ ||
ଭଜମନ ପୂର୍ଣ୍ଣବ୍ରହ୍ମ ଦାରୁବ୍ରହ୍ମକୁ(୨)
ନୀଳଚକ୍ର ନୀଳନଭେ ଜଣାଉଛି ଧରାକୁ
ତୋ ସାମନ୍ତ ଛେଦିବତ ଆରତର ଦ୍ରାହାକୁ
ଜାତିନାହିଁ ପତିନାହିଁ (୨) କେ ପଚାରେ କାହାକୁ ହୋ(୨)
ବୁଡ଼ାଉଛି ଜଗତରେ ଛୁଆଁଛୁଇଁ ଭାବକୁ ||
ଭଜମନ ପୂର୍ଣ୍ଣବ୍ରହ୍ମ ଦାରୁବ୍ରହ୍ମକୁ(୨)
ଛାରସ୍ୱିରି ଫଳପାଇଁ ଚାହିଁଛି ତା ହାତକୁ
ଭକତର ମଣିକଲା ଅଛବ ଦାସିଆକୁ
ନିଜହାତେ ପରିଶିଛି(୨) ଯାଜପୁର ବନ୍ଧୁକୁ ହୋ(୨)

ଗୀତ ଶୁଣି ମାଲୁଣୀକୁ ଚିରିଅଛି ଲୁଗାକୁ ||
ଭଜମନ ପୂର୍ଣ୍ଣବ୍ରହ୍ମ ଦାରୁବ୍ରହ୍ମକୁ(୨)
ଝୋଲିଆର ଘରେନେଇ ରଖିଛି ସେ ଭାରକୁ
ଗୀତାପଣ୍ଡା ଭାରିଜା ତା କାଟିଅଛି ଜିଭକୁ
ସାଲବେଗ ହୀନଜାତି (୨) ଆଶ୍ରାକଲା ତାହାକୁ ହୋ(୨)
ତା ଭକତି ପାଇଁ ଦଣ୍ଡେ ରଖାଉଛି ରଥକୁ ||
ଭଜମନ ପୂର୍ଣ୍ଣବ୍ରହ୍ମ ଦାରୁବ୍ରହ୍ମକୁ(୨)
ସ୍ନାନବେଦି ଉପରେତ ନେଲା ହାତୀ ବେଶକୁ
ରଥେବସି ମହାରାଜେ ହେଲେ ସୁନାବେଶକୁ
କାଳିନ୍ଦୀରେ ପାଦେଦଳି (୨) ଥିଲେପରା କାଳୀକୁ(୨)
ବନଭୋଜି ବେଶେ ମଜି ଲଗାଇଛି ଲଟକୁ ||
ଭଜମନ ପୂର୍ଣ୍ଣବ୍ରହ୍ମ ଦାରୁବ୍ରହ୍ମକୁ(୨)
ଦେଖମନ ମୋହନିଆଁ ରାଧାଦମୋଦରକୁ (୨)
ବାଙ୍କଚୁଡ଼ା ବେଶ ହୋଇ କିଣିନିଏ ମନକୁ
ଫଗୁଣରେ ପଦ୍ମବେଶ (୪) ଧୋଇନିଏ ପାପକୁ ହୋ(୨)
ପଞ୍ଝୁକରେ ନାଗାର୍ଜୁନ ବାଇକରେ ଭକ୍ତକୁ ||
ଭଜମନ ପୂର୍ଣ୍ଣବ୍ରହ୍ମ ଦାରୁବ୍ରହ୍ମକୁ(୨)
ଶଙ୍ଖନାଭି ମଣ୍ଡଳରେ ନିତ୍ୟ ଲୀଳାସ୍ଥଳକୁ
ସ୍ଥିତ ଚିତ କର ତୋର ପ୍ରଭୁ ଚକାଡୋଳାକୁ
ଏହିପରି ସାମନ୍ତଙ୍କ (୨) ବୋଲକରା ହବାକୁ(୨)
ବ୍ରାହ୍ମଣ କି ଚଣ୍ଡାଳ ତ ଆଗଭର ଯିବାକୁ ||
ଭଜମନ ପୂର୍ଣ୍ଣବ୍ରହ୍ମ ଦାରୁବ୍ରହ୍ମକୁ(୨)

## 3.3 ଆଡ଼େଇ ଯାଅ ମାଡି ଆସୁଛିରେ କଳିଆ ହାତୀ

( ଗୀତ – )
ଆଡ଼େଇ ଯାଅ(୨)
ମାଡି ଆସୁଛିରେ କଳିଆ ହାତୀ ମୋ ମାନୁନାହିଁ ଖାଲଖମା
ଭକତଙ୍କୁ ଦେଖି ବାଇଆ ହେଇଛି ବୋଲ ମାନୁନାହିଁ ଜମା
ଝିଇଁକି ନାଝେଇ ଝିନାକ ନାଝେଇ ଘଣ୍ଟମାଡ଼ ତାଳତାଳେ, ଘଣ୍ଟମାଡ଼ ତାଳତାଳେ
ପହଣ୍ଡି ଦୋହଲ ନାଟକୁ ଦେଖରେ(୨) ଦେଖି ନଥିବ କେ ଡୋଳେ (୩)
ଲକ୍ଷେ ରାଜାଙ୍କ ମଉଡ଼ମଣି ଯେ ଚଣ୍ଡାଳ ବେଶକୁ ପାରି, ଚଣ୍ଡାଳ ବେଶକୁ ପାରି
ସୁନା ପାଲିଙ୍କିରେ ବିଜେ କରିଲେଣି(୨) ସୁନା ପହଁରାକୁ ଧରି
ଗୋଟି ପରେ ଗୋଟି ତିନି ଗୋଟି ରଥେ ଚଢୁଛନ୍ତି ଗଜପତି, ଚଢୁଛନ୍ତି ଗଜପତି
ସିଞ୍ଚାଇ ଚନ୍ଦନ କର୍ପୂର କୁସୁମ ରଥକୁ ପହଁରୁଛନ୍ତି, ରଥକୁ ପହଁରୁଛନ୍ତି
ଚାର ମାରଥୀକୁ ରଥେ ଚଢାଦେଖି ଭକତ ଧାଇଁଲେ ଦଉଡ଼ି
ବେତକୁ ହଲାଇ ହରିବୋଲ ଦେଇ ଡାହୁକ ଛାଡୁଛି ରଡି (ହୋ ଭକତେ..)
ଦେଇ ରାମ ତାଳି ଶଙ୍ଖ ହୁଳହୁଳି ଭକତେ ଟାଣନ୍ତି ରଥ, ଭକତେ ଟାଣନ୍ତି ରଥ
ଚଣ୍ଡାଳ ବ୍ରାହ୍ମଣ ହେଲେ ଏକପ୍ରାଣ(୨) ଶ୍ରୀଗୁଣ୍ଡିଚା ଏ ଯାତ(୩)

## 3.4 ଆଣିଥିଲ ପ୍ରଭୁ ଶ୍ରୀକ୍ଷେତ୍ର ବୁଲେଇ, ବନ୍ଧୁ କରିଥିଲି ବୋଲି

(ଗୀତ - ରାଧାନାଥ ଦାସ)
ଆଣିଥିଲ ପ୍ରଭୁ ଶ୍ରୀକ୍ଷେତ୍ର ବୁଲେଇ, ବନ୍ଧୁ କରିଥିଲି ବୋଲି
ଦରଶନ ସାରି ଯାଉଛି ବାହୁଡ଼ି, ଏତିକି ମୁଁ କହିଗଲି, ପ୍ରଭୁ ନଯିବ ଭୁଲି
ମୋତେ ନଯିବ ଭୁଲି, ଏମିତି ମୁଁ ଆସୁଥିବି, ଶ୍ରୀକ୍ଷେତ୍ର ବୁଲି

ପ୍ରଭୁ ନଯିବ ଭୁଲି, ମୋତେ  ନଯିବ ଭୁଲି ||୦||
ଆନ କଥାରେ ମୋ ମନ ନାହିଁ ହେ ହରି,
ଯେଉଁଠି ଥାଏ ମୋଠାରେ ଲାଗିବ ଡ଼ୋରି
ଆଷାଢ଼ ମାସେ ଶ୍ରୀକ୍ଷେତ୍ରେ ଆସିବି ଧାଇଁ,
ବଡ଼ଦାଣ୍ଡେ ତିନିରଥ ଟାଣିବା ପାଇଁ
କିଛି ଲୋଡ଼ାନାହିଁ ଜଗତ ସାଇଁ, ଦୂରବନ୍ଧୁ ମୁହିଁ ଦୂରେ ରହିଲି ||୧||
ମରଣ ଆଗରୁ ପ୍ରଭୁ ଆଣିବ ଡ଼ାକି,
ଦିନ ବିତାଇବି କଳାଶ୍ରୀମୁଖ ଦେଖି
ପାଖ ଛାଡ଼ି ଯିବିନାହିଁ କେଣିକି ପ୍ରଭୁ,
ତୁମେ ପରା ମନକଥା ଜାଣିଛ ସବୁ
କରିବନି ପର ପ୍ରଭୁ ହେ....
କରିବନି ପର ଜଗତ ଠାକୁର, ଯାହା କହିବାର ଥିଲା ସବୁ କହିଲି ||୨||

## 3.5 ଆଳତିବେଳ ବଡ଼ ଦେଉଳ କି ଶୋଭା କଳା ଶ୍ରୀମୁଖ

( ଗୀତ – ବାମନ ଦାସ)
ଆଳତିବେଳ ବଡ଼ ଦେଉଳ କି ଶୋଭା କଳା ଶ୍ରୀମୁଖ
ପାଞ୍ଚ ମନକୁ ଏକ କରିଣ ଚାହିଁଲେ ହରିବେ ଦୁଃଖ
ବାଦ୍ୟ ଗହଳ ଶୁଭେ ଚହଳ ବାଜୁଅଛି ଜୟ ଶଙ୍ଖ |୦|
ଘଣ୍ଟା ନାଦରେ ଚିତ୍ତ ଭେଦରେ ମନକୁ ହରିଣ ଲକ୍ଷ
ବ୍ରହ୍ମାଦି ମୁନି କରନ୍ତି ଧ୍ୱନୀ ଡାକ ଶୁଭେ ଲକ୍ଷ ଲକ୍ଷ |୧|
ଭକତେ ଡାକନ୍ତି ଆହେ ଶ୍ରୀପତି ଏ ଭବ ମାୟାରୁ ରଖ
ବାମନ ଦାସ କରିଣ ଆଶ ପଡ଼ିଣ ଅଛି ନିରେଖ |୩|

## 3.6 ଆସ ଆସ ଆସ ମୋର ସରଗ ତରା ଲୋ

( ଗୀତ – କବିଚନ୍ଦ୍ର କାଳୀଚରଣ ପଟନାୟକ)
ଆସ ଆସ ଆସ ମୋର ସରଗ ତରା ଲୋ ଆସ ଆସ ଆସ ମୋର
ଅନା ଅନା କାଳିଆର(୨) ରଥ ଯାତରା ଲୋ
ଆସ ଆସ ଆସ ମୋର ସରଗ ତରା ଲୋ ଆସ ଆସ ଆସ ମୋର
ପଡ଼ିଛି ଆଜ ବନ୍ଧା ଅଣ୍ଟା ଦଉଡ଼ି ଛନ୍ଦା(୨)
ବାଇଶି ପାହାଚେ ଲାଗେ(୨) ଭିଡ଼ା ଓଟରା ଲୋ
ଆସ ଆସ ଆସ ମୋର ସରଗ ତରା ଲୋ ଆସ ଆସ ଆସ ମୋର
ଝୁଲି ଝୁଲି ଆସୁଛି ଛେଚା କଚା ଖାଉଛି(୨)
କି ସୁନ୍ଦର ଦିଶେ ମଥା(୨) ଟାହିଆ ଝରା ଲୋ
ଆସ ଆସ ଆସ ମୋର ସରଗ ତରା ଲୋ ଆସ ଆସ ଆସ ମୋର
ରଥ ଷୋଳ ଚକିଆ ନନ୍ଦିଘୋଷ କୁ ଚାହାଁ(୨)
ପତିତ ଉଧାର ପାଇଁ(୨) ବିଜୟ ପରା ଲୋ
ଆସ ଆସ ଆସ ମୋର ସରଗ ତରା ଲୋ ଆସ ଆସ ଆସ ମୋର
ପୁରୀ ଠାକୁର ରଜା ଆସନ୍ତି ବାଜେ ବାଜା(୨)
ସାରୁଛନ୍ତି ରଥ ପରେ(୨) ଛେରା ପହଁରା ଲୋ
ଆସ ଆସ ଆସ ମୋର ସରଗ ତରା ଲୋ ଆସ ଆସ ଆସ ମୋର
ଅନା ଅନା କାଳିଆର(୨) ରଥ ଯାତରା ଲୋ
ଆସ ଆସ ଆସ ମୋର ସରଗ ତରା ଲୋ ଆସ ଆସ ଆସ ମୋର

## 3.7 ଆସିଛି ଦେଖି ତୋ କଳା ବଦନକୁ

(ଗୀତ – )
ଆସିଛି ଦେଖି ତୋ କଳା ବଦନକୁ ମୁଁ ଆସିଛି ଦେଖି ତୋ କଳା ବଦନକୁ
କଳା ବଦନକୁ ମୋ ସୁନାର ଧନକୁ ଆସିଛି ଦେଖି ତୋ କଳା ବଦନକୁ
ଅନ୍ଧ ଲ ଉଡ଼ି ମୋ ....... (୨) ଗଳାର ମାଳି
ତୋ ବିନୁ କିଏ ମୋର ଅଛିରେ, ରେ ......ତୋ ବିନୁ କିଏ ମୋର ଅଛିରେ
ତୋର ହାତଟେକା ଖୁଦ କଣିକାଏ(୨) ମାଗୁଛି ମୁଁ କାଳ କାଳକୁ .....
ଆସିଛି ଦେଖି ତୋ କଳା ବଦନକୁ
ଦୁଃଖ ପାଶୋରରେ ......(୨) ସହିବି ଦୁଃଖ
କେତେ ବାଟୁ ଧାଇଁ ଆସିଛି, ରେ ..... କେତେ ବାଟୁ ଧାଇଁ ଆସିଛି
ନିରାଶ ହେଲେ ମୁଁ ଫେରିବିନି ଆଉ (୨) ଝାସ ଦେବି ଏ ଜୀବନକୁ ...
ଆସିଛି ଦେଖି ତୋ କଳା ବଦନକୁ

## 3.8 ଆସିଥିଲି କାଳିଆ ତୋ ଦରଶନ ପାଇଁରେ

(ଗୀତ – ଅଲେଖ ବିଶ୍ୱାଳ)
ଆସିଥିଲି କାଳିଆ ତୋ ଦରଶନ ପାଇଁରେ
ତୋତେ ଛାଡ଼ି ଯିବାକୁ ମୋ ମନ ଚଳୁ ନାହିଁ ରେ
ସାରା ଭୁବନର କାନ୍ତି ଦେଖିଲି ତୋ ରୂପରେ
ସାରା ଜୀବନର ଶାନ୍ତି ଲଭିଲି ତୋ ମନ୍ଦିରେ
ବିତି ଯାଉ ଏ ଜୀବନ ତୋ ବଦନ ଚାହିଁ ରେ
ତୋତେ ଛାଡ଼ି ଯିବାକୁ ମୋ ... |୧|
ଥକା ନେବି ଚକା ଆଖି ଧାଇଁବିନି ମୋହରେ

କରିଦେ ଭିକାରୀ ମୋତେ ତୋ ଦେଉଳ ଦୁଆରେ
ଆନନ୍ଦ ହେବି ମଗନ ତୋର ଗୀତ ଗାଇରେ
ଆସିଥିଲି କାଳିଆ ତୋ ଦରଶନ ପାଇଁରେ
ତୋତେ ଛାଡ଼ି ଯିବାକୁ ମୋ ମନ ଚଳୁ ନାହିଁ ରେ |୨|

## 3.9 ଆହେ ଚକାଆଖି ଶୁଖିଲାଣି କଣ୍ଠ

( ଗୀତ – ରଘୁନାଥ ରାଉତ)
ଆହେ ଚକାଆଖି(୨) ହେ ଚକାଆଖି
ଆହେ ଚକାଆଖି(୪)
ଶୁଖିଲାଣି କଣ୍ଠ ଡାକି ଡାକି (୨) ସତ କହୁଛି କି ମିଛ ମୁଁ କହୁଛି(୨)
ବାଇଶି ପାହାଚ ତୋର ସାକ୍ଷୀ ||
ଆହେ ଚକାଆଖି....
ଦିନେ ନ ଶୁଣିଲୁ ଦୁଃଖ ମୋର ତୁକି ନୁହଁ ନାଥ ଅନାଥର(୨)
ବଡ଼ ଆଶ୍ରାକରି ଆସିଥିଲି ଧାଇଁ(୨) ବଡ଼ ଦାଣ୍ଡ ତୋର ଅଛି ସାକ୍ଷୀ ||
ଆହେ ଚକାଆଖି....
ତୋ ବିନା ମୋର କେ ଅଛି ଭବେ କହ ମୁଁ ଡାକିବି ତାକୁ କେବେ (୨)
କିମ୍ପାଇଁ ନିରାଶ କରୁ ବହି ରୋଷ (୨) କହ ମୋର କେଉଁ ଦୋଷ ଦେଖି ||
ଆହେ ଚକାଆଖି....
ସବୁ ବନ୍ଧନ ମୁଁ କାଟି ଦେଇ ତୋ ଭୁଜ ଛାଇକି ଅଛି ଚାହିଁ(୨)
ଦୁଃଖହାରି ତୋତେ କହିବି ଆଉ(୨) ଭବ ଜଳେ ଯେବେ ଯାଏ ଭାସି
ତୋ ସିଂହଦୁଆର ଅଛି ସାକ୍ଷୀ, ତୋ ବାହୁଡ଼ା ସ୍ତମ୍ଭ ଅଛି ସାକ୍ଷୀ ||
ଆହେ ଚକାଆଖି....

## 3.10 ଆହେ ନୀଳଗିରି

( ଗୀତ – ସାଲବେଗ)

ଆହେ ନୀଳଗିରି
ତୁମ୍ଭ ଶ୍ରୀଭୁଜେ ଦୟଣା କେରି କେରି । ପଦ।
ତୁଳସୀ ଚଉରା ପାଶେ ଜଗି, ବସି ଧ୍ୟାଉଛନ୍ତି କେତେ ଯୋଗୀ,
ବ୍ୟାଘ୍ରଚର୍ମ ପାରି ସ୍ତୁତି କରୁଛନ୍ତି, ଜପୁଛନ୍ତି ନାମ ସଂଖ୍ୟା କରି ।୧।
ବଡ଼ଦାଣ୍ଡ ଦେଖି ହେଲି ତୋଷ, ରେଣୁମାତ୍ର ତେଣୁ କଲି ଗ୍ରାସ
କ୍ଷୀରୀ ଖେଚୁଡ଼ିରେ ମନ ନବୋଧଇ, ଟଙ୍କ ତୋରାଣିରେ ମନତୋଷ ।୨।
ସିଂହଦ୍ୱାରେ ପଡ଼େ ବେତବାଡ଼ି, ବାଜନ୍ତେ ପାତକ ଯାଏ ଛାଡ଼ି
ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମିତ୍ତେ, ଏକକୁ ଆରେକ ହୁଡ଼ାହୁଡ଼ି ।୩।
ବାଇଶି ପାବଚ୍ଛ ଗଲି ସୁଖେ, କୈବଲ୍ୟ ପସରା ବେନି ପାଖେ
ଚାଣ୍ଡାଳୁ ବ୍ରାହ୍ମଣ ଶୁଦ୍ର ପରିଯନ୍ତେ, କୈବଲ୍ୟ ଭୁଞ୍ଜନ୍ତି ମୁଖେ ମୁଖେ ।୪।
ରୋହିଣୀ ପାଦୁକା କୁଣ୍ଡରଜ, ସିଂହ ମାଡ଼ି ବସିଅଛି ଗଜ
ସତେ କି ଏ ଜନ୍ମ ସୁଫଳ ଲଭିବ, କାକ ପଡ଼ି ହେଲା ଚତୁର୍ଭୁଜ ।୫।
ରହି ଗରୁଡ଼ ପଛରେ ଦେଖ, କି ଶୋଭା ପାଉଛି ପଦ୍ମମୁଖ
ହୀରାନୀଳା ମୋତି ମାଣିକ୍ୟ ଜଳୁଛି, ହୃଦେ ଲମ୍ବିଅଛି ହୀରାନେକ ।୬।
ଶ୍ରୀଜଗନ୍ନାଥଙ୍କ ଠାକୁରାଣୀ, ସୁବର୍ଣ୍ଣ ଥାଳିରେ ଅର୍ଘ୍ୟ ଆଣି
କଳପବଟକୁ ପ୍ରଦକ୍ଷିଣ କଲେ, ସାଧୁସନ୍ଥ ଦେଲେ ହରିଧ୍ୱନି ।୭।
କହେ ସାଲବେଗ ହୀନ ଜାତି, ଶ୍ରୀରଙ୍ଗାଚରଣେ ରହୁ ମତି
ଶ୍ରୀଜଗନ୍ନାଥଙ୍କୁ ଜଣାଣ କରୁଛି, ବାରେ ଦୟାକରି ଲକ୍ଷ୍ମୀପତି ।୮।

## 3.11 ଆହେ ନୀଳ ଶଇଳ

( ଗୀତ – ସାଲବେଗ)

ଆହେ ନୀଳଶଇଳ ପ୍ରବଳ ମତ୍ତ ବାରଣ ।

ମୋ ଆରତ-ନଳିନୀବନକୁ କର ଦଳନ ।୧।

ଗଜରାଜ ଡାକ ଦେଲା ଗ୍ରାହଯୁଦ୍ଧ ବେଳେଣ ।

ଚକ୍ର ପେଷି ନକ୍ର ନାଶି କୃପା କଲ ଆପଣ ।୨।

ଦ୍ରୌପଦୀ ଯେ ଚିନ୍ତା କଲା କୁରୁସଭା ତଳେଣ ।

କୋଟି ବସ୍ତ୍ର ଦେଇ ତାଙ୍କ ଲଜ୍ଜା କଲ ବାରଣ ।୩।

ହରିଣୀକି ଘୋରବନେ ପଡ଼ିଥିଲା କଷଣ ।

ଡାକିଲା ମାତ୍ରକେ ହରି ରକ୍ଷାକଲ ଆପଣ । ୪।

ରାବଣର ଭାଇ ବିଭୀଷଣ ଗଲା ଶରଣ ।

ଶରଣ ସମ୍ଭାଳି ତାଙ୍କୁ ଲଙ୍କେ କଲ ରାଜନ ।୫।

ଅଜାମିଳ ଡାକଦେଲା ଜୀବ ଯିବା ବେଳେଣ ।

ତେଡ଼େ ବଡ଼ ପାପୀ ଗଲା ବଇକୁଣ୍ଠ ଭୁବନ । ୬।

ପ୍ରହଲ୍ଲାଦ ପିତା ସେ ଯେ ବଡ଼ ଦୁଷ୍ଟ ଦାରୁଣ ।

ସ୍ତମ୍ଭରୁ ବାହାରି ତାକୁ ବିଦାରିଲ ତକ୍ଷଣ । ୭।

ନୀଳାଚଳ ବିଜେ କରି ବୌଦ୍ଧ ଅବତାରେଣ ।

ବେନି ଭୁଜ ଟେକି ପ୍ରଭୁ ଯାଚୁଅଛ ଶରଣ । ୮।

କହେ ସାଲବେଗ ହୀନ ଜାତିରେ ମୁଁ ଯବନ ।

ଶ୍ରୀରଙ୍ଗାଚରଣ ତଳେ ରଖ ମୋତେ ଶରଣ । ୯।

## 3.12 ଆହେ ନୀଳାଚଳ ନାୟକ

## (କବି - ଦୀନକୃଷ୍ଣ ଦାସ)

ଆହେ ନୀଳାଚଳ ନାୟକ, ଦୀନ ଅକିଞ୍ଚନ ସୁଖଦାୟକ ।।
ଚନ୍ଦ୍ରକାନ୍ତି ଜିଣି କମନୀୟ ଠାଣି, କଳା କଳେବର କି ଜକଜକ
ଆର୍ତ୍ତୀ ଜନଙ୍କର ଆର୍ତ୍ତ ବିଧ୍ୱଂସନେ, ମହାବାହୁ ପ୍ରସାରିଛ କାଳକ ।୧।
ଧବଳା କମଳ ନୟନ ଯୁଗଳ, ଚାହାଣି ଭଙ୍ଗିମା ତ ଅତିରେକ ।
ଦଶନ ବସନ ରଙ୍ଗିମା ଅତୁଳ, ପ୍ରସନ୍ନମୟ ଶ୍ରୀକଳା ଶ୍ରୀମୁଖ ।୨।
କପାଳରେ ସୁନା ଚିତା ସୁଶୋଭିତା, ତହିଁକି ପୁଣି କସ୍ତୁରୀ ତିଳକ ।
ଚନ୍ଦନର ବିନ୍ଦୁ କି ସେ ବାଳଇନ୍ଦୁ, ଅତ୍ୟନ୍ତ ଘଟଣ ସେ ତ୍ରିପୁଣ୍ଡକ ।୩।
ଶ୍ରବଣ ଯୁଗଳେ ମକର କୁଣ୍ଡଳ, ଖେଳଇ ସେ ଗଣ୍ଡମଣ୍ଡଳ ପାଖ ।
କରରେ କଚଟି କଙ୍କଣ ବାହୁଟି ହୃଦୟରେ ବ୍ୟାଘ୍ରନଖୀ ପଦକ ।୪।
କଣ୍ଠେ ବିଲମ୍ବିତ ମଣିମୟ ହାର କଉସ୍ତୁଭ ଦୀପ୍ତିମନ୍ତ ଝଲକ ।
କଳିତ ଲଳିତବାସ ବନମାଳ ବୈଜୟନ୍ତିମାଳା ଆଜାନୁତକ ।୫।
କଷ୍ଟ ଦୁଷ୍ଟ ବିନାଶକ ଶ୍ରୀଆୟୁଧ ଶଙ୍ଖ କମଳ ସୁଦର୍ଶନ ଚକ୍ର ।
କଟି କି ଶୋଭଇ କନକ କିଙ୍କିଣୀ ତହିଁ ରାଜେ ପୀତପଟ ଝଟକ ।୬।
କିବା ଦେବା ଲକ୍ଷ୍ୟ କରୁଣା କଟାକ୍ଷ କୋଟି ମଦନରୁ ଧନୁଶାୟକ ।
ମୋହନ ବେଶକୁ ଭକ୍ତେ ଦେଖୁ ଦେଖୁ ସର୍ବାଙ୍ଗରେ ଜାତ ହୁଏ ପୁଲକ ।୭।
ଭଣେ ଦୀନକୃଷ୍ଣ ହୋଇଣ ସତୃଷ୍ଣ ଅରୁଣ-ପଙ୍କଜ ଚରଣ ରଙ୍କ ।
ବଳୀୟାର ଭୁଜ ଛାୟା ତଳେ ପ୍ରଭୁ ଆହ୍ଲାଦ ହୃଦୟେ ଦାସକୁ ରଖ ।୮।

## 3.13 ଆହେ ନୀଳାଚଳ ବାସୀ

(ଗୀତ – )

ଆହେ ନୀଳାଚଳବାସୀ
ଶୋକ ଜଳଧିରେ ଗଲି ଭାସି ।।
ବାରଣଭୟକୁ କାରଣ କର ହେ ଶରଣ ପଞ୍ଜର ବାନା ।
ଆରତନାଶନ ଖଳବିନାଶନ ବାରେ ହୁଅ ବଜ୍ରସେହ୍ନା ।।
ଜଗତ ଜାକରେ ଡ଼ିଣ୍ଡିମ ବାଜୁଛି ଉଡ଼େ ଅବଧୂତ ବାନା ।
ମୃଗୁଣୀ ଆରତ ଖଣ୍ଡିଲ ହେ ନାଥ ପତିତ ଭୟ ଭଞ୍ଜନା ।।
ଧଉର୍ଯ୍ୟରେ ମେରୁ ନାମ କଳ୍ପତରୁ ଛାୟା ଶୀତ ହେଲା ସିନା ।
ଅରୁଣ ଚରଣ ଆଶ୍ରେ କଲାଠାରେ ବୁଡ଼ିଲା ମୋର ଚେତନା ।।
ମୁଁ ଅବା ଅପ୍ରାଧୀ ହେ କୃପାବାରିଧି ଥରେ ନୋହିଲା କରୁଣା ।
କହେ ସାଲବେଗ ପ୍ରଭୁପଣକୁ ଏ ଦିଶିବ ବହୁତ ଊଣା ।।

## 3.14 ଆହେ ପ୍ରଭୁ କଳା ଶ୍ରୀମୁଖ

(କବି - ବନମାଳୀ ଦାସ)

ଆହେ ପ୍ରଭୁ କଳା ଶ୍ରୀମୁଖ ।
କାଳେ କାଳେ ମୋର ନଗଲା ଦୁଃଖ ।
କି ଅବା ଛାମୁରେ ଜଣାଇବି ମୁହିଁ ସାକ୍ଷାତେ ମୋ ଦୀନ ଅବସ୍ଥା ଦେଖ ।
ତେଣୁ ଶ୍ରୀଛାମୁକୁ ଯାଇ ନ ପାରଇ
ଖଣ୍ଡିଏ ତ ମୋର ନ ଥାଇ ଭେକ । ୧।
ସାଉଙ୍କ ଜଞ୍ଜାଳ କୁଟୁମ୍ବଙ୍କ ଗୋଳ ଅନ୍ତର ବେଦନା ସବୁ ଅଧିକ ।

କା ଆଗେ କହିବି କେ କଷ୍ଟ ଫେଡ଼ିବ
ସଂସାରେ ମୋ ସରି ନାହିଁ ନିରେଖ ।୨।
ମନ ମଧ୍ୟେ ମୋର ହରଷ ନ ଥାଇ ହୃଦୟ ମଧ୍ୟରେ ସଦା ବିମୁଖ ।
ଚଉବର୍ଗ ଦାନୀ ଆଶ୍ରେ କରି ମୁଁ ଯେ
କାହିଁକି ଆଉ ନ ପାଇଲି ସୁଖ ।୩।
ବାତ ଚକ୍ର ପ୍ରାୟେ ମନ ଭ୍ରମୁଥାଇ ଦଣ୍ଡେ ନ ରହଇ ତୁମ୍ଭର ପାଖ ।
କହେ ବନମାଳୀ ଶଙ୍ଖରେ ପୂରାଇ
ଚକ୍ର ଉହାଡ଼ିଣ ଘୋଡ଼ାଇ ରଖ ।୪।

## 3.15 ଆହେ ପ୍ରଭୁ କଳା ଶ୍ରୀମୁଖ ! ତୁମ୍ଭ ରଥଯାତ ଦେଖି

(କବି – ହାଡି ଦାସ)

ଆହେ ପ୍ରଭୁ କଳାଶ୍ରୀମୁଖ!
ତୁମ୍ଭ ରଥଯାତ ଦେଖି ନ ପାରିଲି
ଦେବାରୁ ଦାରୁଣ ଦୁଃଖ।।
କେତେ କେତେ ମହା ଭକତମାନଙ୍କୁ
କଢ଼ାଇ ନେଇଛ ପଥ।
ମୋତେ ଏତେବେଳେ ଏକା କରାଇଲ
ଦେଖିବାକୁ ଅସମର୍ଥ।।
ଯେବେ ନିକଟକୁ ନ ନେଲ ଗୋସାଇଁ
ମନେ କେଉଁ କଥା ପାଞ୍ଚି।

ଏଇଠାରେ ତୁମ ରଥ ମୁଁ କରିବି
ଆସିବ ନା ତୁମେ ଘୁଞ୍ଚି।।
ଦେଖାଯାଉ ଭଲା ହଟିଆ ନାଗର
କେତେ ଲଗାଇବୁ ହଟ।
ନିଶ୍ଚୟ କରିବି ଛତିଆ ଗ୍ରାମରେ
ତୋହରି କଳପବଟ।।
କାଳକାଳକୁ ଏ କଥା ରୁହାଇବି
ଦେଖିବେ ସଂସାର ଜନେ।
ହାଡ଼ିଆ କମାର ଆଣ୍ଠ କି ଭାଜିବ
ଶ୍ରୀହରି ବୋଲି ବଦନେ।।

## 3.16 ଆହେ ରାମ ହରି

(କବି – ସାଲବେଗ)
ଆହେ ରାମହରି !
ପ୍ରଭୁ ବିଜେ କରିଅଛ ନୀଳଗିରି ।
ପ୍ରଭୁ ଦର୍ଶନ ମାତ୍ରକେ ଯିବି ତରି ।।
ପ୍ରବେଶ ହୋଇଲି ବଡ଼ଦାଣ୍ଡ । ଚରଣ ଧୂଳିଲେ ପୂରିଲା ତୁଣ୍ଡ ।।
ଦାଣ୍ଡରେ ବସିଛି କୈବଲ୍ୟ ପସରା ଟଙ୍କ ତୋରାଣିରେ ମନ ତୋଷ ।୧।
ଧନ୍ୟ ପୁରସ୍ତମ କ୍ଷେତ୍ରବାସୀ । ଭାଗ୍ୟ ଥିଲେ ସାଧୁ ସଙ୍ଗେ ମିଶି ।।
ଗ୍ରାସ ପୂରାଇଣ କୈବଲ୍ୟ ପାଆନ୍ତି ମିଛେ ବୋଲୁଥାନ୍ତି ଏକାଦଶୀ ।୨।
ସିଂହଦ୍ୱାରଠାରେ ବେତବାଡ଼ି । ବାଜିଲେ ପାତକ ଯାଏ ଛାଡ଼ି ।।
ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ସାଧୁଜନମାନେ ଠେଲାଠେଲି ।୩।

ବାଇଶି ପାବଚ୍ଛ ଗଲି ସୁଖେ । କୈବଲ୍ୟ ବସିଛି ବେନି ପାଖେ ।।
ବ୍ରାହ୍ମଣ କ୍ଷତ୍ରୀୟ ଶୁଦ୍ର ଚାରିବର୍ଣ୍ଣ କୈବଲ୍ୟ ଦିଅନ୍ତି ମୁଖେ ମୁଖେ ।୪।
ରୋହିଣୀ କୁଣ୍ଡର ପାଦରଜ । ସିଂହ ମାଡ଼ି ବସିଅଛି ଗଜ ।।
ସତେ କି ଜୀବନ ସଫଳ ହୋଇବ କାକ ପଡ଼ି ହେଲା ଚତୁର୍ଭୁଜ ।୫।
ଗରୁଡ଼ ପାଖରେ ରହି ଦେଖ । କି ଶୋଭା ପାଉଛି ପଦ୍ମମୁଖ ।।
ହୀରା ନୀଳା ମୋତି ମାଣିକ୍ୟ ଜଳୁଛି  ହୃଦେ ଲମ୍ବିଅଛି ବ୍ୟାଘ୍ରନଖ ।୬।
ସଲଖ ସୁନ୍ଦର ବଡ଼ଦାଣ୍ଡ । ନବକୋଟି ଲୋକ ତହିଁ ରୁଣ୍ଡ ।।
ଦର୍ଶନ ମାତ୍ରକେ ପାପକ୍ଷୟ ଯିବ ପାପାଧି ପାତକ ହୋଇ ଖଣ୍ଡ ।୭।
ସିଂହଦ୍ୱାର ଆଗେ ତିନିରଥ ।ପାଟପତନୀରେ ମଣ୍ଡେ ନେତ ।।
ଆଗେ ବଳଭଦ୍ର ମଝିରେ ସୁଭଦ୍ରା ପଛେ ବିଜେ କଲେ ଜଗନ୍ନାଥ ।୮।
କହେ ସାଲବେଗ ମୂଢ଼ମତି । ତ୍ରାହି କରିବେ ଶ୍ରୀ ଲକ୍ଷ୍ମୀପତି ।।
ଶ୍ରୀରଙ୍ଗା ଚରଣେ ପଶୁଛି ଶରଣ ତ୍ରାହି କର ଶାଳଗ୍ରାମ ମୂର୍ତ୍ତି ।୯।

## 3.17 ଏକା ତୋ' ଭକତ ଜୀବନ

(କବି - ସାଲବେଗ)
ଏକା ତୋ' ଭକତ ଜୀବନ
ଭକତ ନିମନ୍ତେ ତୋର ଶଙ୍ଖଚକ୍ର ଚିହ୍ନ।।୦।।
ଭକତ ତୋ ପିତାମାତା ଭକତ ତୋ ବନ୍ଧୁ
ଭକତ ହିତରେ ତୋର ନାମ କୃପାସିନ୍ଧୁ।।୧।।
ଧେନୁ ପଛେ ପଛେ ବତ୍ସା ଗମେ କ୍ଷୀର ଲୋଭେ
ଭକତ ପଛରେ ତୁହି ଥାଉ ସେହି ଭାବେ।।୨।।

ବୋପା ମୋ ମୋଗଲ ପୁଅ ମାଆ ମୋ ବ୍ରାହ୍ମଣୀ
ଏ କୂଳେ ଜନ୍ମିଲି ହିନ୍ଦୁ ନ ଖାଏ ମୋ ପାଣି।।୩।।
କହେ ସାଲବେଗ ହୀନ ଜାତିରେ ଯବନ
ଶ୍ରୀରଙ୍ଗାଚରଣ ବିନୁ ନ ଜାଣଇ ଆନ।।୪।।

## 3.18 ଏଭଳି ଠାକୁର ଦେଖିଚ କାହିଁ, ଲୀଳା କରୁଥାନ୍ତି

(ଗୀତ – ରାଧାନାଥ ଦାସ)
ଏଭଳି ଠାକୁର ଦେଖିଚ କାହିଁ, ଲୀଳା କରୁଥାନ୍ତି ଶ୍ରୀକ୍ଷେତ୍ରେ ରହି
ବରଷକ ସାରା ହେଉଥାନ୍ତି ବେଶ ଶ୍ରୀମୁଖରୁ ସଦା ଝରୁଥାଏ ହସ
ରସିକ ପଣରେ ସରିକେ ନୁହନ୍ତି, ଭକତ ଭାବରେ ହୁଅନ୍ତି ବାଇ
ଏଭଳି ଠାକୁର ଦେଖିଚ କାହିଁ ||୦||
ବୈଶାଖ ମାସେ ଚନ୍ଦନ ବେଶ ଦିଶଇ ଶୋଭା
ଜ୍ୟେଷ୍ଠମାସେ ହାତୀ ବେଶ ଆହାକି ମନଲୋଭା
ଆଷାଢ଼ ମାସେ ରଥେ ହୁଅନ୍ତି ସୁନାବେଶ
ଶ୍ରାବଣେ ଦେଖ ଦେଖ ଦେଖ ଝୁଲଣ ବେଶ
ଭକତଭୋଳିଆ ସେ ନୀଳଚଳିଆ(୨)ଭକତ ନିମନ୍ତେ ଏବେଶ ହୋଇ ||୧||
ବଣଭୋଜି ବେଶ କିଣଇ ମନ ଭାଦ୍ରବ ମାସେ
କାଳୀୟ ଦଳନ ବେଶରେ ଜଗା କେମନ୍ତ ଦିଶେ
ପ୍ରଳମ୍ବାସୁରବଧ ବଳରାମଙ୍କ ବେଶ, କୃଷ୍ଣବଳରାମ ବେଶେ ମଣିମା ହସ ହସ
ଭାଦ୍ରବ ଶୁକଳ ଦ୍ୱାଦଶୀ ତିଥୀରେ(୨) ବଳୀବାମନ ବେଶ ଭୁଲି ନହୁଇ ||୨||
ଆଶିନ ମାସରେ ଶୁକ୍ଳଦଶମୀରେ ରାଜାଙ୍କ ବେଶ
ରାଧାଦାମୋଦର ବେଶକୁ ଆହା ଦେଖିବ ଆସ

କର୍ତ୍ତିକେ ବାଙ୍କଚୁଡ଼, ଲକ୍ଷ୍ମୀନାରାୟଣ, ରାଜରାଜେଶ୍ୱର, ନୃସିଂହ, ତ୍ରିବିକ୍ରମ
ପଞ୍ଚୁକ ଛଅଦିନ ଯେବେ ପଡ଼ିଥାଏ(୨) ନାଗାର୍ଜୁନ ବେଶ ହୁଅନ୍ତି ସାଇଁ ||୩||
ଘୋଡ଼ଲାଗି ବେଶ ମାର୍ଗଶୀରରେ କଳା ଶ୍ରିମୁଖ
ରାଜାବେଶେ ବିଜେ ପୁଷପୂର୍ଣ୍ଣୀମାରେ ପ୍ରଭୁଙ୍କୁ ଦେଖ
ମାଘରେ ପଦ୍ମବେଶ, ଗଜ ଉଦ୍ଧାରଣ
ଫଗୁଣେ ଚାଚେରୀବେଶ, ଆହା କି ମନୋରମ
ଏହିପରି କେତେ ବେଶ ହେଉଥାନ୍ତି ବେଶ ରଙ୍କୁଣା ମୋ କଳାଠାକୁର ||୪||

## 3.19 ଏମିତି ଏ ବଡ଼ଦାଣ୍ଡେ ହାତପାତି ରହିଥିବି

( ଗୀତ – ଗୌର ପଟନାୟକ)
ଏମିତି ଏ ବଡ଼ଦାଣ୍ଡେ  ହାତପାତି ରହିଥିବି(୨)
ପତିତପାବନ ପତାକା କୁ ଚାହିଁ (୨) ତୋର ନାମ ଗାଉଥିବି
କାଳିଆରେ ଦୁଃଖ ମୋର ଭୁଲିଯିବି(୨)
ଏତିକି ମିନତି ଜଗତର ଠାକୁର ଦୁଃଖି ବୋଲି ମୋତେ କରିବୁନି ପର (୨)
ସଞ୍ଜସକାଳରେ ଆଳତୀ ବେଳରେ ଗରୁଡ଼ ପଛରେ ଥିବି
କାଳିଆରେ ତୋ ଶ୍ରୀମୁଖ ଦେଖୁଥିବି(୨)
ଜଗତରେ ନାହିଁ ତୋ ପରି ଠାକୁର ରଥ ଚଢି  ଯେବେ ତୁ ବାହାର(୨)
ତୋ ରଥ ଦଉଡ଼ି ଅଣ୍ଟାରେ ମୁଁ ଭିଡ଼ି (୨) ଆନନ୍ଦରେ ଟାଣୁଥିବି
କାଳିଆରେ ଜୀବନ ଧନ୍ୟ କରିବି(୨)
ଯେତେ ଇଚ୍ଛା ଦୁଃଖ ଦେପଛେ ମୋତେ ମାଗିବିନି କିଛି ଦିନେ ହେଲେ
ତୋତେ(୨)
ପାରିବିନି ଯାଇ ତୋତେ ଛାଡ଼ି ମୁଁହିଁ(୨) ଶ୍ରୀକ୍ଷେତ୍ରରେ ରହିଥିବି

କାଳିଆରେ ତୋ ସେବାରେ ଖଟୁଥିବି(୨)
ଏମିତି ଏ ବଡ଼ଦାଣ୍ଡେ  ହାତପାତି ରହିଥିବି(୨)
ପତିତପାବନ ପତାକା କୁ ଚାହିଁ (୨) ତୋର ନାମ ଗାଉଥିବି

## 3.20 କଳା କାହ୍ନୁ କୁହୁକ ଜାଣେ

( ଗୀତ – )
କଳା କାହ୍ନୁ କୁହୁକ ଜାଣେ ଯେଣିକି ଚାହିଁଲେ ଦିଶଇ ତେଣେ
ତରଳ ନୟନ କେଡ଼େ ବିତାୟନ ସାଜକ ସାଜଇ ବାମ ଡ଼ାହାଣେ (୨)
ହାସ୍ୟ ତରବାରୀ ତା ନେତ୍ର କଟାରୀ(୨) ବାହାରେ ଲୁଚାଇ ଭିତରେ
ଆଗୋ ବାହାରେ ଲୁଚାଇ ଭିତରେ ହାଣେ
କଳା କାହ୍ନୁ କୁହୁକ ଜାଣେ ଯେଣିକି ଚାହିଁଲେ ଦିଶଇ
ଆଗୋ ଯେଣିକି ଚାହିଁଲେ ଦିଶଇ ତେଣେ
କଳା ପିଚୁଳିଆ କାଇଁଚ ମାଳିଆ ନାହିଁ ଅଭିରାମ ସଙ୍ଗେ କେ ଜଣେ(୨)
ଧନ୍ୟ ତା ଚାତୁଳି ପ୍ରଖର କତୁରୀ(୨) ଦାଢ଼ରୁ ବନତି ଯିବକେ
ଆଗୋ ଦାଢ଼ରୁ ବନତି ଯିବକେ ଜଣେ
କଳା କାହ୍ନୁ କୁହୁକ ଜାଣେ ଯେଣିକି ଚାହିଁଲେ ଦିଶଇ
ଆଗୋ ଯେଣିକି ଚାହିଁଲେ ଦିଶଇ ତେଣେ
ବେଣୁଗୀତ ଗାଇ ମୋହନ ଲଗାଇ କାନ୍ତକୋଳୁ କାନ୍ତା ଉଠାଇ ଆଣେ (୨)
ବୋଲେ ଦୁର୍ଯ୍ୟଜେମା ଦେଖିତା ଭଙ୍ଗିମା(୨) କାଳଯାକ ଥିବି ସେ ବତୀ
ଆଗୋ କାଳଯାକ ଥିବି ସେ ବତୀ କଣେ
କଳା କାହ୍ନୁ କୁହୁକ ଜାଣେ ଯେଣିକି ଚାହିଁଲେ ଦିଶଇ
ଆଗୋ ଯେଣିକି ଚାହିଁଲେ ଦିଶଇ ତେଣେ

## 3.21 କଳାକୃଷ୍ଣ କମଳ ଆଖି

**(କବି - ଭରତ ଦାସ)**

କଳାକୃଷ୍ଣ କମଳ ଆଖି
ଡାକିଲେ ନ ଶୁଣ କାହିଁ ପାଇଁକି ।
ଶ୍ରୀ ନୀଳକନ୍ଦରେ ବିଜେ କରିଅଛ
ମିଛେ ଭଣ୍ଡିବାକୁ ଲୋଡୁଅଛକି ।
ଅହଲ୍ୟା ତାରଣ ଭୟ ନିବାରଣ
ବାଳିକି ମାରି ରଖିଲ ସୁଗ୍ରୀକି ।୧।
ମହା ବଳବନ୍ତ ବିଶ୍ରବାର ସୁତ
ଛେଦି ପକାଇଲ ଦଶଶିର କି ।
ଲକ୍ଷେ ଯୋଜନରେ ଗଜ ଡାକ ଦେଲା
ତା ଡାକ ଶୁଣିଲ ପଶାଖେଳିକି ।୨।
କୁରୁ ସଭାତଳେ ଦ୍ରୌପଦୀ ଚିନ୍ତିଲା
ତାକୁ କୋଟି ବସ୍ତ୍ର ଦେଇଥିଲ କି ।
ଭାରତ ଯୁଦ୍ଧରେ ଘଣ୍ଟ ଘୋଡ଼ାଇଣ
ରଖିଥିଲ ଭରତିଆ ପକ୍ଷୀ କି ।୩।
ସେ ଯୁଦ୍ଧରେ ଥରେ ଅର୍ଜୁନ ରଥରେ
ଆପଣ ସାରଥି ହୋଇଥିଲ କି ।
ଭଣଇ ଭରତ ଆହେ ଜଗନ୍ନାଥ
ମୋ ମନ ରହିବ ନୀଳାଚଳେ କି ।୪।

## 3.22 କଳା ଶ୍ରୀମୁଖ ହେ ! ନଗଲା ମୋର ଦୁଃଖ

**(କବି - ଉପେନ୍ଦ୍ର ଭଞ୍ଜ)**

କଳା ଶ୍ରୀମୁଖ ହେ ! ନଗଲା ମୋର ଦୁଃଖ
କଳପ ତରୁକୁ ଆଶ୍ରେ କରିଛି ମୁଁ
କି ବୋଲିବେ ଶୁଣି ଲୋକ।।ଘୋଷା।।
ବିବସନ କଲାବେଳେ ଅନ୍ଧବାଳା
ବୃନ୍ଦାବନେ ହରିଣାଙ୍କ
ଆଣି କୋଟି ଚେଳ ପାଞ୍ଚାଳୀକି ଦେଲ
କି ରୂପେ ହୋଇ ତା ପକ୍ଷ।।୧।।
ଗୋକୁଳ ଶବରୀ ଆଣି ଦେଲ କୋଳି
ବିକିବାକୁ ବନଜାକ୍ଷ
ହେଲା ତା'ପସରା ଯାକ ହେମ ପରା
ପଡ଼ନ୍ତେ ତୁମ୍ଭ କଟାକ୍ଷ।।୨।।
ଦରିଦ୍ର ବିପ୍ରର କଥାକୁ ତୁମ୍ଭର
ହୃଦୟେ କରି ବିବେକ
କେଉଁ ସମ୍ପଦକୁ ନ ଦେଲ ତାହାକୁ
ଦେବାଧିଦେବ ନାୟକ।।୩।।
ବଳୀକି ପାତାଳେ ମଣିମୟ ପୁରେ
ବିର୍ଲୋହ ଅନେକ ସୁଖ
ରଖିଅଛ ପୁଣି ତାକୁ ଚକ୍ରପାଣି
ତହୁଁ କରିବାକୁ ମୋକ୍ଷ।।୪।।

## 3.23 କାଳିଆରେ କାଳିଆ ତୁ ସତ କହ କାହାର

(ଗୀତ - ରାଧାନାଥ ଦାସ)

କାଳିଆରେ କାଳିଆ ତୁ ସତ କହ କାହାର (୨)
ପ୍ରେମମୟୀ ରାଧାର କି ଯଶୋମତୀ ମାଆର
ରଘୁ ଅରକ୍ଷିତ କିବା ବନ୍ଧୁ ମହାନ୍ତିର, କହ ତୁ କାହାର ||୦||
ମନତୋର ବନ୍ଧା ସତେ ବଡ଼ଦେଉଳରେ
ଅବା ସେଇ ମନ ଯାଇ ଯମୁନା କୂଳରେ
ବନ୍ଧା କି ସେ ମନ ଯାଇ ଗୋପୀ ପଣତରେ
ଅବା ମନ ଯାଇ ଲକ୍ଷ୍ମୀ ଅନ୍ତଃପୁରେ
କହରେ କାଳିଆ କହ....(୨) ସତେ ତୁ କାହାର
କିଏ ତୋର ପର କହ କିଏ ଆପଣାର, କହ ତୁ କାହାର ||୧||
ତୋ ପାଟି କି ଭଲଲାଗେ ଷାଠିଏ ପଉଟୀ
ସରଲବଣୀରେ କିବା ଥାଏ ତୋର ମତି
ଶଙ୍ଖରେ ମନ କି ତୋର ବଂଶୀରେ ମନ
ନରେନ୍ଦ୍ରରେ ମନ କିବା ଯମୁନାରେ ମନ
ସବୁ ଶୁଣି ହସି କହେ ....(୨) ଶ୍ରୀରଙ୍ଗା ଅଧର
କାହାର ମୁଁ ପର ନୁହେଁ କାହାର ନିଜର, ମୁଁ ଏକା ଭକତର ||୨||

## 3.24 କାହାକୁ ମୁଁ କରିବଇଁ ସାକ୍ଷୀ, ହେ ଚକାଆଖି

(ଗୀତ – ସାନନ୍ଦ ଦ୍ୱିଜ)

କାହାକୁ ମୁଁ କରିବଇଁ ସାକ୍ଷୀ, ହେ ଚକାଆକ୍ଷି ।

ଡାକିଲେ ନାମ ଆରତେ ନ ଶୁଣ କିମ୍ବା ତୁରିତେ
କି ବିଚାରି ହୃଦଗତେ ନ ଢେର ଶ୍ରବଣ ପଥେ ।
ଜପି ନାମ                    କଣ୍ଠ ଗଲା ଶୁଖି । ୧।
ମୋ ଶେଷ ଘଟ ମାତର ତୁମ୍ଭ କୃପା ଅକୂପାର
ରଖିଛ ରଙ୍କ ଉଦର ତୃଷା ନ ହରଇ ମୋର ।
ହେଉଅଛ                    ନିଷ୍ଠୁର କାହିଁକି ହେ । ୨।
ନେବ ବୋଲି କିଛି ଲାଞ୍ଚ ମନେ କରିଅଛ ପାଞ୍ଚ
ସେ କଥା ମନରୁ ମୁଞ୍ଚ ବଳିଗଲା ମନ ସ୍ୱଚ୍ଛ ।
ଗୋପପୁରେ                    ପୟସର ରଖି ହେ ।୩।
ପାଇ ନାନା ଉପବନ ହେବାରେ ହରଷ ମନ
ଅଳସ କି ଅପଘନ ଘାରିଲା ନିଦ୍ରା ନୟନ ।
ନଶୁଣୁଛ                    ସେ କାରଣୁ ନିକି ହେ ।୪।
କହଇ ସାନନ୍ଦ ଦ୍ୱିଜ ଆହେ ପ୍ରଭୁ ଚତୁର୍ଭୁଜ
ଗଲାଣି କି ପୂର୍ବ ତେଜ ଦୁଃଖୀ ଦୁଃଖ ଯା ନ ବୁଝ ।
ହୋଇବାରୁ                    ନୀଳାଚଳେ ସୁଖୀ ହେ । ୫।

## 3.25 କାହିଁକି ଆସିଛୁ ମନ

(କବି - ସାଲବେଗ)
କାହିଁକି ଆସିଛୁ ମନ କିସ ନେବା ପାଇଁରେ ।
ଆସିଛୁ ଲଙ୍ଗଳା ତୁ ଯିବୁ ଶୂନ୍ୟ ହୋଇ ରେ ।୧।
ଘାଇ ଯାକ ମୁକୁଳା ତୁ ବନ୍ଧ କେତେ ବାନ୍ଧୁରେ ।
ଆପେ ମଲେ ଯୁଗ ଯାଏ ପର ଲାଗି କାନ୍ଦୁରେ ।୨।

ତୁ ଯାହାକୁ ବିଭା ହେଲୁ ଶାଢ଼ୀ ଶଙ୍ଖା ଦେଇରେ ।
ଖାଉଅଛି ସେହି ତୋତେ କାଳରୂପୀ ହୋଇରେ ।୩।
ମାଟିଘଟ ପଞ୍ଜରୀରେ ପାଳୁ ସୁନା ଶୁଆରେ ।
ଅଠାକାଠି ଲଗାଇଛି ଭାବବିନୋଦିଆରେ ।୪।
କହେ ସାଲବେଗ ହୀନ ପାଦପଦ୍ମେ ଧ୍ୟାୟିରେ ।
ଶ୍ରୀରଙ୍ଗାଚରଣ ବିନୁ ଅନ୍ୟ ଗତି ନାହିଁରେ ।୫।

## 3.26 କାହିଁକି ମୋ ଠାରେ ହେଳା

କାହିଁକି ମୋ ଠାରେ ହେଳା ହେ, ଚକାଡ଼ୋଳା
ଡାକିଲେ ନ ଶୁଣ କିଆଁତେ,
ଡାକି ଡାକି ଶୁଖି ଗଲାଣି ଗଳା ହେ ।
ଯେତେ ଡାକିଲି ମୁହିଁ. ଡାକ ଶୁଭିଲା ନାହିଁ ।
ନ ଶୁଣିଲ ନନ୍ଦବଳା !
ହୃଦୟ ଏଡ଼େ ଦାରୁଣ ନ ଶୁଣୁଛ ନାରାୟଣ !
ହୃଦେ ଧରି ବନମାଳା ହେ ।୧।
ହୃଦୟ ଏଡ଼େ ନିଷ୍ଠୁର ନ ଶୁଣ ରଙ୍ଗା ଅଧର
କେଣେ କର ଖେଳା ଲୀଳା ହେ ।
କହେ ଅଭିରାମ ବାଇ ନ ଶୁଣ ହେ ଭାବଗ୍ରାହୀ
ଭାସି ଯାଉଛି ପାଗଳା ହେ ।୨।

## 3.27 କାହିଁପାଇଁ ଚକାଡ଼ୋଳା

(କବି – ସାଲବେଗ)

କାହିଁ ପାଅଁ ଚକାଡୋଳା କଲ ମୋତେ ମାନ ।
କଳାନିଧି ବନମାଳୀ ନନ୍ଦେରି ନନ୍ଦନ ।୧।
କୁଞ୍ଜଲତା ତଳେ ମୁଁ ଯେ କରିବି ଶୟନ ।
ପ୍ରଦକ୍ଷିଣ କରୁଥିବି ଗିରି ଗୋବର୍ଦ୍ଧନ ।୨।
ରାଧାକୁଣ୍ଡେ ଶ୍ୟାମକୁଣ୍ଡେ କରିବି ସ୍ନାହାନ ।
ସାଫଲ୍ୟ କରିବି ମୁଁ ଯେ ମଣିଷ ଜୀବନ ।୩।
ଏ ପିଣ୍ଡରେ ଜୀବ ଥିଲେ ଯିବି ବୃନ୍ଦାବନ ।
ଦର୍ଶନ କରିବି କୁଞ୍ଜେ ମଦନମୋହନ ।୪।
କହେ ସାଲବେଗହୀନ ଜାତିରେ ଯବନ ।
ରାଧାକୃଷ୍ଣ ଭଜୁ ଭଜୁ ଯାଉ ଏ ଜୀବନ ।୫।
କାଳିଆରେ କାଳିଆ, କାଳିଆରେ କାଳିଆ

## 3.28 କାଳିଆରେ କାଳିଆ, ଏ ଜନମ ପରେ ଆର ଜନମକୁ

(କବି – ରାଧାନାଥ ଦାସ)

କାଳିଆରେ କାଳିଆ, କାଳିଆରେ କାଳିଆ
ଏ ଜନମ ପରେ ଆର ଜନମକୁ କରିବୁ ମୋତେ ତୋ ଜମି ହଳିଆ
କାଳିଆରେ କାଳିଆ, କାଳିଆରେ କାଳିଆ
ତୋ ଜମିରେ ଖଟାଇ ବଳ ଲଗାଇବି ସରୁ ଚାଉଳ(୨)
ସେ ଚାଉଳରେ ହୋଇବ ନିର୍ମାଲ୍ୟ (୨) ତାକୁ ଖାଇ ଭକ୍ତ ହେବେ ବାଇଆ

କାଳିଆରେ କାଳିଆ, କାଳିଆରେ କାଳିଆ
ସଙ୍ଗେ ଘେନି ଭଉଣି ଭାଇ ସୁଖେ ଅନ୍ନ ଭୁଞ୍ଜିବୁ ତୁହି(୨)
ଦୁଃଖ ବୁଝୁଥିବୁ ଦୁଃଖି ଜନଙ୍କର(୨) କରିଥିବୁ ମୋତେ ଗଳା ମାଳିଆ
କାଳିଆରେ କାଳିଆ, କାଳିଆରେ କାଳିଆ
ତୋର ଏଇ ସେବାରେ ମୁହିଁ ଦିନ ମୋର ଦେବି ବିତାଇ(୨)
ଏତିକି ଗୁହାରି ପାଦତଳେ ତୋର(୨) ଭୁଲି ନଯିବୁରେ ଜଗନ୍ନାଥିଆ
ଭୁଲି ନଯିବୁରେ ନୀଳଚଳିଆ, କାଳିଆରେ କାଳିଆ, କାଳିଆରେ କାଳିଆ
ଏ ଜନମ ପରେ ଆର ଜନମକୁ କରିବୁ ମୋତେ ତୋ ଜମି ହଳିଆ
କାଳିଆରେ କାଳିଆ, କାଳିଆରେ କାଳିଆ

## 3.29 କାଳିଆ କାହ୍ନୁ ଆଉ ବିଳମ୍ବ କର କାହିଁକି

(କବି - ଗୌରଚରଣ ଅଧିକାରୀ)
କାଳିଆ କାହ୍ନୁ ଆଉ ବିଳମ୍ବ କର କାହିଁକି ।
ବରଷକ ଥରେ ବିଜୟ ରଥରେ ପତିତ ତାରିବା ପାଇଁକି ।।
ଚଉଦ ବ୍ରହ୍ମାଣ୍ଡ ରୁଣ୍ଡ ହୋଇଛନ୍ତି ଦର୍ଶନ କରିବା ପାଇଁକି ।
ଅନେକ କାଳର ଦୁଃଖ ଉପେକ୍ଷିବେ କଳାଶ୍ରୀମୁଖକୁ ଚାହିଁକି ।୧।
ଆଗେ ଗଜପତି ଉଭା ହୋଇଛନ୍ତି ଶିରେ ଯୋଡ଼ି କର ଦୁଇକି ।
ସୁନା ଶୋଧନୀରେ ମାର୍ଜନା କରନ୍ତି ପହଣ୍ଡି ବିଜୟେ ଭୂଇଁକି ।୨।
ଛତିଶା ନିଯୋଗ ଉଭା ହୋଇଛନ୍ତି ଯେ ଭାଜନ ହେବେ ଯହିଁକି ।
ଅ◌ାକାଶେ ଇନ୍ଦ୍ର ଅମର ବୃନ୍ଦ ପୁଷ୍ପ ବୃଷ୍ଟି କରୁଛନ୍ତି ତହିଁକି ।୩।
ତାଳଧ୍ୱଜ ରଥେ ବିଜୟ କରନ୍ତୁ କହିଦିଅ ବଡ଼ଭାଇଙ୍କି ।

ଦେବୀରଥ ବଡ଼ ସୁନ୍ଦର ଦିଶିବ ଭଉଣୀ ହଳଦୀ ମୁହାଁକି ।୪।
ତୁମ୍ଭେ ପଛରେ ପଛକେ ଆସୁଥାଅ କରି ନବରଙ୍ଗ ଛଇକି ।
ମଥା ଦୋହଲାଇ ଚାହିଆ ହଲାଇ ଠାବେ ଠାବେ ରହିରହି କି ।୫।
ସେବକମାନଙ୍କ ଅଙ୍ଗ ଶ୍ରମଝାଳ ଗମଗମ ପଡ଼େ ବହି କି ।
ଝଙ୍କାଝଙ୍କି କରିବାରୁ ବାଧୁଥିବ ପରା ସୁକୁମାର ଦେହିକି ।୬।
ଦେବଦାସୀ ନାଚ ଉକୁଟ କରନ୍ତି ତା ତା ଧିମ୍ରିକିଟି ଥେଇକି ।
ବାଜେ ଖୋଳ ତାଳ ମହୁରୀ ମଞ୍ଜୁଳ ମର୍ଦ୍ଦଳ ତା ଧେଇ ଧେଇକି।୭।
କା ନେତ୍ରୁ ଲୋତକ ବହେ ଥକଥକ କେହି ନାଚେ ଗୀତ ଗାଇକି ।
ଜଗମୋହନିଆ ଜଗତଜନଙ୍କୁ ଲଗାଇଛି ପ୍ରେମ ବାଇକି ।୮।
କେତେ ଖାଇବ କଦଳୀ କରମଙ୍ଗା ସରପୁଳୀ ଖଣ୍ଡଖଇକି ।
ନାଡ଼ି ବଡ଼ି ଗଜା ମନୋହର ଖଜା ଛେନାପୁର ବସାଦହିକି ।୯।
କେ କେତେ ଢ଼ମାଳୀ ଗୀତ ଶୁଣାଇବେ କେ କେତେ କରିବେ ଟାହିକି ।
ଖଣ୍ଡି ଚିରଦୁଃଖ ମଣ୍ଡି ଦେବେ ଆଜ କ୍ଷେତ୍ର ବଡ଼ଦାଣ୍ଡ ସାହୀକି ।୧୦।
ନ'ଦିନ ଅବଧି ଲକ୍ଷ୍ମୀକି ପ୍ରବୋଧି ଆସିଅଛ ପରା କହିକି ।
ତୁନି ହୋଇ ଆସ ଚିହ୍ନି ଅଛଟିକି ଜଳପତି ଜେମାଦେଈକି ।୧୧।
ଆହେ ଚକାଡୋଳା ବୃନ୍ଦାବନଲୀଳା ମନେ ଆଉ ପଡୁନାହିଁକି ।
ଆହେ ବଂଶୀଧରା ଚରାଇବ ପରା ଜଗତ-ଭଗତ-ଗାଈଙ୍କି ।୧୨।
ପାପ-ଅନ୍ଧକାର ଛାର କି କରିବ ଆଉ ସେ ପାରିବ ଛୁଇଁକି ।
ନୀଳଶଇଳ ଶିଖରୀ ପୂର୍ଣ୍ଣଚନ୍ଦ୍ର ଆସୁଛନ୍ତି ପରା ଉଇଁକି ।୧୩।
ଅପଲକ ଦୃଷ୍ଟି କର ରେ ମାନସ ଆଉ ଏ ସମୟ ପାଇକି ।
ଗଉରଚରଣ ପଶିଲା ଶରଣ ନନ୍ଦିଘୋଷ ରଥ ଛାଇକି ।୧୪।

## 3.30 କାଳିଆ ଧନ

(କବି – ସାଲବେଗ)

କାଳିଆ ଧନ

ତୋ ଲାଗି ଯାଉ ଏ ଜୀବନ ।

ବାରେ ନ ଦେଲୁ ଦରଶନ ।

କାଳିଆ କାଳି ଆ ତ୍ରିପଣ୍ଡ କାଳିଆ ପିନ୍ଧିଛି ଝୀନ ପତନି ।

କାଳିଆ ଅଙ୍ଗରୁ ବହେ ଶ୍ରମଝାଳ କାଳନ୍ଦୀ ନଦୀର ପାଣି ।। ୧।

ନନ୍ଦିଘୋଷ ରଥେ ବସିଛି କାଳିଆ ଜଗତ୍ର ମୋହିବା ପାଇଁ ।

ହରି ହରି ବୋଲି ଶବଦ ଶୁଭୁଛି ମନରେ ଆନନ୍ଦ ହୋଇ ।୨।

ଅଣ୍ଟା ଗୋଟି ତୋର ଡମ୍ବରୁ ଆକାର ଗଢ଼ିଛି କେଉଁ ବିନ୍ଧାଣି ।

ଚାଲି ଗୋଟି ତୋର ମତ୍ତଗଜ ପ୍ରାୟେ ଚାହାଣି ତୋ ସିଂହଠାଣି ।୩।

ଏ ଗୋପପୁରରେ ଯେତେକ ବାଳକ ସମସ୍ତେ ଧରନ୍ତି ତାଳ ।

ସର୍ବ ଗୋପୀ ମୁଣ୍ଡେ ଫୁଲ ଦେଇ ଖଣ୍ଡେ କୃଷ୍ଣଶିରେ ଜାମୁଡାଳ ।୪।

ସେପାଖେ ଚତୁରା ଏପାଖେ ଚତୁରୀ ମଝିରେ ଗୁଞ୍ଜାରାମାଳ ।

ଶ୍ରୀ ଜଗନ୍ନାଥଙ୍କ ଶ୍ରୀପାଦେ ଶରଣ କହେ ସାଲବେଗ ହୀନ । ୫।

## 3.31 କାଳିଆ ସାଆନ୍ତେ ହୋ ଶୁଣିବା ହେଉ ଗୁହାରି

( ଗୀତ – ରାଧାନାଥ ଦାସ)

କାଳିଆ ସାଆନ୍ତେ ହୋ କାଳିଆ ସାଆନ୍ତେ ହୋ କାଳିଆ ସାଆନ୍ତେ ହୋ

କାଳିଆ ସାଆନ୍ତେ ହୋ ଶୁଣିମା ହେଉ ଗୁହାରି (୨)

ସକାଳ ପହରୁ ତମରି ଦୂଆରେ ଡ଼ାକି ଡ଼ାକି ଗଲି ସରି

ସୁଣିମା ହେଉ ଗୁହାରି ପ୍ରଭୁ ସୁଣିମା ହେଉ ଗୁହାରି
ତମକୁ ଭରସା କରି ହେ ସାଆନ୍ତେ
ମୋ ଘରେ ପଶିଲା ପାଣି ସାଆନ୍ତେ ହୋ
ମୋ ଘରେ ପଶିଲା ପାଣି
ଭୋକିଲା ପେଟରେ ଦିନ ମୋ ବିତିଲା (୨)
ବାଇଶି ପାହାଚ ଗଣି
ଟଙ୍କ ତୋରାଣିରୁ ମିଳିଲାନି ଟୋପେ (୨)
ରଙ୍କ ପଣ ଗଲା ମରି
ସୁଣିମା ହେଉ ଗୁହାରି  ପ୍ରଭୁ ସୁଣିମା ହେଉ ଗୁହାରି
କାଳିଆ ସାଆନ୍ତେ ହୋ ଶୁଣିମା ହେଉ ଗୁହାରି  (୨)
ବଡ଼ ସିଂହାର ବେଶକୁ ଦେଖିବାକୁ କେତେ କରିଥିଲି ଅଳି (୨)
ଦୂରୁ ଦେଖି ମୋତେ କବାଟ କିଳିଲ ଦେବାକୁ ପଡ଼ିବ ବୋଲି
ଦେଇଥିଲେ ରୁଣି ହୋଇ ନଥାନ୍ତି ମୁଁ(୨)
ଶୁଝିଥାନ୍ତି ସେବା କରି
ସୁଣିମା ହେଉ ଗୁହାରି  ପ୍ରଭୁ ସୁଣିମା ହେଉ ଗୁହାରି
ବଡ଼ ଲୋକ ବୋଲି ତମ ନାମେ ପରା ବାଜୁଛି କେତେ ବାଜଣା (୨)
ଦୁଃଖି ଦୁଃଖ ଯେବେ ନ ବୁଝିଲ ତମେ
କେଉଁ ସାଆନ୍ତରେ ଗଣା (୨)
ମିଛେ ସିନା ଟେକି ଅଛ ଦୁଇ ହାତ (୨)
ସତେ କିଛି ଦେଲା ପରି
ସୁଣିମା ହେଉ ଗୁହାରି  ପ୍ରଭୁ ସୁଣିମା ହେଉ ଗୁହାରି
କାଳିଆ ସାଆନ୍ତେ ହୋ ଶୁଣିମା ହେଉ ଗୁହାରି  (୨)
ସକାଳ ପହରୁ ତମରି ଦୂଆରେ ଡ଼ାକି ଡ଼ାକି ଗଲି ସରି

ସୁଣିମା ହେଉ ଗୁହାରି ପ୍ରଭୁ ସୁଣିମା ହେଉ ଗୁହାରି
ପ୍ରଭୁ ସୁଣିମା ହେଉ ଗୁହାରି

## 3.32 କି ଲାଗି ଡାକିବି ମହାବାହୁ ବୋଲି ଟେକିଲ ତ ନାହିଁ

କି ଲାଗି ଡାକିବି ମହାବାହୁ ବୋଲି ଟେକିଲ ତ ନାହିଁ ହାତ
ହେ ଏ ଏ କି ବୋଲି ଡାକିବି
ମିଛେ ସିନା ଚଉବାହା ବୋଲାଉଛ(୨)
ଭଣ୍ଡିବାକୁ ଜଗନ୍ନାଥ ହେ, ....କି ଲାଗି ଡାକିବି
ବୋଲାଉଛ ମିଛେ ଭକତ ବତ୍ସଳ ତୁମ କପଟର ନାହିଁ ଥଳକୁଳ
ମଝି ଦରିଆରେ ଭାସି ଯାଏ ଯିଏ(୨)
ତାହାକୁ ଛଡ଼ାଅ କାତ ହେ, ....କି ଲାଗି ଡାକିବି
ଏହି ପରା ତୁମ ମହତ ପଣିଆ ଦୀନଜନ ନାଥ ବୋଲି ପଡ଼େ ନାଁ
ବଡ଼ ଲୋକେ ଖିରସର ଖୁଆଇବ(୨)  ରଙ୍କ ମୁଖୁ କାଢ଼ି ଭାତ
ହେ...  କି ଲାଗି ଡାକିବି  ମହାବାହୁ ବୋଲି ଟେକିଲ ତ ନାହିଁ ହାତ
ହେ ଏ ଏ କି ବୋଲି ଡାକିବି

## 3.33 କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ

(କବି – ସାଲବେଗ)
କେଣେ ଘେନି ଯାଉଛ ଜଗନ୍ନାଥଙ୍କୁ
ଆମେ ଦ୍ରଶନ କରିବୁ କାହାକୁ ।।

ଖୁଣ୍ଟିଆ ଡାକ ଦେଲେ ପହଣ୍ଡି ବିଜେ ହେଲେ
ବିଜୟ କର ପ୍ରଭୁ ଚାପକୁ ।୧।
କୁଳବଧୂଙ୍କ ରଡ଼ି ପଣ୍ଡାଏ ଗଡ଼ାଗଡ଼ି
ବିଧାତା ବାମ ହେଲା ଓଡ଼ିଶାକୁ ।୨।
ବଡ଼ ଦେଉଳୁ ବାହାରି ଶଗଡ଼ିରୁ ବିଜେ କରି
ରେଣୁ ଯେ ପଡୁଥିବ ଶ୍ରୀମୁଖକୁ ।୩।
କହଇ ସାଲବେଗ ନିର୍ମାଲ୍ୟ କାହୁଁ ହେବ
ଧିକ ଧିକ ଆମ୍ଭ ଜୀବନକୁ ।୪।

## 3.34 କେତେ ନାଟ ଲଗାଇଛ କଳା ଶ୍ରୀମୁଖ

(ଗୀତ – ଗୌର ପଟନାୟକ)
କେତେ ନାଟ ଲଗାଇଛ କଳା ଶ୍ରୀମୁଖ(୨)
ଚଉଦ ଭୁବନେ ଶୁଭେ ମଣିମା ମଣିମା ଡାକ
ମଣିମା ମଣିମା ଡାକ ମଣିମା ମଣିମା ଡାକ
କେତେ ନାଟ ଲଗାଇଛ କଳା ଶ୍ରୀମୁଖ
କ ସାଥେ ବସିଲ ମିତ୍ର କ ପାଇଁ ନାଶିଲ ନକ୍ର(୨)
କାହା ପାଇଁ ବ୍ୟାଧ ମାରି ଜଗତେ ରଖିଲ ଟେକ
କାରେ ଦେଇ କୋଟି ବସ୍ତ୍ର ହରିଲ ଦୁଃଖ
କେତେ ନାଟ ଲଗାଇଛ କଳା ଶ୍ରୀମୁଖ
କାହାକୁ କଲ ରାଜନ କା ଉଚ୍ଛିଷ୍ଟ କଲ ପାନ(୨)
ଘଣ୍ଟ ଘୋଡ଼ାଇଣ ହରି ପକ୍ଷୀ ଜନ୍ମ କଲ ଧନ୍ୟ
କେଉଁ ନାରୀ ପାଦ ଧରି ହୋଇଲା ମୋକ୍ଷ
କେତେ ନାଟ ଲଗାଇଛ କଳା ଶ୍ରୀମୁଖ

କାହାର ଶରଣ ଯିବି ମୋ ଦୁଃଖ ଫେଡ଼ି କହିବି(୨)
ଚକା ଆଖି ଥାଉଁ ଥାଉଁ ଆଉ କାରେ ଶୁଣାଇବି
ଜୀବନର ଯେତେ ଅଳି ଯାତନା ଦୁଃଖ
କେତେ ନାଟ ଲଗାଇଛ କଳା ଶ୍ରୀମୁଖ
ଚଉଦ ଭୁବନେ ଶୁଭେ ମଣିମା ମଣିମା ଡାକ
ମଣିମା ମଣିମା ଡାକ ମଣିମା ମଣିମା ଡାକ
କେତେ ନାଟ ଲଗାଇଛ କଳା ଶ୍ରୀମୁଖ

## 3.35 କେରି କେରି ସୁନା ଦୁବ ଲୋ ସଜନୀ

(ଗୀତ - ଶୀର୍ଣାନନ୍ଦ ଦାସ କାନୁନଗୋ)
କେରି କେରି ସୁନା ଦୁବ ଲୋ ସଜନୀ
କେରି କେରି ସୁନା ଦୁବ (୨)
ଶ୍ରୀ ଜଗନ୍ନାଥଙ୍କୁ ସୁମରଣା କଲେ (୨)
ସବୁ ଅନୁକୁଳ ହୁଏ ଶୁଭ
କେରି କେରି ସୁନା ଦୁବ ଲୋ ସଜନୀ
କେରି କେରି ସୁନା ଦୁବ (୨)
ବଡ଼ ଅନୁଭବି ଠାକୁର ସିଏ ଲୋ
କଥା ପଚାରିଲେ ଉତ୍ତର ଦିଏ ଲୋ (୨)
ତା ମହିମା କଥା ଜାଣେ ତ ଜଗତ
ସେ ଲାଗି ପରା ସେ ଜଗତର ନାଥ
ଦେଖି ଦେଖି ବଢ଼େ ଲୋଭ ଲୋ ସଜନୀ
ଦେଖି ଦେଖି ବଢ଼େ ଲୋଭ (୨)

କଳା ଶ୍ରୀମୁଖ ମୋ ଆଖିର ପଲକ (୨)
ତା ପରି କିଏ ସେ ଆଉ ହେବ
କେରି କେରି ସୁନା ଦୁବ ଲୋ ସଜନୀ
କେରି କେରି ସୁନା ଦୁବ
ନୀଳାଚଳ ଧାମେ ଦେଉଳ ତାର ଲୋ
ଭକତଙ୍କୁ ଟାଣେ ତାହାରି ଡୋର ଲୋ (୨)
ଆପଦେ ବିପଦେ ହୁଏ ସେ ସାହା ତ
ରତନ ବେଦିରୁ ବଢ଼ାଇ ତା ହାତ
ଡାକି ଡାକି ବୁଝେ ଦୁଃଖ ଲୋ ସଜନୀ
ଡାକି ଡାକି ବୁଝେ ଦୁଃଖ (୨)
ଭାବ ବିନୋଦିଆ ଠାକୁର ସିଏ ଲୋ (୨)
ଭକତଠି ତାର ବଡ଼ ଭାବ
କେରି କେରି ସୁନା ଦୁବ ଲୋ ସଜନୀ
କେରି କେରି ସୁନା ଦୁବ (୨)

## 3.36 କେହି ସରି କି, ପ୍ରଭୁ ପଣେ ନୀଳାଦ୍ରି କେଶରୀ କି

( ଗୀତ – କବିସୂର୍ଯ୍ୟ ବଳଦେବ ରଥ)
କେହି ସରିକି , ପ୍ରଭୁ ପଣେ ନୀଳାଦ୍ରି କେଶରୀ କି
ଯା' ଠାରେ ପୂରିଛି ଦୁଃଖୀଜନ ଦୟା ନଖ ଠାରୁ ଶିଖର ସରିକି ॥
କି କହିବା ଆଉ ତାଙ୍କ ଶ୍ରୀ ଚରଣ ଅନୁସରଣ ଚାତୁରୀ କି
ବଜାଉ ଅଛନ୍ତି ବିଭୀଷଣ ଆଗେ ଜଗତ ବିଜୟ ତୁରୀ କି ॥
ସାନକୁ ବଡ କରିବାରେ ଉଡାଇ ଅଛନ୍ତି ଧ୍ୱଜ ମଞ୍ଜରୀ କି
ଦେଖ ନାଗ ନର ଗନ୍ଧର୍ବ କିନ୍ନର ଉପରେ ଦୃବ ନଗରୀ କି ॥

କି କହିବି ତାଙ୍କ ପୀରତି କରିବା କୀରତି ଚନ୍ଦ୍ର ମାଧୁରୀ କି
ରଙ୍କ ବିପ୍ରପାଦ ଧୁଆଇ ଯା' ଦେଲେ ରମା କରେ ରତ୍ନ ଝରିକି ॥
କ୍ଷମାସାଗର ହେ ତାହାଙ୍କୁ ଭଜିଲେ କାଳ କିଙ୍କରଙ୍କୁ ଡରିକି
ବୋଲେ କବି ସୂର୍ଯ୍ୟ ଆନ ଉପାୟକୁ ପେଲି ଦିଅ ଗିରି ଦରୀକି ॥

## 3.37 କୋଠ ଭୋଗ ଖିଆ

( ଗୀତ – ଶ୍ରୀକ୍ଷୀରୋଦ ଚନ୍ଦ୍ର ପୋଥଳ)
କୋଠ ଭୋଗ ଖିଆ
କୋଠ ଭୋଗ ଖିଆ ମୋ ଚକା ଆଖିଆ ଉଠ ହେ ପହଡ଼ ଭାଙ୍ଗି
ପଣ୍ଡା ପଡ଼ିହାରୀ କରନ୍ତି ଗୁହାରି ହେବାକୁ ଚନ୍ଦନ ଲାଗି
ହେବାକୁ ଚନ୍ଦନ ଲାଗି କୋଠ ଭୋଗ ଖିଆ
ତୁଳସୀର ମାଳ ଦୟଣାର ଚୂଳ ଧରି ଉଭା ଦେବଦାସୀ
ବଡ଼ ସିଂହାରକୁ ବୁଢା ସିଂହାରୀ ଯେ ଉଭା ହୋଇଲେଣି ଆସି
ମଣିମା ମଣିମା ଡାକ ପଡୁଅଛି ଛାମୁ ଦରଶନ ଲାଗି
ହେବାକୁ ଚନ୍ଦନ ଲାଗି କୋଠ ଭୋଗ ଖିଆ
ନିଦା ପଥର ହେ ନିଦେ କି ଶୋଇଲ ଷାଠୀଏ ପଉଟି ଖାଇ
ଅନାଥ ଜନଙ୍କ ଡାକ ନ ଶୁଣୁଛ ଜଗତର ନାଥ ହୋଇ
ଆରତୀ ବେଳ ଯେ ଗଡ଼ିଯାଉଅଛି ଉଠ ହେ ଛପନ ଭୋଗୀ
ହେବାକୁ ଚନ୍ଦନ ଲାଗି କୋଠ ଭୋଗ ଖିଆ
ପତିତପାବନ ବାନା ଉଡ଼ାଉଛ ପତିତ ଉଦ୍ଧାର ପାଇଁ
ମୁଁ ଜଣେ ପତିତ କାନ୍ଦି କାନ୍ଦି ମରେ ମୋ ଡାକ କି ଶୁଭେ ନାହିଁ
ଏଡ଼େ ବଡ଼ ପଣ ବହିଅଛ ପ୍ରଭୁ କୁହ ତେବେ କାହା ଲାଗି
ହେବାକୁ ଚନ୍ଦନ ଲାଗି କୋଠ ଭୋଗ ଖିଆ ମୋ ଚକା ଆଖିଆ

## 3.38 କୃପାସିନ୍ଧୁ ବଦନ କରି ଅବଲୋକନ

(ଗୀତ – (ଆରତତ୍ରାଣ ଚଉତିଶା) ଦୀନକୃଷ୍ଣ ଦାସ) (ରାଗ - କାମୋଦୀ)
କୃପାସିନ୍ଧୁ ବଦନ କରି ଅବଲୋକନ କେଉଁ କରମହୀନ ଜନ ।
କାକୁସ୍ଥତର ହୋଇ କରଯୋଡ଼ି ଜଣାଇ ଗରୁଡ଼ସ୍ତମ୍ଭ ସନ୍ନିଧାନ ହେ ।
ମହାପ୍ରଭୁ ।
କୃପାସରିତପତି ହୋଇ । କରମହୀନଜନ ତହିଁ ।
କରୁଣା କଲ ନାହିଁ କିପାଁ ହେ ଭାବଗ୍ରାହୀ କହ ମୁଁ ବିଚିତ୍ର ମଣଇଁ ହେ ।
ମହାପ୍ରଭୁ ।
ଖିଳ ବ୍ରହ୍ମାଣ୍ଡୋଦରେ କର୍ମହୀନ ଜନରେ ଯେଣୁ ମୋ ସମ ଆନ ନାହିଁ ।
ଖଗତିଳକକାନ୍ତ ସେ କାରଣୁ ଏମନ୍ତ ଖେଦାଅରତେ କହିଲଇଁ ହେ ।
ମହାପ୍ରଭୁ ।
ଖଣ୍ଡିଲ ନାହିଁ ଯେଣୁ ମୋର । ଖେଦକରୁଣାରତ୍ନାକର ।
ଖିଳବ୍ରହ୍ମାଣ୍ଡଧର ଖଣ୍ଡି ନାହିଁ କାହାର କେଉଁ ବିପତ୍ତି ବିଶ୍ୱମ୍ଭର ହେ ।
ମହାପ୍ରଭୁ ।

## 3.39 କୃପାସିନ୍ଧୁ ଦୀନବନ୍ଧୁ କାହିଁକି କରୁଣା ଊଣା

( ଗୀତ – ଗୋବିନ୍ଦ ଭଞ୍ଜ)
କୃପାସିନ୍ଧୁ ଦୀନବନ୍ଧୁ କାହିଁକି କରୁଣା ଊଣା
ମୋହପରି ଦୀନହୀନ ଧରାଧାମେ ନାହିଁ ଶୁଣା ॥
ଭାବି ଯା ନଥିଲି ମନେ ବସଇ ଭବ ଆସନେ
ସୁଖ ସଙ୍ଗେ ଦୁଃଖ ଦେବା

ରୀତି ତ ନ ଥିଲା ଜଣା ॥
ତୃଷାର୍ତ୍ତ ଜନେ ଆଦରେ ଡାକି ବସାଇ ପାଶରେ
ପିଇବା ଆଗୁଁ ଭଣ୍ଡିଲ
ଯାଚି ସୁମଧୁର ପଣା ॥
ବିତରି ସଂସାର ସାର ଫଳକୁ କଲ ଅସାର
ତାର କି ମୋ ଭଗ୍ୟଦୋଷ
ଭାବି ମୁଁ ହେଉଛି ବଣା ॥
ତୁମ୍ଭର ମଙ୍ଗଳ ମୟ ଇଛାରେ ମୁଁ କରି ଲୟ
ନୋହୁଛି ଦୁଃଖିତ ପ୍ରଭୋ !
ପଡି ଏ ବିପଦେ ସି । ॥
ନୃପତି ସୁତ ଗୋବିନ୍ଦ ଚିନ୍ତଇ ପଦାରବିନ୍ଦ
ହେ ମଧୁହାରୀ ମୁକୁନ୍ଦ
ମୋ ଦୁର୍ଭାଗ୍ୟ କର ଚୂନା ॥

## 3.40 କୃଷ୍ଣ କେଶବ ହରି

( ଗୀତ – ବନମାଳୀ ଦାସ)
କୃଷ୍ଣ କେଶବ ହରି ମାଧବ ଦଇତାରି
କଞ୍ଜନୟନ ପ୍ରଭୁ କୁଞ୍ଜବିହାରି।ଘୋଷା।
ଗୋବିନ୍ଦ ନନ୍ଦବାଳ ବାସୁଦେବ ଦୁଲାଳ ବରଜସୁତମେଳ ବକାଅଇରି
ଯଦୁକୁମୁଦଚନ୍ଦ୍ର ଜଗନ୍ନାଥ ଉପେନ୍ଦ୍ର ସାରଙ୍ଗଧାର ରସରାଜ ମୁରାରି।୧।
ବାଳିଭ୍ରାତ-ମଇତ୍ର ମାଳୀ-ସୁଦାମା-ମୁକ୍ତ ଦରନାଶନ ଦାବାନଳଆହାରୀ
ବିଷ୍ଣୁ ପରମାନନ୍ଦ ଆଦିକନ୍ଦ ସୁରେନ୍ଦ୍ର ବ୍ରହ୍ମାଣ୍ଡନାଥ ବଳିଦ୍ୱାର-ଭିକାରୀ।୨।
ରୁଞ୍ଜିଗୁଞ୍ଜମାଳିଆ ଆମ୍ବଜାମୁଡାଳିଆ କାଳିଦଳିଆ କୁଜସୁନ୍ଦରକାରୀ

କେଳିପୁଚ୍ଛଚୂଳିଆ ଧେନୁବୃନ୍ଦଚାଳିଆ   ନୀପମୂଳିଆ ବାଙ୍କ ମୁରଲୀଧାରୀ।୩।
ସତ୍ୟସୁଖଦାୟକ ନିତ୍ୟସ୍ଥଳନାୟକ   ଘେନିମା ଚିତ୍ତେ ମୋର ଏହି ଗୁହାରି
ଭାବଇ ବନମାଳୀ ଏ ନାମ କଣ୍ଠେମାଳୀ କରି ମୋ ଜୀବ ଯିବ ସତେ ବାହାରି।୪।

## 3.41 ଗୁହାରି ମଣିମା ତୁମ ଚରଣେ

(ଗୀତ – )
ଗୁହାରି ମଣିମା ତୁମ ଚରଣେ(୨)
ଆର ଜନମରେ କରିଦିଅ ମୋତେ(୨) ଛତିଶା ନିଯୋଗୀ ଭିତରୁ ଜଣେ
ଗୁହାରି ମଣିମା ତୁମ ଚରଣେ ||୦||
ତୁମ ଖଟଣୀରେ ଦିନ କଟୁଥିବ, ତୁମ୍ଭ ଭକତିରେ ମନ ତିନ୍ତୁଥିବ
ମଣିମା ମଣିମା ଡକା ପାରିଥିବି, ହେଳା କରିବିନି ନିମିଷେ କ୍ଷଣେ ||୧||
ସରି ଯିବ ଯେବେ ମୋ ବଳବୟସ, ହାତ ଗୋଡ଼ ମୋର ହୋଇଲେ ଅବଶ
ଝୁଣ୍ଟିପଡ଼ି ପ୍ରାଣ ଗଲେ ବଡ଼ଦାଣ୍ଡେ, ଗଣାହେବି ସିନା ଭକତ ଗଣେ ||୨||

## 3.42 ଗୋଡ଼ୋ ଯୋଡ଼ିକ ଥାଇ ବୋଇଲେ

(ଗୀତ – ପ୍ରଫୁଲ୍ଲ କର)
ଗୋଡ଼ୋ ଯୋଡ଼ିକ ଥାଇ ବୋଇଲେ(୨) ସତ ମୋ ବଚନ ରାମା (୨)
ଜଗନ୍ନାଥଙ୍କ ଶରଧାବାଲି ଚାଲିବାରେ ମନ, ମୁଁ କ୍ଷେତ୍ର ଯିବି (ଆରେ ୨)
ଜଗନ୍ନାଥଙ୍କ ଶରଧାବାଲି ନିତି ଚାଲୁଥିବି, ମୁଁ କ୍ଷେତ୍ର ଯିବି (ଆରେ ୨)
ହାତ ଯୋଡ଼ିକ ଥାଇ ବୋଇଲେ(୨) ସତ ମୋ ବଚନ ରାମା (୨)
ଜଗନ୍ନାଥଙ୍କ ଗରୁଡ଼ଖମ୍ବ କୁଣ୍ଢାଇବାରେ ମନ, ମୁଁ କ୍ଷେତ୍ର ଯିବି (ଆରେ ୨)

ଜଗନ୍ନାଥଙ୍କ ଗରୁଡ଼ଖମ୍ବ ନିତି କୁଣ୍ଢାଉଥିବି ,  ମୁଁ କ୍ଷେତ୍ର ଯିବି (ଆରେ ୨)
ଆଖି ଯୋଡ଼ିକ ଥାଇ ବୋଇଲେ(୨) ସତ ମୋ ବଚନ ରାମା (୨)
ଜଗନ୍ନାଥଙ୍କ ଚକାଡୋଳା ଦେଖିବାରେ ମନ, ମୁଁ କ୍ଷେତ୍ର ଯିବି (ଆରେ ୨)
ଜଗନ୍ନାଥଙ୍କ ଚକାଡୋଳା ନିତି ଦେଖୁଥିବି,  ମୁଁ କ୍ଷେତ୍ର ଯିବି (ଆରେ ୨)
କାନ ଯୋଡ଼ିକ ଥାଇ ବୋଇଲେ(୨) ସତ ମୋ ବଚନ ରାମା (୨)
ଜଗନ୍ନାଥଙ୍କ ଘଣ୍ଟାମାଡ଼ ଶୁଣିବାରେ ମନ, ମୁଁ କ୍ଷେତ୍ର ଯିବି (ଆରେ ୨)
ଜଗନ୍ନାଥଙ୍କ ଘଣ୍ଟାମାଡ଼ ନିତି ଶୁଣୁଥିବି,  ମୁଁ କ୍ଷେତ୍ର ଯିବି (ଆରେ ୨)
ତୁଣ୍ଡ ଗୋଟିକ ଥାଇ ବୋଇଲା(୨) ସତ ମୋ ବଚନ ରାମା (୨)
ଜଗନ୍ନାଥଙ୍କ ବଗଡ଼ାଅନ୍ନ ଖାଇବାରେ ମନ, ମୁଁ କ୍ଷେତ୍ର ଯିବି (ଆରେ ୨)
ଜଗନ୍ନାଥଙ୍କ ବଗଡ଼ାଅନ୍ନ ନିତି ଖାଉଥିବି,  ମୁଁ କ୍ଷେତ୍ର ଯିବି (ଆରେ ୨)

## 3.43 ଘୁଁ ଘୁଁ ଘୁଁ ଘୁଁ ରଥ ଚାଲିଚି ବସିଛି ମୋ ଜଗନ୍ନାଥିଆ

( ଗୀତ – ଗୋପୀକୃଷ୍ଣ ବେହେରା)
ଘୁଁ ଘୁଁ ଘୁଁ ଘୁଁ ରଥ ଚାଲିଚି ବସିଛି ମୋ ଜଗନ୍ନାଥିଆ ( ୨)
କରି କରାଉଚି ମାରୁଚି ତାରୁଚି  (୨)
ନାହିଁ କେହି ତା ଭଳିଆ ରେ ନାହିଁ କେହି ତା ଭଳିଆ
ଘୁଁ ଘୁଁ ଘୁଁ ଘୁଁ ରଥ ଚାଲିଚି ବସିଛି ମୋ ଜଗନ୍ନାଥିଆ
କେ ଡ଼ାକେ ବ୍ରହ୍ମାଣ୍ଡ ଗୋସାଇଁ ରେ ଗୋସାଇଁ
କେ କହେ କାଳିଆ କହ୍ନାଇ ରେ କହ୍ନାଇ
କେ ଡ଼ାକେ ବ୍ରହ୍ମାଣ୍ଡ ଗୋସାଇଁ ରେ ଗୋସାଇଁ
କେ କହେ କାଳିଆ କହ୍ନାଇ ରେ କହ୍ନାଇ
ସବୁ ଧରମକୁ ଆଡ଼େଇ ଦିଏ ବଡ଼ ଦାଣ୍ଡେ ଗଡ଼େଇ

ବଳିଆର ଭୁଜ ଟେକି ସେ ଦେଇଚି ତରି ଯିବେ ବାରଜାତିଆ
ଘୁଁ ଘୁଁ ଘୁଁ ଘୁଁ ରଥ ଚାଲିଚି ବସିଛି ମୋ ଜଗନ୍ନାଥିଆ
ସାଧୁ ସନ୍ଥଙ୍କର ମେଳାରେ ହୋ ମେଳାରେ
ତରି ବାକୁ ତିନି ଭେଳାରେ ହୋ ଭେଳାରେ
ସାଧୁ ସନ୍ଥଙ୍କର ମେଳାରେ ହୋ ମେଳାରେ
ତରି ବାକୁ ତିନି ଭେଳାରେ ହୋ ଭେଳାରେ
ଖଞ୍ଜାଇ ଛତିସା ନିଯୋଗ
ଭୁଞ୍ଜାଇ ନାନା ଜାତି ଭୋଗ (୨)
ଦଇତାପତି ହେ ବାନ୍ଧି ରଡ଼ୁଚନ୍ତି ଦେଖିବା କି ନେଇଯିବ ଛତିଆ
ଘୁଁ ଘୁଁ ଘୁଁ ଘୁଁ ରଥ ଚାଲିଚି ବସିଛି ମୋ ଜଗନ୍ନାଥିଆ
କରି କରାଉଚି ମାରୁଚି ତାରୁଚି
ନାହିଁ କେହି ତା ଭଳିଆ ରେ ନାହିଁ କେହି ତା ଭଳିଆ
ଘୁଁ ଘୁଁ ଘୁଁ ଘୁଁ ରଥ ଚାଲିଚି ବସିଛି ମୋ ଜଗନ୍ନାଥିଆ
ଘୁଁ ଘୁଁ ଘୁଁ ଘୁଁ ରଥ ଚାଲିଚି ବସିଛି ମୋ ଜଗନ୍ନାଥିଆ ରେ
ବସିଛି ମୋ ଜଗନ୍ନାଥିଆ ରେ  ବସିଛି ମୋ ଜଗନ୍ନାଥିଆ

## 3.44 ଚକାଆଖି ଦେଖୁଚି ସତ ମିଛ ସବୁ ଶୁଣୁଚି

(ଗୀତ – )
ଚକାଆଖି ଦେଖୁଚି ସତ ମିଛ ସବୁ ଶୁଣୁଚି(୨)
କାହାକୁ ଦେଉଚି କାହାଠୁଁ ନେଉଚି(୨),
ତା କଥା ଏକା ସିଏ ଜାଣିଚି, ସିଏ ଜାଣିଚି |୦|
ଚନ୍ଦନରେ ଚାପ ଖେଳୁଚି, ଚାପ ଖେଳୁଚି;

ଖିଲେ ଖିଲେ ପାନ ଖାଉଚି, ପାନ ଖାଉଚି(୨)
ପହଣ୍ଡିରେ ବାଟ ଚାଲୁଚି ରଥ ଚଢି ବୁଲି ଯାଉଚି(୨)
ପାପୀକୁ ଦେଖୁଚି ତପୀକୁ ଦେଖୁଚି(୨)
ଗାଳିଠୁଁ ଗୁହାରି ସବୁ ଶୁଣୁଚି, ସବୁ ଶୁଣୁଚି |୧|
ଫଗୁଣରେ ଫଗୁ ଖେଳୁଚି, ଫଗୁ ଖେଳୁଚି;
ବିମାନରେ ଦୋଳି ଝୁଲୁଚି, ଦୋଳି ଝୁଲୁଚି(୨)
ରାସ ଦିନେ ରାସ ରଚୁଚି ବେଶ ପରେ ବେଶ ହେଉଚି(୨)
ଯୋଗୀକୁ ଦେଖୁଚି ଭୋଗୀକୁ ଦେଖୁଚି(୨)
ନୀଳାଚଳେ ବସି ଲୀଳା କରୁଚି, ଲୀଳା କରୁଚି |୨|

## 3.45 ଚକାଡୋଳା ଚିକ୍କଣ କଳା

( ଗୀତ – ଭରତ ଦାସ)
ଚକାଡୋଳା ଚିକ୍କଣ କଳା ଚଉବର୍ଗ ଦାନୀ ନନ୍ଦର ବଳା ।
ଚାହିଁବା ମାତ୍ରକେ ଦୁରିତ ପଳାଏ ଶୋରିଷ ନ ରହେ ସଂସାର ଜ୍ୱାଳା ॥
ଚମତ୍କାର ବେଶ ପ୍ରଭୁ ହୃଷିକେଶ ଚରଣ ଚାପନ୍ତି ଯାର କମଳା ।
ଚଉଦ ବ୍ରହ୍ମାଣ୍ଡ ଯା'କର ବଲ୍ଲଭ ଚମ୍ପା ଦୟଣିଆ ଭାବଭୋଳା ॥
ଚାରିଧାମେ ସାର ଶ୍ରୀପୁରୁଷୋତ୍ତମ କ୍ଷେତ୍ରବର ନାମେ ଯେବଣ ଖଳା ।
ଚଟକ ନୀଳକନ୍ଦର ମୃଗପତି ଭଲା ଭିଆଇଲେ ଭକତ ମେଳା ॥
ଚଢି ନନ୍ଦିଘୋଷ ଅତ୍ୟନ୍ତ ଉଲ୍ଲା ସେଲଗାନ୍ତିଟି ରଥ ଉତ୍ସବ ଲୀଳା ।
ଚନ୍ଦନପାଟି କି ମନୋହର ଦିଶେ ଅଳକ ଆବଳି କୁଣ୍ଡଳ ଖେଳା ॥
ଚତୁର୍ଦ୍ଧାମୂରତି ଜଗତର ପତି ଚତୁର ସାମନ୍ତ ସେ କଳା ଧଳା ।
ଚିତ୍ତ ରଞ୍ଜନିଆ ଗର୍ବ ଗଞ୍ଜନିଆ ଚରଣେ ଭରତ ମତ୍ତ ବତ୍ସଳା ॥

## 3.46 ଚକାନୟନକୁ ପତିତ କେହି ତକାଇ ଖର ନିଃଶ୍ୱାସ ପକାଇ

( ଗୀତ – ଚନ୍ଦନ ହଜୁରୀ)
ଚକାନୟନକୁ ପତିତ କେହି ତକାଇ ଖର ନିଃଶ୍ୱାସ ପକାଇ
ଡକା ପକାଇ ଗରୁଡ ପଛରେ ବକାରି ମୋ ଆର୍ତ୍ତ ଶୁଣ ସତ୍ୱରେ ହେ
ଧକ୍କା ବାଜୁଛି ମହିମା ହେ
ଠକାର କରି କର୍ଣେ ଗିର ନ ଶୁଣ କାହିଁକି ବିଚିତ୍ର କର୍ମା ହେ ।।
କରି ହରିଣୀ ଦ୍ରୌପଦୀ ବିପତ୍ତି ହରି କରିଛ ପରା ଡେରି ଶୃତି
ଦରିଦ୍ର ସୁଦାମାକୁ କୋଟି ନିଧି ପରିପୂର୍ଣେ ଦେଲ କୃପା ବାରିଧି ହେ
ଧରିଯା ମହିମା ଚିତ୍ତେ ହେ
ସରିତ ଯାଉଛି ହରି ! ଆଉ ଥରେ ନ ଚାହିଁଲ କୃପା ନେତ୍ରେ ହେ ।।
ଆଜାନୁବାହୁ ମୁଁ ପତିତ ଜଣେ ଅଜାମିଳୁ ବଳି ସହସ୍ର ଗୁଣେ
ଲଜ୍ଜା ହରି ନ ତାରିଲେ ନିକର ଧ୍ୱଜା ଚକ୍ରୁ ବହନ ଉତାର ହେ
ମଜ୍ଜାରେ ମୁଁ ଏହା ଭାବେ ହେ
ବଜାଇ ଜୟ ଆର୍ତତ୍ରାଣ ଡିଣ୍ଡିମ ହଜାଇ ଦେଉଛ ଏବେ ହେ ।।
ପିତା ମାତା ସେବା ମୋର ବିଭଙ୍ଗ ଲିତାକୁ ଲିତା ମୋ ଅସତ ସଙ୍ଗ
ଶୀକାରେ ଅବଗାହି ନାହିଁ ଦିନେ ଗୀତା ଭାଗବତ ନ ଶୁଣେ କର୍ଣେ ହେ
ପୀତାମ୍ବର ଚିତ୍ତେ ଚିନ୍ତି ହେ
କି ତାପ ଚିତ୍ରଗୁପତୁଁ ଚିରାଇବ ମୋ ଅନ୍ତକାଳେ ଯେମନ୍ତି ହେ ।।
ବଟ ପୁଟ ବାସୀଆରତ ତ୍ରାଣ ଘଟଘଟ କେ ରହି ସବୁ ଜାଣ
ଖଟନ୍ତି ଯେଉଁ ଚରଣେ କମଳା ହଟକରି ମୋ ଦୁର୍ଦ୍ଧଶା ନ ଗଲା ହେ
ନଟବର ବେଶ ଧାରୀ ହେ
ଝଟତିରେ ପ୍ରଭୁ ଶୃତି ଡେରି ଶୁଣ ଏ ଦୀନ ଜନ ଗୁହାରୀ ହେ ।
ପାଣ୍ଡୁ ପ୍ରିୟ ହେ ଦଣ୍ଡୁଛ କି ଦୋଷ ଦାଣ୍ଡକୁ ଏ କଥା କେମନ୍ତ ଦିଶେ

ଚାଣ୍ଡରେ ମଇତ୍ର ଛଳେ ଆପଣ କାଣ୍ଡରେ ନେଲେ ବାଳୀର ପ୍ରାଣ ହେ
ତାଣ୍ଡବ ନୃତ୍ୟକାରୀଙ୍କି ହେ
ରାଣ୍ଡ କରିଦେଲେ ବିଷ୍ଣୁକୂଟ ମାୟା ଲଗାଇ ଦେଇ ଭେଳିକି ହେ ॥
ଆରତ କେହି ନାହିଁ ମୋର ପ୍ରଭୁ ଆରତ ତ୍ରାଣ ପରିତ୍ରାଣ ସବୁ
ସାରଥି ହୋଇ ପାର୍ଥ ରଥେ ଶ୍ୟାମ ଭାରତ ଯୁଦ୍ଧେଭରତିଆ ଡିମ ହେ
ସାରା ଘଣ୍ଟା ଘୋଡାଇଣହେ
ମୋର ପିଅର ତ ପରାଣ ରଖିଛ ରୁହାଇଛ ବଡ ପଣ ହେ ॥
ପକ୍ଷୀହୀନ ଜନ-ରକ୍ଷଣ ବୋଲି ଲକ୍ଷ୍ମଣ ଅଗ୍ରଜଙ୍କୁ ଆଶ୍ରେ କଲି
ପକ୍ଷ ଦାୟକ ହେ ଲକ୍ଷ୍ମଣ ସୁଖ ଦକ୍ଷ ପଣେ ରଖିବାରେ ନ ରକ୍ଷ ହେ
ଲକ୍ଷ୍ୟ କେ ତୁମ୍ଭର ଅଛି ହେ
ବିଷ ବିଦାରିଛ ନକ୍ଷେ ହିରଣ୍ୟର ପ୍ରହଲ୍ଲାଦ ମାନ ଇଛି ହେ ॥
ଧଣ୍ଡାମାଳ ବୁହା ଦୁର୍ଦ୍ଧଶା ରାହୁ ଚଣ୍ଡାଳ ଗ୍ରାସୁଅଛି ଚାହୁଁ ଚାହୁଁ
ଭଣ୍ଡାରେ ଖଣ୍ଡା ନହିଁକି ମଣିମା ଗଣ୍ଡାକର ଦିଶୁ ହିଁ ମହିମା ହେ
ଥଣ୍ଡା କରି କୃପାଜଳ ବୃଷ୍ଟିକର ମୋ ଚିତ୍ତ ଚାତକ ପାଟି ହେ ॥
ମନ୍ଦର ଧର ନୀଳଗିରି ବାସୀ କନ୍ଦର ବାସୀ ପ୍ରାୟେ ଅଛ ବସି
କନ୍ଦର ନେତ୍ର ଧାତା ପୁରନ୍ଦର ବନ୍ଦନା କରନ୍ତି ଯେଉଁ ପୟରେ ହେ
ଛନ୍ଦ ଛାଡ ଦେବରାଜ ହେ
ନନ୍ଦନନ୍ଦନ ଶ୍ରୀ ଚରଣାବିନ୍ଦେ ଚନ୍ଦନ ହଜୁରୀ ଭଜେ ହେ ॥

## 3.47 ଚକାନୟନ ହେ ! ଜଗୁ ଜୀବନ ଶ୍ରୀହରି

( ଗୀତ - ମାଧବୀ ଦାସୀ)

ଚକାନୟନ ହେ ! ଜଗୁ ଜୀବନ ଶ୍ରୀହରି
କାତରେ ଜଣାଣ କରୁଛି ଛାମୁରେ

ଶୁଣ ପ୍ରଭୁ ଶ୍ରୁତି ଡେରି ।।ଘୋଷା।।୦।।
କେତେ ସଙ୍କଟୁ କାହାକୁ ରଖି ନାହଁ_ ଦୟାଳୁ ସାରଙ୍ଗଧାରୀ
ତା' ବର୍ଣ୍ଣି ବସିଲେ ପୋଥିକର ପାଠ_ କି ବର୍ଣ୍ଣିବ ଏ ପାମରୀ।।୧।।
ଅହଲ୍ୟା ତାରଣ ଦ୍ରୌପଦୀ କଷଣ_ ହେଳେ ଦେଇଛ ନିବାରି
ମୃଗୁଣୀ ଆରତ ଜାଣି ଜଗନ୍ନାଥ_ ବିପଦୁ ଦେଲ ଉଧାରି।।୨।।
ଶବରୀକି ଦିବ୍ୟ ଗତି ଯାଚି ଦେଲ_ ତା' ଉଚ୍ଛିଷ୍ଟ ଭକ୍ଷି କରି
ମୀରା କରମାଙ୍କ ଭାବେ ହୋଇ ରଙ୍କ_ ସ୍ଥାନ ଦେଲ ବ୍ରଜପୁରୀ।।୩।।
ଜୀବନ୍ତୀ ପିଙ୍ଗଳା ଆଦି ବାରବାଳା_ ସଂସାରୁ ଗଲେ ନିସ୍ତରି
ଅପାର ମହିମା କେତନ ଉଡାଇ_ ରଖିଛ କୀରତି ଶିରୀ।।୪।।
ମୁଁ ଛାର ନିର୍ମାଖୀ ତୁମ୍ଭର ସେବକୀ_ ପଣ କୁ ଅଯୋଗ୍ୟ ନାରୀ
କରୁଛି ଦିଇନି ଯୋଡି କର ବେନି_ ଶୁଣ ମାଧବୀ ଗୁହାରି।।୫।।

## 3.48 ଚନ୍ଦନପୁରରୁ ପତିତପାବନ ଅଳପ ଅଳପ ଦିଶେ

(ଗୀତ - ଅରୁଣ ମନ୍ତ୍ରୀ)
ଚନ୍ଦନପୁରରୁ.... (ହୋ ୨) ପତିତପାବନ ଅଳପ ଅଳପ ଦିଶେ
ସଙ୍ଗାତରେ ଅଳପ ଅଳପ ଦିଶେ
ଚନ୍ଦନପୁରରୁ ପତିତପାବନ ଅଳପ ଅଳପ ଦିଶେ
ସଙ୍ଗାତରେ ଅଳପ ଅଳପ ଦିଶେ
ବାଟ ମଙ୍ଗଳାରୁ ବଡ଼ଦେଉଳ(୨) ପାଖେଇ ପାଖେଇ ଆସେ
ସଙ୍ଗାତରେ ପାଖେଇ ପାଖେଇ ଆସେ, ଚନ୍ଦନପୁରରୁ.... (ହୋ ୨)
ଅଠରନଳା ଛୁଇଁଲା ପରେ ଚଞ୍ଚଳ ହେଲା ପାଦ
ମାଉସୀ ଘର ରାଜନ ଅର ତା ପରେ ବଡ଼ଦାଣ

ଅଠରନଳା ଛୁଇଁଲା ପରେ ଚଞ୍ଚଳ ହେଲା ପାଦ
ମାଉସୀ ଘର ରାଜନ ଅର ତା ପରେ ବଡ଼ଦାଣ୍ଡ
ସିଂହ ଦୁଆର.ରେ...(ହୋ ୨) ସବୁତ ମତେରେ ଅଭଡ଼ା ଅଭଡ଼ା ବାସେ
ସଙ୍ଗାତରେ ଅଭଡ଼ା ଅଭଡ଼ା ବାସେ, ଚନ୍ଦନପୁରରୁ.... (ହୋ ୨)
ବାଇଶି ପାହାଚ ଟପି ମୁଁ ହେଲି ଗରୁଡ଼ ପଛରେ ଉଭା
ମନ ମୋହନ ଚକାନୟନ ଆହାକି ମନଲୋଭା
ବାଇଶି ପାହାଚ ଟପି ମୁଁ ହେଲି ଗରୁଡ଼ ପଛରେ ଉଭା
ମନ ମୋହନ ଚକାନୟନ ଆହାକି ମନଲୋଭା
ବାହୁ ମେଲି ସେ ....(ହୋ ୨) ଗମ୍ଭିରୀ ଭିତରୁ ମୁରୁକି ମୁରୁକି ହସେ
ସଙ୍ଗାତରେ ମୁରୁକି ମୁରୁକି ହସେ, ଚନ୍ଦନପୁରରୁ.... (ହୋ ୨)

## 3.49 ଚନ୍ଦନ ଲାଗି ସମୟେ ଚିନ୍ତ ଚିନ୍ତାମଣିଙ୍କି

( ଗୀତ – ଶ୍ରୀ ପିଣ୍ଡିକି ଚନ୍ଦନ)
ଚନ୍ଦନ ଲାଗି ସମୟେ ଚିନ୍ତ ଚିନ୍ତାମଣି କି।।
ସୁବେଶର ଲାଗି ଶେଷ ଲାଗି ହୋଇ ଝୀନବାସ
କଟୀରେ ସୁବର୍ଣ୍ଣଝୁମ୍ପା, ଆହା କେଡେ ଠାଣି କି।।
ତିନିବାଡେ ତିନିଲୋକ ସେବକ ପଶୁପାଳକ
ରତ୍ନସଂହାସନେ ଉଭା ଯୋଡ଼ି ବେନି ପାଣି କି।।
ଚନ୍ଦନ ସଂସ୍କାର ସାରି ପ୍ରଭୁ ଅଙ୍ଗେ ଲାଗିକରି
ହରି ଭଦ୍ରା ସୁଦର୍ଶନ କମଳା ଘରଣୀ ଙ୍କି।।
ହଡ଼ପ ନାୟକ ରହି ବିଡିଆ ପତ୍ରକୁ ବହି
କରାଇ ମଣୋହି ତହିଁ କମ୍ବୁଚକ୍ରପାଣି କି।।

ଡାକଇ ଖୁଣ୍ଟିଆ ଦ୍ୱିଜ ମଣିମା ଭୋ ଦେବରାଜ
ଅଖିଳ ବ୍ରହ୍ମାଣ୍ଡ ନାଥ ପ୍ରଭୁମନ ଜାଣିଙ୍କି।।
ନିଜ ନିଜ ଗୁଣାବଳୀ ବୀଣା ନାଦେ କୁତୁହଳୀ
ପଳାଇ ଦୂରିତ ପାପ ହରିଧ୍ୱନି ଶୁଣି କି।।
ସେକାଳେ କଳା ଶ୍ରୀମୁଖ ଶୁଣନ୍ତି ସକଳ ଦୁଃଖ
ଦର୍ଶନେ ପ୍ରସନ୍ନ ହୋଇ ରଖ ଦୁଃଖୀ ଶ୍ରେଣୀ କି।।
ଆର୍ଦ୍ରେ ଶ୍ରୀଚନ୍ଦନ ଭାଷେ ଚିନ୍ତାବଳୀ ମଧ୍ୟେ ଭାସେ
କରୁଣା ନାବେ ବସାଇ କୂଳେ ରଖ ଆଣି କି।।

## 3.50 ଚାଲ ଦେଖିବା ସଜନୀ

(ଗୀତ – ଶ୍ୟାମ)
ଚାଲ ଦେଖିବା ସଜନୀ ।
ପହଣ୍ଡି ବିଜୟେ ବଳିଆର ଭୁଜ ହେବେଣି ।।
ସୁରଙ୍ଗ ଅଧର ଶୋଭା ଦିଶୁଥିବ ସଜନୀ ।
ଭାସୁଥିବା ପରି ଜଳେ ପଦ୍ମରାଗ ତରଣୀ ।
ଛନ୍ଦିହୋଇଥିବେ ପ୍ରଭୁ ପିନ୍ଧି ପୀତପତନୀ ।
ଝୁଲୁଥିବ ମସ୍ତକରେ ପୁଷ୍ପଝରା ମଣ୍ଡନୀ ।୧।
ଲାଗିଥିବ ଭାଲେ ନବରତ୍ନ ଚିତା ସାଜେଣି ।
ଗଗନେ ଉଦିତ ହେଲା ପରି ପ୍ରାତ ତରଣି ।
ଅଗ୍ରେ ମିଳି ନୃତ୍ୟ କରୁଥିବେ ଢ଼ଳି ଖଟଣି ।
ଆସୁଥିବେ ପ୍ରଭୁ ରଙ୍ଗେ କରି ଢଳି ଚାହାଣି ।୨।
ସଙ୍ଗେ ଥିବେ ଭାଇ ବଳରାମ ଭଦ୍ରା ଭଗିନୀ ।

ଆଜ ଚକାନୟନର ଚତୁରଙ୍ଗ ସାଜେଣି ।
କହେ ଶ୍ୟାମ ଏ ଉତ୍ସବ ନାଗି ତିନି ଧରଣି ।
ଧନ୍ୟ ହେବ ନେତ୍ର ତୋର ଆଗୋ ପ୍ରାଣ ମିତଣୀ ।୩।

## 3.51 ଚାଲ ସଖୀ ଆମ୍ଭେ ଦର୍ଶନ କରିବା

(କବି – ସାଲବେଗ)
ଚାଲ ସଖୀ ଆମ୍ଭେ ଦର୍ଶନ କରିବା
ନୀଳଗିରି କାଳିଆକୁ
କେଉଁ ସୁରପତି ବେଶ କରିଅଛ
ଗିରିବର ତୋଳିଆକୁ
ସେ ଯେ ଶ୍ରୀମୁଖ ତୋରା
ଶିରେ ସୁନାସୁତା କେରା କେରା।।୧।।
ଶ୍ୱେତ ପଦ୍ମ ଆଖି ଦେଖିଲେ ଗୋ ସଖୀ
ଚିତ୍ତ କି ବାହୁଡେ ଆଉ
କର୍ଣ୍ଣରେ କୁଣ୍ଡଳ ଦିଶେ ଝଲମଲ
କଉସ୍ତୁଭ ଦାଉ ଦାଉ
ସେ ଯେ ହିଆ ବୃଷାନ,
ମିଶାମିଶି ବରାନିଧି ଫଳ।।୨।।
ଶଙ୍ଖ ଚକ୍ର ଗଦା ପଦ୍ମ ମହାପ୍ରଭୁ
ଧରିଛନ୍ତି ଆଣ୍ଠ କରି
ଦୁଃସହ ଦୁର୍ଗତି ଗ୍ରହ ପୀଡାମାନେ
ଆଉ କି ପଶିବେ ଡରି

ସେ ଯେ ଦୟାସାଗର

ତାଙ୍କ ପଦ୍ମ ପାଦେ ଲୟ କର।।୩।।

ଶ୍ରୀପୁରୁଷୋତ୍ତମ ରହଣି କରିବା

ଖାଇବା ଛଡ଼ା ତୁଳସୀ

କହେ ସାଲବେଗ ସିଂହଦ୍ୱାରଠାରେ

ହୋଇଥିବା କ୍ଷେତ୍ରବାସୀ

ସେ ଯେ ଆରତ ତ୍ରାଣ

କାଳଗଜକୁ ସିଂହ ପ୍ରୟାଣ

ଚାଲ ଚାଲ ପଶିବା ଶରଣ।।୪।।

## 3.52 ଚାହିଁ ଚାହିଁ ଦିନ ଗଲା ରେ ଚକାଡୋଳା

(କବି – ଭିକାରି ବଳ)

ଚାହିଁ ଚାହିଁ ଦିନ ଗଲା ରେ ଚକାଡୋଳା ଚାହିଁ ଚାହିଁ ଦିନ ଗଲା(୨)

ତୋତେ କରି ଆଶା ହେଲି ଲୋକହସା(୨)

ଦୁଃଖ ମୋର ନସରିଲା ରେ ଚକାଡୋଳା ...

ନୀଳାଚଳେ ତୋତେ ଦେଖିବା ପାଇଁକି ଚାଲିଚାଲି ପାଦ ଯାଇଛି ମୋ ଥକି(୨)

ବାଟ ଚାଲିବାର ମୂଳ ମିଳିଯାଉ(୨)

ହାଟ ମୋ ସରି ଆସିଲା ରେ ଚକାଡୋଳା ...

ମୁଁ ଯାହା ମାଗିବି ତୋତେ ସବୁ ଜଣା କରୁଣାରୁ ତୋର କରିବୁନି ଊଣା(୨)

ଭକତଙ୍କ ପାଇଁ ଦେଉଳ ଦୁଆର(୨)

କରିଛୁଁ ପରା ତୁ ଖୋଲା ରେ ଚକାଡୋଳା ...

ମୋ ଦୁଃଖ ଗଞ୍ଜଣା ନବୁଝିବୁ ଯେବେ କାହାକୁ ଆଉ ମୁଁ ଜଣାଇବି ତେବେ(୨)

ମନା କରିଦେଲେ ଫେରିଯିବି ମୁହିଁ(୨)
ଭାବିବି କପାଳେ ଥିଲା ରେ  ଚକାଡୋଳା ...

## 3.53 ଚିତ୍ତ ଚିନ୍ତ ଜଗନ୍ନାଥ କଳାମୁଖକୁ।

(କବି - ବ୍ରଜନାଥ ବଡ଼ଜେନା)
ଚିତ୍ତ ଚିନ୍ତ ଜଗନ୍ନାଥ କଳାମୁଖକୁ।
ପାଇବୁ ପରମାନନ୍ଦ ସୁଖକୁ ରେ।
ଅରୁଣ ରଙ୍ଗ ଅଧର ଆହା କେଡେ ମନୋହର
ହସୁଥିଲା ପ୍ରାୟେ ଦିଶେ ପାଖକୁ ରେ।।
ପ୍ରବଳ ବିପୁଳ ବାହା ଟେକିବା ଭଙ୍ଗିକି ଚାହାଁ
ଯାହା ତଳେ ରଖନ୍ତି ଅରକ୍ଷକୁ ରେ।।
ସୁନିଶ୍ଚଳ ଚକାଆଖି ଚାହିଁଲେ କରି ନିରେଖି
ନ ଯିବୁ ଯମ ଦଣ୍ଡ ପାଖକୁ ରେ।।
କରୁଣାରେ ପରିପୂର୍ଣ୍ଣ ଢାଳେ ପଙ୍କଜ ନୟନ
ତାରୁଛନ୍ତି ପାପୀ ଲକ୍ଷ ଲକ୍ଷକୁ ରେ।।
ଅଟନ୍ତି ସେ ଭାବଗ୍ରହୀ ଶ୍ରୀବତ୍ସ ପାଦକୁ ବହି
ଅଛନ୍ତି ଅନାଉ କିନା ବକ୍ଷକୁ ରେ।।
କର୍ଣ୍ଣେ ମକର କୁଣ୍ଡଳ ଝଲକେ ଗଣ୍ଡମଣ୍ଡଳ
ନାହିଁ ତ ଉପମା ଦେବା ଲକ୍ଷ୍ୟକୁ ରେ।।
କପୋଳେ ରତନ ଚିତା ଦେଖି ଧରି ନୋହେ ଚେତା
ତଥିପରେ ହେମ ରାହୁ ରେଖକୁ ରେ।।
ବ୍ରଜନାଥ ବୋଲେ କାଳଦେବତା ନ ଧରୁ ବାଳ

କରିଥା  କରୁଣାସିନ୍ଧୁ  ପକ୍ଷକୁ  ରେ।।

## 3.54 ଜଗନ୍ନାଥୀଆର ଶ୍ରୀମହାପ୍ରସାଦ ପାଗଳ କଲାରେ ଭାଇ

(କବି – ରାଧାନାଥ ଦାସ)
ଜଗନ୍ନାଥୀଆର ଶ୍ରୀମହାପ୍ରସାଦ ପାଗଳ କଲାରେ ଭାଇ
ସହିଲାନି ତର ହୋଇ ଆଗଭର ଶ୍ରୀକ୍ଷେତ୍ରେ ଆସିଲି ଧାଇଁ
ମୋତେ କାଳିଆ କଲାରେ ବାଇ(୨)
ଦେଖିଲି ବସିଛି ଚକାଆଖିଆ ଯେତେ ଦେଖୁଥିଲେ ଲାଗୁଛି ନୂଆ
ଆଖି ଗଲା ଲାଖି ଆଖିରେ ତାର ଭୁଲିଗଲି ମୋର ଘର ସଂସାର
ମନ ହେଲା ତାର ସେବାରେ ଖଟନ୍ତି(୨)
ଜଗତ ଜଞ୍ଜାଳ ଦୂରରେ ଥୋଇ
ମୋତେ କାଳିଆ କଲାରେ ବାଇ(୨)
ଆନନ୍ଦବଜାରେ ହାଜର ହେଲି ମଜାରେ ଖାଇଲି ଅଭଡ଼ା ଡାଲି
ଖାଇ ସାରି ମୁଣ୍ଡେ ପୋଛିଲି ହାତ ସିଂହ ଦ୍ୱାରେ ଯାଇ ଗାଇଲି ଗୀତ
ସୁଖର ଦୁଃଖର ସାଥୀ ସିଏ ମୋର(୨)
ତା ବିନା ମୋହର କେହିତ ନାହିଁ
ମୋତେ କାଳିଆ କଲାରେ ବାଇ(୨)
ଜଗନ୍ନାଥୀଆର ଶ୍ରୀମହାପ୍ରସାଦ ପାଗଳ କଲାରେ ଭାଇ
ସହିଲାନି ତର ହୋଇ ଆଗଭର ଶ୍ରୀକ୍ଷେତ୍ରେ ଆସିଲି ଧାଇଁ
ମୋତେ କାଳିଆ କଲାରେ ବାଇ(୨)

## 3.55 ଜଗନ୍ନାଥ କଲେ ଯା ଅନାଥ

(କବି - ବୀରକେଶରୀ ଦେବ)
ଜଗନ୍ନାଥ କଲେ ଯା ଅନାଥରେ ଆଉ କେ ହରିବ ଦୁଃଖ ।
ଜଗତେ ଏ ପରା ପଡ଼ିଗଲେ ଧରା କି ବୋଲିବେ ପଦ୍ମମୁଖ ।।
ଯୋଗୀ ଅନୁରାଗୀ କହନ୍ତି କି ଲାଗି ଶରଣ ରକ୍ଷଣ ବାନା ।
ଅନ୍ଧକାର ଘୋଟି ଗଲେ ବକ୍ଷ ଫାଟି ନ ଚାହାନ୍ତି ଥରେ ଅନା ।୧।
ସାହା ଚଉବାହା ନୋହିଲେଟି ଯାହା ଦେଖି ମୋ ଜୀବନ ବ୍ୟଥା ।
ଚଉଦିଗ ପୂରି ଯିବଟି ପ୍ରସରି ଲୁଚିବ କାହିଁ ଏ କଥା ।୨।
ଯେହୁ ଅପବାଦ ନ ମଣି ପ୍ରମାଦ ମେଣ୍ଟାଇବ ମନସାଧ ।
ନାହିଁ ପ୍ରତିକାର ହୃଦୟ ମାତର ଲଭୁଥିବ ଅବସାଦ ।୩।
ଗଜପତି ବୋଲେ ପ୍ରଭୁ ଯେବେ ଭଲେ ନ ଶୁଣିବେ ମୋ ଗୁହାରି ।
ପୋଡୁ ମୋ  ନିଶ୍ୱାସ ପୋଡୁ ମୋ ବିଶ୍ୱାସ ବଡ ଦୟାମନ୍ତ ହରି ।୪।

## 3.56 ଜଗବନ୍ଧୁ ରଥାଙ୍ଗ ପାଣି ରତ୍ନ ସିଂହାସନ

( ଗୀତ – ହରେକୃଷ୍ଣ ସିଂହ  ଯୁବରାଜ)
ଜଗବନ୍ଧୁ ରଥାଙ୍ଗ ପାଣି ରତ୍ନ ସିଂହାସନ ମଉଡମଣି ।।
ମହୋଦଧି ତୀରେ ଶ୍ରୀ ନୀଳ କନ୍ଦରେ
ସଙ୍ଗେଘେନି ରଙ୍ଗେ ଭାଇ ଭଉଣୀ ।।
କରିଛ ବିଜୟ ପ୍ରଭୁ ଦୟାମୟ
କୋଟି ମତ୍ତ ସିଂହ ବିକ୍ରମ ଠାଣି ।।
ପତିତଙ୍କ ହିତେ ଅନୁରାଗ ଚିତ୍ତେ

ହସାଉଛ ଜଗତ ପ୍ରାଣୀ ॥
ଅତି ମନୋହର ବେଶ ନଟବର
ଚକାନୟନରେ ମୃଦୁ ଚାହାଣୀ ॥
ଅପୂର୍ବ ମୂରତୀ ପଦ୍ମାଳୟା ପତି
ଅଗତିଙ୍କ ଗତି ବିଶ୍ୱ ବିନ୍ଧାଣୀ ॥
ପାତକୀ ମାନଙ୍କ ଅଶେଷ ପାତକ
ପକାଉଛ ଚକ୍ର ଦାଢରେ ହାଣି ॥
ଆହେ ଆର୍ତ୍ତତ୍ରାଣ ଗରୁଡ ଆସନ
ମୁଁ କି ଜଣାଇବି ନ ସ୍ଫୁରେ ବାଣୀ ॥
ହରେକୃଷ୍ଣ ସିଂହ ଯୁବରାଜା ଲୋହ
ହୃଦୟ ଦବାଇ ନବାକୁ ପାଣି ॥

## 3.57 ଜଗବନ୍ଧୁ ଅଙ୍କେ ରତନ ପଲଙ୍କେ

(କବି - ଦୀନକୃଷ୍ଣ ଦାସ)

ଜଗବନ୍ଧୁ ଅଙ୍କେ ରତନ ପଲଙ୍କେ ପହୁଡ଼ିଲେ ସିନ୍ଧୁ ଜେମାଦେଇ ।।
ଦିବ୍ୟ ସୁବାସ ଜଳ ସୁନାଝରୀରେ ସୁବାସ ପଇଡ଼ ତଳେ ଥୋଇ ।
କୁସୁମ ବିଞ୍ଚଣୀ ଧରି କେ ବିଞ୍ଚଇ ବେନି ସଖୀ ହେଲେ କୁହାକୁହି ।୧।
ପୂଗ ଖଇର ଅଳାଇଚ ଲବଙ୍ଗ ଜାତି ଶ୍ରୀଫଳ କରିଣ ଏକ ଅଙ୍ଗ ।
ବିଚିତ୍ର କରିଣ ବିଡ଼ିଆ ସଜାଇ ରତ୍ନ ବଟାରେ ଖଞ୍ଜିଲେ ନେଇ ।୨।
କେ ବୋଲେ ଆରେ ମୀନନୟନା ଘନକୋଳେ କି ଚନ୍ଦ୍ର ଚକୋର ସିନା ।
ଝଳି ଅଙ୍ଗରେ ମରକତ କୁନ୍ଦନ ମୀନାକୁ ଫୁଙ୍କି ଦେଇଛି ବିହି ।୩।
କହେ ଦୀନକୃଷ୍ଣ ସେ ଶୋଭାବର୍ଦ୍ଧନ ପଡ଼ିବି ଚରଣେ ହୋଇବେ ପ୍ରସନ୍ନ ।

ଯେଉଁ ଚରଣ କୋଟି ବ୍ରହ୍ମା ମୁନୀନ୍ଦ୍ର ଯୋଗେନ୍ଦ୍ର ନ ପାନ୍ତି ଧ୍ୟାୟି ଧ୍ୟାୟି ।୪।

## 3.58 ଜଗବନ୍ଧୁ ପରି ଜଣେ ସାମନ୍ତ

(ଗୀତ – ଦୀନକୃଷ୍ଣ ଦାସ)
ଜଗବନ୍ଧୁ ପରି ଜଣେ ସାମନ୍ତ ନାହିଁ ନାହିଁ ତ ।
ଚଉଦ ଭୁବନ ବାରତା ଜାଣନ୍ତି ଚକ୍ରରେ ଛେଦନ୍ତି ଆରତ ।।
ଯେତେବେଳେ କୃଷ୍ଣ ଗୋପପୁରେ ଥିଲେ ଅକ୍ରୁର ଆଣିଣ ଗଲା ତ ।
ଗାଇ ଦୁହୁଁ ଦୁହୁଁ କେଶ ଫିଟିଗଲା ଚତୁର୍ଭୁଜ ହେଲେ ଅନନ୍ତ ।୧।
ସୁଗ୍ରୀବର ସଙ୍ଗେ ମଇତ୍ର ହୋଇଣ ବାଳୀକି ବିନାଶ କଲେ ତ ।
ରାବଣ ଭ୍ରାତା ଯେ ଶରଣ ପଶିଲା ଲଙ୍କାଗଡ଼ ତାକୁ ଦେଲେ ତ ।୨।
କୁରୁସଭା ତଳେ ଦ୍ରୌପଦୀ ଚିନ୍ତିଲା କୋଟି ବସ୍ତ୍ର ଦିଆଇଲେ ତ ।
ଭାରତ ଯୁଦ୍ଧରେ ଭରତିଆ ପକ୍ଷୀ ଘଣ୍ଟ ଘୋଡାଇ ରଖିଲେ ତ ।୩।
ଏମନ୍ତ ସାମନ୍ତ ତ୍ରିଭୁବନେ ନାହିଁ ନାଶନେ ଆରତି ଆରତ ।
କହେ ଦୀନକୃଷ୍ଣ ଦାସ ଯେ ଶ୍ରୀକୃଷ୍ଣ ପଦ୍ମ ପାଦେ ଚିତ୍ତ ଧ୍ୟାୟି ତ ।୪।

## 3.59 ଜଗାକାଳିଆରେ, କରୁ କେତେ ହରବର

(ଗୀତ - ଗୌର ପଟନାୟକ)
ଜଗାକାଳିଆରେ (୪) କରୁ କେତେ ହରବର
ତୋର ନାମ ଧରି ହେଲି ଏତେ ସରି(୨)
ଦୁଃଖ ନବୁଝିଲୁ ମୋର ରେ, ଜଗାକାଳିଆରେ ||୦||
ଦେଖିଲେ ତୋ ମୁଖ ଘୁଞ୍ଚିଯାଏ ଦୁଃଖ ଏକଥା ଶୁଣିଛି ମୁହିଁ

ଶ୍ରୀଅଙ୍ଗକୁ ତୋର ଛୁଇଁଦେଲେ ପରା ପାପ ସବୁ ଯାଏ ଧୋଇ
କପଟ ନକରି କହ ସତ କରି(୨) କିବା ଦୋଷ ଅଛି ମୋର ରେ ||୧||
ସୁଖବେଳେ ଦିନେ ଖୋଜିତ ନଥିଲି ଦୁଃଖରେ ଶରଣ ଗଲି
ମାର ଅବା ରଖ ଆହେ କଳାମୁଖ ତୋତେ ମୁଁ ଭରସା କଲି
ଆଉ ନିଦାରୁଣ ନ ହୁଅ କାଳିଆ(୨) ଗୋଡ଼ ଧରୁଛି ତୋହର ରେ ||୨||

## 3.60 ଜୟ ଜଗବନ୍ଧୁ ହେ ଯଦୁ ନନ୍ଦନ

( ଗୀତ – ଦୀନକୃଷ୍ଣ ଦାସ)
ଜୟ ଜଗବନ୍ଧୁ ହେ ଯଦୁ ନନ୍ଦନ
ବ୍ରଜବାଳୀ ହୃଦତଟ ଚନ୍ଦନ।।ଘୋଷା।।
ବଡ଼ ଦେଉଳେ ବିହାର ବଡ଼ଚିତା ବଡ଼ଚୂଳ
କି ଶୋଭା ଦିଶୁଛି କଳାବଦନ।।୧।।
ସେ ଯେଉଁ ଅଳକା ପନ୍ତି ଦେଖି ଭୁଲି ଯିବ ମତି
ମୁନିଜନଙ୍କର ମନ ମୋହନ।।୨।।
ବଡ଼ ବଡ଼ ଚକା ଆଖି ବଳିଆର ଭୁଜ ଦେଖି
ତହିଁରେ ରହିଲା ଲାଖି ମୋ' ମନ।।୩।।
ସେ ଯେଉଁ ରଙ୍ଗ ଅଧର ପୁରି ରହିଛି ମଧୁର
ନାସେ ଗଜମୋତି ଅତି ଶୋଭନ।।୪।।
କଟୀତଟେ ପାଟ ଝୁମ୍ପା ଓଡ଼ିଆଣୀ ତନୁକମ୍ପା
କି ଶୋଭା ଦିଶୁଛି ରେଖା କୁନ୍ଦନ।।୫।।
ଶ୍ରୀ ଜଗନ୍ନାଥ ଚରଣେ ଚିତ୍ତ ରହୁ ଅନୁକ୍ଷଣେ
ଦୀନକୃଷ୍ଣ ଦାସଙ୍କର ବଖାଣ।।୬।।

## 3.61 ଜଗବନ୍ଧୁ ହେ ଗୋସାଇଁ

(କବି - ସାଲବେଗ)
ଜଗବନ୍ଧୁ ହେ ଗୋସାଇଁ
ତୁମ୍ଭ ଶ୍ରୀଚରଣ ବିନୁ ଆନ ଗତି ନାହିଁ ।
ସାତଶ ପଞ୍ଚାଶ କୋଶ ଦିଗ ଦିଶୁନାହିଁ ।
ମୋହ ଯିବା ଯାଏଁ ନନ୍ଦିଘୋଷେ ଥିବ ରହି । ୧।
ରଥ ଚାରିପାଖେ ଲମ୍ବେ ମୁକୁତାର ଝରା।
ଝଲମଲ ଦିଶୁଥାଇ ପ୍ରଭୁ ଚକାଡ଼ୋଳା ।୨।
ବାଇଶି ପାବଚ୍ଛ ତଳେ ବିକାହୁଏ ଭାତ ।
ଦର୍ଶନ ତେଣିକି ଥାଉ କୈବଲ୍ୟେ ମୁକତ ।୩।
ଆଗେ ଚଳେ ବଳଭଦ୍ର ମଧ୍ୟେ ଚାନ୍ଦମୁହିଁରେ ।
ଆସୁଛି କାଳିଆ ପଛେ ଗହଳ ଲଗାଇରେ । ୪।
କହେ ସାଲବେଗ ହୀନ ଜାତିରେ ଜୀବନ ।
ଏହି ମତେ ଆଜ୍ଞା ହେବ ଶିରି ବୃନ୍ଦାବନ ହେ । ୫।

## 3.62 ଜଗନ୍ନାଥ ହୋ ! କିଛି ମାଗୁନାହିଁ ମୁଁ ତୋତେ

( ଗୀତ – ବନମାଳୀ ଦାସ)
ଜଗନ୍ନାଥ ହୋ ...
କିଛି ମାଗୁନାହିଁ ମୁଁ ତୋତେ
ଧନ ମାଗୁନାହିଁ ଜନ ମାଗୁନାହିଁ
ମାଗୁଛି ଶରଧା ବାଲିରୁ ହାତେ।।ଘୋଷା।।

ଆନ ଦରଶନ_ ନ ଲୋଡେ ନୟନ
ଏକା ତୋହ ଦେଖା ବିନା
ଶୁଣିବାକୁ କାନ_ ନ ଇଚ୍ଛଇ ଆନ
ତୋହ ଚରିତେ କାମନା।।୧।।
ରସନା ନ ବାଞ୍ଛେ_ ଗ୍ରାମ୍ୟଗୀତ ଗାଇ-
ବାକୁ ରଜନୀ ଦିବସ
ତୋହ ନାମାବଳୀ_ କେବଳ ଶଙ୍ଖାଳି
ହୋଇଥାଉ ପୀତବାସ।।୨।।
ନାସା ମୋର ତୃପ୍ତି_ ନ ଲଭଇ ଆନ
ସୁବାସ ଦ୍ରବ୍ୟ ଆଘ୍ରାଣେ
ତୋହ ଛଡ଼ା ମାଳ_ ତୁଳସୀ କୁସୁମ
ଚନ୍ଦନ କର୍ପୂର ଧ୍ୟାନେ।।୩।।
ମୋ ହସ୍ତ ଅଙ୍ଗୁଳି_ ରାମ ବନମାଳୀ
ହରେକୃଷ୍ଣ ଜପୁଥାଉ
ବୋଲେ ବନମାଳୀ_ ମୋ ବେନି ଚରଣ
ତୋ ତୀର୍ଥ ଭ୍ରମଣେ ଯାଉ।।୪।।

## 3.63 ଜଗା କାଳିଆ ଦେଉଳରେ ଅଛୁ କି ତୁ ସରଗରେ

( ଗୀତ – କଳ୍ପତରୁ ବଳ)
ଜଗା କାଳିଆ ଜଗା କାଳିଆ ଜଗା କାଳିଆ
ଦେଉଳରେ ଅଛୁ କି ତୁ ସରଗରେ ଅଛୁ ଶୁନ୍ୟରେ ଅଛୁ କି ତୁ ପାତାଳରେ ଅଛୁ (୨)
ଦରଶନ ଦେ କାଳିଆ.. କାଳିଆ କାଳିଆ

ଦରଶନ ଦେ କାଳିଆ
ଖୋଜି ଖୋଜି ମନ ମୋର ହେଲାଣି ବାଇଆ
ଦେଉଳରେ ଅଛୁ କି ତୁ ସରଗରେ ଅଛୁ ଶୁନ୍ୟରେ ଅଛୁ କି ତୁ ପାତାଳରେ ଅଛୁ (୨)
ଜଗା କାଳିଆ ଜଗା କାଳିଆ
ବାର ବାର ତୋ ଦେଉଳେ ଆସୁଛି ତୋର ଦାରୁ ବ୍ରହ୍ମ ରୂପ ଦେଖୁଛି (୨)
ଫେରି ଯାଏ ଦେଉଳରୁ କେତେ କଥା କହି ହେଲେ ତୋ ତୁଣ୍ଡରେ ପଦେ
କଥା ଶୁଣୁନାହିଁ (୨)
କଥା କହ ମୋ କାଳିଆ.. କାଳିଆ କାଳିଆ କାଳିଆ
କଥା କହ ମୋ କାଳିଆ ମିଛେ କାହିଁ କନ୍ଦାଉଛୁ ଆରେ ମୋ ହଟିଆ
ଦେଉଳରେ ଅଛୁ କି ତୁ ସରଗରେ ଅଛୁ ଶୁନ୍ୟରେ ଅଛୁ କି ତୁ ପାତାଳରେ ଅଛୁ (୨)
ଜଗା କାଳିଆ ଜଗା କାଳିଆ
ଦାରୁ ବ୍ରହ୍ମ ରୂପେ ଥାଇ ଦେଉଳେ ଭୁଲିଲୁକି ମୋତେ ଭକ୍ତ ଗହଳେ (୨)
ଶୟନେ ସପନେ ଅବା ଜାଗରଣେ ମୋର ଖୋଜେ ତୋତେ କାଳିଆରେ
ଏଇ ମନ ମୋର (୨)
ବୁଝାଇଦେ ମୋ କାଳିଆ .. କାଳିଆ କାଳିଆ କାଳିଆ
ବୁଝାଇଦେ ମୋ କାଳିଆ ବୁଝି ତ ପାରୁନି ପ୍ରଭୁ ତୋର ଏଇ ମାୟା
ଦେଉଳରେ ଅଛୁ କି ତୁ ସରଗରେ ଅଛୁ ଶୁନ୍ୟରେ ଅଛୁ କି ତୁ ପାତାଳରେ ଅଛୁ (୨)

## 3.64 ଜୟ ଜୟ ଜଗନ୍ନାଥ ଚଢ଼ି ନନ୍ଦିଘୋଷ ରଥ

(ଗୀତ - ଅଭିମନ୍ୟୁ ସାମନ୍ତସିଂହାର)
ଜୟ ଜୟ ଜଗନ୍ନାଥ ଚଢ଼ି ନନ୍ଦିଘୋଷ ରଥ
ଅନ୍ତର୍ଯ୍ୟାମୀ!ଅନ୍ତର୍ଗତ ବାରତା ଜାଣ
ଦୁଃଖୀ ଜଣାଇଲେ ଦୁଃଖ କେବେହେଁ ନୁହଁ ବିମୁଖ

ଦୁଃଖ ଏଡ଼ି ସୁଖ ତାକୁ ଦିଅ ପ୍ରମାଣ
ସେହି ପ୍ରଭୁ ନୁହଁ କି ତୁମ୍ଭେ?
ଦୁଃଖୀ ଜଣାଇଲେ ଦୁଃଖ ନ ଶୁଣ ଏବେ।।୧।।
ପୂର୍ବେ ନରସିଂହ ରୂପେ ସ୍ତମ୍ଭରୁ ବାହାରି ଆପେ
ହିରଣ୍ୟ ରାଜାର ହୃଦ ନଖେ ଚିରିଲ
ତା' ପୁତ୍ର ପ୍ରହଲାଦକୁ ସ୍ୱର୍ଗେ ଇନ୍ଦ୍ର କଲ ତାକୁ
ଧ୍ରୁବ କୁମରକୁ ଅଭିମାନୁଁ ତାରିଲ
ସେହି ପ୍ରଭୁ ନୁହଁ କି ତୁମ୍ଭେ?
ଦୁଃଖୀ ଜଣାଇଲେ ଦୁଃଖ ନ ଶୁଣ ଏବେ।।୨।।
ଦୁର୍ଯ୍ୟୋଧନ ସଭାତଳେ ଦ୍ରୌପଦୀଙ୍କୁ ନେଲାବେଳେ
ସତୀ ବିବସନ କାଳେ ଚିନ୍ତିଲେ ଯହୁଁ
ଆତଙ୍କ ନାଶନ ବାନା ବିପଦକୁ ବଜ୍ରସ୍ନେହା
ପଞ୍ଚାବନ କୋଟି ବସ୍ତ୍ର ଦେଇଟି କାହୁଁ
ସେହି ପ୍ରଭୁ ନୁହଁ କି ତୁମ୍ଭେ?
ଦୁଃଖୀ ଜଣାଇଲେ ଦୁଃଖ ନ ଶୁଣ ଏବେ।।୩।।
ବନଜୀବ ପଶୁ ଜାତି ତା'ସଙ୍ଗେ ବାଳ ସନ୍ତତି
ଆପେ ଗର୍ଭବାସ ହୋଇ ବୁଲେ ବନରେ
ଶବର ବିନ୍ଧିଲା ବାଣ ମୃଗୀ ଚିନ୍ତେ ନାରାୟଣ
ବଜ୍ର ମାରି ବ୍ୟାଧ ପ୍ରାଣ ନେଲଟି ଖରେ
ସେହି ପ୍ରଭୁ ନୁହଁ କି ତୁମ୍ଭେ?
ଦୁଃଖୀ ଜଣାଇଲେ ଦୁଃଖ ନ ଶୁଣ ଏବେ।।୪।।
ଗଜରାଜ ଜଳ ପିଉଁ ଗ୍ରାହ ପୀଡା କଲା ଯହୁଁ
ଆତଙ୍କେ ଡାକିଲା ଗଜ ରଖିଲ ହେଳେ

ଆତଙ୍କ ନାଶନ ବାନା ବିପଦକୁ ବଜ୍ରସ୍ନେହା
ଅଦଭୁତେ ଗ୍ରାହ ଶିର ଛେଦିଲ ଜଳେ
ସେହି ପ୍ରଭୁ ନୁହଁ କି ତୁମ୍ଭେ?
ଦୁଃଖୀ ଜଣାଇଲେ ଦୁଃଖ ନ ଶୁଣ ଏବେ।।୫।।
ବାଳି ଦଶାନନ ମାରି ସୁଗ୍ରୀ ବିଭୀଷଣ ତାରି
ଅକଣ୍ଟକ ରାଜ୍ୟ ଦେଲ ସୁବର୍ଣ୍ଣପୁରୀ
ଉଗ୍ରସେନେ ଶାଢ଼ୀ ଦେଇ ଯୁଧିଷ୍ଠିଙ୍କି ହେଲ ସ୍ନେହୀ
ଦୁର୍ଯ୍ୟୋଧନ ଶତଭ୍ରାତା କୁଟେଣ ମାରି
ସେହି ପ୍ରଭୁ ନୁହଁ କି ତୁମ୍ଭେ?
ଦୁଃଖୀ ଜଣାଇଲେ ଦୁଃଖ ନ ଶୁଣ ଏବେ।।୬।।
ଦାମୋଦର ପଣ୍ଡା ଦୁଃଖ ଆଚମ୍ଭିତ କଥା ଦେଖ
ଭିକ୍ଷା କୁ ମାଗିଣ ସେହୁ ବଞ୍ଚଇ ଦିନ
ସେ ଗଲା ଦ୍ୱାରକାପୁର ସେବିଲା ତୁମ୍ଭ ପୟର
ବିପୁଳ ସଂପତି ଦେଲ ହେ ଭଗବାନ
ସେହି ପ୍ରଭୁ ନୁହଁ କି ତୁମ୍ଭେ?
ଦୁଃଖୀ ଜଣାଇଲେ ଦୁଃଖ ନ ଶୁଣ ଏବେ।।୭।।
ଦୀନ ଅଭିମନ୍ୟୁ ମାନ କହିଲେ କିମ୍ପା ନଶୁଣ
ଆହେ ପ୍ରଭୁ ଶଙ୍ଖଚକ୍ର ସାରଙ୍ଗଧର!
ଲକ୍ଷ ଯୋଜନରେ ଥାଇ ଡାକିଲେ ଶୁଣ ଗୋସାଇଁ
ତେଣୁକରି ଭରସାଟି ଅଛି ମୋହର
ସେହି ପ୍ରଭୁ ନୁହଁ କି ତୁମ୍ଭେ?
ଦୁଃଖୀ ଜଣାଇଲେ ଦୁଃଖ ନ ଶୁଣ ଏବେ।।୮।।

## 3.65 ଜୟ ଜୟ ଜଗନ୍ନାଥ ଜଗତ କାରଣ

( ଗୀତ - ସାରଳା ଦାସ)
ଜୟ ଜୟ ଜଗନ୍ନାଥ ଜଗତ କାରଣ।
ଜୟ ନୀଳଗିରିବାସୀ ଭକତ ଜୀବନ।।
ଭକତଙ୍କ ହିତେ ହସ୍ତେ ଚକ୍ର ଧର ସଦା।
ତାଙ୍କର ଅଭୀଷ୍ଟ ପ୍ରଭୁ କରିଦିଅ ପଦା।।
ତୁମ୍ଭେ କରୁଣା ନକଲେ ହେ କରୁଣାସିନ୍ଧୁ।
ତରି ନ ପାରନ୍ତି ନରେ ଏହି ଭବବନ୍ଧୁ।।
ଆହାପ୍ରଭୁ ଜଗନ୍ନାଥ ! କିଦୟା ଭକତେ।
ସର୍ବଦା ଅନାଇ ଥାଅ ତାଙ୍କୁ କୃପା ନେତ୍ରେ।।
ମୁଁ ତୁମ୍ଭ ପଦକିଙ୍କର ହେ ନୀଳାଦ୍ରି ନାଥ।
ତୁମ୍ଭ ବିନୁ ଆଶ୍ରା କେହି ନାହିଁ ମୁଁ ଅର୍କ୍ଷିତ।।
ସାରଳା ଦାସ ମୋ' ନାମ ତବ ଭାବ ଭାବି।
ଭାରତ ରଚନା କରି ବୋଲାଉଛି କବି।।

## 3.66 ଜୟ ଜୟ ଜଗନ୍ନାଥ ନୀଳଗିରି ପତି

( ଗୀତ – ଦୀନକୃଷ୍ଣ ଦାସ)
ଜୟ ଜୟ ଜଗନ୍ନାଥ ନୀଳଗିରି ପତି
ଅଭି ବ ଜଳଧର ସୁନ୍ଦର ମୂରତି
ସୁସଞ୍ଜ ଠାଣିରେ ଶୋହେ ସୁବର୍ଣର ସୁତା
ଚୂଳରେ ଦୟଣା ଗଭା କସ୍ତୁରୀର ଚିତା ହେ

ଢଳ ଢଳ ଦିଶଇ ମୁକୁତା କଣ୍ଠିମାଳ
ଶ୍ରବଣ ପୁଟରେ ବେନି ମର୍କତକୁଣ୍ଡଳ ହେ
ନବରତ୍ନ ପଦକ ବେନି ଭୁଜରେ ଭଲା ସାଜେ
ମର୍କତ କଙ୍କଣ ବେନି ଭୁଜରେ ବିରାଜେ ହେ
ଡମ୍ବରୁ ମଝାକୁ ଶୋଭା ଦିବ୍ୟ ଓଢ଼ିଆଣୀ
ଶ୍ରୀଅଙ୍ଗେ ଚନ୍ଦ୍ରଚନ୍ଦନ ନେତ୍ର ଚାରିଠାଣି ହେ
ରୂପକୁ ନୁହଇ ଲକ୍ଷ କୋଟିଏ ମଦନ
ରଙ୍ଗ ଅଧରକୁ ଶୋହେ ଡାଳିମ୍ବ ଯେସନ ହେ
କଚଟି ବାହୁଟି ଜେ ବିବିଧ ରତ୍ନ ଜଡି
ଦୟଣାର ଧଣ୍ଡାମାଳ ହୃଦଯାଏଁ ପଡି ହେ
କଳାମୁଖ ଗୋଟିକି ସୁନ୍ଦର ଚକାଡୋଳା
ପଦ୍ମଫୁଲ ଭିତରେ କି ଭୃଙ୍ଗକରେ ଖେଳା ହେ
ଶଙ୍ଖ ଚକ୍ର ଗଦା ପଦ୍ମ ଚତୁର୍ଭୁଜେ ଶୋହେ
କୋଟିଏ କନ୍ଦର୍ପ ରୂପ ତ୍ରିଭୁବନ ମୋହେ ହେ
ଭକତ ଜନ ସଙ୍ଖାଳି ମୁକତିର ଘର
ଶରଣ ମାଗଇ ଦୀନକୃଷ୍ଣ ଦାସ ଛାର ହେ

## 3.67 ଜୟ ନୀଳାଚଳ ନାଥ ଅଗତି ତାରଣ

(କବି – ସାରଳା ଦାସ)
ଜୟ ନୀଳାଚଳ ନାଥ ଅଗତି ତାରଣ
ଜୟ ରମାପତି ପ୍ରଭୁ ମାନ ଉଦ୍ଧାରଣ
ଆହେ କଳାକର ମୁଖ ପାଣ୍ଡବ ରକ୍ଷକ
ସେ ମୁଖ ଦର୍ଶନେ ପାପ ନ ରହଇ ପାଖ

ବଡ଼ ଦେଉଳେ ବସିଛ ହୋଇ ବଜ୍ର ସ୍ନେହା
ପତିତପାବନ ବୋଲି ଉଡାଉଛ ବାନା।
ମୁଁ ପତିତ ମୋ ଗୁହାରି ଶ୍ରବଣେ ଅକ୍ଷମ
ଅଜାମିଳଠାରୁ ମୁଁ କି ଅଟଇ ଅଧମ?
ତାହାକୁ ତାରିଲ ପ୍ରଭୁ କଟାକ୍ଷ ମାତ୍ରରେ
ସେହିପରି ଦୃଷ୍ଟି ପଡୁ ମୋ' ଉପରେ ଥରେ
ବାଟ ଖରଚକୁ ମୋର କିଛି ନାହିଁ ଧନ
ତୁମେ ହିଁ ସମ୍ବଳ ମୋର ରଙ୍କର ରତନ।
ଅଣଚାଶ ବେଳକୁ ଭରସା କେହି ନାହିଁ
ତୁମ୍ଭେ ଉଦ୍ଧାରନ୍ତା ଅଟ ପ୍ରଭୁ ଭାବଗ୍ରହୀ
ଇଚ୍ଛାମୟ ହରି ତୁମ ମହିମା ଅସୀମ
ଦୁବଗଛ କରିପାର ଭୟଙ୍କର ଦ୍ରୁମ
ତୁମ୍ଭର କୃପାରେ ପଙ୍ଗୁ ଲଙ୍ଘିପାରେ ଗିରି
ତୁମର ବଳେ କପିଏ ଗଲେ ସିନ୍ଧୁ ତରି।
ତୁମ୍ଭ ମହିମା ବର୍ଣ୍ଣନେ ଅଛି କା' ଶକତି
ସାରଳା ଦାସ ମାଗଇ ହେ ପ୍ରଭୁ ମୁକତି।

## 3.68 ଢଗ ସୁନ୍ଦର ହେ ପ୍ରଭୁ ନୀଳାଚଳ ନାଥ

(କବି – ଭୁବନ ମୋହନ ଦାଶ)
ଢଗ ସୁନ୍ଦର ହେ ପ୍ରଭୁ ନୀଳାଚଳ ନାଥ(୨)
ଢଳି ଢଳି ମଣି ବିମାନରେ ଚଢି(୨) ଯାଉଛି ହଲାଇ ମାଥ
ଢଗ ସୁନ୍ଦର ହେ ପ୍ରଭୁ ନୀଳାଚଳ ନାଥ ||୦||

ଢୁଳାଇ ଢୁଳାଇ ପୂଜାପଣ୍ଡା ଚାଲେ ଧରି କମଣ୍ଡଳୁ ହାତ
ଢୋଲ ପେଏଁକାଳି ଶଙ୍ଖ ଘଣ୍ଟ ଧ୍ୱନୀ କମ୍ପିଉଠୁଛି ଜଗତ
ଢକା ବାଜୁଅଛି ନରେନ୍ଦ୍ର ତଟରେ(୨) ହେଉଛି ଚନ୍ଦନ ଯାତ ||୧||
ଢେଉ ପରି ନରନାରୀ ଛୁଟିଛନ୍ତି ଦେଖିବେ ଚାପେ ଶ୍ରୀନାଥ
ଢମପଣେ ମଲ୍ଲୀମାଳକୁ ଝୁଲାଇ ହଲାଇ ଚାଲନ୍ତି ବାଟ
ଢୁଳୁ ଢୁଳୁ ଆଖି ବଟା ଭାଙ୍ଗ ଚାଖି(୨) ଆମୋଦେ କରନ୍ତି ସଙ୍ଗୀତ ||୨||
ଢଳ ଢଳ ନେତ୍ରେ ଆନନ୍ଦ ଉଲ୍ଲାସେ ଲୋଟାନ୍ତି ଶ୍ରୀପାଦେ ମାଥ
ଢିମା ପଥର ହେ ଚାପ ଭୋଗ ସାରି କର ନୀଳାଦ୍ରି ମଣ୍ଡିତ
ଢାଳି ନେତ୍ରବାରେ ଅନା ଏ ଦାସରେ(୨) ପ୍ରସାରି ଅଭୟ ହାତ ||୩||

## 3.69 ତିନିପାଦ ଭୂମି ମୋଠୁଁ ମାଗିନେ

(ଗୀତ – )
ତିନିପାଦ ଭୂମି ମୋଠୁଁ ମାଗିନେ (୩)
ବଳୀ ପରି ମୋ ଦେହରେ(୨) ପାତାଳକୁ ଚାପିଦେ ||୦||
ମହାଦାନୀ ବୋଲି ତୋତେ ମାଗିଥିଲି(୨) ଜାଗାଟିକେ ତୋ ପାଦ ତଳେ
ବେଳଗଲା ଚାଲି ରହିଗଲି ଖାଲି(୨) ଆଶାନେଇ ତୋ କଳ୍ପମୂଳେ
ଶ୍ରୀପଦ ତୋର ମଥାରେ ମୋର(୨) କଳିଆରେ ଥରେ ରଖିଦେ ||୧||
ସ୍ୱର୍ଗ ଲୋଡା ନାହିଁ ମର୍ତ୍ତ୍ୟ ଲୋଡା ନାହିଁ (୨) ପାତାଳକୁ ମୋ ଭୟ ନାହିଁ
ତୋ ପାଦକୁ ମୁହିଁ ମଥା ପରେ ପାଇ(୨) ଚାଲିଯିବି ମୁଁ ମୋକ୍ଷ ହୋଇ
ଚକାନୟନ କଳାବାମନ(୨) ସତ୍ୟ କରି ଭିକ୍ଷା ମାଗିନେ ||୨||

## 3.70 ତୁମେ ପରା ବଡ଼ ଠାକୁର ତୁମେ ଜଗତ ନାହା

(କବି – ଡଃ ପ୍ରସନ୍ନ କୁମାର ସାମଲ)
ତୁମେ ପରା ବଡ଼ ଠାକୁର ତୁମେ ଜଗତ ନାହା
ତୁମ ବିନା ଏଇ ଜଗତେ ମୋର କେଅଛି ସାହା
ତୁମେ ପରା ବଡ଼ ଠାକୁର ତୁମେ ଜଗତ ନାହା
ତୁମ ବିନା ଏଇ ଜଗତେ ମୋର କେଅଛି ସାହା
କଳା ଚକାଡୋଳା ଦୁଇଟି କେଡ଼େ ସୁନ୍ଦର
ତୁମ ରୂପ ନାଚେ ନୟନେ ତୁମେ ଜଗତେ ସାର
କଳା ଚକାଡୋଳା ଦୁଇଟି କେଡ଼େ ସୁନ୍ଦର
ତୁମ ରୂପ ନାଚେ ନୟନେ ତୁମେ ଜଗତେ ସାର
ବଡ଼ ଭାଇ ତୁମ ବଳିଆ ଆହା କେଡ଼େ ଡଉଲ
ସୁଭଦ୍ରା ଭଉଣି ସାଥିରେ କିଏ ହୋଇବ ତୁଲ
ଭାଇ ଭଉଣି ଏ ବସିଛ ତିନିହେଁ(୨), ଜଗତର ହିତେ ଆହା
ବଡ଼ପଣ, ବଡ଼ ନାଆଁ(୩)
ବଡ଼ଦେଉଳରେ ବସିଛ କୁହ କାହାକୁ ଚାହିଁ
ବାଇଶି ପାହାଚେ ବସିଛି ମୁଁ ତୋତେ ଅନାଇ
ବଡ଼ଦେଉଳରେ ବସିଛ କୁହ କାହାକୁ ଚାହିଁ
ବାଇଶି ପାହାଚେ ବସିଛି ମୁଁ ତୋତେ ଅନାଇ
ମୋ ପାଇଁ କାଣିଚେ କରୁଣା ଦେବ ବଡ଼ ଠାକୁର
ଦିବାନିଶି ତୁମ ଚରଣେ ମୁହିଁ କରେ ଜୁହାର
ଗୁହାରି କରୁଛି ଜଗତ ଠାକୁର(୨) ଏତିକି କରିବ ଦୟା
ଗାଉଥିବି ତୁମ ନାଆଁ(୩)

ତୁମେ ପରା ବଡ଼ ଠାକୁର ତୁମେ ଜଗତ ନାହା
ତୁମ ବିନା ଏଇ ଜଗତେ  ମୋର କେଅଛି ସାହା

## 3.71 ତୁମ୍ଭ ପରା ପ୍ରଭୁ ଥାଉଁ ଥାଉଁ ମୁଁ ଯେ

(କବି - ନିତ୍ୟାନନ୍ଦ ଦାସ)
ତୁମ୍ଭ ପରା ପ୍ରଭୁ ଥାଉଁ ଥାଉଁ ମୁଁ ଯେ
ବୁଡିଲି ବିପଦ ଜଳେ ।
ଏତେ ବେଳେ ପ୍ରଭୁ ଡାକ ନ ଶୁଣୁଛ
ଯେତେ ଡାକିଲେ ବିକଳେ ।
ମହାପ୍ରଭୁ ହେ ।୧।
ଜଳମୀନ ଯେହ୍ନେ ମିହିର ତେଜରେ
ତେମନ୍ତ ହେଲାଣି ଦଶା ।
ଏଥିରେ କିଞ୍ଚିତେ କରୁଣା ନୋହୁଛି
ମୁଁ ଯେ କରିଛି ଭରସା ।
ମହାପ୍ରଭୁ ହେ ।୨।
ବିପଦ ଧାଡ଼ି ଯେତେ ମାଡ଼ି ପଡୁଛି
କେତେ ହେଁ କହିବି ମନେ ହେଜି ।
ସିଂହ ମୃଗ ଆଗେ ପରାୟେ ତରଙ୍ଗେ
ଧଇର୍ଯ୍ୟ ବନ୍ଧ ଯାଉଛି ଭାଜି ।୩।
ଯେତେ ରୂପେ ଦଣ୍ଡ ଦୁଃଖ ଦେଉଅଛ
କହିବାକୁ ମୋତେ ଆସୁନାହିଁ ।
ଯେତେ ଥିଲା ଆଶ ଆହେ ପୀତବାସ

ଏଣ୍ଟେ ତୁମ୍ଭ ନିରାଶକୁ ଚାହିଁ ।୪।
ପ୍ରଭୁ ହୋଇ କୃପା ନ କରୁଛ କିମ୍ପା
ଦୀନ ପତିତ ଜନଙ୍କ ଠାରେ ।
ଅତି ହିଁ ନିରାଶପଣ କରିବାରେ
ଭାସିଗଲି ଶୋକନଦୀ-ଧାରେ ।୫।
ଥାଉଁ ପ୍ରଭୁପଣ କରୁଣା କୃପଣ
ହେବାରୁ ନୀତି କି ନ ଆସଇ ।
ବୁଡୁଥିଲେ ଭେଳା ତହିଁ କଲେ ହେଳା
ଦାରୁଣପଣ କି ନ ହୁଅଇ ।୬।
କରୁଣା-ନାବିକ-ନାବ ଥାଉଁ କୂଳେ
ଖେଦ ଜଳଧିରେ ଗଲି ବୁଡ଼ି ।
ତରଳ-ତରଙ୍ଗ-ଭଉଁରୀ-ପ୍ରଖର
ଏମନ୍ତ ନଦୀରେ ଦେଇ ଛାଡ଼ି ।୭।
ମୁଁ ଯେ ମଲେ ମଲି ଭାସିଗଲେ ଗଲି
ତୁମ୍ଭକୁ ସିନା ଏ ଅସୁନ୍ଦର ।
ତୁମ୍ଭ ନାମ ଧରି ହେବା ଏତେ ସରି
ଜଗତେ କିବା ବୋଲିବେ ନର ।୮।
ମୋର ଏ ଦୁର୍ଗତି ଯେତେ ନ ବାଧଇ
ତୁମ୍ଭ ନିନ୍ଦା-ଲାଜେ ମରୁଅଛି ।
ପୂର୍ବର କରୁଣା ଏବେ ଦେଖି ଊଣା
ଦିବା ନିଶି ମନେ ଗୁଣୁଅଛି ।୯।
ନାନା ରୂପେ ଶାସ୍ତି ଦେଇ ଦୁଃଖ ହସ୍ତୀ

ଦନ୍ତରେ ଗୁଞ୍ଜିବା ମନ କଲା ।
ବିପତ୍ତି-କରୀ-ନାଶନ ତୁମ୍ଭ ବାନା
କିମ୍ପାଇ ନୀଳାଦ୍ରି ସିଂହ ହେଲା ।୧୦।
ଧୈର୍ଯ୍ୟ-କମଳ-ବନକୁ ମୋହର
ଧ୍ୱଂସି ପକାଉଛି ପ୍ରବଳରେ ।
ରଖ ରଖ ପ୍ରଭୁ ପ୍ରମତ୍ତ କେଶରୀ
ବୋଲି ଜଣାଉଛି ବିକଳରେ ।୧୧।
କେବେ ହେଁ କରୁଣା ନଦୀ ନ ବହିଲା
ବଢ଼ିଲା ସଙ୍କଟ ଗିରିବର ।
କହେ ନିତ୍ୟାନନ୍ଦ କର୍ମହୀନ ମନ୍ଦ
ସଦୟ-କୁଳିଶେ ନାଶ କର ।୧୨।

## 3.72 ତୁମ୍ଭ ଶୁଣିବାକୁ ମୋହ କହିବାକୁ

(କବି - ନିତ୍ୟାନନ୍ଦ ଦାସ)
ତୁମ୍ଭ ଶୁଣିବାକୁ ମୋହ କହିବାକୁ
ସମୟ ନାହିଁ ମୁରାରୀ ।
ତୁମ୍ଭ କୃପା ହେଉ ହେଉ କହୁ କହୁ
ବିପତ୍ତି ଦେଉଛି ସାରି ।
ମହାପ୍ରଭୁ ହେ ।୧।
ଦୁଃଖ-ତଟିନୀ-ତଟ-ତରୁ ହୋଇ ମୋ
ପିଣ୍ଡେ ବଳ ନାହିଁ ମୁଳେ ।
ତୁମ୍ଭ ନିରାଶ-ପ୍ରବଳ-ପବନରେ

ଉପୁଡୁଛି ମୁଁ ସମୁଳେ ।
ମହାପ୍ରଭୁ ହେ ।୨।
ମୁହିଁ ଗଲେ ନାଶ ତୁମ୍ଭେ କେଉଁ ଯଶ
ଲଭିବ ଆହେ କରୁଣାନିଧି ।
ମଲାଠାରେ ଜଳି ଅଧିକରେ ଜାଳି
ସଂସାରେ କେତେ ରଖିବ ସିଦ୍ଧି ।୩।
ଦୁଷ୍ଟ ମଉନାଗ ରହିଥିଲେ ଆଗ
କେହି ତା ପୁଚ୍ଛ ଦିଅଇ ଚିପି
ଧର୍ମ ନିକି ଚାଳି ଦେବା ବନମାଳୀ
ଯେଉଁଠାରେ ସିଂହ ଥାଏ ଝାମ୍ପି ।୪।
ପ୍ରବଳ ପବନ ଘାତେ ରମ୍ଭାବନ
ହୋଇଲା ପ୍ରାୟେ ମରୁଛି ଭାଳି ।
କାଳକୁ ଗୁହାରି ଯେହ୍ନେ ନିତ୍ୟେ କରି
ଦୁଃଖୀ ମରୁଥାଇ ଝୁରି ଝୁରି ।୫।
ଏ ଡକା ପାରଇ ତାକୁ ନ ଶୁଭଇ
ସେ କେହ୍ନେ ହରିବ କଷ୍ଟ ତାର ।
ତେମନ୍ତ ତାର ଯେମନ୍ତ ଗତି ହୋଇ
ବେଳୁ ବେଳ ଏ ମୋ ଦୁଃଖ ଭାର ।୬।
କୃପଣକୁ ଲୋଭୀ ଥାଇ ଯେହ୍ନେ ସେବି
ଧରି ନ ଛାଡ଼ଇ ଲୋଭ ବଳେ ।
ଏ ତ ନ ଦିଅଇ ସେ ତ ନ ଛାଡ଼ଇ
ଲୋଭୀ ନାଶ-ଫଳ ପାଇଁ କାଳେ ।୭।
ପ୍ରଭୁକୁ କୃପଣ ଡରେ ନ ବୋଲଇ

ଦୁଃଖ ଲୋଭ ପଣ ହୁଏ ସିଦ୍ଧି ।
ପ୍ରଭୁପଣ ଥିଲେ ସବୁ ହିଁ ସୁନ୍ଦର
ଅସୁନ୍ଦର କଥା କଲେ ବିଧି ।୮।
ହୋଇ କୃପାସିନ୍ଧୁ କହିବାକୁ ବିନ୍ଦୁ
ସରିବ ବୋଲି ଡରିବା ଠାରେ ।
ତେବେ ହେଁ ବୋଲନ୍ତି କରୁଣା-ସମୁଦ୍ର
ବିବେକ ମହତ ମନ୍ଥନରେ ।୯।
ଦୁଃଖ-ଅନ୍ଧକାରେ ନାମ ସୁଧାକର
ହୋଇ ତ କିରଣ ନ ଛାଡ଼ିଲ ।
ଏମନ୍ତ ନିଷ୍ଠୁର ହୃଦୟ କଠୋର
ନିରାଶ-ଘନରେ ଉହାଡ଼ିଲ ।୧୦।
ସୁଖ-ସିନ୍ଧୁ ବୋଲି ଶରଣ ମୁଁ ଗଲି
ବେଳୁ ବେଳୁ କଚାଡ଼ିଲ କୂଳେ ।
ପତିତ ପାବନ ଅପ୍ରାଧ ଭଞ୍ଜନ
ସତ୍ୟକୁ କିଏ ଛାଡ଼ିବ ଢାଳେ ।୧୧।
ତୁମ୍ଭେ ସତ୍ୟବାଦୀ ପଣକୁ ଅସିଦ୍ଧି
କଲେ କେହୁ ମର୍ତ୍ତ୍ୟେ ରହିବ କି ।
କହେ ନିତ୍ୟାନନ୍ଦ ମୂଢ଼ ମହାମନ୍ଦ
କ୍ଷିତିର ସାମନ୍ତ ନୋହିବ କି ।୧୨।

## 3.73 ତୋ ଦାଣ୍ଡ ଧୂଳି ମୁଁ ନହେଲେ ନାହିଁ

(ଗୀତ – ଅରବିନ୍ଦ ମୁଦୁଲି)

ତୋ ଦାଣ୍ଡ ଧୂଳି ମୁଁ ନହେଲେ ନାହିଁ(୨)
ତୋ ରଥ କାଠ ମୁଁ ନହେଲେ ନାହିଁ |୦|
ତୋ ଦେଉଳ ପଥର ମୁଁ ନହେଲେ ନାହିଁ, ନହେଲେ ନାହିଁ, ନହେଲେ ନାହିଁ
କାଳିଆ....(୨) ମୋତେ ପର ବୋଲି କେବେ ଭାବିବୁ ନାହିଁ (୨) |୧|
ଦେଉଳ ସୁଆର ନହେଲେ ନାହିଁ
ତୋର ପଣ୍ଡା ପଢ଼ିଆରୀ ନହେଲେ ନାହିଁ
ତୋ ବଗିଚାର ମାଳି ନହେଲେ ନାହିଁ, ନହେଲେ ନାହିଁ, ନହେଲେ ନାହିଁ
କାଳିଆ....(୨) ଟିକେ ବାଇଶି ପାହାଚେ ଗଡ଼ିବି ମୁହିଁ(୨) |୨|
ରଥର ଦଉଡ଼ି ନହେଲେ ନାହିଁ
ତୋର ତୁଳସୀଦୟଣା ନହେଲେ ନାହିଁ
ତୋର ଶରଧାରବାଲି ନହେଲେ ନାହିଁ, ନହେଲେ ନାହିଁ, ନହେଲେ ନାହିଁ
କାଳିଆ....(୨) ଖାଲି ଦିନ ଯାଉ ମୋର ତୋ ଗୁଣ ଗାଇ (୨) |୩|
ଏତିକିରେ ଜଗା ମନ ବାସନା
ତୋର ଜପୁଥିବି ନାମ କାଳିଆସୁନା
ଏତିକିରେ ଜଗା ମନ ବାସନା, ଜପୁଥିବି ନାମ କାଳିଆସୁନା
ଏତିକି ଗୁହାରି କରିବୁନି ମନା, କରିବୁନି ମନା, କରିବୁନି ମନା
କାଳିଆ....(୨) ମୋର ଜୀବନ ଯାଉ ତୋର ଶ୍ରୀମୁଖ ଚାହିଁ(୨) |୪|

## 3.74 ତୋର ରଥ ଟାଣୁ ଟାଣୁ, ତୋର ରଥ ଟାଣୁ ଟାଣୁ,

(ଗୀତ - ପଞ୍ଚାନନ ନାୟକ)
ତୋର ରଥ ଟାଣୁ ଟାଣୁ, ତୋର ରଥ ଟାଣୁ ଟାଣୁ,
ମତେ ହବକି ମରଣ, ହାଏରେ ମୋ ଚକା ଚନ୍ଦନ ||

ତୋର ଗୀତ ଶୁଣୁ ଶୁଣୁ, ତୋର ଗୀତ ଶୁଣୁ ଶୁଣୁ,
ମୋର ଜିବ କି ଜୀବନ, ହାଏରେ ମୋ ଚକା ଚନ୍ଦନ ||
ରାତି ପାହେ ନାହିଁ , ମୋର ଦିନ ସରେ ନାହିଁ(୨)
ତତେ ନ ଦେଖିଲେ ଧନ, ହାଏରେ ମୋ ଚକା ଚନ୍ଦନ ||
ସାରୁ ପତରେ ଯେମିତି ଜଳ, ହୁଏ ଢଳ ଢଳ ଢଳ,
ସେମିତି ଜୀବନ ଖେଳ, ମିଛ ଖେଳରେ ଖେଳାଳି ହେଇ,
ଅବାଟକେ ଯିବି କାହିଁ, ସଂସାର ମୋ ଲୋଡ଼ା ନାହିଁ
ତୋର କଥା ଗୁଣୁ ଗୁଣୁ, ତୋର କଥା ଗୁଣୁ ଗୁଣୁ
ଲୁଚୁ ମୋ ଜୀବନ ଜହ୍ନ, ହାଏରେ ମୋ ଚକା ଚନ୍ଦନ
ହାଏରେ ମୋ ଚକା ଚନ୍ଦନ
ନୀଳ ଆକାଶେ ପୁନେଇ ଜହ୍ନ, ଏମିତି କି ଛନ ଛନ,
ସେମିତି ଏ ଯୋଉବନ, କିଛି ନ ଥିବ,
ବରଷା ହେବ, ଲିଭି ଜିବ ସବୁ ଚିହ୍ନ, ମିଛ ମିଛ ସବୁ ସ୍ୱପ୍ନ
ମୋର ରାମ ନାମ ସତ୍ୟ ହେଉ, ମମ ନାମ ସତ୍ୟ ହେଉ,
ଆସୁ ରେ ମରଣ, ହାଏରେ ମୋ ଚକା ଚନ୍ଦନ
ହାଏରେ ମୋ ଚକା ଚନ୍ଦନ
ତୋର ରଥ ଟାଣୁ ଟାଣୁ, ତୋର ରଥ ଟାଣୁ ଟାଣୁ,
ମତେ ହବକି ମରଣ, ହାଏରେ ମୋ ଚକା ଚନ୍ଦନ ||

## 3.75 ତୋର ସାଆନ୍ତ ପଣକୁ କିଏ ସରିକି

(ଗୀତ – ଅରବିନ୍ଦ ମୁଦୁଲି)

କାଳିଆ....କାଳିଆ....

ତୋର ସାଆନ୍ତ ପଣକୁ କିଏ ସରିକି, ତୋର ଚରଣ ଧୂଳିକି କିଏ ସରିକି

ତୋର ଦାତା ପଣିଆକୁ କିଏ ବଳିକି, ତୋର ମହିମାକୁ କିଏ ବୁଝି ପାରେକି

କାଳିଆ....କାଳିଆ....ତୋର କରୁଣା ବିନା ତୋ ଶରଣ ବିନା (୨)

କହରେ କାଳିଆ ବଞ୍ଚି ହୁଏକି ||୧||

ମହାମୁର୍ଖ ସିନା ବୋଲାଏ ପଣ୍ଡିତ, ତୋର ଅନୁକମ୍ପା ବଳେ ଜଗନ୍ନାଥ

ପଥର ଭାସଇ ଜଳେ ସୋଲ ପରି, ତୋର ଇଙ୍ଗିତରେ ନୀଳାଦ୍ରିବିହାରୀ

ଛଡ଼ା ତୁଳସୀ କି ଦୟଣା ମାଳିକି(୨) କହରେ କାଳିଆ କିଏ ସରିକି ||୨||

ପଙ୍ଗୁ ଲଙ୍ଘେ ଗିରି ପାପୀ ଯାଏ ତରି, ତୋ ପଦେ ପାଷାଣ ହୋଇଛି ସୁନ୍ଦରୀ

ତୋ ଲୀଳାମାଧୁରୀ କେ ପାରିବ କଳି, ତୁହି ସିନା କରି କରାଉଛ ହରି

ସେମିତି କପାଳ କାହିଁ ଅବାମୋର(୨) ହେବାକୁ ତୋହର ପାଦତଳିଆ ||୩||

## 3.76 ଥକା ମନ ଚାଲ ଯିବା

( ଗୀତ – ସାରିଆ ଭିକ)

ଥକାମନ ଚାଲ ଯିବା ଚକା ନୟନ ଦେଖିବା

ଶଙ୍ଖନାଭି ମଣ୍ଡଳରେ ବେନି ନେତ୍ର ପଖାଳିବା।।ଘୋଷା।।

ବାଟରେ ବାଟ ମଙ୍ଗଳା ଦେଖିବା ଅଠର ନଳା

ପାଞ୍ଚ ମନ ଏକ ମେଳେ ନରେଂଦ୍ରେ ସ୍ନାନ କରିବା।।୧।।

ପହଞ୍ଚିବା ବଡ଼ ଦାଣ୍ଡେ ସେ ରେଣୁ ପାଇବା ତୁଣ୍ଡେ

ଛତା ତଳେ ରହି ଦଣ୍ଡେ ସାଧୁଙ୍କ ସେବା କରିବା।।୨।।

ସିଂହଦ୍ୱାରେ ଭିଡାଭିଡି ବାଜୁଅଛି ବେତ ବାଡ଼ି

ଠେଲି ଦେଇ ଯିବା ମାଡ଼ି ଧକା ବାଜିଲେ ସହିବା।।୩।।

| | |
|---|---|
| ବାଇଶି ପାବଛେ ବିକା | ହେଉଛି କୈବଲ୍ୟ ଚଖା |
| ହାଣ୍ଡିକ ପଡେ ସିଉକା | ମନ ରଙ୍କା ଛଡ଼ାଇବା।।୪।। |
| ଗରୁଡ଼ ପଛରେ ଦେ | ଦିଶୁଛି କଳା ଶ୍ରୀମୁଖ |
| କହଇ ସାରିଆ ଭିକ | ବଳରାମଙ୍କୁ କହିବା।।୫।। |

## 3.77 ଦୟାକର ଦୀନବନ୍ଧୁ ଶୁଭେ ଯାଉ ଆଜ ଦିନ

( ଗୀତ – ରାମକୃଷ୍ଣ ପଟ୍ଟନାୟକ କବିଚନ୍ଦ୍ର)

ଦୟାକର ଦୀନବନ୍ଧୁ !ଶୁଭେ ଯାଉ ଆଜ ଦିନ
କର ଯୋଡ଼ି ତୁମ୍ଭ ପଦେ କରୁଅଛି ନିବେଦନ।।ଘୋଷା।।
ଅନାଦି ଅନନ୍ତ ହରି କ୍ଷୀରସାଗରବିହାରି !
ଲକ୍ଷ୍ମୀଦେବୀ ମନୋହାରୀ ପ୍ରଭୁ ପତିତପାବନ।୧।
ସନ୍ଥଶାନ୍ତି ପ୍ରଦାୟକ ଦୁଷ୍ଟଶାସ୍ତି ବିଧାୟକ
ରୁକ୍ମିଣୀ ପ୍ରାଣନାୟକ ଜଗତ-ଜନ-ବନ୍ଦନ।୨।
ଜଗଜ୍ଜନହିତକାରୀ ଦଶଅବତାରଧାରୀ
ମଧୁସୂଦନ ମୁରାରି କାଳୀୟଦର୍ପଗଞ୍ଜନ।୩।
ଯେଣେ ଚକ୍ଷୁ ପଡ଼େ ନାହିଁ ତୁମ୍ଭ କୀର୍ତ୍ତି ବିରାଜଇ
ଭାବି ଚିତ୍ତ ପୁଲକଇ ହେ ଭକ୍ତହୃଦଚନ୍ଦନ।୪।
ତୁମ୍ଭେ ଧ୍ୟାନ ତୁମ୍ଭେ ଜ୍ଞାନ ମୁକ୍ତିଦାତା ଭଗବାନ
ତୁମ୍ଭ ବିନୁ ନାହିଁ ଆନ କଳି କଳୁଷନାଶନ।୫।
ତୁମ୍ଭେ ଏ ସଂସାରେ ସାର ଆଉ ସବୁ ମାୟା ଘୋର
କୃତାନ୍ତଭୟୁନ୍ ଉଦ୍ଧର କହେ ରାମକୃଷ୍ଣ ଦୀନ।୬।

## 3.78 ଦାସିଆ ନଡ଼ିଆ ସିନା ଦାସିଆ ନଡ଼ିଆ ସିନା ତତେ ବଢିଆ

( ଗୀତ – ବୈଦ୍ୟନାଥ ଖିଲାର)
ଦାସିଆ ନଡ଼ିଆ ସିନା ଦାସିଆ ନଡ଼ିଆ ସିନା ତତେ ବଢିଆ
ହେଲେ ତୋ ଅଭଡ଼ା ଅନ୍ନ ମୋତେ ବଢିଆ କାଳିଆରେ ମୋତେ ବଢିଆ
ହେଲେ ତୋ ଅଭଡ଼ା ଅନ୍ନ ମୋତେ ବଢିଆ
ଘଣ୍ଟ ଘଣ୍ଟା ଖୋଳ ତାଳ ତତେ ସିନା ଲାଗେ ଭଲ
ମତେ ଭଲ ଲାଗେ
ମତେ ଭଲ ଲାଗେ ପଣ୍ଡା ବେତ ବାଡ଼ିଆ
ହେଲେ ତୋ ଅଭଡ଼ା ଅନ୍ନ ମୋତେ ବଢିଆ (୨)
ହାତେ ତୋର ସୁଦର୍ଶନ ଦିଶେ କେତେ ଶୋଭାବନ
ମୋ ହାତେ ଖଞ୍ଜଣି ଶୋଭା (୨)
ମୋ ହାତେ ଖଞ୍ଜଣି ଶୋଭା ମୋତେ ବଢିଆ
ହେଲେ ତୋ ଅଭଡ଼ା ଅନ୍ନ ମୋତେ ବଢିଆ କାଳିଆରେ ମୋତେ ବଢିଆ
ହେଲେ ତୋ ଅଭଡ଼ା ଅନ୍ନ ମୋତେ ବଢିଆ
ରାଧିକା ମୋହନ ବେଶ ତୋତେ ଲାଗ ଇ ସରସ (୨)
ତୋ ଦୁଆରେ ଯୋଗୀ ବେଶ କାଳିଆ ରେ
ତୋ ଦୁଆରେ ଯୋଗୀ ବେଶ ତୋ ଦୁଆରେ ଯୋଗି ବେଶ ମୋତେ ବଢିଆ
ହେଲେ ତୋ ଅଭଡ଼ା ଅନ୍ନ ମୋତେ ବଢିଆ କାଳିଆରେ ମୋତେ ବଢିଆ
ହେଲେ ତୋ ଅଭଡ଼ା ଅନ୍ନ ମୋତେ ବଢିଆ(୨)

## 3.79 ଦିନର ସୁରୁଯ ତୁ ମୋ ରାତିର ତାରା

(ଗୀତ – ଗଣେଶ୍ୱର ମହାପାତ୍ର)

ଦିନର ସୂରୁଯ ତୁ ମୋ ରାତିର ତାରା
ତତେ ନଦେଖିଲେ ଜୀବ ଯିବନି ପରା
ଆରେ କାଳିଆ ଦେଏରେ ଧରା
ରା ରା ରା ରୁ ରୁ ରା ରା ରା ରା (୨)
ସୁଖର ସପନ ତୁ ମୋ ଦୁଃଖ ପାଶୋରା
ତତେ ଚାହିଁ ଚାହିଁ ଆଖି ଲୁହରେ ଭରା
ଆରେ କାଳିଆ ଦେଏରେ ଧରା
ରା ରା ରା ରୁ ରୁ ରା ରା ରା ରା (୨)
ତୁ ତ ମୋର ଅଶାର ବାଡ଼ି ଅନ୍ଧ ଲଉଡ଼ି
ତୋରି ପାଇଁ ଚାଲୁଚି ବାଟ ମୁଁ ଉଠିପଡ଼ି
ଆଣିଲୁ ଯଦି ଏ ଯାଏଁ ଟାଣି ଆଉ ଅଳପ
ଥରୁଟେ ଆସି ଦେରେ ଦେଖା ସାରୁ ଗଳପ
କଳା ମାଣିକରେ ମୋ ସୁନାଟା ପରା
ଝାଞ୍ଜି ବଇଶାଖ ତୁ ମୋ ମେଘ ଅସରା
ଆରେ କାଳିଆ ଦେଏରେ ଧରା
ରା ରା ରା ରୁ ରୁ ରା ରା ରା ରା (୨)
ଏଇନେ ଖରା ଏଇନେ ଛାଇ ଏଇନେ ମେଘ
କିଏ ଜାଣେ କେତେବେଳେ କୋକେଇ ଯୋଗ
ଏଇଠି ନଇ ଏଇଠି ପାଣି ତଥାପି ଶୋଷ
ପାଣିରେ ମିଶିନି ବୋଲି ତୁଳସୀ ବାସ
ନିଶ୍ୱାସକୁ ନାହିଁ ଜମା ବିଶ୍ୱାସ ପରା
ଚାନ୍ଦ ଦିଶିଲାଣି ଏବେ ଦିଶିବ ଖରା
ଆରେ କାଳିଆ ଦେଏରେ ଧରା
ରା ରା ରା ରୁ ରୁ ରା ରା ରା ରା (୨)

## 3.80 ଦୀନବାନ୍ଧବ ହେ, ମୋ ଦୁଃଖ ନଗଲା ଯେ

( ଗୀତ - ବଳରାମ ଦାସ)
ଦୀନବାନ୍ଧବ ହେ, ମୋ ଦୁଃଖ ନଗଲା ଯେ
ତୁମ୍ଭେ ଦୀନବନ୍ଧୁ ମୋତେ ପାଶୋରିଲେ ମୋ ବନ୍ଧୁ ହୋଇବ କିଏ।।
ତୁଳସୀର ମାଳ ତୁଳସୀର ଚୂଳ ତୁଳସୀ ମଥାରେ ଦେଇ
ତୁଳସୀ ଚଉରା ମୂଳେ ଅନାଇଲେ ନୀଳଚକ୍ର ଦିଶୁଥାଇ।।୧।।
ଚୂଳର ଉପରେ ସେବତୀର ଗଭା ଦେଖିଲେ ମାଡଇ ଭୟେ
ଦୀନବନ୍ଧୁଠାରେ ବିପତ୍ତି ନଥାଇ ଯେଣେ ଯାଉଥିଲେ ଜୟେ।।୨।।
ଦୀନବନ୍ଧୁ ବୋଲି ଯାହାଙ୍କୁ ବୋଲନ୍ତି ସେହିସେ ପରମ ଯୋଗୀ
ଯୋଗୀମାନଙ୍କର ଆତଙ୍କ ନାଶନ ଦୁଃଖିମାନଙ୍କର ଭୋଗୀ।।୩।।
ଆଦି ଅନାଦିରେ ବନ୍ଧନ ପଡିଛି ମାୟା ମୋହଲାଗି ଧନ୍ଦ
ଶୂନ୍ୟ ପୁରୁଷ ଯେ ଶୂନ୍ୟରେ ଯାଉଛି କଓରୀ ପଡିବ ବନ୍ଦ।।୪।।
ଏ ଭବସାଗରୁ ତରିବା ନିମନ୍ତେ ପଥର ବାନ୍ଧିଛି ଭେଳା
ତୁମ୍ଭେ ନ ରଖିଲେ ଭାସି ମୁଁ ଯାଉଛି ରଖ ରଖ ଚକାଡୋଳା।।୫।।
ଭଗତ ଭାବରୁ ପ୍ରସନ୍ନ ହେବାରୁ ଭାବ ବିନୋଦିଆ ଯେଣୁ
ବଳରାମ ଦାସ ଅନ୍ନ ନ ମାଗଇ ମାଗଇ ଚରଣ ରେଣୁ।।୬।।

## 3.81 ଦୀନବାନ୍ଧବ ହେ କେ କି ଦେଲା ମୁଁ ନ ଦେଲି

**(କବି - ବଙ୍କା ଦାସ)**
ଦୀନ ବାନ୍ଧବ ହେ ! କେ କି ଦେଲା ମୁଁ ନ ଦେଲି ?
ଟେକିଅଛ କର ଡାକିଲା ପ୍ରକାର   ଠକି ଦେଲ ମୁଁ କି କଲି ।।

ତାରିଛ କରୀକି ମାରି ତା ଅରିକି ସ୍ମରି ସେ ହେବାରୁ ଘାଲି
ବାଜାବଜା ପାପୀ ରାଜା ଅଜାମିଳ ସଜାରୁ ହୋଇଲା ଖାଲି ।୧।
ଡରି ମରୁଥିଲା ହରି ଘେନି ଗଲା ତରିଗଲା ହରି ବୋଲି ।
ଗଞ୍ଜାଇ ଭୁଞ୍ଜାଇ ଗଞ୍ଜାଇ ମାରୁଛ କେଉଁ ଅପରାଧ କଲି ।୨।
ଅନ୍ଧ ବିପ୍ରକୁ ଚକ୍ଷୁଦାନ ଦେଲ ତା ପୁତ୍ର ସଙ୍ଗେ ଖେଳି ବାଲି ।
ଅଧମ ଦାସକୁ ଉଦ୍ଧରିଲ ନାହିଁ ବଧ ହେଲି ବୁଲି ବୁଲି ।୩।
ପିଲାଟି ଦିନରୁ ଡକା ପକାଉଛି ଫଙ୍କା ହୁଅନ୍ତାଣି ନାଲି ।
ବଙ୍କା ବୋଲେ ଚକା ନେତ୍ର ନ ଜାଣଇଁ ଏଡ଼େ ଡକାଇତ ବୋଲି ।୪।

## 3.82 ଦୀନବନ୍ଧୁ ଏହି ଅଳି ଶ୍ରୀଛାମୁରେ

(ଗୀତ - ବନମାଳୀ ଦାସ)
ଏହି ଅଳି ଶ୍ରୀଛାମୁରେ ହେ ଦୀନବନ୍ଧୁ! ଏହି ଅଳି ଶ୍ରୀଛାମୁରେ ।
ଶ୍ରୀରଙ୍ଗା ଚରଣ ସେବାରେ ମୋ ମନ ରହିଥାଉ ନିରନ୍ତରେ ।।
ଦାନା କନା ପଛେ ମନା ହେଉ ମତେ ନୀଳଚକ୍ର ବାନା ଚାହିଁ ।
ସୁଖୀ ହେଉଥିବି ଅଖିଳ ପତି ହେ ନିର୍ଦ୍ଦୟ ହୋଇବ ନାହିଁ ।୧।
ବାରମାସେ ତେର ଯାତ୍ରା ଦେଖୁଥିବି ଶ୍ରୀକ୍ଷେତ୍ରେ ହୋଇ ଭିକାରୀ ।
ସାଧୁ ସନ୍ଥଙ୍କର ବୋଲାଇ କିଙ୍କର ମାଗୁଥିବି ମାଧୁକରୀ ।୨।
ଆନନ୍ଦ ବଜାରେ ବୁଲିଣ ମଜାରେ ଗାଉଥିବି ତୋର ନାମ ।
ତୋ ପ୍ରେମ ସାଗରେ ବୁଡ଼ି ଯାଉଥିବି ବୋଲି ହରେକୃଷ୍ଣ ନାମ ।୩।
ଏଥିପାଇଁ କୁଳ ମୂଳ ହରାଇଛି ସାଥି କରି ତୋତେ ଏକା ।
ଦାସ ବନମାଳୀ ଦୋଷ ନ ଧରିବୁ ଗୋବର୍ଦ୍ଧନ ଗିରି ଟେକା ।୪।

## 3.83 ଦୀନବନ୍ଧୁ ଦଇତାରୀ

(ଗୀତ - ବନମାଳୀ ଦାସ)
ଦୀନବନ୍ଧୁ ଦଇତାରୀ
ଦୁଃଖ ନ ଗଲା ମୋହରି
ହେଲ କି ନିଷ୍ଠୁର ଚିତ୍ତ ନୀଳାଚଳେ ବିଜେ କରି।।ଘୋଷ।।
ଲକ୍ଷ ଯୋଜନରେ ଗଜ ଡାକିଲା ହେ ଦେବରାଜ
ତା' ଡାକକୁ ଚତୁର୍ଭୁଜ! ଶୁଣିଛ ଶ୍ରବଣ ଡେରି।।୧।।
କୁରୁପତି ସଭାତଳେ ଦ୍ରୌପଦୀ-ଆତଙ୍କ କାଳେ
କୋଟି ବସ୍ତ୍ର ଦେଇ ହେଳେ ଲଜ୍ଜାରୁ କରିଛ ପାରି।।୨।।
ବଳବନ୍ତ ପ୍ରଭୁ ବୋଲି ବଳେ ମୁଁ ଯେ ଆଶ୍ରା କଲି
ଦେଖୁ ଦେଖୁ ଭାସିଗଲି କେ ଏଥୁ କରିବ ପାରି।।୩।।
ରଖ ବା ନରଖ ମୋତେ ଶରଣ ତୋ ପାଦଗତେ
କହେ ବନମାଳୀ ଗୀତେ ବସିଅଛି ଧ୍ୟାନ କରି।।୪।।

## 3.84 ଦୀନବନ୍ଧୁ ନାମ ବହନ ହେ

(ଗୀତ - )
ଦୀନବନ୍ଧୁ ନାମ ବହନ ହେ	ତେଜ ଶ୍ରୀ ମଦନମୋହନ |0|
କରି ତୁମ୍ଭ ପଦ୍ମ ପାଦକୁ ଆଶ	କହୁଁ କହୁଁ ଦିନ ଯାଉଛି ନାଶ
କୃପାସିନ୍ଧୁ କୃପା ଦିନେ ହେଁ ନ କଲ	କେଉଁ ହେତୁ କଲ ଏତେ ନିରାଶ |୧|
କରୀ ଡାକିଲା ପ୍ରସନ୍ନ ହୋଇଛ	କରି ଅଭୟ ସୁଖକୁ ଦେଇଛ
କ୍ଳେଶ ନିବାରଣ ଆରତ ତାରଣ	ସେ ମହିଁମା ଏବେ କାହିଁ ଥୋଇଛ |୨|

ସର୍ବୋପରି ହରି ତୁମ୍ଭ ଚରଣ ଶରଣ ପଶିଲି ହେବି କାରଣ
ତାରଣ ନ କଲ ଦାରୁଣ ହୋଇଲ କେ ମୋର କଷ୍ଟ କରିବ ବାରଣ |୩|
ଶ୍ରବଣ କରି ତୁମ୍ଭ ଚରିତରେ ଭବୁ ତାରିବି ହେଲେ ଦୂରୀତରେ
କରିଥାଇ ଏ ଭରସା ପ୍ରଭୁ ମୋତେ ନ ଭସାଅ ମୋତେ ଭବ ସରିତରେ |୪|
ଶୁଣି ସେ ନାମ ମହିଁମା ବଳିକୁ ସଂଶୟ ମୋର ନ ଥାଉ କାଳକୁ
ବେଳକୁ ଏ ସବୁ ମିଥ୍ୟା ହେଉଅଛି କଥା ରହୁଛି ଅପାର କାଳକୁ|୫|
ପ୍ରଭୁ ଥାଇ ପୀଡ଼ା ପାଉଛି ଯାହା ପଦ୍ମଲୋଚନ କି ନ ଜାଣ ତାହା
ପରିତ୍ରାଣ ଏଥୁଁ ନ କଲେ କମଳ- ଲୋଚନର ଆଉ ଅଛି କେ ସାହା|୬|

## 3.85 ଦୀନବନ୍ଧୁ ମୋ ଦୁଃଖ ନ ଗଲା ଯେ

**(ଗୀତ - ଅଚ୍ୟୁତାନନ୍ଦ ଦାସ)**

ଦୀନବନ୍ଧୁ ! ମୋ ଦୁଃଖ ନ ଗଲା ଯେ ।
ତୁମେ ଦୀନବନ୍ଧୁ ମୋ ବନ୍ଧୁ ନୋହିଲେ
ମୋ ବନ୍ଧୁ ହୋଇବ କେ ।।
ଦୀନବନ୍ଧୁ ବୋଲି ଯାହାକୁ କହନ୍ତି ସେହି ତ ପରମ ଯୋଗୀ
ଦୁଃଖୀ ଲୋକଙ୍କର ଦୁଃଖ ନିବାରଣ ସୁଖୀ ଲୋକଙ୍କର ଭୋଗୀ ।୧।
ଅତି ଆରତରେ ମୃଗୁଣୀ ଡାକିଲା ଇନ୍ଦ୍ରକୁ ପେଷିଲ ହରି ।
ମୃଗୁଣୀ ଆରତ ଫେଡ଼ି ଜଗନ୍ନାଥ ତାହାରି ମାନ ଉଦ୍ଧରି ।୨।
ତୁଳସୀର ଜଟ ତୁଳସୀ ମୁକୁଟ ତୁଳସୀ ଭୂଷଣ ହୋଇ ।
ତୂୁଳସୀ ଚଉରା ପାଶେ ଅନାଇଲେ ନୀଳଚକ୍ର ଦିଶୁଥାଇ ।୩।
ଅବନୀର ଭାର ସଙ୍କଟ ପଡିଲା ପଥରକୁ କଲ ଭେଳା ।
ଅକୂଳ ସମୁଦ୍ରେ ମୋ ଭେଳା ଭାସୁଛି ପାରିକର ଚକାଡ଼ୋଳା ।୪।

ସମୁଦ୍ର ତଟରେ ପକ୍ଷୀ ଅଣ୍ଡା ଦେଲା ଡିମ୍ବ ନେଲା ରତ୍ନାକର ।
ସପ୍ତ ଡିମ୍ବ ତାର ଜଳରେ ଭାସିଲା ପାରି କଲ ଚକ୍ରଧର ।୫।
ଚକ୍ଷୁକୁ ଯେସନେ ପିଛୁଡ଼ା ଆବୋରି ଭକ୍ତକୁ ତେହ୍ନେ ଗୋସାଇଁ ।
ଦୀନ ଅଚ୍ୟୁତ ଯେ ଭାବରେ ଭଣିଲେ ପ୍ରଭୁପଦ ଚିତ୍ତେ ଧ୍ୟାୟି । ୬।

## 3.86 ଦୀନବନ୍ଧୁ ହେ ! ବାରେ ଘେନ ଜଣାଣ

**(ଗୀତ – ଭିକାରି)**

ଦୀନବନ୍ଧୁ ହେ ! ବାରେ ଘେନ ଜଣାଣ
ଏ ମହାଦୁଃଖକୁ ମୋର ଶୀଘ୍ର କର ଦହନ।।ଘୋଷା।।
ସତ୍ୟ ତ୍ରେତା ଦ୍ୱାପର କଳିରେ ଅବତାର
ବସିଛ ନୀଳକନ୍ଦର ହୋଇ ପରା ମଣ୍ଡନ।।୧।।
ତୁମ୍ଭ ନାମ ଶୁଣି ହନୁ ଅଇଲା ଲଙ୍କାଭୁବନୁଁ
ବିଂଶ ବାହୁ ବିନାଶିଣ ବିଭୀଷଣ ରାଜନ।।୨।।
କୁରୁପତି ସଭାତଳେ ଦ୍ରୌପଦୀ ଆତଙ୍ଗକାଳେ
କୋଟି ବସ୍ତ୍ର ଦେଲ ହେଳେ ଲଜ୍ଜା ତା' ନିବାରଣ।।୩।।
ବନସ୍ତେ ଡାକେ ହରିଣୀ ରଖ ଆହେ ଚକ୍ରପାଣି
ସେ ଡାକ କର୍ଣ୍ଣରେ ଶୁଣି ରଖିଛ ଭଗବାନ।।୪।।
ଅଗାଧ ଜଳରେ ଗଜ ଉଦ୍ଧରିଲ ଦେବରାଜ
କାକ ପଡି ଚତୁର୍ଭୁଜ ହେଲାଟି ଘେନି ନାମ।।୫।।
ଶ୍ରୀଗୁରୁଦେବ ଚରଣେ ଚିତ୍ତ ରହୁ ଅନୁକ୍ଷଣେ
ବାଇ ଭିକରିଆ ଭଣେ ଦୁଃଖ କର ଦହନ।।୬।।

## 3.87 ଦୁଃଖନାଶନ ହେ ! ସୁଖ ନ ପାଇଲି ଦିନେ

( ଗୀତ – ବନମାଳୀ ଦାସ)
ଦୁଃଖନାଶନ ହେ ! ସୁଖ ନ ପାଇଲି ଦିନେ
ବେଳୁଁ ବେଳ ଦୁଃଖ ପ୍ରବଳ ହେଉଛି ବିଜୁଳି ଯେସନ ଘନେ।ଘୋଷା।
ଅନାଥର ନାଥ ନୀଳଗିରିନାଥ ଜଗନ୍ନାଥ ଲକ୍ଷ୍ମୀସାଇଁ
ଅରକ୍ଷିତକୁ ତ ରଖି ଦେଉନାହଁ ଭବଜଳରେ ଭସାଇ।୧।
ଆହେ ହରି ! ମୁହିଁ ସହି ତ ନ ପାରି ଅନ୍ତରବେଦନାମାନ
ଯେଣୁ କରି ତୁମ୍ଭେ ଦୟା ନ କଲ ହେ ପ୍ରଭୁ ଆତଙ୍କନାଶନ।୨।
ଏଡ଼େ ନିଷ୍ଠୁରତା ହେଲ ମୋହ ଭଳି ଦୁଃଖୀ ଜନ ହୀନଠାରେ
ଦିନ ଜନମାନେ ଗୁହାରି କରନ୍ତି ନ ଶୁଣ କି ତୁମ୍ଭେ ବାରେ।୩।
ପୋଡ଼ୁ ମୋ ଅଦୃଷ୍ଟ ଅନ୍ନ-ବସ୍ତ୍ର-କଷ୍ଟ ଏଡ଼େ ବଡ଼ ପ୍ରଭୁ ଥାଉ
ବନମାଳୀ ବୋଲେ ଚଞ୍ଚଳ ମନ ମୋ ପଦ୍ମପାଦେ ତୁମ୍ଭ ରହୁ।୪।

## 3.88 ଦୁନିଆରେ ଯେବେ ଦିନ ପରେ ରାତି ରାତି ପରେ ଦିନ

(ଗୀତ - ରାଧାନାଥ ଦାସ)
ଦୁନିଆରେ ଯେବେ ଦିନ ପରେ ରାତି ରାତି ପରେ ଦିନ ସତ(୨)
ମୋ ରାତି ଏମିତି ଅସରା କେମିତି, କୁହ ପ୍ରଭୁ ଜଗନ୍ନାଥ (୩)
ଦୁନିଆରେ ଯେବେ ଦିନ ପରେ ରାତି ରାତି ପରେ ଦିନ ସତ
ମୋ ରାତି ଏମିତି ଅସରା କେମିତି, କୁହ ପ୍ରଭୁ ଜଗନ୍ନାଥ
ହସତ ଦେଖିନି ଜୀବନରେ କେବେ ଲୁହରେ ବିତୁଛି ଦିନ
ତୋ ମନ କେମିତି ବୋଲୁଛି କାଳିଆ କରିବାକୁ ହିନିମାନ

ପାଇବାକୁ କିଛି ହାତ ପାତିଥିଲି(୨) ଫେରାଇ ନେଲିକି ହାତ
କୁହ ପ୍ରଭୁ ଜଗନ୍ନାଥ .....
ଯେ ଡାଳ ଧରୁଛି ସେ ଡାଳ ଭାଙ୍ଗୁଛି ଏକି କରୁ ଅବିଚାର
ତୋତେ ଯେ ନିଜର କରିଛି କାଳିଆ କରୁ ତାକୁ ସାତପର
ଏଇ ବଡ଼ପଣ କାହିଁକି ତୋହର(୨) ପତିତପାବନ ନେତ
କୁହ ପ୍ରଭୁ ଜଗନ୍ନାଥ .....
ଦୁନିଆରେ ଯେବେ ଦିନ ପରେ ରାତି ରାତି ପରେ ଦିନ ସତ
ମୋ ରାତି ଏମିତି ଅସରା କେମିତି, କୁହ ପ୍ରଭୁ ଜଗନ୍ନାଥ

## 3.89 ଦେ ରେ କାଳିଆ ଦେ, ତୋ ପାଦେ ଶରଣ ଦେ

( ଗୀତ – )
ଦେରେ କାଳିଆ ଦେ.... ତୋ ପାଦେ ଶରଣ ଦେ....
ତୋ ବଡ଼ ଦାଣ୍ଡରେ ମୋତେ ଯୋଗୀ ଟିଏ କରିଦେ...
ଦେରେ କାଳିଆ ଦେ.... ତୋ ପାଦେ ଶରଣ ଦେ....
ଦେରେ କାଳିଆ ଦେ.... ତୋ ପାଦେ ଶରଣ ଦେ....
ଷାଆଠୀଏ ପଉଟି ଖାଇବିନି ସବୁ, ଶରଧାବାଲିକୁ ବୋଳିବିନି ସବୁ
ଭାବୁ ଥାଉ ଯଦି ତୁହି, ସବୁ ସରି ଯିବ ବୋଲି
ତୋ ବଡ଼ ଦାଣ୍ଡରୁ ମୋତେ ଫେରାଇ ଦେ....
ଭକ୍ତ ବୋଲି କେବେ କାହାକୁ କହିନି ..
ଦିନେ ହେଲେ କିଛି ତୋତେ ମୁଁ ମାଗିନି ..
ଯଦି ତୋ କରୁଣା ବାରି ମୋ ପାଇଁ କି ଅଟେ ମନା... ୨
ମୋ ହାତ ରୁ ଥାଳ ପ୍ରଭୁ ଛଡାଇ ତୁ ନେ ରେ ...

ଦେରେ କାଳିଆ ଦେ.... ତୋ ପାଦେ ଶରଣ ଦେ....
ଦେରେ କାଳିଆ ଦେ....
ପାପି ବୋଲି ଯଦି , ଭାବିଛୁ ବୟିରି
ନାମ ବୋହି ଅଛୁ କିଆଁ , ମିଛେ ପାପି ହାରି....
ତୋର ଶ୍ରୀ ମନ୍ଦିର ଯିବା କୁ କରିଦେ ମନା... ୨
ପିଣ୍ଡରୁ ପରଣ ମୋର ଛଡାଇ ତୁ ନେ ରେ......
ଦେରେ କାଳିଆ ଦେ.... ତୋ ପାଦେ ଶରଣ ଦେ....
ଦେରେ କାଳିଆ ଦେ.... ତୋ ପାଦେ ଶରଣ ଦେ....

## 3.90 ଦେଖା ଗୋ, ରାଧା ମାଧବ ଚାଲି

( ଗୀତ – ବନମାଳୀ ଦାସ)
ଦେଖ ଗୋ! ରାଧା ମାଧବ ଚାଲି ମଣି ବିମାନ ଆସେ ଝୁଲି ଝୁଲି ।।
ବିବିଧ ବାଜଣା ବୀର କାହାଳୀ ବିଜେକଲେ ଗୋପଦାଣ୍ଡ ଉଛୁଳି ।।
ସଙ୍ଗତେ ଅଛନ୍ତି ପଞ୍ଚସାଗର ରାଧିକା ଦୂତିକା ମୂରଲୀଧର ।।
ନରେନ୍ଦ୍ର ସରକୁ କରିଣ ମନ ଚାପ ଖେଳନ୍ତି ଜଗତ ମୋହନ ।।
ବୋଲେ ବନମାଳୀ ଶ୍ରୀପଦ ଧ୍ୟାୟି ଚନ୍ଦନ କୁଣ୍ଡେ ପ୍ରବେଶିଲେ ଯାଇଁ ।।

## 3.91 ଦେଖ ଯା ଚକାଡୋଳାକୁ ଭୁଲନା କାଳୀ ଦଳାକୁ

( ଗୀତ – )
ଦେଖ ଯା ଚକାଡୋଳାକୁ ଭୁଲନା କାଳୀ ଦଳାକୁ
ଦେଉଳ ଉପର ଦେଖ ଧ୍ୱଜ ଖେଳାକୁ

ଧ୍ୱଜ ଖେଳା ନୁହଁଇ ସେ ପାପୀର ପାପ ଦଳାକୁ
ଦେଖ ଯା ଚକାଡୋଳାକୁ
ଭକତ ତାରଣେ ସମ ନାହିଁ କଳାକୁ
କଳାଶ୍ରୀମୁଖ ଚାହିଁଲେ ପାଇବୁ କତି କଳାକୁ
ଦେଖ ଯା ଚକାଡୋଳାକୁ
ବଡ଼ ଦାଣ୍ଡେ ଦେଖ ମନ ଭକ୍ତ ମେଳାକୁ
ଭକ୍ତ ମେଳା ଭକତିରେ ଚରଣ ରେଣୁ ବୋଳାକୁ
ଦେଖ ଯା ଚକାଡୋଳାକୁ
ଦରୀ ଶମନ ଭବନ ପଥ ଚଳାକୁ
ଧାଉଛନ୍ତି ଭବ ଭୟ ହର କୈବଲ୍ୟ କଳାକୁ
ଦେଖ ଯା ଚକାଡୋଳାକୁ

## 3.92 ଦୁଃଖନାଶନ ଗରୁଡାସନ ହରି ଦୁଃଖ ଜଣାଇବି କାହାକୁ

( ଗୀତ – ଗୌରାଙ୍ଗ ଚରଣ ଅଧିକାରୀ)
ଦୁଃଖନାଶନ ଗରୁଡାସନ ହରି ଦୁଃଖ ଜଣାଇବି କାହାକୁ
ଦୀନନାଥ ଥାଉଁ ଅନ୍ଧାର ଘୋଟୁଛି ଏ ନିନ୍ଦାଟି ଚଉବାହାକୁ ।।
ଚିନ୍ତାନାବପରେ ବସାଇ କରି ଠେଲି ଦେଲେ ଯେଣୁ ଯାଇଛି ସରି
ରଖ ରଖ ବୋଲି କାହାକୁ ଡାକିବି ଶ୍ରବଣ ତ କଲ ଲୁହାକୁ ।।
ସୁଦାମା ଦାରିଦ୍ର୍ୟ ଭଞ୍ଜନ କାରି ରଖିଛ ପାଣ୍ଡବ କୁରୁ ସଂହାରି
ଜଳର ମଧ୍ୟରେ ଗଜକୁ ରଖିଲ ଛେଦି ପକାଇଲ ଗ୍ରାହକୁ ।।
ଅଜାମିଳ ନାମେ ଯେ ମହାପାପୀ ତରିଗଲା ପୁତ୍ର ନାମକୁ ଜପି
ନାଡେକ ମାଇଲା ଶ୍ରୀବତ୍ସ ବ୍ରାହ୍ମଣ ହୃଦରେ ବହିଲ ତାହାକୁ ।।
ବନର ହରିଣୀ ଚିନ୍ତିବା ମାତ୍ରେ ଘନେ କୃପାକଲ ପରା ସାକ୍ଷାତ

ଅରକ୍ଷିତ ଡାକକୁ ନ ଶୁଣୁଛ ଲଜ୍ଜା ନୋହିବକି ଲକ୍ଷ୍ମୀ ନାହାକୁ ।।
ଯେଉଁ ନାମ ଧରି ପବନସୁତ ଡେଇଁ ସମୁଦ୍ର ଆଣିଲା ସଙ୍କେତ
ଗଉର ଚରଣ ସେପାଦେ ଶରଣ ହରବ୍ରହ୍ମା ଚିନ୍ତେ ଯାହାକୁ ।।

## 3.93 ଦୁଃଖ ନାଶନ ହେ ସୁଖ ନ ପାଇଲି ଦିନେ

( ଗୀତ – ବନମାଳୀ ଦାସ)
ଦୁଃଖ ନାଶନ ହେ ସୁଖ ନ ପାଇଲି ଦିନେ ।
ବେଳୁ ବେଳ ଦୁଃଖ ପ୍ରବଳ ହେଉଛି ବିଜୁଳି ଯେସନେ ଘନେ
ଅନାଥର ନାଥ ନୀଳଗିରି ନାଥ ଜଗନ୍ନାଥ ଲକ୍ଷ୍ମୀ ସାଇଁ
ଅରକ୍ଷିତକୁ ତ ରଖି ହେଉ ନାହିଁ ଭବ ଜଳରେ ଭସାଇ
ଆହେ ହରି ! ମୁହିଁ ସହି ତ ନ ପାରି ଅନ୍ତର ବେଦନା ମାନ
ଯେଣୁ କରି ତୁମ୍ଭେ ଦୟା ନ କଲହେ ପ୍ରଭୁ ଆତଙ୍କ ନାଶନ
ଏତେ ନିଷ୍ଠୁର ତ ହେଲେ ମୋହଭଳି ଦୁଃଖୀଜନ ହୀନ ଠାରେ
ଦୀନ ଜନ ମାନେ ଗୁହାରୀ କରନ୍ତି ନ ଶୁଣ କି ତୁମ୍ଭେ ବାରେ
ପୋଡୁ ମୋ ଅଦୃଷ୍ଟ ଅନ୍ନବସ୍ତ୍ର କଷ୍ଟ ଏତେ ବଡ ପ୍ରଭୁ ଥାଉଁ
ବନମାଳୀ ବୋଲେ ଚଞ୍ଚଳ ମୋ ମନ ପଦ୍ମପାଦେ ତୁମ୍ଭ ରହୁ

## 3.94 ନ ଗଲୁ ମନ କ୍ଷେତ୍ରସ୍ଥଳକୁ

**(ଗୀତ – ଭିକାରୀ)**
ନ ଗଲୁ ମନ କ୍ଷେତ୍ରସ୍ଥଳକୁ
ଧନ ଦାରାସୁତ ଆବୋରି ବସିଛୁ
କେହି ନୋହେ ସଙ୍ଗ ଗଲାବେଳକୁ ।।

ତୁଳସୀ ଚଉରା ଠାରେ ନୃତ୍ୟଲୀଳା ପ୍ରଦକ୍ଷିଣ କର ଯୋଡ଼ି କରକୁ ।
ମଧ୍ୟେ ପଞ୍ଚକୋଶୀ ପ୍ରଭୁଛନ୍ତି ବସି ସେଠାରୁ ଦେଖ ତୁ ନୀଳଚକ୍ରକୁ ।
ଧ୍ୱଜାଖଣ୍ଡକୁ ଚାହାଁ ଆଗକୁ ଚଉକିଛନ୍ତି ଅଠର ନଳାକୁ ।୧।
ସେ ଅଠର ନଳା ପଶ୍ଚିମରୁ ଜଳା ବହିଯା'ନ୍ତେ ପଥ ପୂର୍ବ ଭାଗକୁ ।
ଜନକପୁର ବାଲି ଆପେ ହରି ଚାଲି ସେ ରେଣୁ ନ ମିଳେ ବ୍ରହ୍ମା ଶିବଙ୍କୁ ।
ଧାୟି ତାହାଙ୍କୁ ଚଉବାହାକୁ ବଜାଏ ଡମ୍ବରୁ ଚଢ଼ି ଷଣ୍ଢକୁ ।୨।
ଧନ୍ୟ ବଡ଼ ଦାଣ୍ଡ ସର୍ବ ପାପ ଖଣ୍ଡ ସକଳ ତୀର୍ଥ ସେବନ୍ତି ତାହାକୁ ।
ଗୋରୁ ବିପ୍ର ମାରି ଗୁରୁ ପତ୍ନୀ ହରି ସେ ଠାବକୁ ଗଲେ ବହେ ପାପକୁ ।
ତଳେ ହସ୍ତକୁ ଦେଇ ମସ୍ତକୁ ଗଡ଼ଘାଲି ଶୁଅ ବଡ଼ ଦାଣ୍ଡକୁ ।୩।
ଛଣ ପୋତି ସାଧୁ ବୈଷ୍ଣବ ମହନ୍ତ କରୁଛନ୍ତି ଲୀଳା ଗାଇ ନାମକୁ ।
ଗଡୁଆ ଗଞ୍ଜାଇ ବିଡ଼ା ବିଡ଼ା ଖାଇ ଡାକୁଛନ୍ତି ସେ ମୁକତି ଧାମକୁ ।
ଚଉବାହାକୁ ଧାୟି ତାହାଙ୍କୁ ମିଳୁଛି ଅବଢ଼ା ଛେକ ବେଳକୁ ।୪।
ସେ ଅରୁଣ ସ୍ତମ୍ଭ ମେରୁ ସରି ଦମ୍ଭ ଦେଖ  ସିଂହଦ୍ୱାରେ ଗଜସିଂହକୁ ।
ବାଇଶ ପାବଚ୍ଛ ଲଗା ତହିଁ ହସ୍ତ କୈବଲ୍ୟ ପସରା ବେନି ପାଶକୁ ।
ଚାହାଁ ଆଗକୁ ବିକାକିଣାକୁ ବହି ନେଉଛନ୍ତି ବଡ଼ଦାଣ୍ଡକୁ ।୫।
ସେଠାବରୁ ଧୀରେ କଳ୍ପବଟ ମୂଳେ ଦେଖ ବଟପୁଟଶାୟୀ ପ୍ରଭୁଙ୍କୁ ।
ପଦାଙ୍ଗୁଳି ନେଇ ବଦନରେ ଦେଇ ହସୁଛନ୍ତି ଚାହିଁ ମାତା ମୁଖଙ୍କୁ ।
ତହିଁ ଆଗକୁ ଦକ୍ଷଭାଗକୁ ପାହାରୀ ରଖିଛି ଗଜମୁଖକୁ ।୬।
ମୁକତି ମଣ୍ଡପେ ବସିଛନ୍ତି ବିପ୍ରେ ପଢୁଛନ୍ତି ବେଦ ସ୍ମୃତି ଶାସ୍ତ୍ରକୁ ।
ସେ ରୋହିଣୀ କୁଣ୍ଡ ସର୍ବ ପାପ ଖଣ୍ଡ କାକ ପଡ଼ି ହେଲା ଚତୁର୍ଭୁଜକୁ ।
ଗଲା ସ୍ୱର୍ଗକୁ ଯାଅ ଆଗକୁ ବିମଳା ଦେଖ ପଶ୍ଚିମ ଭାଗକୁ ।୭।
ସେଠାରେ ହିରଣ୍ୟ କୋପେ ନାରାୟଣ ଚିନ୍ତା କର ବାରେ ହୃଦେ ତାହାଙ୍କୁ ।

ମାତା ସରସ୍ୱତୀ ତହିଁ ଆଗେଛନ୍ତି ନମସ୍କାର କର ତାଙ୍କ ପାଦକୁ ।
ତହିଁ ଆଗକୁ ଉତ୍ତର ଦିଗକୁ ମାତା ମହାଲକ୍ଷ୍ମୀ ଦେଖ ତାହାଙ୍କୁ ।୮।
ସେଠାବରୁ ଏକ କୁଣ୍ଡ ଯାଇ ଦେଖ ତହିଁ ନେଇ କ୍ଷେପ ବୀଜ ଗର୍ଭକୁ ।
ପର ପ୍ରାୟ ପ୍ରଭୁ ଫିଙ୍ଗି ଦେଉଅଛ ଏ ନିନ୍ଦା ହୋଇବ ଆଉ କାହାକୁ ।
ଚଉବାହାକୁ ଚାହାଁ ଉର୍ଦ୍ଧ୍ୱକୁ ଉଡୁଛି ପତକା ତିନିପୁରକୁ ।୯।
ଜଗମୋହନରେ ପଶି ଯାଅ ଥରେ ଆଲିଙ୍ଗନ କର ପକ୍ଷୀରଜକୁ ।
ରତ୍ନବେଦୀ ପରେ ଚାହିଁ ଦିଅ ଥରେ ଦେଖ କଳାଧଳା ମୁଖ ଶୋଭାକୁ ।
ପାଦ ତଳକୁ ଲଗା ଶିରକୁ ପରିକ୍ରମା କର ରତ୍ନବେଦୀକୁ ।୧୦।
ଆଗେ ରତ୍ନଦୀପ ଜଳେ ଦପଦପ ଥୟ ହୋଇ ଲୟ କର ତାହାକୁ ।
କହଇ ଭିକାରୀ ସାହା କେହି ନାହିଁ ଦଣ୍ଡେ ନ ଛାଡଇ ରହି ଧନ୍ଦାକୁ ।
ଧରି ନାମକୁ ଡାକେ ତୁମ୍ଭକୁ ଅନ୍ତେ ନୋହୁ ଗତି ଯମପୁରକୁ ।୧୧।

## 3.95 ନନ୍ଦିଘୋଷ ତୋର ଅଟକିଗଲା ବଡ଼ ଶଙ୍ଖଠାରେ

(ଗୀତ - )
ନନ୍ଦିଘୋଷ ତୋର ଅଟକିଗଲା ବଡ଼ ଶଙ୍ଖଠାରେ (୨)
କିଏ ସେ ଭକତ ଏତେ ଆପଣାର (୨)
ଡାକିଲା ଚନ୍ଦନପୁରେ
କାଳିଆରେ କାଳିଆରେ କାଳିଆରେ
ଡାକିଲା ଚନ୍ଦନପୁରେ
ନନ୍ଦିଘୋଷ ତୋର ଅଟକିଗଲା ବଡ଼ ଶଙ୍ଖଠାରେ (୨)
ନନ୍ଦିଘୋଷ ତୋର
ତୁ ଯେ ଭକତର ଭକତ ତୋହର ସେ ଲାଗି ଉଡ଼ାଉ ନେତା (୨)

ଭକତର ଦୁଃଖ କେମିତି ସହିବୁ (୨)
ତେଣୁ ତୁ ରଖିଲୁ ରଥ
ପଡ଼ିଗଲା ହୁରୀ ଚଉଦିଗ ପୁରୀ (୨)
ଭକ୍ତ ଆସେ ନୀଳା ଛଳେ (୨)
କାଳିଆରେ କାଳିଆରେ କାଳିଆରେ
ଡାକିଲା ଚନ୍ଦନପୁରେ
ନନ୍ଦିଘୋଷ ତୋର ଅଟକିଗଲା  ବଡ଼ ଶଙ୍ଖଠାରେ  (୨)
ନନ୍ଦିଘୋଷ ତୋର
ମା ଯାଚିଥିଲା ପୁଅଟିଏ ହେଲେ ଟାଣିବ ତୋ ନନ୍ଦିଘୋଷ(୨)
ଭାବଗ୍ରାହୀ ତୁହି ଭକ୍ତଭାବ ବୁଝି (୨)
ଦେଲୁ ମାଆ ଓଠରେ ହସ
ବାର ବରଷରେ ଲାଗିଲା ତୋ ଡୋରି (୨)
ଭକ୍ତ ଋଣ ସୁଝେ ପଢ଼େ (୨)
କାଳିଆରେ କାଳିଆରେ କାଳିଆରେ
ଭକ୍ତ ଋଣ ସୁଝେ ପଢ଼େ (୨)
ନନ୍ଦିଘୋଷ ତୋର ଅଟକିଗଲା  ବଡ଼ ଶଙ୍ଖଠାରେ  (୨)
ନନ୍ଦିଘୋଷ ତୋର

## 3.96 ନମସ୍ତେ ଗୁରୁ ଗୋବିନ୍ଦ ସଚ୍ଚିଦାନନ୍ଦ

(ଗୀତ - ଅଭିରାମ)
ନମସ୍ତେ ଗୁରୁ ଗୋବିନ୍ଦ ସଚ୍ଚିଦାନନ୍ଦ(୨)
ତୁମ୍ଭ କୃପା ବିନା ସିନା ଜଗତେ ଅନ୍ଧାର(୨)
ନମସ୍ତେ ଗୁରୁ ଗୋବିନ୍ଦ ସଚ୍ଚିଦାନନ୍ଦ ||୦||

ନମସ୍ତେ ପରମ ଗୁରୁ ନାମପ୍ରେମ କଳ୍ପତରୁ(୨)
ତୁମ୍ଭ କୃପା ହୋଇଲେ ହୁଏ ପୂର୍ଣ୍ଣାନନ୍ଦ(୨) ||୧||
ଅଜ୍ଞାନ ତିମିର ପରି ଅଛ ମୋ ନୟନେ ଘାରି(୨)
ଜ୍ଞାନ ଅଞ୍ଜନକୁ ଦଉ କରି ମୁକୁନ୍ଦ(୨) ||୨||
ଫିଟାଅ ଜ୍ଞାନ ନୟନ ଦେଖୁ ଏ ସ୍ଥୁଳ ନୟନ(୨)
କେଉଁ ସୁତ୍ରେ ରହିଛନ୍ତି ସହଜାନନ୍ଦ (୨) ||୩||
କହେ ଅଭିରାମ ବାଇ ଅଳି ହୋଇଅଛି ମୁହିଁ(୨)
ମୋହର ଆଶା ଭରସା ପଦାରବିନ୍ଦ (୨) ||୪||

## 3.97 ନମସ୍ତେ ପ୍ରଭୁ ଜଗନ୍ନାଥ

(ଗୀତ – ଅତିବଡ଼ୀ ଜଗନ୍ନାଥ ଦାସ)
ନମସ୍ତେ ପ୍ରଭୁ ଜଗନ୍ନାଥ । ଅନାଥ ଲୋକଙ୍କର ନାଥ ।।
ନମସ୍ତେ ପ୍ରଭୁ ବାସୁଦେବ । ଭକତ ଜନଙ୍କ ବାନ୍ଧବ ।।
ନମସ୍ତେ ପ୍ରଭୁ ହୃଷୀକେଶ । ଭକତ ଜନଙ୍କ ବିଶ୍ୱାସ ।।
ନମସ୍ତେ ପ୍ରଭୁ ବିଶ୍ୱରୂପୀ । ସକଳ ହୃଦେ ଅଛ ବ୍ୟାପି।।
ତୁ ସୃଷ୍ଟି ସ୍ଥିତି ଲୟ କରୁ । ଆବର ଗର୍ଭରେ ସଂହରୁ ।।
ଅଶେଷ କୋଟି ବସୁନ୍ଧରୀ । ତୋହର ଗର୍ଭେ ଛନ୍ତି ପୁରି ।।
ଚଉଦ ଭୁବନେ ଯା କିଣା । ଏ ସର୍ବ ତୋହର ରଚନା ।।
ତୁ ବ୍ରହ୍ମା ରୁଦ୍ର ବିଷ୍ଣୁ ତୁହି । ତୋ ବିନୁ ଅନ୍ୟ ଗତି ନାହିଁ ।।
ସୃଷ୍ଟି ତୋହର ଖେଳଘର । ଅଶେଷ ମାୟା ତୋ ଆବର ।।
ତୋହର ନିଶ୍ୱାସ ମରୁତ । ଦେବେ ହୋଇଲେ ତହୁଁ ଜାତ ।।

ତୁହିଟି ଅଗ୍ନି ଦେବ ଇନ୍ଦ୍ର । ନୟନୁ ଜାତ ସୂର୍ଯ୍ୟ ଚନ୍ଦ୍ର ।।
ଭୁଜରୁ ଅନନ୍ତ ମୂରତି । କଣ୍ଠରୁ ଜାତ ସରସ୍ୱତୀ ।।
ସଦା ଚଞ୍ଚଳ ନିଦ୍ରା ନାହିଁ । ଏ ରୂପେ ଶୂନ୍ୟେ ଅଛୁ ରହି ।।
ଅଶେଷ ତୋହର ମହିମା । କେ ଜାଣିପାରେ ଗୁଣସୀମା ।।
ତୋ ନାମ କରୁଥିଲେ ଲୟ । କୋଟିଏ ଜନ୍ମ ପାପ କ୍ଷୟ ।।
ନାମ ଘୋଷିଲେ ସର୍ବସିଦ୍ଧି । ଖଣ୍ଡଇ ରୋଗ ଶୋକ ଆଦି ।।
ଆରତ ଭଞ୍ଜନ ତୋ ବାନା । ଆତଙ୍କ କାଳେ ବଜ୍ର ସେହ୍ନା ।।
ହୋଇଲୁ ଦଶ ଅବତାର । ନାଶିଲୁ ଅବନୀର ଭାର ।
ଦୁଷ୍ଟ ନିବାରି ସନ୍ଥ ପାଳୁ । ତୁ ନାଥ ପରମ ଦୟାଳୁ ।।
ତୁ ଅଟୁ ଦରିଦ୍ରର ଧନ । ତୋ ପାଦେ ରହୁ ମୋର ମନ ।।
ସତୀ ଯୁବତୀଙ୍କର ମନେ । ନିଜର ସ୍ୱାମୀ ଥାନ୍ତି ଯେହ୍ନେ ।।
ସେହି ପ୍ରକାରେ ମୋର ମନ । ତୋ ପାଦେ ରହୁ ଭଗବାନ ।।
କହଇ ଦାସ ଜଗନ୍ନାଥ । କମଳ ଚରଣକୁ ଆଶ ।।

## 3.98 ନୀଳଚକ୍ର ନେତ ଛାଇ ତଳେ ମୋତେ, ଆଶ୍ରା ଦିଅ

(ଗୀତ – )
ନୀଳଚକ୍ର ନେତ ଛାଇ ତଳେ ମୋତେ(୨) ଆଶ୍ରା ଦିଅ ଜଗନ୍ନାଥ(୨)
ଆହେ ମହାବାହୁ ତୁମେ ଥାଉ ଥାଉ(୨) ଭାସିଯାଏ ମୁଁ ଅନାଥ |୦|
ଭସାଇ ଦେବାକୁ ଚାହଁ ଯଦି ତୁମେ ତିଳେ ମୋ ଶୋଚନା ନାହିଁ
ଭାସିଗଲେ ଯିବି ତୁମ ଦେଉଳକୁ ବାଇଶି ପାହାଚ ଡେଇଁ
କହିବି ତୁମକୁ କର ହେ ଉଧାର, ଆହେ ପ୍ରଭୁ ପଦ୍ମମୁଖ (୨) |୧|

ରତ୍ନ ସିଂହାସନ ଦୋହଲି ଉଠିବ ନଶୁଣିଲେ ମୋର ଡାକ
ତୁମ ବିନା ଆଉ କେହି ସାହା ନାହିଁ ଜାଣ ତୁମେ ଜଗନ୍ନାଥ
ନ ଦେଲେ ଶରଣ ମାଗୁଛି ମରଣ, ଧରି ତୁମ ପଦ୍ମପାଦ(୨) |୨|

## 3.99 ନୀଳଚକ୍ରେ ହେ

(ଗୀତ - ଗୌରଚରଣ ଅଧିକାରୀ (୧୮୧୪ - ୧୮୯୦))
ନୀଳଚକ୍ରେ ହେ ଦେଖ ଉଡୁଛି ବାନା
ପତିତ ପାବନ ନାମଟି ଯାର ନାଁ ।
ଆସ ଆସ ବୋଲି ପାତକୀମାନଙ୍କୁ ଡାକୁଅଛ ପରା ସଙ୍ଗାତ ଅନା ।
ନେତ ଧ୍ୱଜାବର ଉଡ଼ି ଫର ଫର ଉଡ଼ାଇ ଦେଉଛି ଭବ ଯାତନା । ୧।
ପଞ୍ଚ କୋଶୀ ଯାଏଁ ଜନେ ଦେଖାଯାଏ ଦର୍ଶନେ କଳୁଶ ହୁଅଇ ଚୂନା ।
ଚଉଦ ବ୍ରହ୍ମାଣ୍ଡ କରତାଙ୍କ ଲୀଳା ଶଙ୍ଖ ନାଭି କ୍ଷେତ୍ରେ ବିଚିତ୍ର ସିନା । ୨।
ସଳଖ ସୁନ୍ଦର ବଡ଼ ଦାଣ୍ଡ ଶୋଭା ମର୍ତ୍ତ୍ୟ ମଣ୍ଡଳରେ କାହିଁ ଅଛି ନା ।
ଶରଧା ବାଲିରୁ ସ୍ୱର୍ଗ ଦ୍ୱାର ଯାଏଁ ଗହଳ ଚହଳ ନୁହେଁ କଳନା । ୩।
ପାପ ଛଡ଼ା ପୁରେ ବାସ କରିବାକୁ ଯାହାକୁ ତାହାକୁ ନୁହଁଇ ମନା ।
ଆଚାଣ୍ଡାଳ ବିପ୍ର ପତ୍ରକେ ଭୁଞ୍ଜିବା ବଡ଼ ଆଚମ୍ବିତ ଲାଗଇ କିନା । ୪।
ଗୌର ଦ୍ୱିଜ ଭଣି ଶ୍ରୀକ୍ଷେତ୍ରେ ରହଣି ପାଇଁ କରୁଥାଇ ସଦା ଭାବନା ।
ସତେ ହେବ ସାହା ବଳିଆର ବାହା ସମ୍ପୂର୍ଣ୍ଣ କରିବି ମନ କାମନା ।୫।

## 3.100 ପଥର ହେଲ ହେ ପ୍ରଭୁ, ପଥର ଟେକା

(ଗୀତ – )

ପଥର ହେଲ ହେ ପ୍ରଭୁ, ପଥର ଟେକା(୨)
ପଥର ନୀଳ ଚକ୍ରରେ ଉଡ଼େ ପତାକା.....
ପଥର ହେଲ ହେ ପ୍ରଭୁ, ପଥର ଟେକା
ପଥରେ ଦେଖି ସୁଗ୍ରୀବ(୨) ଆଚରିଲା ମିତ୍ର ଭାବ
ପଥର ପକାଇ ସିନ୍ଧୁ ବାନ୍ଧିଲ ଏକା
ପଥର ହେଲ ହେ ପ୍ରଭୁ, ପଥର ଟେକା
ପଥରେ ଭେଟିଲା ହନୁ(୨) ଭୃତ ହେଲା ସେହି ଦିନୁ
ପଥର ଫିଙ୍ଗିଣ ସେ ଯେ ଭଙ୍ଗିଲା ଲଙ୍କା
ପଥର ହେଲ ହେ ପ୍ରଭୁ, ପଥର ଟେକା
ପଥର ହୋଇ ଅହଲ୍ୟା(୨) ପତି ଶାପେ ପଡ଼ିଥିଲା
ପଥରେ ପଥର ଦେଖି କଲ ନାୟିକା
ପଥର ହେଲ ହେ ପ୍ରଭୁ, ପଥର ଟେକା
ପଥର ଗଢା ଶରୀର(୨) ତୁମ୍ଭର ହେ ଚକ୍ରଧର
ମୋ ଡାକ ବେଳକୁ ହେଲ ପଥର ଏକା
ପଥର ହେଲ ହେ ପ୍ରଭୁ, ପଥର ଟେକା

## 3.101 ପ୍ରଭୁ ନୀଳାଦ୍ରିବିହାରୀ

( ଗୀତ – ଦିବ୍ୟସିଂହ ଦେବ)
ପ୍ରଭୁ ନୀଳାଦ୍ରିବିହାରୀ
କଟକେ ଅଟକେ ହେବାରୁ ମୋ ମନ ସରୁ ନାହିଁ ଝୁରି ଝୁରି ।।
ମହାବଳିଆର ଭୁଜ ଦେବରାଜ ସୁଦର୍ଶ ଚକ୍ରଧାରୀ
ଏମହା ବିପଦୁଁ ଉଦ୍ଧାରିଲ ନାହିଁ ନ ଶୁଣିଲ ମୋ ଗୁହାରୀ ।।

କନ୍ଦିରୁ ଅଣାଇ ବନ୍ଦୀ କରାଇଲ ଶ୍ରୀ ନନ୍ଦିଘୋଷ ବିହାରୀ
ଛନ୍ଦି କରଦ୍ୱୟ ଦେଖାଉଛି ଭୟ ଦ୍ୱନ୍ଦୀ ବିଜାତି ପାହାରୀ ॥
କଳା ଶ୍ରୀବଦନ ଏ ଘୋର କଦନ ବେଳକୁ ବେଳତ ଭାରି
ଧଳା ଅଶ୍ୱବାଗ ପାଉନାହିଁ କିବା ଲୋଡି ଲୋଡି ଦଇତାରୀ ॥
କେତେ କାହାକୁ ସଙ୍କଟୁ ରଖି ।ହିଁ କୃପାନିଧି ଦୁଃଖହାରୀ
ମୋହରି ବେଳକୁ ନିର୍ଦ୍ଦୟ ହୃଦୟ ହୋଇଛ କିସ ବିଚାରି ॥
ସିନ୍ଧୁ ସୁତା ପତି ଅବା ମୋ ବିପତ୍ତି ପ୍ରତାପେ ହେଉଛ ଘାରି
ଦିବ୍ୟସିଂହ ଦେବ କାହାକୁ କହିବ ଆପଣେ ନ କଲେ ପାରି ॥

## 3.102 ପ୍ରଭୁ କି ସୁନ୍ଦର ଦିଶ ବସି ରତ୍ନ ସିଂହାସନେ

( ଗୀତ – ଆର୍ତ୍ତ ଦାସ)
ପ୍ରଭୁ କି ସୁନ୍ଦର ଦିଶ ବସି ରତ୍ନ ସିଂହାସନ ।
ପାପୀମାନେ ତରିଗଲେ କରି ତୁମ୍ଭ ଦରଶନ ।।
ଶଙ୍ଖ ଚକ୍ର ଗଦା ପଦ୍ମ ଦେଖି ହୋଇଲି ଆନନ୍ଦ ।
ମସ୍ତକେ ପୂର୍ଣ୍ଣିମା ଚାନ୍ଦ ଦିଶେ କେଡ଼େ ଶୋଭାବନ ।୧।
ମାଳମାନ ଲମ୍ବିଥାଇ ପାଦତଳ ଯାଏଁ ରହି ।
ବାସନାରେ ଚହଟଇ ପ୍ରଭୁ ତୁମ୍ଭ ଅଙ୍ଗମାନ ।୨।
କଟୀତଟେ ପୀତାମ୍ବର ଲମ୍ବିଥାଇ ପାଟ ଡୋର ।
ବାଙ୍କ ଚାହାଣି ତୁମ୍ଭର ଅଙ୍ଗେ କର୍ପୂର ଚନ୍ଦନ ।୩।
ସୁବର୍ଣ୍ଣରେ ହସ୍ତ ପାଦ ନ ଶୁଣ ହେ ଭକ୍ତ ଭେଦ ।
ଭାବି କହେ ଆର୍ତ୍ତ ଛାର ଭକ୍ତ ଡାକକୁ ନ ଶୁଣ ।୪।

## 3.103 ପ୍ରଭୁ ଧନ୍ୟ କଲୁ ମୋତେ ନିଜର କରି

(ଗୀତ - ଅଲେଖ ବିଶ୍ୱାଳ)
ପ୍ରଭୁ ଧନ୍ୟ କଲୁ ମୋତେ ନିଜର କରି(୨)
ତୋର ପୂଣ୍ୟ ମନ୍ଦିରେ ମୁଁ ପାପୀ ପୂଜାରୀ(୨) |୦|
ଆଖି ଥାଇ ଅନ୍ଧ ମୁଁ  ଯେ ବିଲ୍ୱମଙ୍ଗଳ
ତୁ ମୋତେ ଭାବିନେଲୁ ମଧୁମଙ୍ଗଳ
ତୁ ଜଗତର ନଥ ସର୍ବ ମଙ୍ଗଳ
ବଦଳାଇ ଦେଲୁ ସତେ ମୋର କପାଳ
ଲାଜଲାଗେ ମୋତେ ଡରଲାଗେ ମୋତେ,ମୁଁ ନୁହେଁରେ ଯୋଗ୍ୟ ତୁମ୍ଭରି |୧|
ମୁଁ ଥିଲି ନିମ କଢି ଅଲୋଡ଼ା ହୋଇ
ନିମକୁ ଚନ୍ଦନ କଲୁ ମଳୟ ଛୁଇଁ
ତୋର ସେଇ କରୁଣାରୁ କାଣିଚେ ପାଇ
ଦସ୍ୟୁ ରତ୍ନାକର ଗଲା ବାଲ୍ମିକୀ ହୋଇ
ସତେ ଜଗନ୍ନାଥ ଏତେ ଦୟାବନ୍ତ ଆଉ କିଏ ହେବ ତୋପରି |୨|

## 3.104 ପ୍ରଭୁ ପଦ ତଳେ ପ୍ରଣତୀ ଢାଳେ

(ଗୀତ – )
ପ୍ରଭୁ ପଦ ତଳେ ପ୍ରଣତୀ ଢାଳେ
ତୋଳି ପୂଜାଫୁଲ ସଞ୍ଜସକାଳେ, ପ୍ରଭୁ ପଦ ତଳେ ପ୍ରଣତୀ ଢାଳେ
ମଙ୍ଗଳମୟ ତୁମରି କରୁଣା, ଜୀବନରେ ଭରେ ସକଳ କାମନା(୨)
ଶାନ୍ତିର ଧରା ତଳେ, ପ୍ରଭୁ ପଦ ତଳେ ପ୍ରଣତୀ ଢାଳେ
ଚାଲିବାକୁ ତୁମେ ଦେଖାଇଛ ପଥ, ଗାଇବାକୁ ତୁମେ ଶିଖାଇଛ ଗୀତ(୨)

ଗାଏ ନିବେଦନ ସୁରେ, ପ୍ରଭୁ ପଦ ତଳେ ପ୍ରଣତୀ ଢାଳେ
ତୁମରି ଆଶିଷେ ସୁନ୍ଦର ଧରା, ପ୍ରୀୟ ପରିଜନ ବନ୍ଧୁରେ ଭରା(୨)
ମମତାର ମଧୁ ଝରେ, ପ୍ରଭୁ ପଦ ତଳେ ପ୍ରଣତୀ ଢାଳେ

## 3.105 ପତିତ ଜନଙ୍କୁ ଉଦ୍ଧାରିବା ପାଇଁ ଉଡ଼ାଉ ଅଛ ପତାକା

( ଗୀତ – ନିତ୍ୟାନନ୍ଦ ଦାସ)
ପତିତ ଜନଙ୍କୁ ଉଦ୍ଧାରିବା ପାଇଁ ଉଡାଉଅଛ ପତାକା ।
ବାହୁ ଟେକି ତୁମ୍ଭେ ବସି ଚାହୁଁ ଚାହୁଁ ବିପତ୍ତି କରୁଛି ଡକା ।।
ମହାପ୍ରଭୁ ହେ !
ନାଶ ଗଲେ ନାଥ ପରେ କି କରିବ କରୁଣା ଭଣ୍ଡାର ଫେଇ ।
ଦୁଃଖୀ ଗଲେ ନାଶ ଅର୍ଜିବ କି ଯଶ ପଛେ ଚଉବର୍ଗ ଦେଇ ।
ମହାପ୍ରଭୁ ହେ !
ଘୋର ନବଘନ ଥାଉ ଯେବେ ଦୀନ ଚାତକ ଜୀବନ ହରାଇବ ।
ସମୁଦ୍ରେ ବରଷି ଘୋର ଜଳରାଶି ଚାତକ ବନ୍ଧୁ କି ବୋଲାଇବ ।୧।
ମାଳତୀ ବକୁଳ ବିକଚ କମଳ ବନ ଥିବ ଅଳି ଯେବେ ମରି ।
ପୂର୍ଣ୍ଣ ସୁଧାକର ଅନାଇଁ ଚକୋର ମାଳିକା ଯେବେ ମରିବେ ଝୁରି ।୨।
କଳ୍ପଲତା ତଳେ ଥାଇ ଯେ ମୁଁ ଫଳେ ନିରାଶ ହୋଇବା କେଡ଼େ ଲାଜ ।
ରତ୍ନାକର ହୋଇ ରତ୍ନରଙ୍କ ଯହିଁ ଏ କଥା କେମନ୍ତ ଦେବରାଜ ।୩।
ଥାଉ ଗଙ୍ଗା କୂଳେ ପରାଣ ବିକଳେ ତୃଷାରେ ଯେବେ ହାରିବ ପ୍ରାଣ ।
ଦିନମଣି ଥିବ ଅନ୍ଧାର ହୋଇବ ଏ କଥା ପ୍ରଭୁ ମନକୁ ଆଣ ।୪।
ସାମନ୍ତ ଯେ ଚତୁବର୍ଗ ଅଧିକାରୀ ଲକ୍ଷ୍ମୀ ପରିଚାରୀ ଥିବେ ହୋଇ ।

ଏମନ୍ତେ ସାମନ୍ତେ ଆଶ୍ରା କରି ଭୃତ୍ୟ ଭିକ୍ଷା ମାଗୁଥିବ ଦୁଃଖ ପାଇ ।୫।
ଏଥୁ ଅଧିକ କି ଅଛି ଲୋକହସା ଆଉ କି ରହିଲା ପ୍ରଭୁ ଆଣି ।
ଝମକିଲା ସିଂହ ପ୍ରାୟ ଝମକିବ ବିଅର୍ଥ ଧରିବା ଚକ୍ରପାଣି ।୬।
ଦିନବନ୍ଧୁ ବୋଲି ନାମ ଯେ ବହିଛ ଏହା ନ ଚେତ କି ଭାବଗ୍ରାହି ।
ଏ ନାମ ଏବେ ଏଣିକି ନ ବହିବ ଚକ୍ର ପରୁ ନେତ ଥୁଅ ନେଇ ।୭।
ତେବେ ତୁମ୍ଭକୁ କେ କାହିଁକି କହିବ କର୍ମ ଆଦରି ସହିବ ଦୁଃଖ ।
ନିରାଶ ଜଳଧି ତୁମ୍ଭ ନାମ ସିଦ୍ଧି ଜଗତରେ ବାଜିଯିବ ଡାକ ।୮।
ଆଉ ଭୁବନରେ ଠାକୁର ଖୋଜିବା ତୁମ୍ଭ ପରି କେହି ଥିଲେ ଜଣେ ।
ଦୁଃଖିଲୋକଙ୍କର ଦୁଃଖ ହରୁଥିବେ କୃପା ବିଲୋକନ-ନେତ୍ର-କୋଣେ ।୯।
ସୁଦର୍ଶନ ନାମେ ଚକ୍ର ବହିଥିବେ ଟେକି ବାହୁରେ ଦକ୍ଷିଣ କରେ ।
କହେ ନିତ୍ୟାନନ୍ଦ ଅପରାଧୀ ନନ୍ଦ ମୋହର ଶରଣ ତାଙ୍କ ଠାରେ ।୧୦।

## 3.106 ପତିତପାବନ ବାନା ଆଉ କେତେ ବେଳକୁ (୧)

( ଗୀତ – ଆର୍ତ୍ତ ଦାସ)
ପତିତ ପାବନ ବାନା ଆଉ କେତେ ବେଳକୁ ।
ଭାସିଗଲି ଭବ ଜଳେ ନାବ ଦିଅ କୂଳକୁ ।।
ଦୂରେ ଥାଇ ଡ଼ାକ ଦେଲେ ଡେରିଥାଅ କର୍ଣ୍ଣକୁ ।
ନିକଟରେ ନ ଶୁଣିଲ ମୋ କର୍ମ ଅବଳକୁ ।୧।
ଲକ୍ଷ ଯୋଜନରେ ଗଜ ଚିନ୍ତା କଲା ପ୍ରଭୁଙ୍କୁ ।
ଚକ୍ର ପେଶି ଗ୍ରାହ ନାଶି ରଖିଲ ତ ଗଜକୁ ।୨।
ଦ୍ରୌପଦୀ ଯେ ଚିନ୍ତା କଲା ବିବସନ ବେଳକୁ ।

କୋଟି ବସ୍ତ୍ର ଦେଲ ପ୍ରଭୁ ତୁମ୍ଭେ ତେତେ ବେଳକୁ ।୩।
ରୁପିଲାର ବୃକ୍ଷ ଗୋଟି ଛେଦୁଅଛ ମୂଳକୁ ।
ନିନ୍ଦା ହେବ ବାଇ  ବାନା ଏ ମହୀ ମଣ୍ଡଳକୁ ।୪।
ବଡ଼ ଦେଉଳରେ ଅଛ ଦାରୁଭୂତ ହୋଇକି ।
ଭଣିଲେ ଆରତ ଦାସ ତୁମ୍ଭ ମନେ ନାହିଁକି । ୫।

## 3.107 ପତିତପାବନ ବାନା ଆଉ କେତେ ବେଳକୁ(୨)

( ଗୀତ – ଗଜପତି ବୀରକେଶରୀ ଦେବ)
ପତିତପାବନ ବାନା ଆଉ କେତେବେଳକୁ
ଭାସିଗଲି ଭବଜଳେ ନାବ ଦିଅ କୂଳକୁ।।ଘୋଷା।।
ରୋପିବାର ବୃକ୍ଷଗୋଟି କାଟୁଅଛି ମୂଳକୁ
ତିନିପୁରେ ଅପକୀର୍ତ୍ତି ହେବ ଆଦି ମୂଳକୁ।।୧।।
ଦୂରେ ଥାଇ ଡାକିଦେଲେ ଡେରିଥାଅ କର୍ଣ୍ଣକୁ
ନିକଟରେ ନ ଶୁଣିଲେ ମୋ କର୍ମ ଅବଳକୁ।।୨।।
ଲକ୍ଷେ ଯୋଜନରେ ଗଜ ଡାକଦେଲା ତୁମ୍ଭଙ୍କୁ
ନକ୍ର ନାଶିବାକୁ ଚକ୍ର ଦେଇ ପେଶି ଜଳକୁ।।୩।।
ନକ୍ଷତ୍ର ଦିହୁଡ଼ି ଜଳେ ସନ୍ଧ୍ୟା ଦୀପ ବେଳକୁ
ଲମ୍ୱିଛି ଦୟାଣମାଳ ପାଦପଦ୍ମ ତଳକୁ।।୪।।
ଯୋଗୀଜନମାନେ ହୃଦେ ଧ୍ୟାଉ ଛନ୍ତି ଯାହାକୁ
ଭଣିଲେ ବିରକେଶରୀ ଆଶା ପାଦ ତଳକୁ।।୫।।

## 3.108 ପରମାନନ୍ଦ ହେ ମାଧବ

(ଗୀତ – ଅତୀବଡ଼ି ଜଗନ୍ନାଥ ଦାସ)

ପରମାନନ୍ଦ ହେ ମାଧବ ପଦ୍ମ ଗଳୁଛି ମକରନ୍ଦ
ସେ ମକରନ୍ଦ ପାନକରି ଆନନ୍ଦେ ବୋଲୋ 'ହରି ହରି'
ହରିଙ୍କ ନାମେ ବାନ୍ଧ ଭେଳା ପାରି କରିବେ ଚକାଡୋଳା
ସେ ଚକାଡୋଳାଙ୍କ ପୟରେ ମନ-ମୋ ରହୁ ନିରନ୍ତରେ
ମନ ମୋ ନିରନ୍ତରେ ରହୁ 'ହେ-କୃଷ୍ଣ' ବୋଲି ଜୀବ ଯାଉ
'ହେ-କୃଷ୍ଣ' ବୋଲି ଜାଉ ଜୀବ ମୋତେ ଉଧାର ରାଧା-ଧବ
ମୋତେ ଉଧାର ରାଧା-ଧବ ମୋତେ ଉଧର ରାଧା-ଧବ

## 3.109 ବଡ଼ଠାକୁର ହେ ବଡ଼ଠାକୁର

(ଗୀତ – )

ବଡ଼ଠାକୁର ହେ ବଡ଼ଠାକୁର(୨)
ପଚାରିବ ତମ ସାନ ଭାଇକି(୨) ହସିଲେ ହସୁଚି, ରୁଷିଲେ ରୁଷୁଚି(୨)
ଏଇ ଖେଳ ତା'ର କାହାପାଇଁକି, ବଡ଼ଠାକୁର ହେ ବଡ଼ଠାକୁର ||୦||
ସଜ ତୁଳସୀରେ ନିତି ସଜହୁଏ, ଛଡ଼ା ତୁଳସୀକୁ ଆମକୁ ବଢାଏ
ଭାର ଭାର ଫୁଲେ ଲାଗି ହେଉଥାଏ, ବାସି ଧଣ୍ଡାମାଳ ଆମକୁ ବଢାଏ
ରାଧାକୁ ଦେଖିକି, ଲକ୍ଷ୍ମୀକୁ ଦେଖୁଚି, ଏଇ କଳା ମୁହଁ କାହାପାଇଁ କି ||୧||
ଭଳିଭଳି ପାଟ ପଟନୀ ଦେଖ ପିନ୍ଧୁଚି, ଚିରି ଦେଇ ଶୀରିକପଡ଼ା ସିଏ ଦଉଚି
ଚନ୍ଦନ କର୍ପୂର ଆଳତୀ ଘେନୁଚି ପୋଡ଼ାକଳା ଆମ ମଥାକୁ ଦଉଚି
ରାମ ହୋଇଥିଲା କୃଷ୍ଣ ହୋଇଥିଲା(୨) ଦାରୁରୂପ ଏବେ କାହାପାଇଁକି ||୨||

## 3.110 ବଡ଼ଦାଣ୍ଡ ଧୂଳି ଉଡ଼େଇ ଉଡ଼େଇ

(ଗୀତ – )

ବଡ଼ଦାଣ୍ଡ ଧୂଳି ଉଡ଼େଇ ଉଡ଼େଇ(୨) ନନ୍ଦିଘୋଷ ଗଡ଼ିଯାଆ ଆ ଆ ରେ(୩)
କାଳିଆ ବାଟକୁ ଅନେଇ ଅନେଇ(୨) ବସିଛି ମାଉସୀ ମା ଆ ଆ ଆ ରେ
ନନ୍ଦିଘୋଷ ଗଡ଼ିଯାଆ ଆ ଆ ରେ ....
ଶରଧାର ପୋଡ଼ପିଠାର ସୁଆଦ ମନେ ପଡ଼ିଗଲା ବୋଲି,
ମନେ ପଡ଼ିଗଲା ବୋଲି
କରି ଘୋଷଯାତ ଯାଉଛି କାଳିଆ ବଡ଼ଦାଣ୍ଡେ ଝୁଲି ଝୁଲି,
ବଡ଼ଦାଣ୍ଡେ ଝୁଲି ଝୁଲି
ସକାଳ ପହରୁ ମାଉସୀ ବସିଛି(୨) ଅ ମୋ କାଳିଆ ଆ ଆ ଆ ରେ ...
ନନ୍ଦିଘୋଷ ଗଡ଼ିଯାଆ ଆ ଆ ରେ ....
କାଳିଆର ଡୋରି ଭକତଙ୍କୁ ସିନା ତା ପାଖକୁ ନିଏ ଟାଣି,
ତା ପାଖକୁ ନିଏ ଟାଣି
ମାଉସୀ ଡୋରିରେ ଟଣା ହୋଇ ନିଜେ ଆଜି ସେ ଯାଉଛି ପୁଣି,
ଆଜି ସେ ଯାଉଛି ପୁଣି
ଯିବା ବାଟରେ ତା ସାର୍ଥକ ହେବ(୨) ପତିତପାବନ ନାଆଁ ଆ ଆ ଆ ରେ..
ନନ୍ଦିଘୋଷ ଗଡ଼ିଯାଆ ଆ ଆ ରେ ....
ବଡ଼ଦାଣ୍ଡ ଧୂଳି ଉଡ଼େଇ ଉଡ଼େଇ (୨) ନନ୍ଦିଘୋଷ ଗଡ଼ିଯାଆ ଆ ଆ ରେ
କାଳିଆ ବାଟକୁ ଅନେଇ ଅନେଇ(୨) ବସିଛି ମାଉସୀ ମା ଆ ଆ ଆ ରେ
ନନ୍ଦିଘୋଷ ଗଡ଼ିଯାଆ ଆ ଆ ରେ ....

## 3.111 ବଡ଼ଦାଣ୍ଡ ଧୂଳି ନ ହେଲା ନାଇଁ ହେ, ବାଇଶି ପାହାଚ ନ ହେଲା

(ଗୀତ – )
ବଡ଼ଦାଣ୍ଡ ଧୂଳି ନ ହେଲା ନାଇଁ ହେ, ବାଇଶି ପାହାଚ ନ ହେଲା ଛୁଇଁ (୨)
ଶେଷବେଳେ ମୋତେ ମନା କରିବନି (୨) ସରଗ ଦୁଆରୁ ଚାଖଣ୍ଡେ ଭୁଇଁ
ହେ ଗୋସାଇଁ, ହେ ଗୋସାଇଁ, ହେ ଗୋସାଇଁ, ...
ଇଚ୍ଛାଥିଲା ମୋର ନୀଳାଚଳରେ ଗଡ଼ିବାକୁ ଥରେ ବଡ଼ଦାଣ୍ଡରେ
ବାଇଶି ପାହାଚେ ଚଢିଥାନ୍ତି ଥରେ ସେ ଧୂଳି ଚନ୍ଦନ ବୋଳି ମୁଣ୍ଡରେ
ଇଚ୍ଛାଥିଲା ମୋର ନୀଳାଚଳରେ ଗଡ଼ିବାକୁ ଥରେ ବଡ଼ଦାଣ୍ଡରେ
ବାଇଶି ପାହାଚେ ଚଢିଥାନ୍ତି ଥରେ ସେ ଧୂଳି ଚନ୍ଦନ ବୋଳି ମୁଣ୍ଡରେ
ସିଂହଦୁଆର ତ ନହେଲା ଡେଇଁ ହେ, ଅଭଡ଼ା ଗଣ୍ଡାଏ ନ ହେଲା ଖାଇ(୨)
ଶେଷବେଳେ ମୋତେ ମନା କରିବନି (୨) ସରଗ ଦୁଆରୁ ଚାଖଣ୍ଡେ ଭୁଇଁ
ହେ ଗୋସାଇଁ, ହେ ଗୋସାଇଁ, ହେ ଗୋସାଇଁ, ...
ସ୍ୱର୍ଗଦ୍ୱାରେ ରହି ଦେଖୁଥିବି ମୁଁ ପତିତପାବନ ନାଲିଆ ନେତ
ଏତିକି ଗୁହାରି ତୁମ ଚରଣରେ ମନା କରିବନି କଳା ସାଆନ୍ତ
ସ୍ୱର୍ଗଦ୍ୱାରେ ରହି ଦେଖୁଥିବି ମୁଁ ପତିତପାବନ ନାଲିଆ ନେତ
ଏତିକି ଗୁହାରି ତୁମ ଚରଣରେ ମନା କରିବନି କଳା ସାଆନ୍ତ
କଳା ବଦନକୁ ନ ହେଲା ଚାହିଁ ହେ, କଳ୍ପବଟ ତଳେ ନ ହେଲା ଶୋଇ(୨)
ଶେଷବେଳେ ମୋତେ ମନା କରିବନି (୨) ସରଗ ଦୁଆରୁ ଚାଖଣ୍ଡେ ଭୁଇଁ
ହେ ଗୋସାଇଁ, ହେ ଗୋସାଇଁ, ହେ ଗୋସାଇଁ, ...

## 3.112 ବଡ଼ ଦେଉଳେ ବଡ଼ ଦିଅଁ କାହିଁକି

(ଗୀତ - କାଳିଚରଣ ପଟ୍ଟନାୟକ)
ବଡ଼ ଦେଉଳେ ବଡ଼ ଦିଅଁ କାହିଁକି
ବଡ଼ ବୋଲାଇ ଲାଜ ନାହିଁକି ?
ବଡ଼ ଦିଅଁ ବଡ଼ ଦିଅଁ ପଡୁଛି ହୁରି
ହରିହେ ପଡୁଛି ହୁରି ।
ବଡ଼ତି କରିଛ କହ କାହିଁ କାହାରି ?
ଧରମ ପାପ ଯାହା କଲି ଭୋଗିଲି ତାହା ।
ମୋ କରମ ବଦଳ ନାହିଁ ତ ତୁମ ବଳ
କି ହେବ ହେ ପ୍ରଭୁ ପଣ ଥାଇକି ? ।୧।
ଆପଣା କରମ ଯେବେ ଭୁଞ୍ଜିବା ଲେଖା
କାହିଁକି ବୋଲାଅ ଦୀନଜନର ସଖା ?
କରମ ବଳ ଥିଲେ ସୁଫଳ ଫଳେ ବଳେ
ଅଦଳ ବଦଳକୁ ନାହିଁକେ ଶୁଣିବାକୁ
ସୁଖର ସାଥି ପରା ତମେ ମୁରଲୀ ଧରା
ରାଧା ମରିଛି ଗୁଣ ଗାଇକି ।୨।

## 3.113 ବନ୍ଧୁରେ, ସେ ଯେ ଜଗତର ନାଥ, ସେ ମୋ କାଳିଆ ସାଆନ୍ତ

(ଗୀତ – )
ବନ୍ଧୁରେ(୩), ସେ ଯେ ଜଗତର ନାଥ, ସେ ମୋ କାଳିଆ ସାଆନ୍ତ(୨) ବନ୍ଧୁରେ..
ଜଗତର ନାଥ ବୋଲି ଜଗତେ ପଡୁଛି ହୁରୀ

ଭାବ ବିନୋଦିଆ ହରି ଗରୀବର ଦୁଃଖ ହାରି
ସେ ତ ଯଶୋଦା ନନ୍ଦନ, ସେ ମୋ ହୃଦର ଚନ୍ଦନ(୨), ବନ୍ଧୁରେ......
ଷାଠୀଏ ପଉଟି ଖାଇ ଭକ୍ତ କଥା ଭାବୁଥାଇ
ଭକତଙ୍କୁ ହେଲେ ଦୁଃଖ ଦୂତପଣେ ଉଭା ହୋଇ
ସେ ମୋର ରସିକ ନାଗର, ସେ ମୋ  କାଳିଆ ଠାକୁର(୨), ବନ୍ଧୁରେ .....

## 3.114 ବଳିଆ ତୁ ସାକ୍ଷୀ ରହିଥା, ଚାନ୍ଦମୁହିଁ ସାକ୍ଷୀ ରହିଥା

(ଗୀତ – )
ବଳିଆ ତୁ ସାକ୍ଷୀ ରହିଥା, ଚାନ୍ଦମୁହିଁ ସାକ୍ଷୀ ରହିଥା
ରତ୍ନ ସିଂହାସନ ଶୁଣୁଥା, ପଣ୍ଡା ପଢିହାରୀ ଦେଖୁଥା
ଦୁଃଖ ମୋର ଦେଖି କାଳିଆ ହସୁଛି(୨)
ମା ଲକ୍ଷ୍ମୀ  ସାକ୍ଷୀ ରହିଥା ||୦|| (୪)
ସିଂହଦ୍ୱାର ଧୋଇ ଲୁହରେ ମୁଖଶାଳା ଦେଲି ଚାହିଁରେ
ବାଇଶି ପାହାଚେ ଆସିଲି ଗରୁଡ଼ ଖମ୍ବ ମୁଁ ଛୁଇଁଲି
ଲୁହ ମୋ ଝରିଲା କାଳିଆ ହସିଲା(୨) କଳ୍ପବଟ ସାକ୍ଷୀ ରହିଥା ||୧||
କପାଳେ ମାରିଲି ଚନ୍ଦନ ଅବଢ଼ା କଲି ମୁଁ ସେବନ
ମୁକତି ମଣ୍ଡପ ଛୁଇଁଲି ବିଚାର ତାହାର ମାଗିଲି
କାଳିଆ ହସିଲା ଲୁହ ମୋ ଝରିଲା(୨) ଶ୍ରୀମନ୍ଦିର ସାକ୍ଷୀ ରହିଥା ||୨||
ମନ୍ଦିରୁ ବାହାରି ଆସିଲି ବଡ଼ଦାଣ୍ଡେ ଠିଆ ହୋଇଲି
ଧୂଳି ଆଣି ମୁଣ୍ଡେ ମାରିଲି ନୀଳଚକ୍ର ଚାହିଁ ଫେରିଲି
ଲୁହ ମୋ ଝରିଲା କାଳିଆ ଚାହିଁଲା (୨) ନୀଳାଚଳ ସାକ୍ଷୀ ରହିଥା ||୩||

## 3.115 ବାଛି କେ ନାମ ଦେଲା ଦୟାନିଧି

( ଗୀତ – ସାଲବେଗ)
ବାଛି କେ ନାମ ଦେଲା ଦୟାନିଧି
ଦଇତାରି ଦୟାନିଧି ଦୟାଳୁ ରାମହରି
ନିର୍ଦ୍ଦୟ କିଁପା ହେଲ ନିରବଧି।(ଘୋଷା)
ଭଜିଣ ସେ ପଦାମ୍ବୁଜ ହେଲେ ତରିଗଲା ଦ୍ୱିଜ
କାଁହୁ ସ୍ଫୁରିଲା ତାର ବଳବୁଦ୍ଧି।୧।
ଚିନ୍ତିଲା ପ୍ରହଲାଦ ଭକ୍ତ ପାଇଁ ବିଷାଦି
ସ୍ତମ୍ଭରୁ ବାହାରି ତା ପିତାକୁ ବଧି।୨।
ଗୋପେ ରଖି ଗୋକୁଳ ଗିଳିଲ ଦାବାନଳ
କଲ ଗୋପୀଙ୍କର କାମନା ସିଦ୍ଧି।୩।
କହେ ସାଲବେଗ ହୀନ ଏହି ମୋର ନିବେଦନ
ସେ ପାଦେ ଚିତ୍ତ ରହୁ ନିରବଧି।୪।

## 3.116 ବାଧିଲା ଜାଣି କ୍ଷମା

(ଗୀତ - ବଳଦେବ ରଥ)
ବାଧିଲା ଜାଣି କ୍ଷମା କର ନୋହିଲେ ରମାରମଣ ଦଣ୍ଡେ ଦିଅ ଟାଳି ।
ତୁମ୍ଭକୁ ଜଗନ୍ନାଥ ଆଜ ମୋ ମନୋରଥ ଭରତି କରି ଦେବି ଗାଳି ।
ହେ କୃପାନିଧି !
କରୁଣା ସିନ୍ଧୁ ବୋଲି କରି, କହନ୍ତି ବୁଧେ ଡରି ମରି ।
କାଳ ସର୍ପ ଆପଣ, କବଳ ପ୍ରାଣ ପବନମାନଙ୍କୁ ସବୁରି ।

ହେ କୃପାନିଧି ।୧।
ଜଳଧି ଅନ୍ତେ ନିଜ ଘର ଦେବାଧିରାଜ ବୁଡାଇ ଦେଇଛ ଆପଣ ।
ତୁମ୍ଭରି ସିନା ଘେନ ଆଶ୍ଚର୍ଯ୍ୟ ନୁହେଁ ଆନ ଜନର ଘରବୁଡା ପଣ ।
ହେ କୃପାନିଧି !
ଭୁଜଙ୍ଗ ସାମ୍ୟ ଆମ୍ଭ ତୁଲେ ବତାଅ ବୋଲି ଆଜ୍ଞା ଦେଲେ ।
ମୁଁ ନୁହେଁ ଘର ବୁଡା ବତାଇବାକୁ ଛିଡା ହୋଇଛି ବତାଇବି ଭଲେ ।
ହେ କୃପାନିଧି ।୨।
ତାହାକୁ ବୋଲି ଚକ୍ରୀ ଚକ୍ର ଥିବାରୁ ଚକ୍ରୀ ତୁମ୍ଭେ ତ ବୋଲାଅ ମଣ୍ଡଳେ ।
ବୋଲାଇ କୁଣ୍ଡଳୀ ସେ ଆପଣ ତ ବିଶେଷେ ଭୂଷିତ ମକର କୁଣ୍ଡଳେ ।
ହେ କୃପାନିଧି !
ଅଦୃଶ୍ୟ ହେବାରୁ ତା ପାଦ ତାହାକୁ ବୋଲି ଗୂଢପଦ ।
ଆପଣା ଚରଣ ତ ବିରଞ୍ଚି କୁ ଗୁପତ କାହିଁ ତା ଠାରୁ ତୁମ୍ଭ ଭେଦ ।
ହେ କୃପାନିଧି ।୩।
ହେବ ବା ଅବଧାନେ ତାହାକୁ ତ୍ରିଭୁବନେ ବୋଲନ୍ତି କାକୋଦର ନରେ ।
ଏ ତ୍ରପିଷ୍ଟକ ଯାକ ମଧ୍ୟେ ଗୋଟିଏ କାକ ନାହିଁ କି ତୁମ୍ଭରି ଉଦରେ ।
ହେ କୃପାନିଧି !
ବିବରେ ସେ ଅତି ଲମ୍ପଟ ବିବର ବିହଙ୍ଗମ ରାଟ ।
ବିଧିରେ ସେ ଲମ୍ପଟ ଆପଣ ତ ସେ ପଟ ପଟଳେ ହୋଇଅଛ ସ୍ଫୁଟ ।
ହେ କୃପାନିଧି ।୪।
କାନ ନ ଥାଇ ଆଖି ଭୁଜଙ୍ଗ ଠାରେ ଦେଖି ନୟନଶ୍ରବା ବୋଲି ତାକୁ
କହ କମଳାନନ କାହିଁଛି ତୁମ କାନ ସର୍ପ ବୋଲି ଚଳିବାକୁ
ହେ କୃପାନିଧି !

ଫଣି କାୟାକୁ ବୋଲି ଭୋଗ ଥିବାରୁ ସେ ଦୁଇ ସଞ୍ଜୋଗ ।
ତାହାକୁ ବୋଲି ଭୋଗୀ, ତୁମ୍ଭେ କି ନୁହଁ ଭୋଗୀ କରୁଯା ଅଛ ମହାଭୋଗ।
ହେ କୃପାନିଧି ।୫।
ଯେବେ ଭୁଜଙ୍ଗ ନୁହଁ କାଳୀୟ ଠାରେ ଦ୍ରୋହ କଲ କାହିଁକି ଏଡେ କରି।
କେତେ ନଥିଲେ ଗୋପେ ତୁମ୍ଭେ କାହିଁକି କୋପେ ତାହାଙ୍କୁ ଦେଲ ପ୍ରାଣେ ମାରି।
ହେ କୃପାନିଧି !
ତାହାରି ନାମେ ତୁମ୍ଭ ନାମ ଅଦ୍ୟାପି ହୋଇଛି ଜନମ ।
ଯେବେ ସ୍ୱଗୋତ୍ର ଦ୍ରୋହ ନ ଥାନ୍ତା ନାଥ କହ କିପାଇଁ ହୁଅନ୍ତା ଏ ଭ୍ରମ ।
ହେ କୃପାନିଧି ।୬।
ଜାଣି ବାଳୁତ କାଳୁ ଲବଣୀ ହାଣ୍ଡି ତଳୁ ଧରି ପାଶରେ ହୃଦେ ଭିଡ଼ି ।
ଦୟା ନ କରି ତିଳେ ଯାମଳା ତରୁ ତଳେ ଜନନୀ ନେଇ ଦେଲେ ଛାଡ଼ି ।
ହେ କୃପାନିଧି ।
ଯେତକ ଥିଲା ଗର୍ଭେ ପଡ଼ି ଜୀର୍ଣ୍ଣ ହେବାକୁ ହେଲ ଭିଡ଼ି ।
ତିନି ଜଗତଯାକେ ଜାଣି ତ ଥିବେ ଲୋକେ ସେ ତରୁ ଯିବାର ଉପୁଡ଼ି ।
ହେ କୃପାନିଧି ।୭।
ବ୍ରହ୍ମା-ଶଙ୍କର ମୁଖ୍ୟ ଦେବଙ୍କ ଠାରେ ମୋକ୍ଷ-ପ୍ରଧାନ ଧନ ଗୁଣ କଲ ।
ପତିତକୁ ନ ପୋଷିବାର କ୍ରମରେ ଆଶୀ-ବିଷ ପରାଏ ଆଭାସିଲ ।
ହେ କୃପାନିଧି !
ଅସାବଧାନେ ଗଲେ ମିଳି ଗୋଟିକୁ ଗିଳଇ କୁଣ୍ଡଳୀ ।
ଅଗଣିତ ବ୍ରହ୍ମାଣ୍ଡ ହାଣ୍ଡି ମଣ୍ଡଳୀ ରୁଣ୍ଡ କରି ଆପଣ ଅଛି ଗିଳି ।
ହେ କୃପାନିଧି ।୮।
ଅହି ତ ବୋଲାଏ ସେ ଏକ ଅକ୍ଷର କୋଷେ ଅ-ହିତ ବୋଲାଅ ନିପୁଣ ।

କଂସ ପ୍ରମୁଖାସୁର ବିପକ୍ଷମାନଙ୍କର ଅହିତ ହୋଇଛ ଆପଣ ।
ହେ କୃପାନିଧି !
ଜଗତେ ଧରି ଯେବେ ଅହି ଘଟ ଗୋଟିକେ ନେଇ ଥୋଇ ।
ଅଛ ଯାବତ ଘଟେ ବଞ୍ଚାଅ ଯେ କପଟେ ମୋର ହାବୁଡ଼ୁ ଯିବ କାହିଁ ।
ହେ କୃପାନିଧି !୯।
କେଉଁ ଶିଶୁ କାମିନୀ ସ୍ତନ୍ୟ ପାନରୁ ଘେନି ଜୀବନ ଯାଇଛି ଜଗତେ ।
ଶୋଷି ପୁତନା ପ୍ରାଣ ଘେନିବାର ଜୀବନ ନାହିଁକି ତୁମ୍ଭ ଦିବ୍ୟ ଚିତ୍ତେ ।
ହେ କୃପାନିଧି !
ସକଳ କଥା ମୋର ଦେଖି ଅଛନ୍ତି ଲକ୍ଷ ଲକ୍ଷ ସାକ୍ଷୀ ।
ବ୍ରଜେ ଭୁଜଙ୍ଗ ଚାଲି କରି ମୁଁ ନାହିଁ ବୋଲି ଛୁଅଁ ତ ଥରେ ଚକା ଆଖି ।
ହେ କୃପାନିଧି ।୧୦।
ନୁହେଁ ଆବାସ ଘର ମାନସ ସରୋବର ଶୁଭିଲା ନାଗେଶ୍ୱର ରବ ।
କ୍ଷଣେ ନ ରହି ଧାଇଁ ଗଲଟି କାହିଁ ପାଇଁ ଆଉ ନ ଥିଲେ କେତେ ଦେବ ।
ହେ କୃପାନିଧି !
ମନ୍ତ୍ର ଜାଣିବା ଲୋକେ ବଶ ହୁଅନ୍ତି ସବୁ ଆଶୀ-ବିଷ ।
ମନ୍ତ୍ରାଧୀନ ତ ତୁମ୍ଭେ ବଞ୍ଚାଉଅଛ ଦମ୍ଭେ ଭୁଜଙ୍ଗ ନୁହ ଆଉ କିସ ।
ହେ କୃପାନିଧି ।୧୧।
କହଇ କବିସୂର୍ଯ୍ୟ ନାଥ ନୁହ ଅଧୈର୍ଯ୍ୟ ଏଣିକି ମହତ ନ ଯାଉ ।
ମୁଁ ତୁମ୍ଭ ପରିଚାର ଜାଣିଲେ କି ବିଚାର ଇତରେ ନ ଜାଣନ୍ତୁ ଆଉ ।
ହେ କୃପାନିଧି !
ଯେତେବେଳେ ମୋ ଅନ୍ତ ହେବ ଏତିକି ମାତ୍ର ମୋତେ ଦେବ ।
ପରତେ ରାଟ ଦ୍ୱାର ସୀମାରୁ ପରିହାର କରାଇ ଯହିଁ ତହିଁ ନେବ ।

ହେ କୃପାନିଧି ।୧୨।

## 3.117 ବଂଶୀ ବାଜୁଛିରେ, ବଂଶୀ ବାଜୁଛି; ରାଧା ନାଚୁଛିରେ

(ଗୀତ – କଳ୍ପତରୁ ବଳ)

ବଂଶୀ ବାଜୁଛିରେ, ବଂଶୀ ବାଜୁଛି; ରାଧା ନାଚୁଛିରେ, ରାଧା ନାଚୁଛି(୨)
ସତେ ପୁରସ୍ତମ ଗୋପ ବୃନ୍ଦାବନ(୨) ସେଇ କୃଷ୍ଣ ଏଠି ବସିଛି (ଆହା ୨)
ନୀଳାଚଳେ ନିତ୍ୟ ରାସ ଚାଲିଛି, ରାଧା ନାଚୁଛିରେ, ରାଧା ନାଚୁଛି
ରସିକ ଶେଖର ଏ ଜଗାକାଳିଆ ଥିଲା ଯେବେ ବୃନ୍ଦାବନେ
ରାଧାରାଣୀ ସଙ୍ଗେ ନାଚୁଥିଲା ରଙ୍ଗେ ବଂଶୀ ବାଇ ରାଧା ନାମେ
ରସିକ ଶେଖର ଏ ଜଗାକାଳିଆ ଥିଲା ଯେବେ ବୃନ୍ଦାବନେ
ରାଧାରାଣୀ ସଙ୍ଗେ ନାଚୁଥିଲା ରଙ୍ଗେ ବଂଶୀ ବାଇ ରାଧା ନାମେ
ବୁଲି କଦମ୍ବ କଳ୍ପ ବଟରେ ବୁଲି ଯମୁନା ସାଗର କୂଳେ
ରାଧାପ୍ରେମେ ହଜି ମଜି ହସୁଛି, ରାଧା ନାଚୁଛିରେ, ରାଧା ନାଚୁଛି
ଏଇ ସେ କାଳିଆ ବସିଛି ମ ଉନେ କିଛି ନଜାଣିଲା ପରି
ଗୋପୀଙ୍କ ବସନ ଚୋରାଇ ନେଇ ସେ ହସୁଥିଲା ବଂଶୀ ଧରି
ଏଇ ସେ କାଳିଆ ବସିଛି ମ ଉନେ କିଛି ନଜାଣିଲା ପରି
ଗୋପୀଙ୍କ ବସନ ଚୋରାଇ ନେଇ ସେ ହସୁଥିଲା ବଂଶୀ ଧରି
କେଡ଼େ କପଟି ଏଇ କାଳିଆ ବଡ଼ ହଟିଆ ବାଙ୍କଚୁଡ଼ିଆ
ରାଧା ପ୍ରୀତି ରଙ୍ଗ ବୋଳି ବସିଛି, ନୀଳାଚଳେ ନିତ୍ୟ ରାସ ଚାଲିଛି
ବଂଶୀ ବାଜୁଛିରେ, ବଂଶୀ ବାଜୁଛି; ରାଧା ନାଚୁଛିରେ, ରାଧା ନାଚୁଛି(୨)
ସତେ ପୁରସ୍ତମ ଗୋପ ବୃନ୍ଦାବନ(୨) ସେଇ କୃଷ୍ଣ ଏଠି ବସିଛି (ଆହା ୨)
ନୀଳାଚଳେ ନିତ୍ୟ ରାସ ଚାଲିଛି, ରାଧା ନାଚୁଛିରେ, ରାଧା ନାଚୁଛି

## 3.118 ବାୟାମନ ଚାଲ ଏଥର ବେଶି ବାଟ ନୁହେଁ ଶିରିକ୍ଷେତର

(ଗୀତ - )
ବାୟାମନ ଚାଲ ଏଥର ବେଶି ବାଟ ନୁହେଁ ଶିରିକ୍ଷେତର
ପତିତପାବନ ବାନା ଉଡୁଅଛି କି ସୁନ୍ଦର ଦିଶେ ନୀଳଚକର
କାଠ ଶଙ୍ଖେ ଆଗ ଦର୍ଶନ ନୀଳଚକ୍ର ସୁଦରଶନ(୨)
ଅଠରନଳାରୁ ଦେଖାଯିବ ତୋତେ ଦଧିନଉତିର ତଳ ଉପର
ବାୟାମନ ଚାଲ ଏଥର ବେଶି ବାଟ ନୁହେଁ ଶିରିକ୍ଷେତର
ବଡ଼ଦିଅଁ ବଡ଼ ଦେଉଳ ବଡ଼ ଦାଣ୍ଡ ବଡ଼ ଗହଳ(୨)
ବଡ଼ ଦାଣ୍ଡ ଧୂଳି ମୁଣ୍ଡେ ଦେଲେବୋଳି ତରିଯିବୁ ହେଳେ ଭବ ସାଗର୍
ବାୟାମନ ଚାଲ ଏଥର ବେଶି ବାଟ ନୁହେଁ ଶିରିକ୍ଷେତର
ନୀଳଗିରି ନୀଳକନ୍ଦର ନୀଳରୂପ ଘନ ସୁନ୍ଦର(୨)
ନିତି ଦେଖୁଥିଲେ ନୂଆ ଦିଶୁଛନ୍ତି ନୀଳାଦ୍ରି ମଣ୍ଡପେ ତିନି ଠାକୁର
ବାୟାମନ ଚାଲ ଏଥର ବେଶି ବାଟ ନୁହେଁ ଶିରିକ୍ଷେତର

## 3.119 ବୃନ୍ଦାବନେ ବଂଶୀ କେ ବଜାଇଲା

(ଗୀତ - ସାଲବେଗ)
ବୃନ୍ଦାବନେ ବଂଶୀ କେ ବଜାଇଲା, ଗୋ ମିତ!
ଅଚଳିତ ଦେହ ଆମ୍ଭର ହୋଇଲା ।
ପାଷାଣ ହୋଇଲା ପାଣି ଯମୁନା ବହେ ଉଜାଣି
ପବନ ଥକିତ ହୋଇ ରହିଲା ।
ଶୁଷ୍କ ତରୁମାନେ ଥିଲେ ଧ୍ୱନି ଶୁଣି ପଲ୍ଲବିଲେ

ବ୍ୟାଘ୍ର ପଛେ କୁରଙ୍ଗି ଗୋଡ଼ାଇଲା, ଗୋ ମିତ । ୧।
ମୁନିଙ୍କ ଆସନ ଢଳି ରସ ନ ପଡ଼ିଲା ଗଳି
ଝରଝର ମକରନ୍ଦ ବହିଲା ।
ଶୂନ୍ୟେ ବାଜେ କ୍ଷୁଦ୍ର ଘଣ୍ଟି  ନୀବିବନ୍ଧ ଗଲା ଫିଟି
ବସନ ପିନ୍ଧିତେ ତର ନୋହିଲା, ଗୋ ମିତ ।୨।
ପୁଷ୍ପ ଚୁମ୍ବିଲେ ଭ୍ରମର ନିଶ୍ଚଳ କରି ମନ୍ଦିର
ଧେନୁ ମୁଖେ ତୃଣ ଚାପି ରହିଲା ।
ବାଉଁଶ ଖଣ୍ଡିଏ ବାଛି କାହିଁ ସେ ସଜାଡ଼ି ଅଛି
ଏକାଇ ରାଧା ରାଧା ରାଇଲା, ଗୋ ମିତ । ୩।
କହେ ସାଲବେଗ ହୀନ ଜାତିରେ ମୁଁ ଯବନ
କୃଷ୍ଣଚରଣେ ଚିତ୍ତ ରହିଲା ଗୋ ମିତ । ୪।

## 3.120 ଭଜ ନୀଳାଚଳ ବିହାରୀ

(ଗୀତ - ଜୟ ସିଂହ)
ଭଜ ନୀଳାଚଳ ବିହାରୀ ।
ଭବ ସିନ୍ଧୁ ଯେବେ ହୋଇବୁ ପାରି ।।
ଧବଳ ବରନା ଶ୍ରୀ ବଳଦେବଙ୍କ ପାଶେ ଛନ୍ତି ଦେଖ ବିଜୟ କରି ।
ମଧ୍ୟରେ ସୁଭଦ୍ରା ରୂପ ମନୋହର ଦର୍ଶନେ ଦୁରିତ ପାପ ନିବାରି ।୧।
କି ସୁନ୍ଦର ଚକାଡୋଳା ମୁଖପଦ୍ମ ନୟନମନକୁ ଦିଶେ ମାଧୁରୀ ।
ଭକ୍ତଜନ-ଚିତ୍ତଚାତକ-ଉଲ୍ଲାସ ବରସି ଆସେ କି କରୁଣା ବାରି ।୨।
ଜାଇ ଯୂଇ ମଲ୍ଲୀ ମାଳତୀ ସେବତୀ ଧଣ୍ଡାମାଳ ହୃଦେ ଅଛନ୍ତି ଭରି ।

ଚକାନୟନକୁ କି ଶୋଭା ପାଉଛି କାଳନ୍ଦୀ ଜଳେ କି ଆସେ ଲହରୀ ।୩।
ବ୍ରହ୍ମାଦି ନାରଦ ହେଲେ ଅଜ୍ରାମର ଯେଉଁ ପାଦପଦ୍ମ ଆଶ୍ରୟ କରି ।
ଧ୍ରୁବ ପ୍ରହଲ୍ଲାଦ ଅକ୍ରୂର ଉଦ୍ଧବ ତରି ଗଲେ ଯେଉଁ ନାମକୁ ଧରି ।୪।
ବୋଲେ ଜୟସିଂହ ନୃପତି କିଶୋର ଶ୍ରୀମତୀଶ୍ୱରଙ୍କୁ ବିନୟ କରି ।
ଯେବେ ନ ଭଜିବି ତାହାଙ୍କ ନାମକୁ ଅକାରଣେ ଜୀବ ଯିବ ବାହାରି ।୫।

## 3.121 ଭଜି ଭଜି ତୋ ନାମ ଚକା ନୟନ ମୋର ଯାଉ ଜୀବନ

(ଗୀତ – ରାଧାନାଥ ଦାସ)
ଭଜି ଭଜି ତୋ ନାମ ଚକା ନୟନ ମୋର ଯାଉ ଜୀବନ ପ୍ରଭୁ (୨)
ଦିନେ ନ ଦେଖିଲେ ତୋ କଳା ବଦନ ମୋର ସରେନି ଦିନ
ଏହି ପରାଣ ବିକି ଦେଇଛି ତୋତେ, ମୋହରି ହାନି ଲାଭ ସବୁ ତୋ ହାତେ(୨)
ଗଳାର ମାଳି ମୋର ରଙ୍କୁଣୀ ଧନ, ପର କରିବୁ ନାହିଁ ତୋତେ ମୋ ରାଣ
ମୋର ଯିବ ଜୀବନ
ଭଜି ଭଜି ତୋ ନାମ ଚକା ନୟନ ମୋର ଯାଉ ଜୀବନ ପ୍ରଭୁ
ଦିନେ ନ ଦେଖିଲେ ତୋ କଳା ବଦନ ମୋର ସରେନି ଦିନ
ଧନ ସମ୍ପତ୍ତି ମୋର ହୋଇବ କିସ, ଲୋଡ଼ା ନାହିଁ ତ ମୋର ସରଗ ବାସ (୨)
ହାତ ପତେଇ ମାଗି ଖାଇବି ତୋର, ମନ ଖୁସିରେ ମହାପ୍ରସାଦ ଅନ୍ନ
ମୋର ଯିବ ଜୀବନ
ଭଜି ଭଜି ତୋ ନାମ ଚକା ନୟନ ମୋର ଯାଉ ଜୀବନ ପ୍ରଭୁ
ଦିନେ ନ ଦେଖିଲେ ତୋ କଳା ବଦନ ମୋର ସରେନି ଦିନ
ତୋର ଶ୍ରୀପଦେ ମୋର ଏହି ମିନତୀ, ବଡ଼ ଦେଉଳେ ବସି ଥାଆ ସେମିତି (୨)
ଦେଖାଇ ସେହି ରଙ୍ଗ ଅଧର ହସ, ଭକତ ଙ୍କର କିଣି ନେଉଥା ମନ

ମୋର ଯିବ ଜୀବନ
ଭଜି ଭଜି ତୋ ନାମ ଚକା ନୟନ ମୋର ଯାଉ ଜୀବନ ପ୍ରଭୁ
ଦିନେ ନ ଦେଖିଲେ ତୋ କଳା ବଦନ ମୋର ସରେନି ଦିନ

## 3.122 ଭକତ ବିଦୁର ଶାଗ ଭଜା ଦେଇ ତୋଷାଇ ପାରିଲା ମନ

( ଗୀତ – ଗୋଲକନାଥ ଦାସ)
ଭକତ ବିଦୁର ଶାଗ ଭଜା ଦେଇ ତୋଷାଇ ପାରିଲା ମନ,
ମୁଁ ଯେତେ ଦରବ ଯାଚିଲେ କାହିଁକି(୨) ନ ଛୁଅଁ ହେ ଭଗବାନ |୦|
ଭକତ ବିଦୁର ଶାଗ ଭଜା ଦେଇ ତୋଷାଇ ପାରିଲା ମନ
ଦାସିଆ ବାଉରି କି ତପ କରିଲା, ତା ଶ୍ରୀଫଳ ହସ୍ତେ ନେଲ
ବନ୍ଧୁ ବୋଲି କହି ବନ୍ଧୁ ମହାନ୍ତିଙ୍କୁ ଭୋଗ ଥାଳି ଯାଚିଦେଲ
ତୁମେ ପରା ସେହି ଭାବ ବିନୋଦିଆ(୨) ମୋ ପାଇଁ କିଆଁ ମଉନ |୧|
ଦେଉଥିବି ମୁହିଁ ନେଉଥିବ ତୁମେ ଏଡ଼େ ଭାଗ୍ୟ ମୋର କାହିଁ
ଅସରା ଲୁହରେ ଭରା ମୋ ପଶରା କି ଦେଇ ତୋଷିବି ମୁହିଁ
ତୁମ ଛଡ଼ା ଫୁଲ ତୁଳସୀ ପାଇ ହେ (୨) ଯାଉ ମୋର ଏ ଜୀବନ |୨|
ଭକତ ବିଦୁର ଶାଗ ଭଜା ଦେଇ ତୋଷାଇ ପାରିଲା ମନ

## 3.123 ଭକତ ଭୋଳିଆ ଭକତ ସୁଆଗ ସେତିକି ତୁମର ଥାଉ

( ଗୀତ – )
ଭକତ ଭୋଳିଆ ଭକତ ସୁଆଗ ସେତିକି ତୁମର ଥାଉ (୨)
ଚାହାଁଣି ମଣ୍ଡପେ ଚାହିଁଛନ୍ତି ଲକ୍ଷ୍ମୀ (୨) ଘରକୁ ଫେରିବା ହେଉ ||

ଭକତ ଭୋଳିଆ ଭକତ ସୁଆଗ ସେତିକି ତୁମର ଥାଉ (୨)
ନ ଦିନ ଯାଇ ବାହାରେ ରହିଲ ନ ଯୁଗ ବିତିଗଲା
ଶ୍ରୀମନ୍ଦିର କେଡ଼େ ଶୀରିହିନ ଦିଶେ ସତେକି ନ ଅଙ୍କ ଘୋଟିଲା
କଳପ ବଟରୁ ପତର ଶୁଖିଲା ଆନନ୍ଦବଜାର ଖାଲି
ନିଶାତଳେ ଆଉ ବହୁନି ମଳୟ ପାଟ ଅଗଣାରେ ଗୁଡ଼ି
ଏକଥାରେ ଯଦି ପରତେ ନହୁଛି(୨) ଆଖିରେ ଦେଖିବା ହେଉ ||
ଭକତ ଭୋଳିଆ ଭକତ ସୁଆଗ ସେତିକି ତୁମର ଥାଉ (୨)
ଶୁଆଶାରୀ ପାରା ବାନର ସେନାଙ୍କ କୋଳାହଳ ଆଉ କାହିଁ
ରୋଷଘର ଚୁଲି ଭାଙ୍ଗିପଡ଼ିଛିଏ ପେଜନଳା ପେଜ ନାହିଁ
ଶ୍ରୀୟା ଠାକୁରଣୀ ଝାଉଳି ଗଲେଣି ତୁମ ପଡ଼ି ଅନ୍ନ ଖାଇ
ଦେବାଦେବୀ ଗଣ ଅଛନ୍ତି ମଉନ ମୁହଁରେ ହରସ ନାହିଁ
ବିଳମ୍ବ ନକରି ଆହେ ନୀଳଗିରି (୨) ଲକ୍ଷ୍ମୀଙ୍କୁ ଭେଟିବା ହେଉ ||
ଭକତ ଭୋଳିଆ ଭକତ ସୁଆଗ ସେତିକି ତୁମର ଥାଉ (୨)

## 3.124 ଭକ୍ତି ଅଛି ମୋର ପୂଜା ନାହିଁ, ଆଖି ଅଛି ମୋର ଲୁହ ନାହିଁ

ଭକ୍ତି ଅଛି ମୋର ପୂଜା ନାହିଁ, ଆଖି ଅଛି ମୋର ଲୁହ ନାହିଁ
କପାଳ ଅଛି ମୋ ଭାଗ୍ୟ ନାହିଁ, ଥାଳ ଅଛି ମୋର ଭିକ୍ଷା ନାହିଁ
ମହାପ୍ରଭୁ ହେ ....., ଏଥିପାଇଁ ମୋର ଦୁଃଖ ନାହିଁ
ତୁମେ ଅଛ ବୋଲି ଅଛି ମୁଁହିଁ(୨) ||୧||
ତୁଟାଇ ସକଳ ମାୟା ମୋହ ମୋର ତୁମଠାରେ ମାୟା ଲଗାଇଛି
ଅଧମ ହେଲେବି ତୁମର ପୁଅ ମୁଁ ତୁମ ପ୍ରେମେ ବନ୍ଧା ହୋଇଅଛି
ମହାପ୍ରଭୁ ହେ ....., ସବୁଥାଇ ମୋର କିଛି ନାହିଁ

ତୁମେ ଅଛ ବୋଲି ଅଛି ମୁହିଁ(୨) ||୨||
କି ଅବା ପାଇଲି କିବା ହରାଇଲି କି ଲାଭ ଜୀବନେ ଚିନ୍ତାକରି
ନିତି ମରି ମରି ଜୀଇଛି ପ୍ରଭୁ ହେ ଜୀବନ ଯାଉଛି ସରି ସରି
ମହାପ୍ରଭୁ ହେ ....., ଯମଦଣ୍ଡକୁ ମୋ ଡର  ନାହିଁ
ତୁମେ ଅଛ ବୋଲି ଅଛି ମୁହିଁ(୨) ||୩||

## 3.125 ଭଜମନ ସବୁରି ଦୁଃଖ ହର ହରିକି

(ଗୀତ - )
ଭଜମନ ସବୁରି ଦୁଃଖ ହର ହରିକି
ହରି କରିବେ ଭବୁ ପାରିକି ହେ ପାରିକି ପାରିକି
ରାଜା ଅଜାମ୍ବିଳ ସଜା କାଟି ନେଲା ଉଧାରି(୨)
କଂସ ନାଶି ଧରଣୀର ଚିନ୍ତା ନେଲ ସୁଧାରି
ଭକତ ଭାବେ ବନ୍ଧା ନାହିଁ ଯା ଆନ ଫନ୍ଦା(୨)
ପାଇଲା ଆଖି ଅନ୍ଧା ଯାମଳା ଗଛ ବନ୍ଧା
କୁବେରକୁ ଏ ଦେଲ ତାରିକି ହେ ତାରିକି ତାରିକି
ଭଜମନ ସବୁରି ଦୁଃଖ ହର ହରିକି
ସବୁରି ସମ୍ପଦ ସେହି ସବୁ ହୃଦେ ରାଜଇ(୨)
ଚିହିଁ ଡ଼ାକିଲା ଲୋକର ଡ଼ାକ କାନେ ବାଜଇ(୨)
ଦେଇ ପାରିଲେ ମନ ଅଲୋଡ଼ା ଆନ ଧନ(୨)
ନହୁଅ ଛନଛନ ଆରେ ଅବୁଝା ମନ
ଭେଦ ବାଦକୁ ଦିଅ ବାରିକି ହେ ବାରିକି ବାରିକି
ଭଜମନ ସବୁରି ଦୁଃଖ ହର ହରିକି

ଭାଇ ବନ୍ଧୁ ସୁତ ଦାରା ପାଇ ଫୁଲୁ ଗରବେ(୨)
ନିଦାନ କାଳକୁ ସାହା ନୋହିବେ ଏ ସରବେ(୨)
ତୋ ପତ୍ନୀ ଦାଣ୍ଡଦ୍ୱାରେ ସଖା ଏ ଶ୍ମଶାନରେ(୨)
ଧନ ରହିବ ଘରେ ଯିବୁ ଅପର ପୁରେ
ଅରଜ ଭବ ପାର ତରିକି ହେ ତରିକି ତରିକି
ଭଜମନ ସବୁରି ଦୁଃଖ ହର ହରିକି

## 3.126 ଭାବକୁ ନିକଟ ସିଏ ଅଭାବକୁ ଦୂର

(ଗୀତ – ଅଲେଖ ବିଶ୍ୱାଳ)
ଭାବକୁ ନିକଟ ସିଏ ଅଭାବକୁ ଦୂର
ଭାବ ବିନୋଦିଆ ଭାବର ଠାକୁର ||୦||
ସରଗ ତାହାର, ସୂରୁଯ ତାହାର, ମରତ ତାହାର, ପାତାଳ ତାହାର
କେଉଁଠି ନ ଥାଏ ପୁଣି ସବୁଠି ତା ଘର ||୧||
ବୃନ୍ଦାବନେ କୃଷ୍ଣ ସିଏ ଅଯୋଧ୍ୟାରେ ରାମ,
ବଦ୍ରିକାରେ ନାରାୟଣ ମଥୁରାରେ ଶ୍ୟାମ
ସତ୍ୟରୁ ଦ୍ୱାପର ତ୍ରେତୟା ତାହାର, କଳିରେ ସାଜିଛି କାଳିଆ ଠାକୁର
କେଉଁଠି ନ ଥାଏ ପୁଣି ସବୁଠି ତା ଘର ||୨||
ଋଷିର ସେ ଅଭିମାନ ଯୋଗୀର ସେ ଯୋଗ,
ମୁନିର ମଉନ ଧ୍ୟାନ ଭୋଗୀର ସେ ଭୋଗ
ସିଏ ଜଗତର ନୁହେଁ ସେ କାହାର, ତାର ହାତ ଗଢ଼ା ଏ ମାୟା ସଂସାର
କେଉଁଠି ନ ଥାଏ ପୁଣି ସବୁଠି ତା ଘର ||୩||

## 3.127 ଭୁଜତଳେ ମୋତେ ରଖ ମହାବାହୁ

(ଗୀତ - ବୀରକେଶରୀ ଦେବ)
ଭୁଜ ତଳେ ମୋତେ ରଖ ମହାବାହୁ ବାହୁ ତଳେ ମୋତେ ରଖ ।
ବିପୁଳ ଭୁଜ ବିସ୍ତାରି ଦେଲେ ଛାର କି କରି ପାରିବ ଦୁଃଖ ।।
ସଜ ହୋଇଥିବ ନନ୍ଦିଘୋଷ ରଥ ମୁଁ ଥିବି ତୁମ୍ଭ ସେବାରେ ।
ତୁମ୍ଭେ ଦୀନବନ୍ଧୁ ନିର୍ଦ୍ଦୟ ହୋଇଲେ କି ବୋଲିବେ ଏ ସଂସାରେ ।୧।
ଏ ଗଜବାଜି-କ୍ଷିତିପତି ସମ୍ପତ୍ତି ରତିଏ ରୁଚଇ ନାହିଁ ।
ଭୁବନମୋହନ ଚକାନୟନକୁ ଯେତେବେଳେ ଦିଏ ଚାହିଁ ।୨।
ଦିନକୁ ଦିନ ତ ଦୁଃଖ ଅତିରେକ ସୁଖ ତ ଦିଶଇ ନାହିଁ ।
ଭାସି ଯାଉଅଛି ଏ ଭବସାଗରେ  ରକ୍ଷାକର ଭାବଗ୍ରାହୀ ।୩।
ଶ୍ରୀକ୍ଷେତ୍ର ନବରେ ମହା ଐଶ୍ୱର୍ଯ୍ୟରେ ଥିଲେ ହେ କମଳା ସାଇଁ ।
ବାଇଶି ପାବଛ୍ଛ ନ ଉଠିବା ଯାଏଁ ଆନନ୍ଦ ନ ପାଏ କାହିଁ ।୪।
ସେବାରୁ ଅନ୍ତର ହେଲି ଯେବେ ପ୍ରଭୁ ଏ ପ୍ରାଣ ଥିବ କିପାଇଁ ।
ଓହ୍ଲାଇ ନ ଦିଅ କିପାଁ ମୋ ମଥାରୁ ଜଞ୍ଜାଳ ଭାର ଗୋସାଇଁ ।୫।
ମୁଁ ଛାର ପତିତ ଭରସା ରଖିଛି ଶ୍ରୀରଙ୍ଗା ଚରଣ ତଳେ ।
ଶ୍ରୀ ବିରକେଶରୀ ମହାରାଜା ଭଣେ ଦୟା କର ଏତେ ବେଳେ ।୬।

## 3.128 ମଣିମା ଶୁଣିମା ହେଉ ଗରୀବ ଡାକ

( ଗୀତ – ସଦାନନ୍ଦ କବିସୂର୍ଯ୍ୟ ବ୍ରହ୍ମା)
ମଣିମା ଶୁଣିବା ହେଉ ଗରିବ ଡାକ ।
ନିରକ୍ଷ ଜନକୁ ରଖ ପଙ୍କଜ ମୁଖ ।।

କୃପାସାଗର କାହିଁକି ମୋ ବେଳକୁ ଗଲା ଶୁଖି ।
ଜାଣିଲି ମୋ କର୍ମ ବାଙ୍କ ନୁହ ସଲଖ ।୧।
ଆତଙ୍କ ନାଶନ ବାନା ନ ଶୁଣ ଭୃତ୍ୟ ବେଦନା
ଏବେ ହୋଇଯିବ ମନା କେ ଦେବ ଡାକ ।୨।
ଦାସ ଯେବେ ନାଶ ଯିବ କ୍ଷିତିରେ ଅକୀର୍ତ୍ତି ହେବ ।
କୀରତିଚନ୍ଦ୍ରରେ ଲାଗିଯିବ କଳଙ୍କ ।୩।
କହେ ସଦାନନ୍ଦ ଛାର ନାହିଁ ଆନ ପ୍ରତିକାର ।
ଏ ଦୀନ ଅବସ୍ଥା ମୋର ନେତ୍ରେ ନ ଦେଖ ।୪।

## 3.129 ମଣିମା ହେ ଏତିକି ମାଗୁଣି ମୋର

(ଗୀତ - ବନମାଳୀ ଦାସ)
ମଣିମା ହେ ଏତିକି ମାଗୁଣି ମୋର ।
ମରଣ କାଳରେ ଦରଶନ ଦେବ କଳାମୁଖ କଳାକାର ।
ମଥାରେ ଥିବ ମୋ ତୁମ୍ଭ ଛଡ଼ାମାଳ ମୁଖରେ ଥିବ ତୁଳସୀ ।
ମନେ ମନେ ଭାବି ରଟି ହେଉଥିବି ନୀଳାଦ୍ରି ଶିଖର ବାସୀ । ୧।
ମହାବାହୁ ଟେକା ଶ୍ୱେତ ପଦ୍ମ ଚକା ନୟନକୁ ଚାହିଁ ।
ମଜ୍ଜାରେ ପୁଲକ ପୁରୁଥାଉ ରଙ୍କନିଧି ଦୁଃଖିଜନ ସ୍ୱାଇଁ ।୨।
ମଙ୍ଗଳ ଆଳତି ଅବକାଶ କାଳେ ଗରୁଡ଼ ପଛରେ ଥାଇ ।
ମୋହି ହେଉଥିବି ପ୍ରତି ନିଶାନ୍ତରେ ତୁମ୍ଭ ଗୁଣ ଗାଥା ଗାଇ ।୩।
ମଞ୍ଜୁଳ ବଡ଼ସିଂହାର ବେଶ ଦେଖି ମାରୁଥିବି କକ୍ଷତାଳି ।
ମରୁଆ ଦୟଣା ମାଳିଆଙ୍କୁ ଏତେ ଅଳି କରେ ବନମାଳୀ । ୪।

## 3.130 ମଣି ବିମାନେ ଗୋବିନ୍ଦ

(ଗୀତ - ବନମାଳୀ ଦାସ)
ମଣି ବିମାନେ ଗୋବିନ୍ଦ ।
ଚଉପାଶେ ଘେରିଛନ୍ତି ସହଚରୀ ବୃନ୍ଦ ।।
ନିର୍ମଳ ଚନ୍ଦ୍ର ବଦନ ଆହା କି ପସନ୍ଦ ।
ତେରଛ ଚାହାଁଣି ତୁଲେ ହାସ ମନ୍ଦ ମନ୍ଦ ।୧।
ସଙ୍ଗରେ ପଞ୍ଚପାଣ୍ଡବ ଲଭନ୍ତି ଆନନ୍ଦ ।
ପଟୁଆରୀ ନିଯୋଗେ ଗାଆନ୍ତି ଗୀତ ଛନ୍ଦ ।୨।
ମନ୍ତ୍ରୀପଦେ ଲୋକନାଥ ଦେବ ସଦାନନ୍ଦ ।
କରନ୍ତି ସକଳ ନିର୍ଭା ସେ ସଭା ସମ୍ପଦ ।୩।
ବଡ଼ଦାଣ୍ଡ ଉଚ୍ଛୁଳଇ ଗହଗହ ନାଦ ।
ଶଙ୍ଖଭେରୀ ତୂରୀ ଘଣ୍ଟା କାହାଳି ଶବଦ ।୪।
ବୋଲେ ବନମାଳୀ ଧ୍ୟାୟୀ ଚରଣାରବିନ୍ଦ ।
ଚାପକୁ ବିଜୟେ ଆହା ଗୋପୀ-ହୃଦ-ଚାନ୍ଦ ।୫।

## 3.131 ମନ, ଥୟ କରି ଦେଖ ଏଥ

( ଗୀତ – ବାଇଧର ଦ୍ୱିଜ)
ମନ, ଥୟ କରି ଦେଖ ଏଥ
ନୀଳ କନ୍ଦରେ ସୁନ୍ଦର ଜଗନ୍ନାଥ।।ଘୋଷା।।
ଏହି ପ୍ରଭୁ ଜଗନ୍ନାଥ କଶ୍ୟପ ଋଷିଙ୍କ ସୁତ
ବାମନ ମୂରତି ହୋଇ ବଳୀ ଦ୍ୱାରେ ଉପଗତ

କରେ ଘେନି କୁଶ ପାତ୍ର ! ହରିଲେ ତାହାର ବିତ୍ତ
ପଦ୍ମପାଦ ଦେଇଥିଲେ ବଳିମାଥ।।୧।।
ଏହି ପ୍ରଭୁ ଜଗନ୍ନାଥ ଦଶରଥଙ୍କର ସୁତ
ସୀତୟା ଘେନି ସଙ୍ଗତେ ବୁଲିଲେ ଗହନ ପଥ
ସାଗରେ ବାନ୍ଧିଲେ ପଥ ! ଲଙ୍କାକୁ କଲେ ନିପାତ
ସୀତା ଛଳେ ବଧିଲେଟି ଦଶମାଥ।।୨।।
ଏହି ପ୍ରଭୁ ଜଗନ୍ନାଥ ନନ୍ଦର ହୋଇଲେ ସୁତ
କାଳୀ ଦଳି ପାଦଗତ ମଛିଲେଟି ସୁରନାଥ
କଂସ ଅସୁର ନିପାତ ! ଜଗତେ ଅଛି ବିଖ୍ୟାତ
ଭାରତ ଯୁଦ୍ଧରେ ବାହି ପାର୍ଥ-ରଥ।।୩।।
ଏ କଳି କାଳରେ ଦେଖ_ ଶଙ୍ଖ ଚକ୍ର ଧରି ହସ୍ତ
ବସିଛି କୈବଲ୍ୟ ହାଟ ପାପୀଏ ଦେଖି ମୁକୁତ
କି ଶୋଭା କଳା ଶ୍ରୀମୁଖ ! ଦେଖିଲେ ଖଣ୍ଡଇ ଦୁଃଖ
ପ୍ରଜାପତି ସଙ୍ଗେ ଶୋଭା ବିଶ୍ୱନାଥ।।୪।।
ଏହି ପ୍ରଭୁ ଜଗନ୍ନାଥ ଶଚିର ହୋଇଲେ ସୁତ
ବୈଷ୍ଣବ ଧର୍ମ ବିଖ୍ୟାତ ଶିଖାଇଲେ ମହାମନ୍ତ୍ର
ବୁଲିଲେ ଏହି ଜଗତ ! ଭକତ ଘେନି ସଂଗତ
ଦ୍ୱିଜ ବାଇଧର ଆଶ୍ରା ଲକ୍ଷ୍ମୀକାନ୍ତ।।୫।।

## 3.132 ମନ ପାରାରେ ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି ଉଡ଼ି

( ଗୀତ – ରାଧାନାଥ ଦାସ )
ମନ ପାରାରେ ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି ଉଡ଼ି

ମନ ପାରାରେ ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି ଉଡ଼ି କି
ପାରା ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି ଉଡ଼ି
ଏଠି ଘୁମୁରିଲେ କି ଲାଭ ପାଇବୁରେ, ଏଠି ଘୁମୁରିଲେ କି ଲାଭ ପାଇବୁ
ଗଲାଣି ତୋ ପର ଝଡ଼ି,
ମନ ପାରାରେ ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି ଉଡ଼ି
ମନୁଆ କାଳିଆ ମନ ମାରି ଦେଇ(୨) ମଉନେ ବସିଛି ସେଠି
ମନ କଥା ତୁହି କହିବୁ ବୁଝେଇ(୨) ମନ ରଖିଥିବୁ ତାଠି (ରେ ୨)
ତୋହ ପ୍ରତି ଯେବେ ହେବେ ନିରିଦୟ ରେ, ତୋହ ପ୍ରତି ଯେବେ ହେବେ ନିରିଦୟ
ନ ଯିବୁ ସେ ଠାବ ଛାଡ଼ି, ମନ ପାରାରେ ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି ଉଡ଼ି
ନରେନ୍ଦ୍ରେ ସ୍ନାହାନ କରିବୁରେ ପାରା (୨) ସମୁଦ୍ରରେ ଦେବୁ ବୁଡ଼
ଆନନ୍ଦବଜାରେ ବୁଲିଣ ମଜାରେ (୨) ଖାଉଥିବୁ ବେତ ମାଡ଼ (ରେ ୨)
ଶ୍ରୀମହା ପ୍ରସାଦ ସାଉଁଟି ଖାଇବୁରେ, ଶ୍ରୀମହା ପ୍ରସାଦ ସାଉଁଟି ଖାଇବୁ
ଭକ୍ତମୁଖୁ ଥିବ ପଡ଼ି, ମନ ପାରାରେ ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି ଉଡ଼ି
ତୋତେ ସେହି ଯେବେ କଥା ନ କହିବେ(୨) ମୋର ବୋଲ ତୁ କରିବୁ
ବଡ଼ ଦେଉଳର ମୁଖଶାଳା ପରେ(୨) ମଉନେ ଘୁମୁରୁ ଥିବୁ (ରେ ୨)
ଜୀବ ଯିବା ବେଳେ ବାଇଶି ପାହାଚେରେ, ଜୀବ ଯିବା ବେଳେ ବାଇଶି ପାହାଚେ
ଡ଼େଣା ଯୋଡ଼ି ଯିବୁ ଗଡ଼ି, ମନ ପାରାରେ ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି ଉଡ଼ି
ଏ ମାୟା ସଂସାର କେହି ନୁହେଁ କାର, ଏ ମାୟା ସଂସାର କେହି ନୁହେଁ କାର
ମନରେ.....ଏ ମାୟା ସଂସାର କେହି ନୁହେଁ କାର
ମିଛେ ହୋହଲ୍ଲାରେ ବାଇ...
ଲୀଳା ଯାତ୍ରା ଦେଖି ବାଇଶି ପାହାଚେ(୨) ମରିବା ଭାଗ୍ୟ ଅଟଇ
ତୋ ମଡ଼ା କାଠିରେ ଶ୍ରୀବିଷ୍ଣୁ ଭକତେରେ ତୋ ମଡ଼ା କାଠିରେ ଶ୍ରୀବିଷ୍ଣୁ ଭକତେ
ଏ ସୁଯୋଗ ନ ଦେ ଛାଡ଼ି, ମନ ପାରାରେ ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି ଉଡ଼ି

ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି ଉଡ଼ି କି ପାରା ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି ଉଡ଼ି
ଶ୍ରୀକ୍ଷେତ୍ରେ ଯିବୁ ଉଡ଼ି ଉଡ଼ି

## 3.133 ମନରେ ହରି ଭଜନ, ହରି ଭଜନ ଛାଡ଼ି

(ଗୀତ - ଭୀମସେନ)
ମନରେ ହରି ଭଜନ, ହରି ଭଜନ ଛାଡ଼ି (୨)
ଦୁର୍ଲ୍ଲଭ ଜନମ(୩) କଲୁ ଅଗାଡ଼ି
ମାତା ଗର୍ଭେ ଥାଇ ଯାହା ଥିଲୁ କହି, ମର୍ତ୍ତ୍ୟରେ ପଡ଼ି ଗଲୁ ସବୁ ହୁଡ଼ି
ଭ୍ରମୁଅଛୁ ମିଛ ମାୟାରେ ପଡ଼ି ||୦||
ମରିଗଲେ ତୁହି ନେବେ ଘୋଷରାଇ, ସଙ୍ଗେ ଦେଇଥିବେ ଛଖଣ୍ଡି ବାଡ଼ି
ଛଣି ଦଉଡ଼ିରେ ବାନ୍ଧି ଦେବେ ଭିଡ଼ି, ମଲାମଲା ବୋଲି ଛାଡ଼ିବେ ରଡ଼ି ||୧||
ବନ୍ଧୁ ବର୍ଗ ଭାଇ ତୋର ପାଶେ ଯାଇ, ପିନ୍ଧିଲା ବସନ ନେବେ ଛଡ଼ାଇ
ତୋତେ ନେଇ ଯାଇ ଶମଶାନେ ଥୋଇ, ମନରେ.. ମନରେ.. ଅଗ୍ନି
ଲଗାଇଣ ଦେବେଟି ପୋଡ଼ି ||୨||
ନଜଳିଲେ ପିଣ୍ଡ କରି ଖଣ୍ଡ ଖଣ୍ଡ, ଦୂରୁଁ କେଞ୍ଚୁଥିବେ କେଞ୍ଚଣା ବାଡ଼ି
ଭୀମସେନ ଭଣେ କୁଟୁମ୍ବ ପୋଷଣେ, ମୋ ମନ ରହିଲା ନିରତେ ଜଡ଼ି||୩||

## 3.134 ମାନ ଉଦ୍ଧାରଣ କର ହେ ତାରଣ

(ଗୀତ - ଉପେନ୍ଦ୍ର ଭଞ୍ଜ)

ମାନ ଉଦ୍ଧାରଣ କର ହେ ତାରଣ ଶରଣ ମୁଁ ତୁମ୍ଭ ପାଦତଳେ ।

ଅନାଥର ନାଥ ନୀଳଗିରି ନାଥ ଜଗନ୍ନାଥ ନାମ ନୀଳାଚଳେ ।
ମହୋଦଧୀ କୂଳେ କଳ୍ପବଟ ମୂଳେ  ବିଜେ କରିଛ ବଡ଼ ଦେଉଳେ ।
ଲକ୍ଷେ ଯୋଜନରେ ବାରଣ ଚିନ୍ତିଲା ତା' ଡାକ ଶୁଣିଲ ପଶା ଖେଳେ ।
ମାରକଣ୍ଡ ଋଷି ଯାଉଥିଲେ ଭାସି ଉଦ୍ଧରି ଧଇଲ ବାହୁତଳେ ।
କିସ୍କିନ୍ଧାକୁ ଗଲ ବାଳି ବିନାଶିଲ  ବନ୍ଧ ହେ ବାନ୍ଧିଲ ସିନ୍ଧୁଜଳେ ।
ଲଙ୍କାରେ ରାବଣ ବଧିଲ ଆପଣ ଜନକ ନନ୍ଦିନୀ ସୀତାଛଳେ ।
ଯୁଧିଷ୍ଠିର ବୋଲେ ହସ୍ତିନାକୁ ଗଲ ଭୋଜନ କଲ ବିଦୁର ଘରେ ।
କୁରୁସଭା ତଳେ ପାଞ୍ଚାଳି ଚିନ୍ତିଲା  କୋଟି ବସ୍ତ୍ର ଦେଲ ଅବହେଳେ ।
ବନପୋଡ଼ି କାଳେ ଘୋର ଦାବାନଳୁ  ଉଦ୍ଧରି ଧଇଲ ବ୍ରଜବାଳେ ।
ଭଣେ ଉପଇନ୍ଦ୍ର କବିକୁଳଚନ୍ଦ୍ର ଶରଣ ମୁଁ ତୁମ୍ଭ ପାଦତଳେ ।

## 3.135 ମେଘମାଳାକୁ ନିନ୍ଦେ କଳାକୁ ଚାଁହାବାରେ ମନ ଚକାଡୋଳାକୁ

( ଗୀତ – ହୃଦାନନ୍ଦ ଦାସ)
ମେଘମାଳାକୁ ନିନ୍ଦେ କଳାକୁ ଚାହାଁ ବାରେ ମନ ଚକାଡ଼ୋଳାକୁ ।।
ଏ ଭବ ସରିତେ ତରିଗଲେ ଭକ୍ତେ  ଆଶ୍ରେ କରି ଯାର ନାମ ଭେଳାକୁ ।
ସଦାଶିବ ହର ହୋଇଲେ ଅମର  କୋଳେ ଧରିଛନ୍ତି ଗିରିବାଳାକୁ ।
ଗୁଞ୍ଛିମାଳାକୁ ପିନ୍ଧି ଗଳାକୁ  ନାମ ଜପୁଛନ୍ତି କଳାଧଳାକୁ ।୧।
ସତ୍ୟରେ ଶ୍ରୀପତି ସମୁଦ୍ରକୁ ମନ୍ଥି  ତହିଁରେ ଜାତ କଲେ କମଳାଙ୍କୁ ।
ଦେବାସୁର ଯୁଦ୍ଧେ ଅମୃତ ବିବାଦେ  ମୋହିନୀ ହୋଇଲେ ଦେବଛଳାକୁ ।
ରାହୁ ଗଳାକୁ ଛେଦି ହେଳାକୁ ମୋହକଲେ ମହାଦେବ ଭୋଳାକୁ ।୨।
ତ୍ରେତୟା ଯୁଗରେ ରାମ ଅବତାରେ  ଭଜ ମନ ବାରେ  ରଘୁବଳାକୁ ।

ପାଇ ସୀତାଛଳ ଘେନି କପିବଳ  ସିନ୍ଧୁରେ ବାନ୍ଧିଲେ ଶିଳା ଭେଳାକୁ ।
ଜାତଖେଳାକୁ ରଣସ୍ଥଳୀକୁ  ରଣେ ଛେଦିଲେ ବିଶ୍ରବାବଳାକୁ ।୩।
ଦ୍ୱାପର ଯୁଗରେ ଜନ୍ମି ଗୋପପୁରେ  ଓପାଡ଼ି ପକାଇଲେ ଯାମଳାକୁ ।
କାଳିନ୍ଦୀରେ ପଶି କାଳୀଦର୍ପ ଧ୍ୱଂସି  ନିବାରିଲେ ମହା ବିଷଜାଳାକୁ ।
ଯାଇ ମେଳାକୁ ରଙ୍ଗ ସ୍ଥଳୀକୁ କପଟେ ମାଇଲେ ସେ ମଉଳାକୁ ।୪।
ଏ କଳି ଯୁଗରେ କଳ୍ପବଟ ମୂଳେ  ମାଡ଼ି ବସିଛନ୍ତି ଲକ୍ଷେ ଶିଳାକୁ ।
ବିକାଇଲେ ଅନ୍ନ ନେଲେ ଜାତିଧର୍ମ କେହି ନ ଖୋଜଇ କାହା ଧର୍ମକୁ ।
କ୍ଷେତ୍ରସ୍ଥଳକୁ ମୁକ୍ତି ଖଳାକୁ  ଭାବେ ହୃଦାନନ୍ଦ ସନ୍ଥମେଳାକୁ ।୫।

## 3.136 ମିଛ ଦୁନିଆରେ ଗୋଟିଏ ସତ

( ଗୀତ – ଶୀର୍ଣାନନ୍ଦ ଦାସ କାନୁନଗୋ)
ମିଛ ଦୁନିଆରେ ଗୋଟିଏ ସତ (୨)
ଜଗନ୍ନାଥ ସେ ମୋ ଜଗନ୍ନାଥ (୨)
ତାରି ପାରେ ସେହି ମାରି ପାରେ ସେହି (୨) ଗୋଟିଏ ହାତ
ଜଗନ୍ନାଥ ସେ ମୋ ଜଗନ୍ନାଥ (୨)
ଗାଇ ଗାଇ ରାମାୟଣ ଶୁଣି ଶୁଣି ଗୀତା
ପଢି ପଢି  ଭାଗବତ ସରେ ନ ଯା କଥା (୨)
ଭଜନ ଜଣାଣ ପୁଣି ପୋଥି କି ପୁରାଣ
ସବୁଠାରେ ବିଜେ ସେହି ପ୍ରଭୁ ନାରାୟଣ
ସବୁଠାରେ ବିଜେ ସେହି ପ୍ରଭୁ ନାରାୟଣ
ପତିତ ଉଦ୍ଧାର ପାଇଁ ଉଢ଼େ ଯା ନେତ
ଜଗନ୍ନାଥ ସେ ମୋ ଜଗନ୍ନାଥ (୨)

ସେହି ଏକା କହିଥିଲା କୁରୁକ୍ଷେତ୍ରେ ଗୀତା
ସେହି ଏକା ବରଜିଲା ସତୀ ମାତା ସୀତା (୨)
ସେହି ଏକା ସହିଥିଲା ବ୍ରାହ୍ମଣ ଗୋଇଠା
ସେହି ଏକା ଖାଇଥିଲା ଶବରୀ ଅଇଁଣ୍ଠା
ସେହି ଏକା ଖାଇଥିଲା ଶବରୀ ଅଇଁଣ୍ଠା
ଯାହାର ଇଛାରେ ଚାଲେ ସାରା ଜଗତ
ଜଗନ୍ନାଥ ସେ ମୋ ଜଗନ୍ନାଥ(୨)
ମିଛ ଦୁନିଆରେ ଗୋଟିଏ ସତ (୨)
ଜଗନ୍ନାଥ ସେ ମୋ ଜଗନ୍ନାଥ (୨)
ତାରି ପାରେ ସେହି ମାରି ପାରେ ସେହି (୨) ଗୋଟିଏ ହାତ
ଜଗନ୍ନାଥ ସେ ମୋ ଜଗନ୍ନାଥ (୨)
ମିଛ ଦୁନିଆରେ ଗୋଟିଏ ସତ (୨)
ଜଗନ୍ନାଥ ସେ ମୋ ଜଗନ୍ନାଥ(୨)

## 3.137 ମିଛେ ସିନା ମଲି ଡାକି ଡାକି ହେ ଚକାଆଖି

(ଗୀତ – କାଳିଚରଣ ପଟନାୟକ)
ମିଛେ ସିନା ମଲି ଡାକି ଡାକି ହେ ଚକାଆଖି
ଶୁଣିବାକୁ ଦୁଃଖ ମୋର କାନ ତ କଲ ପଥର
ଶକତି ନାହିଁ ତୁମର ତାରିବାକୁ ଦୁଃଖୀ ହେ ଚକାଆଖି |0|
ମିଛେ ସିନା ମଲି ଡାକି ଡାକି ହେ ଚକାଆଖି
ଡରି ମରି ଲୋକ କହେ ତୁମେ ଦୁଃଖ ହାରି ତୁମେ ଦୁଃଖ ହାରି
ଆଖି ଛୁଇଁ କହ ଦୁଃଖ ହାରିଛ କାହାରି ପ୍ରଭୁ ହାରିଛ କାହାରି

ସତ ମୁଁ କହୁଛି ବୋଲି ଦେବି କୋଟୀ ସାକ୍ଷୀ ହେ ଚକାଆଖି |୧|
ମିଛେ ସିନା ମଲି ଡାକି ଡାକି ହେ ଚକାଆଖି
ରାଧାକୁ ଝୁରାଇ ତୁମେ ମାରିଛ କି ନାହିଁ ମାରିଛ କି ନାହିଁ
କରେ ଯେ ତୁମରି ଆଶ କାନ୍ଦି ମରେ ସେହି ପ୍ରଭୁ କାନ୍ଦି ମରେ ସେହି
ବଖାଣି ବସିଲେ ତୁମ ଗୁଣ ସରିବ କି ହେ ଚକାଆଖି |୩|
ମିଛେ ସିନା ମଲି ଡାକି ଡାକି ହେ ଚକାଆଖି

## 3.138 ମୁଁ ଆସିଛି ମୁଁ ଚାଲିଯିବି ତୁ ଥିବୁ କାଳିଆ ସୁନା

(ଗୀତ – )
ମୁଁ ଆସିଛି ମୁଁ ଚାଲିଯିବି ତୁ ଥିବୁ କାଳିଆ ସୁନା, ତୁ ଥିବୁ କାଳିଆ ସୁନା
ଜୀଇଥିବା ଯାଏ (୨) ଦରଶନ ତୋର କରିବୁନି ମୋତେ ମନା
ତୁ ଥିବୁ କାଳିଆ ସୁନା ||୦||
ବୟସ ଆୟୁଷ କମି ଯାଉପଛେ ଦୋଷମନ ହେଉ ଘେନା
କଳାମୁହଁ ଚାହିଁ ଲୁହ ଢାଳିବାକୁ(୨) କରିବୁନି ମୋତେ ମନା ||୧||
ଦିନରାତି ବିତୁ ଭୋକ ଉପାସରେ ମୋତେ ତ ନ ମିଳୁ ଦାନା
ଶ୍ରୀଅଙ୍ଗ ତୁଳସୀ ପାଦୁକ ଆଳତୀ କରିବୁନି ମୋତେ ମନା ||୨||
ଦୁଃଖ ପରେ ଦୁଃଖ ବୋଝ ହୋଇଯାଉ ସୁଖ ମୋର ହେଉ ଚୁନା
ସିଂହଦ୍ୱାରଠାରୁ ରତ୍ନ ସିଂହାସନ କରିବୁନି ମୋତେ ମନା ||୩||
ଏ ଛାର ଜୀବନ ମାନ ସନମାନ ତୋ ଆଗେ ନିମିତ ସିନା
ସରଗଦୁଆରେ ଜୁଇ କାଠ ଖଣ୍ଡେ କରିବୁନି ମୋତେ ମନା ||୪||

## 3.139 ମୁଁ ତ ବଡ଼ ଦେଉଳର ପାରା ରେ

( ଗୀତ – ଶୀର୍ଣ୍ଣାନନ୍ଦ ଦାସ କାନୁନଗୋ)
ମୁଁ ତ ବଡ଼ ଦେଉଳର ପାରା ରେ, ନୀଳଚକ୍ର ମୋର ଆସରା (୨)
ଖରା ବରଷାକୁ ନାହିଁ ମୋ ଡ଼ର, ଦେଉଳ ଉପରେ ମୋହରି ଘର (୨)
ମୁଁ ତ ବଡ଼ ଦେଉଳର ପାରା ରେ, ସାହା ମୋର କାଳିଆ ପରା
ମୁଁ ତ ବଡ଼ ଦେଉଳର ପାରା ରେ, ନୀଳଚକ୍ର ମୋର ଆସରା
ଭୋକ ଲାଗି ଦକ ନାହିଁ ତ ମୋହର, ନିର୍ମାଲ୍ୟ ଖାଏ ମୁଁ ଖୁଣ୍ଟି
ଅବଢ଼ା ତୋରାଣି ପିଉ ଥାଏ ପୁଣି, ଶୁଖିଗଲେ ମୋର ତଣ୍ଟି
ଭୋକ ଲାଗି ଦକ ନାହିଁ ତ ମୋହର, ନିର୍ମାଲ୍ୟ ଖାଏ ମୁଁ ଖୁଣ୍ଟି
ଅବଢ଼ା ତୋରାଣି ପିଉ ଥାଏ ପୁଣି, ଶୁଖିଗଲେ ମୋର ତଣ୍ଟି
ଯେଉଁ ଅବଢ଼ାର (୨) କଣିକାଏ ପାଇଁ ବାଇଆ ଜଗତ ସାରା ରେ
ମୁଁ ତ ବଡ଼ ଦେଉଳର ପାରା ରେ, ନୀଳଚକ୍ର ମୋର ଆସରା (୨)
କେତେ ସାଧୁ ସନ୍ଥ ବୈଷ୍ଣବ ଭକତ, ଦର୍ଶନ କରଇ ମୁହିଁ
ଦେଉଳେ ଦେଉଳେ ଘୁମୁରି ବୁଲଇ, ଜଗନ୍ନାଥ ନାମ ଗାଇ
କେତେ ସାଧୁ ସନ୍ଥ ବୈଷ୍ଣବ ଭକତ, ଦର୍ଶନ କରଇ ମୁହିଁ
ଦେଉଳେ ଦେଉଳେ ଘୁମୁରି ବୁଲଇ, ଜଗନ୍ନାଥ ନାମ ଗାଇ
ସାତ ବୈକୁଣ୍ଠ (୨) ଚଉଦ ବ୍ରହ୍ମାଣ୍ଡ ସବୁ ଏଇଠାରେ ପାର ରେ
ମୁଁ ତ ବଡ଼ ଦେଉଳର ପାରା ରେ, ନୀଳଚକ୍ର ମୋର ଆସରା(୨)
ବାର ମାସେ ତେର ଯାତରା ଦେଖଇ, ଦେଉଳ ବେଢ଼ାରେ ଥାଇ
ପକ୍ଷିଟିଏ ବୋଲି ଦୁଃଖ ନାହିଁ ମୋର, ମଣିଷଠୁ ସୁଖି ମୁହିଁ
ବାର ମାସେ ତେର ଯାତରା ଦେଖଇ, ଦେଉଳ ବେଢ଼ାରେ ଥାଇ

ପକ୍ଷିଟିଏ ବୋଲି ଦୁଃଖ ନାହିଁ ମୋର, ମଣିଷଠୁ ସୁଖି ମୁହିଁ
କେଉଁ ପୁଣ୍ୟ ବଳେ (୨) ଜନମ ନେଇ ମୁଁ ହୋଇଛି ଶ୍ରୀକ୍ଷେତ୍ର ପାରା ରେ
ମୁଁ ତ ବଡ଼ ଦେଉଳର ପାରା ରେ, ନୀଳଚକ୍ର ମୋର ଆସରା (୨)
ଖରା ବରଷାକୁ ନାହିଁ ମୋ ଡ଼ର, ଦେଉଳ ଉପରେ ମୋହରି ଘର (୨)
ମୁଁ ତ ବଡ଼ ଦେଉଳର ପାରା ରେ, ସାହା ମୋର କାଳିଆ ପରା
ମୁଁ ତ ବଡ଼ ଦେଉଳର ପାରା ରେ, ନୀଳଚକ୍ର ମୋର ଆସରା
ସାହା ମୋର କାଳିଆ ପାରା ରେ, ନୀଳଚକ୍ର ମୋର ଆସରା ରେ
ସାହା ମୋର କାଳିଆ ପାରା

## 3.140 ମୋତେ ସେହି ରୂପ ଦେଖାଅ ହରି (ସାଲବେଗ)

(କବି – ସାଲବେଗ)
ମୋତେ ସେହି ରୂପ ଦେଖାଅ ହରି
ଜୟ ଶ୍ରୀ ରାଧେ ରାଧେ ଡାକେ ବାଂଶରୀ ।
ଯେଉଁ ରୂପେ ବଳିଦ୍ୱାରେ ହେଲ ଭିକାରୀ ।।
ତ୍ରିପାଦରେ ଦାନ ନେଇ ବଳିକି ପାତାଳେ ଥୋଇ ।
ତେଣୁ କରି ଶୁକ୍ରମନ୍ତ୍ରୀ ନୟନରେ କୁଶ ଭରି ।୧।
କୈକେୟୀ ହେଲେ ଭଗାରୀ ରାମ ହେଲେ ବନଚାରୀ ।
ସଙ୍ଗତେ ସୀତୟା ନାରୀ ଲକ୍ଷ୍ମଣ ଯା ସେବାକାରୀ ।୨।
ଗୋପେ ଜନମ ହୋଇଲ ବନେ ଧେନୁ ଚରାଇଲ ।
ଗୋପାଳ ପୁଅଙ୍କ ମେଳେ ନାଚୁଥାଅ ଢ଼ଳିଢ଼ଳି ।୩।
ଡାହାଣେ ଶ୍ରୀ ହଳପାଣି ମଧ୍ୟେ ସୁଭଦ୍ରା ଭଉଣୀ ।

ବାମ ପାଶେ ବସିଛନ୍ତି ଶଙ୍ଖ ଚକ୍ର ଗଦାଧାରୀ ।୪।
କହେ ସାଲବେଗ ହୀନ ଜାତିରେ ଅଟେ ଯବନ ।
କଂସ ଅଷ୍ଟମଲ୍ଲ ମାରି କାହାକୁ ନ ଅଛ ତାରି ।୫।

## 3.141 ମୋତେ ସେହି ରୂପ ଦେଖାଅ ହରି(କବି ଦ୍ୱିଜ)

(କବି - କବି ଦ୍ୱିଜ)
ମୋତେ ସେହି ରୂପ ଦେଖାଅ ହରି ।
ଜୟ ଶ୍ରୀ ରାଧେ ରାଧେ ଡାକେ ବାଂଶରୀ ।।
ଯେଉଁ ରୂପେ ବଳିଦ୍ୱାରେ ହୋଇଥିଲଟି ଭିକାରୀ ।
ତିନି ପାଦ ଦାନ ଦେଇ ବଳିକି ପାତାଳେ ଥୋଇ
ଯଶ ଜଗତେ ଅଛ ବିସ୍ତାରି ।୧।
ଗୋପପୁରେ ନନ୍ଦ ଘରେ ରଖିଥିଲ ବାଛୁରୀ ।
ଯାମଳା ଅର୍ଜୁନ ଭାଙ୍ଗି ଶକଟା ଦର୍ପକୁ ଗଞ୍ଜି
କୁବେରର କୁମାରଙ୍କୁ ତାରି ।୨।
କୁରୁପତି ସଭାସ୍ଥଳେ ଦ୍ରୌପଦୀ ଜଣାଣ କରି ।
ବିବଶନ ହେବା କାଳେ କୋଟି ବସ୍ତ୍ର ଦେଇ ହେଳେ
ତାକୁ ଲଜ୍ଜାରୁ କରିଛ ପାରି ।୩।
ଆରତେ ଡାକିଲା ଗଜ ରଖିଲ ହେ ଚକ୍ରଧାରୀ ।
ତା ଡାକକୁ ଚତୁର୍ଭୁଜ ରକ୍ଷାକଲ ଦେବରାଜ
ଥିଲଟି ତୁମ୍ଭେ ଶ୍ରବଣ ଡେରି ।୪।
ଗହନ ବନେ ମୃଗୁଣୀ ଡାକିଲା ରଥାଙ୍ଗପାଣି ।

ବନେ ଶିଶୁ ଗର୍ଭାଏଣୀ ଚିନ୍ତିଲା ହେ ଚକ୍ରପାଣି
ବ୍ୟାଧମୁଖରୁ ରଖିଲ ତାରି ।୫।
କହଇ ଦ୍ୱିଜ ଅଧମ ତୁମ୍ଭ ପାଦ ଧ୍ୟାନ କରି ।
ମୋ କର୍ମକୁ ହେଲ ବାମ ଆହେ ନବଘନ ଶ୍ୟାମ
ନ ସ୍ଫୁରିଲା ନେତ୍ରରେ ମୋହରି ।୬।

## 3.142 ରମାରମଣ ହେ

( ଗୀତ – ଉପେନ୍ଦ୍ର ଭଞ୍ଜ)
ରମାରମଣ ହେ ! ତୁମେ ପରା ଦୟାସିନ୍ଧୁ
ଦୀନଠାରେ କିମ୍ପା ହୃଦେ ଅନୁକମ୍ପା, ହେଉନାହିଁ ଦୀନବନ୍ଧୁ ॥ଘୋଷା॥
ତ୍ରିଭୁବନ ଦୁଷ୍ଟ ନିବାରଣ ରୁଷ୍ଟ ବାଡ଼ବାଗ୍ନି ଗର୍ଭେ ଭରି
ଲୋକାଲୋକ ଗିରି ଭଗତ ମଣ୍ଡଳୀ ମଧ୍ୟେ ହୋଇଛ ମାଧୁରୀ ॥୧॥
ଅଗାଧ ସୁଷମା ଅଶେଷ ମହିଁମା ସଂକୁଳେ ହୋଇ ପ୍ରଚୁର
ମଚ୍ଛ କଚ୍ଛ ଜଳଚର ଅବତାରଙ୍କର ଅଟ ଜନ୍ମ ସ୍ଥଳ ॥୨॥
ଜଳଜ ଗଭୀର ବାଣୀ ସୁମଧୁର ଘୋଷକୁ କରି ବଂଦିତ
ତରଙ୍ଗ ବିଶେଷ ମହା ମହୋଲ୍ଲାସ ଭରେ ହୋଇଛ ରଞ୍ଜିତ ॥୩॥
ତରଙ୍ଗିଣୀ ବୃନ୍ଦ ସୁମନସ କଦମ୍ବର ନୃପତି ବୋଲାଇ
ମହତି ପରମ ଯୋଗେ ଦୁରାଧମ ଜନକୁ କରୁଛ ତ୍ରାହି ॥୪॥
ଅଣିମାଦି ଅଷ୍ଟ ରତନ ବିଶିଷ୍ଟ ପ୍ରଦାନେ କୁଶଳ ହୋଇ
କଷ୍ଟକୁ ଲୋକର କରୁଛ ନିକର ଭଞ୍ଜ ବୀରବର କହି ॥୫॥

## 3.143 ରାଧା କୃଷ୍ଣ ନାମ ଚିନ୍ତାମଣିକି

( ଗୀତ – ଗୋପାଳ କୃଷ୍ଣ ଦାସ)
ରାଧା କୃଷ୍ଣ ନାମ ଚିନ୍ତାମଣିକି ଭଜରେ ମାନସ ସଦା ଏଣିକି
ପାଇଲୁ ଶ୍ରୀ ଗୁରୁଦେବଙ୍କ କୃପାରୁ ଆଗେ କର ଜୟ-ଶ୍ରୀ ପୁରଣୀକି
ସ-ରସ ଚେତନ ପୁର୍ଣ୍ଣ ସନାତନ ବାସ ଯାଅନାରେ ଆଉ କେଣିକି
ନାହିଁଟି ଅନ୍ତର ଅଭିଧା ନାମର ଡାକ ମଥାପରେ ଯୋଡ଼ି ପାଣିକି
ସ୍ୱପନେ ଜାଗରେ ଶୁଚି ଅଶୁଚିରେ ଅନ୍ତଃକରଣରେ ପୁଣି ପୁଣୀକି
ପ୍ରେମଭକ୍ତି ରସ ଯାଁକର ନିର୍ଯ୍ୟାସ ଏଥୁ ବଳି ଆଉ ନାହିଁ ତେଣିକି
ମିଳିଲା ଏଥର ଭାଳିଲାର ତୋର କରି ନର୍ତନ ବଜା କଫୋଣିକି
ଗୋପାଳ-କୃଷ୍ଣର ପ୍ରାଣ ଅବସର କାଳେ ବୋଲାଇବୁ ଗଲେ ଏଣିକି

## 3.144 ରାଧେ ଗୋବିନ୍ଦ ଭଜ, ରାଧେ ଗୋବିନ୍ଦ ଭଜ

( ଗୀତ – )
ରାଧେ ଗୋବିନ୍ଦ ଭଜ, ରାଧେ ଗୋବିନ୍ଦ ଭଜ
ରାଧେ ଗୋବିନ୍ଦ ଭଜ, ରାଧେ ଗୋବିନ୍ଦ ଭଜ
ନନ୍ଦ ନନ୍ଦନ ବଂଶୀ ବଦନ(୨)
ବୃନ୍ଦାବନ ଚନ୍ଦ୍ର ଭଜ
ରାଧେ ଗୋବିନ୍ଦ ଭଜ, ରାଧେ ଗୋବିନ୍ଦ ଭଜ
ମାୟା ମୋହ ହିଂସା କାମ କ୍ରୋଧ ଲୋଭ(୨)
ଏହାଙ୍କ ସଙ୍ଗରେ କିମ୍ପାଇଁ ବଜ
ହରେ କୃଷ୍ଣ ନାମ ଅମୃତ ସାଗର ସାଧୁଜନ ପାଶେ ପଚାରି ବୁଝ

ରାଧେ ଗୋବିନ୍ଦ ଭଜ, ରାଧେ ଗୋବିନ୍ଦ ଭଜ
କେଶବ କଂସାରି ରାମ ଦଇତାରି (୨)
କଂସ ନାଶି କଲେ କୁବୁଜା ଉଜ
କୃଷ୍ଣ ନାରାୟଣ ନୃସିଂହ ବାମନ ବଳୀ ଶିରେ ଦେଲେ ଯେ ପାଦ ରଜ
ରାଧେ ଗୋବିନ୍ଦ ଭଜ, ରାଧେ ଗୋବିନ୍ଦ ଭଜ
ଦୟଣା ଭୁଷଣ ନାଶିବେ କଷଣ(୨)
ଦୃଢେ ଭଜୁଥିବ ପାଦ ସରୋଜ
ଶ୍ରୀବୃନ୍ଦାବନରେ ନାନା ରଙ୍ଗେ କେଳି ଗୋପ ସୁତ ସଙ୍ଗେ ବରଜ ରାଜ
ରାଧେ ଗୋବିନ୍ଦ ଭଜ, ରାଧେ ଗୋବିନ୍ଦ ଭଜ
ହରିଣୀ ବିପତ୍ତି ହରିଲେ ଶ୍ରୀପତି(୨)
ଗ୍ରାହ ମାରି ତାରି ରଖିଲେ ଗଜ
ଏବେ ନୀଳାଚଳେ ରହି ଜଗନ୍ନାଥେ ଭକ୍ତ ପାଇଁ ଟେକି ଅଛନ୍ତି ଭୁଜ
ରାଧେ ଗୋବିନ୍ଦ ଭଜ, ରାଧେ ଗୋବିନ୍ଦ ଭଜ

## 3.145 ଲାଗିଛି ଲୀଳା ନୀଳାଚଳରେ

(କବି - ହୃଦାନନ୍ଦ ଦାସ)
ଲାଗିଛି ଲୀଳା ନୀଳାଚଳରେ ହୋ ।
ରାଧାକୃଷ୍ଣ ଏକ ଅଙ୍ଗ ଯା' ସଦାକାଳରେ ହୋ ।।
ଅନନ୍ତ ମସ୍ତକେ ଫଣୀ ଫଣୀ ପରେ ଦିବ୍ୟମଣି ।
ତା ପରେ ଅବ୍ୟକ୍ତ ମଣି ସସ୍ର ଦଳରେ ହେ ।୧।
ଆସୁଛି ଯାଉଛି ବାର ଏ ବାରରୁ ସେ ବାହାର ।
ବାର ଭେଦି ଠାବ କର ତେର ମୂଳରେ ହେ ।୨।

ଊର୍ମଧୂର୍ମ ଜ୍ୟୋତି ଜ୍ୱାଳା ପ୍ରକାଶ ଏ ଚାରିକଳା ।
ପରେ ଲାଗିଅଛି ଲୀଳା ଠୁଳ ଶୂନ୍ୟ ହେ ।୩।
ଧନ୍ୟ ଧନ୍ୟ ନୀଳକନ୍ଦ ଯହିଁ ବିଜେ ଆଦିକନ୍ଦ ।
କହେ ଦାସ ହୃଦାନନ୍ଦ ପାଦ ତଳରେ ହେ ।୪।

## 3.146 ଲୋ ଚାନ୍ଦ ମୁହିଁ ଯାଉଛି ଦାରୁ ଖୋଜି ମୁହିଁ

( ଗୀତ – )
ବିଶ୍ୱାବସୁ କୁଳେ ଜନମ ମୋହର .......
ବୋଲାଏ ଦଇତାପତି .........
ମହାପ୍ରଭୁ ମୋର ଛାଡ଼ିବେ ଶରୀର ...
ଫାଟି ଯାଉଅଛି ଛାତି, ଚାନ୍ଦ ମୁହିଁ ଲୋ
ଲୋ ଚାନ୍ଦ ମୁହିଁ ଯାଉଛି ଦାରୁ ଖୋଜି ମୁହିଁ (୨)
ଦାରୁ ନ ପାଇଲେ ପ୍ରାଣ ଝାସିବି ସମୁଦ୍ରେ ଯାଇ (୨)
ଚାନ୍ଦ ମୁହିଁ ଯାଉଛି ଦାରୁ ଖୋଜି ମୁହିଁ
ଲୋ ଚାନ୍ଦ ମୁହିଁ ଯାଉଛି ଦାରୁ ଖୋଜି ମୁହିଁ
ଆଜ୍ଞାମାଳ ପାଇଲେ ମୁଁ ଯିବି ତୁରିତେ
ଅଧିଆ ପଡ଼ିବି ଯାଇ ମଙ୍ଗଳା ପୀଠେ
ଆଜ୍ଞାମାଳ ପାଇଲେ ମୁଁ ଯିବି ତୁରିତେ
ଅଧିଆ ପଡ଼ିବି ଯାଇ ମଙ୍ଗଳା ପୀଠେ
ସପନେଇବେ ସତେ ମା ମଙ୍ଗଳ ମୋତେ
ସେ ମହାମେରୁ ଦାରୁ ଠାବ କରିବୁ ପଦେ
ଶ୍ରୀକ୍ଷେତ୍ରେ ଫେରିବି ମୁଁ ବ୍ରହ୍ମ ଦାରୁ ସହିତେ

ବସିଥିବୁ ଫେରିବା ବାଟ ମୋର ଚାହିଁ..
ଲୋ ଚାନ୍ଦ ମୁହିଁ ଯାଉଛି ଦାରୁ ଖୋଜି ମୁହିଁ
ଲୋ ଚାନ୍ଦ ମୁହିଁ ଯାଉଛି ଦାରୁ ଖୋଜି ମୁହିଁ
କାହିଁ କି ଲୋ ବସିଅଛୁ ମନକୁ ମାରି
ମହାପ୍ରଭୁ କାହିଁ ଯିବେ ଆମକୁ ଛାଡ଼ି
କାହିଁ କି ଲୋ ବସିଅଛୁ ମନକୁ ମାରି
ମହାପ୍ରଭୁ କାହିଁ ଯିବେ ଆମକୁ ଛାଡ଼ି
ଏ ମର୍ତ୍ତ୍ୟ ମଣ୍ଡଳରେ ଦେହ ଯିଏ ଧରଇ
ଦେବତା ହୋଇ ପୁଣି ସେ ଅବଶ୍ୟ ମରଇ
ସେ କେବେ ମରି ପାରେ ଅଖଣ୍ଡ ବ୍ରହ୍ମ ସେହି
ଘଟ ଛାଡ଼ି ବସିବ ନୂଆ ଘଟେ ଯାଇ
ଲୋ ଚାନ୍ଦ ମୁହିଁ ଯାଉଛି ଦାରୁ ଖୋଜି ମୁହିଁ
ଲୋ ଚାନ୍ଦ ମୁହିଁ ଯାଉଛି ଦାରୁ ଖୋଜି ମୁହିଁ
କେଡ଼େ ଭାଗ୍ୟ ଆମ ସତେ ଧନ୍ୟ ଜୀବନ
ଜଗନ୍ନାଥ କୁଳଗୋତ୍ରେ ନେଲୁ ଜନମ
କେଡ଼େ ଭାଗ୍ୟ ଆମ ସତେ ଧନ୍ୟ ଜୀବନ
ଜଗନ୍ନାଥ କୁଳଗୋତ୍ରେ ନେଲୁ ଜନମ
ମହାପ୍ରଭୁ ଆମର ଆମେ ସେ ପ୍ରଭୁଙ୍କର
ଜୀବ ପରମ ଭେଟ ଏ ବାକ୍ୟ ନିଶ୍ଚେ ସାର
ଏ ଜନ୍ମ ସରି ଯାଉ ସେବି ତାଙ୍କ ପୟର
ଦିବାନିଶି ଏତିକି ମାଗୁଥିବୁ ଧ୍ୟାୟୀ
ଲୋ ଚାନ୍ଦ ମୁହିଁ ଯାଉଛି ଦାରୁ ଖୋଜି ମୁହିଁ
ଲୋ ଚାନ୍ଦ ମୁହିଁ ଯାଉଛି ଦାରୁ ଖୋଜି ମୁହିଁ
ଦାରୁ ନ ପାଇଲେ ପ୍ରାଣ ଝାସିବି ସମୁଦ୍ରେ ଯାଇ

ଦାରୁ ନ ପାଇଲେ ପ୍ରାଣ ଝାସିବି ସମୁଦ୍ରେ ଯାଇ
ଚାନ୍ଦ ମୁହିଁ ଯାଉଛି ଦାରୁ ଖୋଜି ମୁହିଁ
ଲୋ ଚାନ୍ଦ ମୁହିଁ ଯାଉଛି ଦାରୁ ଖୋଜି ମୁହିଁ

## 3.147 ସଞ୍ଜ ସକାଳେ ତୁମ ଛବି ଖୋଜେ

(ଗୀତ – )
ସଞ୍ଜ ସକାଳେ ତୁମ ଛବି ଖୋଜେ, ନୀର ଭିଜା ନୟନରେ, ହାୟ
ଜଗତର ନାଥ, ଆହେ ଜଗନ୍ନାଥ, ଅକୁଳ ଅନ୍ତରେ ଝୁରେ ...... ମୁଁ
ସଞ୍ଜ ସକାଳେ ..... ସଞ୍ଜ ସକାଳେ |0|
ମାଗୁ ନାହିଁ ଧନ ମାନ ସନମାନ ମାଗୁ ନାହିଁ ମୁଁ ଯେ ହୀରା ନୀଳା ମୋତି,
ମାଗିଥିଲେ ଯାହା ଧ୍ରୁବପ୍ରହଲ୍ଲାଦ ମାଗୁଛି ତହିଁରୁ ଦିଅ ମୋତେ କିଛି
କରୁଣା ସାଗର ନ କର ହେ ପର, ମନର ମରାଳ ଝୁରି ମରେ |୧|
ସଞ୍ଜ ସକାଳେ ତୁମ ଛବି ଖୋଜେ, ନୀର ଭିଜା ନୟନରେ
ଗିରି ନଦୀ ବନ ବନସ୍ତ ପବନ, ଗଗନ ଜୋଛନା ତାରକା ତପନ
ସୁନୀଳ ସାଗର ଭରା ଉପବନ, ଝରଣାର ଅଙ୍ଗେ କଅଁଳ କମ୍ପନ
ହସାଉଛ ସବୁ କନ୍ଦାଉଛ ମତେ, ପ୍ରଭୁ ହେ କାହିଁକି କୁହ ବାରେ |୨|
ସଞ୍ଜ ସକାଳେ ତୁମ ଛବି ଖୋଜେ, ନୀର ଭିଜା ନୟନରେ
ଏତେ ପାଖେ ଥାଇ, ଥାଅ ଏତେ ଦୂରେ ପିତା ମାତା ବୋଲି ଡାକଇ ଆତୁରେ
ଡାକଇ ଆତୁରେ ଆରତ କଣ୍ଠରେ ଆରତ କଣ୍ଠରେ ଅକୁଳ ମନରେ
ନିଅ ତୋଳି କୋଳେ କୋଳେ ନିଅ ତୋଳି ମିନତି ମୋହର ନୀରବରେ |୩|
ସଞ୍ଜ ସକାଳେ ତୁମ ଛବି ଖୋଜେ, ନୀର ଭିଜା ନୟନରେ

## 3.148 ସତେ କି ଏ ଜୀବ ଯିବ ବୃନ୍ଦାବନେ ଯାଇ ସ୍ଥାନ ପାଇବ

( ଗୀତ – ଅଚ୍ୟୁତାନନ୍ଦ ଦାସ)
ସତେ କି ଏ ଜୀବ ଯିବ ବୃନ୍ଦାବନେ ଯାଇ ସ୍ଥାନ ପାଇବ
ହେ ରାଧା ଗୋବିନ୍ଦ
ଏଇ ସୁଦୟା ମୋଠାରେ ଥିବ ।।
ଦିବସେ ମରଣ ହେବ ଯମ ଦଣ୍ଡ ଆଉ ମୋତେ ନ ଦେବ
ହେ ରାଧା ଗୋବିନ୍ଦ
ଏଇ ସୁଦୟା ମୋ ଠାରେ ଥିବ ।।
ବାସି ମଡା ମୁଁ ନ ହୋଇବି ତବ ନାମ ହୃଦେ ଜପୁଣଥିବି
ହେ ରାଧାଗୋବିନ୍ଦ
ଭବ ସାଗରୁ ତରିଣ ଯିବି ।।
ବନ୍ଧୁବାନ୍ଧବ ମୋହରି ଚତୁର୍ପାର୍ଶ୍ୱେ ବସି ଥିବେଟି ଘେରି
ହେ ରାଧା ଗୋବିନ୍ଦ
ଏଇ ସୁଦୟା ଥିବଟି ହରି ।।

## 3.149 ସତେ କି ବଡ଼ଦାଣ୍ଡକୁ ଡୋରି ଲାଗିବ ଗୁଣ୍ଡିଚାଯାତକୁ

(ଗୀତ - ପ୍ରସନ୍ନ କୁମାର ସାମଲ)
ସତେ କି ବଡ଼ଦାଣ୍ଡକୁ ଡୋରି ଲାଗିବ ଗୁଣ୍ଡିଚାଯାତକୁ(୨)
ମୁଁ ଦୀନ ଭିକାରୀ ତୋ ଗୁଣ ସୁମରି(୨) ଗାଉଥିବି ତୁଣ୍ଡେ ନାମକୁ ||୦||
ସତ କହୁଛିରେ କାଳିଆସୁନା, ତୋ ବିନା କେହି ମୋ ଆପଣା
ତୁ ସଖାସଦୋର ତୁ ପିତାମାତା ତୁହି ମୋ ଶରୀର ତୁହି ମୋ ଆତ୍ମା
ତୋ ରୂପ ନିରେଖି ଆହେ ଚକାଆଖି(୨) ଯାଉଥିବି ଭୁଲି ନିଜକୁ ||୧||

ତୁ ବସିଥିବୁ ରଥ ଉପରେ ରଥ ଚାଲୁଥିବ ବଡ଼ଦାଣ୍ଡରେ
ହାତେ ଧରିଥିବି ରଥ ଦଉଡ଼ି ସେ କାଳରେ ଜୀବ ଗଲେ ମୋ ଛାଡ଼ି
ଏହି ମୋର ଆତ୍ମା ଆହେ ପରମାତ୍ମା(୨) ଖୋଜୁଥିବି ଛନ୍ଦାପାଦକୁ ||୨||

## 3.150 ସବୁଥିରୁ ବଞ୍ଚିତ କରି କେଉଁ ଯଶ ବାନା ଉଡ଼ାଇବ ହେ

(ଗୀତ – କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର)
ସବୁଥିରୁ ବଞ୍ଚିତ କରି କେଉଁ ଯଶ ବାନା ଉଡ଼ାଇବ ହେ ?
ଯାହା ଦେଇଥିଲ ସବୁତ ନେଲଣି, ଆଉ ଏବେ କିସ ଛଡ଼ାଇବ ହେ |୦|
ସଂସାରେ ଯେ କରଇ ଆଶ, ଧାଏଁ ସିନା ସେ ତୁମ୍ଭ ପାଶ
ସକଳ ଭରସା ଯାର ତୁଟିଲାଣି, କିସ ବୋଲି ତାକୁ ଡରାଇବ ହେ |୧|
ଠକି ଠକି ଥରକୁ ଥର ବୁଝିଲିଣି ତୁମ୍ଭ ଚାତର
ମନେ ପାଞ୍ଚିଛ କି ହାଟ ମଝିଟାରେ ଛିଡ଼ାକରି ବାଟ ହୁଡ଼ାଇବ ହେ |୨|
ତୁମ୍ଭ ଫନ୍ଦା ଏଡ଼ିବି ବୋଲି ସବୁ ଧନ୍ଦା ଦେଲିଣି ଠେଲି
ଚାରି ଦଉଡ଼ି ଯେ କାଟି ସାରିଲାଣି, କେଉଁ ଫାନ୍ଦେ ତାକୁ ଜଡ଼ାଇବ ହେ |୩|
ହାତ ଠାରି ଲୋଭ ଦେଖାଇ ଡାକ ନାଟ ଦେଖିବା ପାଇଁ
ସିହାଣ କରୁଛ ଆହୁରି ଥରେ କି, ନାକ ଘଷି କାନ ମୋଡ଼ାଇବ ହେ |୪|

## 3.151 ସବୁରି ସବୁ ଅଛି

(କବି - ରଘୁ ଅରକ୍ଷିତ)
ସବୁରି ସବୁ ଅଛି ମୋହର କେହି ନାହିଁ
ଏକା ମୋ ପ୍ରଭୁ ଜଗନ୍ନାଥ ।
ତୁମ୍ଭରି ନାମ ଧରି ବିଷ ମୁଁ ଭକ୍ଷି ଅଛି

ସେ ମୋତେ ହୋଇଛି ଅମୃତ, ହେ ମହାବାହୁ ।୧।
ବାଲିରେ ପଡ଼ିଥାଇ ନୀଳଚକ୍ରକୁ ଚାହିଁ
ପ୍ରାଣ ମୋ ଶେଷ ହେଉଥାଇ ।
ବାଲିରେ ପଡ଼ିକରି ମାଂସକୁ ମିଳାଇବି
ଚକ୍ର ଉହାଡ଼ି ଥିବ ଧାୟି, ହେ ମହାପ୍ରଭୁ ।୨।
ସାଧୁମାନଙ୍କ ସଙ୍ଗେ ଦିନ ବଞ୍ଚିବି ରଙ୍ଗେ
ତୁମ୍ଭ ଚରଣେ ଚିତ୍ତ ଥାଉ ।
ଛଡ଼ାତୁଳସୀ ମୁଣ୍ଡେ ନିର୍ମାଲ୍ୟ ଥିବ ତୁଣ୍ଡେ
ହା-କୃଷ୍ଣ ବୋଲି ପ୍ରାଣ ଯାଉ, ହେ ମହାପ୍ରଭୁ ।୩।
ବଗଡ଼ା ଅନ୍ନ ସଙ୍ଗେ ବଡ଼ି ମହୁର ରଙ୍ଗେ
ସେବାରେ ପୁରାଇବି ପେଟ ।
କଳାରାହାଟଠାରେ ଦର୍ଶନ କରୁଥିବି
ଛାମୁରେ ଧରି ମୁଁ ଆଲଟ, ହେ ମହାପ୍ରଭୁ ।୪।
ୟେମନ୍ତେ କହୁ ଅଛି ଶୁଣ ହେ ଶିରୀବତ୍ସି
ରୁକୁଣା ଦେବୀଙ୍କର କାନ୍ତ ।
ରଘୁ ଅର୍କ୍ଷିତ ଏହୁ ଭାବରେ ଭଣିଲେ
ଏଥୁ ଉଦ୍ଧର ଜଗନ୍ନାଥ, ହେ ମହାପ୍ରଭୁ ।୫।

## 3.152 ସର୍ବ ଆତ୍ମା ନନ୍ଦିଘୋଷ ବିଜେ ତହିଁ ଜଗନ୍ନାଥ

(ଗୀତ – ପ୍ରସନ୍ନ କୁମାର ସାମଲ)
ସର୍ବ ଆତ୍ମା ନନ୍ଦିଘୋଷ ବିଜେ ତହିଁ ଜଗନ୍ନାଥ
ଜୀବନ ବଡ଼ଦାଣ୍ଡରେ ନିତି ଚାଲେ ରଥ ଯାତ, ନିତି ଚାଲେ ରଥ ଯାତ |୦|

ଟାଣେ ସମୟ ଦ ଉଡ଼ି ରଥ ଚକ ଯାଏ ଗଡ଼ି
ସୁଖ ଗୁଣ୍ଡିଚା ମନ୍ଦିର ଅଛି କାହିଁ କେତେ ଦୂର
ଚାହିଁଲେ ପାଉନି ନେତ୍ର |୧|
ହୃଦୟ ବଡ଼ଦେଉଳେ ନିତ୍ୟ ପଞ୍ଚଜନ୍ୟ ବାଜେ
ମନ ଆନନ୍ଦବଜାରେ ବିବେକ କୈବଲ୍ୟ ଖୋଜେ
ଛୁଇଁ ଆଶା କଳ୍ପବଟ |୨|
ପାପ ମୋ ସାଗର ପରି ଲୁହ ମୋ ଫୁଲଚାଙ୍ଗୁଡ଼ି
ତୁଣ୍ଡ ବଡ଼ପଣ୍ଡା ଡାକେ ଦୁଃଖ ଭୋଗଥାଳି ଧରି
କହରେ କାଳିଆ....(୨), କହିବୁ କି ସତ କେବେ ମୋ ବାହୁଡ଼ା ଯାତ |୩|

## 3.153 ସଭିଏଁ କହନ୍ତି ବଡ଼ଦାଣ୍ଡ ବଡ଼ ବୁଲି ଦେଖିଲି

(ଗୀତ - ପ୍ରସନ୍ନ କୁମାର ସାମଲ)
ସଭିଏଁ କହନ୍ତି ବଡ଼ଦାଣ୍ଡ ବଡ଼ ବୁଲି ଦେଖିଲି
ସଭିଏଁ କହନ୍ତି ବଡ଼ ତୋ ଦେଉଳ ଭିତରେ ଗଲି ||୦||
ସଭିଏଁ କହନ୍ତି ବଡ଼ଭୋଗ ବୋଲି ତୁଣ୍ଡରେ ଦେଲି
ବଡ଼ପଣ ତୋର ବୁଝିଲାବେଳକୁ ଭାବି ବସିଲି
ଏକି ବଡ଼ପଣ କହରେ କାଳିଆ ଏକି ବଡ଼ପଣ କହ ...
ତୋ ଓଠରୁ ସଦା ହସ ଝରୁଥାଏ, ମୋ ଆଖିରୁ ଝରେ ଲୁହ ||୧||
ବଡ଼ପଣ ନୁହେଁ ଦେଖିଲି ତୋହର ବଡ଼ ବଡ଼ ଦୁଇ ଆଖି
ସେ ଆଖି କାହାରି ଲୁହକୁ ନଦେଖି ମାୟାରେ ଦେଉଛି ଦାବି
କାଳିଆରେ କାଳିଆ, ପାରୁନି ତ ବୁଝି ଜଗତେ କେମିତି(୨)
ହୋଇଛୁ ତୁ ବଡ଼ ଦିଅଁ ||୨||

ବଡ଼ ଦେଉଳରେ ବସି ଅଛୁ ବୋଲି ସେ କି ତୋର ବଡ଼ପଣ
ବଡ଼ ବୋଲି ତୋତେ କହିବେ ଜଗତେ ବୁଝିଲେ ତୁ ଦୁଃଖି ମନ
କାଳିଆରେ କାଳିଆ, ତୋ ବଡ଼ପଣିଆ ନ ଦେଖିବା ଯାଏ(୨)
ଝରୁଥିବ ଏଇ ଲୁହ ||୩||

## 3.154 ସାଙ୍ଗ ଆରେ ଯିବା ଶିରିକ୍ଷେତର

(ଗୀତ – )
ସାଙ୍ଗ ଆରେ ଯିବା ଶିରିକ୍ଷେତର
ପୁରୀ ଧାମରୁ ଆସିଛି ପତର
ଗୀତ ଗାଇବି ମୁଁ ହିଁ ଜଗନ୍ନାଥଙ୍କୁ ଚାହିଁ
କେତେ ମହାନ ଭାଗ୍ୟ ମୋହର |0|
ପୁର୍ବ ଜନମରେ କିଛି ଭଲକାମ କରିଥିଲି
ସେଥିପାଇଁ ଏ ଜନମେ କାଳିଆକୁ ପାଇଗଲି
ଭଜି ଭଜି ତମ ନାମ
ବୁଲିବାକୁ ଗ୍ରାମ ଗ୍ରାମ
ଭାରି ଇଚ୍ଛା ମୋର |୧|
ଗୀତ ଗାଉ ଗାଉଯଦି ବଡ଼ଦାଣ୍ଡେ ଯାଏ ମରି
ପାପ ମୋର ଯିବ ଧୋଇ ନରକରୁ ଯିବି ତରି
ଦୁନିଆ ସବୁ ପରି
ସେଇ ଏକା ପ୍ରଭୁ ମୋର
ଅତି ଆପଣାର|୨|

## 3.155 ଷାଠୀଏ ପଉଟି ଭୋଗରୁ ତୁମର କାଢିତ ନେଇନି ହରି

( ଗୀତ – ରାଧାନାଥ ଦାସ)
ଷାଠୀଏ ପଉଟି ଭୋଗରୁ ତୁମର କାଢିତ ନେଇନି ହରି
କୁହ ତେବେ କେଉଁ ଅପରାଧେ ମୋତେ(୨) କଲ ଦାଣ୍ଡର ଭିକାରି (୨)
ଷାଠୀଏ ପଉଟି ଭୋଗରୁ ତୁମର କାଢିତ ନେଇନି ହରି(୨)
କୁହ ତେବେ କେଉଁ ଅପରାଧେ ମୋତେ(୨) କଲ ଦାଣ୍ଡର ଭିକାରି (୨)
ଷାଠୀଏ ପଉଟି ଭୋଗରୁ ତୁମର କାଢିତ ନେଇନି ହରି
ଭିକାରି କରିବା ଯେବେ ତୁମ ଇଚ୍ଛା(୨) ନାହିଁ ମୋ ମନରେ ଦୁଃଖ
ସିଂହାଦ୍ୱାର ବିନା ଆନ ଦୁଆର କୁ(୨) ମୁଁ ମାଗି ଯିବି ନାହିଁ ଭିକ
ଆହେ ଇଚ୍ଛାମୟ ଇଚ୍ଛାରେ ତୁମ୍ଭରି (୨) ଦିଅ ମୋର ଥାଳ ଭରି ||
କଲ ଦାଣ୍ଡର ଭିକାରି ....
ଜାଣିଶୁଣି ଯେବେ ଚେଇଁ ଶୋଇଥିବ, ପ୍ରଭୁହେ ........ ପ୍ରଭୁ ....
ଜାଣିଶୁଣି ଯେବେ ଚେଇଁ ଶୋଇଥିବ, ମୁଁ କହିବି କାହାକୁ ଆଉ
ଆଉ କାହା ପାଶେ ପତାଇବି ହାତ, ତୁମେ ପ୍ରଭୁ ଥାଉ ଥାଉ
ଖାଲି ହାତେ ପଛେ ଫେରିଯିବି ପ୍ରଭୁ, ଏ ବଡ଼ ଦାଣ୍ଡେ ଛାଡ଼ି ହୁରି ||
କଲ ଦାଣ୍ଡର ଭିକାରି ....

## 3.156 ଶ୍ରୀଜଗନ୍ନାଥ କୃପା ନିଧାନ ହେ !

(ଗୀତ - ଦୀନବନ୍ଧୁରାଜ ହରିଚନ୍ଦନ)
ଶ୍ରୀଜଗନ୍ନାଥ କୃପା ନିଧାନ ହେ !
କର ଦୀନରେ କୃପା ଅବଧାନ ହେ||ପାଦ||

ସେବକ ଅପରାଧୀ ହେଲେ କରୁଣାନିଧି
କ୍ଷମା ତ ପ୍ରଭୁପଣ ବିଧାନ ହେ।।୧।।
ସାଧୁଜନଙ୍କ ସଙ୍ଗେ ମଜ୍ଜି କୀର୍ତ୍ତନ ରଙ୍ଗେ
ନକଲି ତୁମ୍ଭ ଯାତ୍ରା ଲୋକନ ହେ।।୨।।
ତୁମ୍ଭ ଶ୍ରୀମୂର୍ତ୍ତୀ ଶୋଭା ଦେଖି ମୋ ନେତ୍ର ଲୋଭା
ନୋହିଲା ବ୍ୟର୍ଥ ହେଲା ନୟନ ହେ।।୩।।
ସେବା ବିନା ତୁମ୍ଭର ହେ କଞ୍ଜ ନେତ୍ର ମୋର
ଧିକ ରାଜ୍ୟପ୍ରଭୁତ୍ୱ ଜୀବନ ହେ।।୪।।
ଆହେ ଆରତତ୍ରାଣ ହୁଅ ଦୁଃଖୀ ଶରଣ
ଦୀନବନ୍ଧୁ ଦୁଃଖ ବିମୋଚନ ହେ।।୫।।

## 3.157 ଶ୍ରୀ ପୁରୁଷୋତ୍ତମ ଯିବା ମନ, ସାଙ୍ଗ ହୋଇଥିବା ପାଞ୍ଚ ଜଣ

( ଗୀତ – ଅତିବଡ଼ୀ ଜଗନ୍ନାଥ ଦାସ)
ଶ୍ରୀ ପୁରୁଷୋତ୍ତମ ଯିବା ମନ          ସାଙ୍ଗ ହୋଇଥିବା ପାଞ୍ଚଜଣ
ତୁନି ହୋଇଥିବା କେହି ନ ଜାଣିବେ          ବସି ଭାଳୁଥିବା ମନେ ମନ
ପ୍ରଭୁ ପାଞ୍ଚଜଣ
ଦାଣ୍ଡକୁ ଫିଟିଛି ସିଂହଦ୍ୱାର          ବାଇଶି ପାହାଚ ତଳ କର
କଳ୍ପବଟ ମୂଳେ ଅନନ୍ତଶଯ୍ୟାରେ          ମୁକୁତି ମଣ୍ଡପ ବିମ୍ବାଧର
ପ୍ରଭୁ ଲୟେ କର
ସାଜେଣି ହୋଇଛି ତିନି ରଥ          ପାଟ ପତନି ମଣ୍ଡଣି ନେତ
ସୁବର୍ଣ୍ଣ କଳସ ଉପରେ ଚିରାଳ          ଫରଫର ଉଡେ ବାନା ନେତ
ପ୍ରଭୁ ତିନି ରଥ

ଶରଧା ବାଲିକି ଶୋଭାବନ ତାଳଧ୍ୱଜରେ କି ବଳରାମ
ରଙ୍ଗ ସଭତଳେ କଂସକୁ ମାଇଲେ ରାମକୃଷ୍ଣ ଏହି ବେନି ଜନ
ପ୍ରଭୁ ବଳରାମ
ଏହି ଜଗନ୍ନାଥ ଗୋପପୁରେ ବତ୍ସା ରଖିଥିଲେ ନନ୍ଦଘରେ
କଂସର କଟକେ ଅଷ୍ଟମଲ୍ଲ ମାରି ଗିରି ଟେକିଛନ୍ତି ବାମ କରେ
ପ୍ରଭୁ ଗୋପପୁରେ
ଶ୍ରୀକୃଷ୍ଣ ଚରଣେ ଆଶାକରି ହୃଦେ ବୋଲୁଥାଇ ହରି ହରି
କହେ ଜଗନ୍ନାଥ ଚରଣେ ଶରଣ ଆଜ୍ଞାହେଉ ପ୍ରଭୁ ନୀଳଗିରି
ପ୍ରଭୁ ଦେବ ହରି

## 3.158 ଶ୍ରୀମନ୍ଦିରେ ଯାଇ ଶ୍ରୀଜଗନ୍ନାଥଙ୍କୁ ମାଗିବି କି ଅବା ଆଉ

(ଗୀତ – କାଞ୍ଚି ନାରାୟଣ ମହାନ୍ତି)
ଶ୍ରୀମନ୍ଦିରେ ଯାଇ ଶ୍ରୀଜଗନ୍ନାଥଙ୍କୁ ମାଗିବି କି ଅବା ଆଉ(୨)
ମୋ ଜୀବନ ପଛେ ନର୍କେ ପଡ଼ିଥାଉ(୨) ଜଗତ ଉଧାର ହେଉ
ମହାବାହୁ ଜଗତ ଉଧାର ହେଉ
ଶ୍ରୀମନ୍ଦିରେ ଯାଇ ଶ୍ରୀଜଗନ୍ନାଥଙ୍କୁ ମାଗିବି କି ଅବା ଆଉ ମାଗିବି କି ଅବା ଆଉ
ପାପ ଆଉ ପୁଣ୍ୟ ଜଗତେ ଭରା ମାୟା ମୋହ ଏଠି ସବୁ ତ ଅସରା(୨)
କି ଭିକ୍ଷା କରିବି ତାଙ୍କ ଶ୍ରୀଚରଣେ(୨) ତାଙ୍କୁ କି ଅଜଣା ଆଉ
ମାଗିବି କି ଅବା ଆଉ ମହାବାହୁ ଜଗତ ଉଧାର ହେଉ
ତାଙ୍କ ହାତ ଗଢ଼ା ଏ ସାରା ସଂସାର ନ ପାରନ୍ତି ଯେବେ କରି ସେ ଉଧାର(୨)
ଏକା ବସିଥାନ୍ତୁ ରତ୍ନ ସିଂହାସନେ(୨) ଏ ଜଗତ ଭାସିଯାଉ
ମାଗିବି କି ଅବା ଆଉ ମହାବାହୁ ଜଗତ ଉଧାର ହେଉ
ଶ୍ରୀମନ୍ଦିରେ ଯାଇ ଶ୍ରୀଜଗନ୍ନାଥଙ୍କୁ ମାଗିବି କି ଅବା ଆଉ(୨)

ମୋ ଜୀବନ ପଛେ ନର୍କେ ପଡ଼ିଥାଉ(୨) ଜଗତ ଉଧାର ହେଉ
ମହାବାହୁ ଜଗତ ଉଧାର ହେଉ ଜଗତ ଉଧାର ହେଉ ଜଗତ ଉଧାର ହେଉ

## 3.159 ଶ୍ରୀକ୍ଷେତ୍ରେ କରିଛି ଘର, କାଳିଆ ମୋ ବନ୍ଧୁ

(ଗୀତ – ଅରବିନ୍ଦ ମୁଦୁଲି)
ଶ୍ରୀକ୍ଷେତ୍ରେ କରିଛି ଘର, କାଳିଆ ମୋ ବନ୍ଧୁ (୨)
ସୁଖରେ ଦୁଃଖରେ ସେ ତ ମୋ ପାଇଁ ଉଡ଼ାଏ ନେତ (ବନ୍ଧୁ)
ପତିତପାବନ କୃପାସିନ୍ଧୁ (ହୋ.....) ||୦||
ପେଟକୁ ମୋର ଖଞ୍ଜି ଦେଇଛି ମୁଠାଏ ଅବଢା ବେସର ଡାଲି
ହାତକୁ ମୋର ଖଞ୍ଜି ଦେଇଛି ନିଇତି ଦେବାକୁ ଚନ୍ଦନ ଘୋରି
ଧରମ କରମ ମୋର ସବୁ ସେ ରଙ୍ଗାଧର (୨) ବନ୍ଧୁ
ପତିତପାବନ କୃପାସିନ୍ଧୁ ||୧||
ତୁଣ୍ଡକୁ ମୋର ଖଞ୍ଜି ଦେଇଛି ଗାଇବା ପାଇଁ କି ତା ନାମ ଗୀତି
ମୁଣ୍ଡକୁ ମୋର ଖଞ୍ଜି ଦେଇଛି ନୁଆଁଇବି ବୋଲି ତା ପାଦେ ନିତି
ତା ଲାଗି ଏ ମନ ପ୍ରାଣ ଘୁରେ ଶୟନେ ସପନେ (୨) ବନ୍ଧୁ
ପତିତପାବନ କୃପାସିନ୍ଧୁ ||୨||
ପାଦକୁ ମୋର ଖଞ୍ଜି ଦେଇଛି ପଦାରବିନ୍ଦକୁ ଯିବାକୁ ଦେଖି
ଆଖିକୁ ମୋର ଖଞ୍ଜି ଦେଇଛି ଦେଖିବା ପାଇଁକି ତା ଚକାଆଖି
କୋଟି କୋଟି ଜନମର କାଳିଆ ମୋ ଆପଣାର(୨) ବନ୍ଧୁ
ପତିତପାବନ କୃପାସିନ୍ଧୁ ||୩||

## 3.160 ହଟିଆ ଠାକୁର ଆଉ କେତେ ନାଟ ଦେଖିବ

( ଗୀତ – ଦିବାକର ମହାନ୍ତି)

ଠାକୁର ହେ.. ଠାକୁର ହେ.. ହେ..

ହଟିଆ ଠାକୁର ଆଉ କେତେ ନାଟ ଦେଖିବ (୨)

ଚଳାଇ ତାତି ବାଲିରେ ହାଟ ମୋର ସାରିବ

ହଟିଆ ଠାକୁର ଆଉ କେତେ ନାଟ ଦେଖିବ, ହଟିଆ ଠାକୁର ଆଉ

ଗୁହାରି ମୋ ନ ଶୁଣ ଯେବେ କା ଆଗେ ମୁଁ କହିବି ତେବେ (୨)

ଦୀନବନ୍ଧୁ ନାମେ ସିନା ଦୀନବନ୍ଧୁ ନାମେ ସିନା

ଅପଯସ ବାନା ଉଡ଼ିବ

ହଟିଆ ଠାକୁର ଆଉ କେତେ ନାଟ ଦେଖିବ, ହଟିଆ ଠାକୁର ଆଉ

କଲ ବଲ କରୁଚ ଏତେ କି ସୁଖ ବା ପାଉଚ ସତେ (୨)

ଦୁଃଖ ପରେ ଦୁଃଖ ଦାଉ ଦୁଃଖ ପରେ ଦୁଃଖ ଦାଉ

କେତେ ଆଉ କିଏ ସହିବ

ହଟିଆ ଠାକୁର ଆଉ କେତେ ନାଟ ଦେଖିବ, ହଟିଆ ଠାକୁର ଆଉ

ସବୁ ଶୁଣୁଛ ଦେଖୁଛ ମନେ ଥାଇ କି ନ ଯାଣୁଛ (୨)

ଚେଇଁ ଶୋଇବା ଗୁଣଟି ଚେଇଁ ଶୋଇବା ଗୁଣଟି

କେବେ ଆଉ ତୁମେ ଛାଡ଼ିବ

ହଟିଆ ଠାକୁର ଆଉ କେତେ ନାଟ ଦେଖିବ, ହଟିଆ ଠାକୁର ଆଉ

ଚଳାଇ ତାତି ବାଲିରେ ହାଟ ମୋର ସାରିବ

ହଟିଆ ଠାକୁର ଆଉ କେତେ ନାଟ ଦେଖିବ, ହଟିଆ ଠାକୁର ଆଉ

## 3.161 ହରେ କୃଷ୍ଣ ହରେ କୃଷ୍ଣ (ବୈଷ୍ଣବ ମହାମନ୍ତ୍ର)

ହରେ କୃଷ୍ଣ ହରେ କୃଷ୍ଣ, କୃଷ୍ଣ କୃଷ୍ଣ ହରେ ହରେ |
ହରେ ରାମ ହରେ ରାମ, ରାମ ରାମ ହରେ ହରେ ||

## 3.162 ହାତରେ ମୋ ମୁଠା ମୁଠା ଶରଧାବାଲି

( ଗୀତ – ପ୍ରସନ୍ନ କୁମାର ସାମଲ)
ହାତରେ ମୋ ମୁଠା ମୁଠା ଶରଧାବାଲି, ଠାକୁରେ ଶରଧାବାଲି
ନରେନ୍ଦ୍ରର ଜଳ ପଡ଼େ ମଥାରୁ ଝରି
ଦେହେରେ ମୋ ବୋଳା ବଡ଼ଦାଣ୍ଡର ଧୂଳି (୨) ଚକାଡୋଳା ଚକାଡୋଳା
କହ ଚକାଡୋଳା ପର ହେଲି କିପରି ପର ହେଲି କିପରି
ହାତରେ ମୋ ମୁଠା ମୁଠା ଶରଧାବାଲି
ଆଖିରେ ମୁଁ ଦେଖୁଥାଇ ତୋର ମୂରତି
କାନ ମୋର ଦିବାନିଶି ଶୁଣେ ତୋ ଗୀତି
ତୁଣ୍ଡେ ତୁଳସୀ ଜଳ(୨) ପାଏ ମୁଁ ନିତି
ମୁଣ୍ଡ ମୋର ଛୁଁଏ(୨) ବଡ଼ଦାଣ୍ଡର ମାଟି(୨)
ପ୍ରଶନାମ ଗାଏ ସଦା(୩) ନାମ ତୋହରି, ପର ହେଲି କିପରି
ହାତରେ ମୋ ମୁଠା ମୁଠା ଶରଧାବାଲି
ଘର ଜାଣେ ନୀଳାଚଳ ବଡ଼ ଦେଉଳ
ପ୍ରଭୁପଣେ ତୁହି ଏକା ବଡ଼ ଠାକୁର
ତୋ ପାଇଁ ଭୁଲିଛି ସବୁ(୨) ଆପଣା ପର
ଭରସା କରିଛି ତୋର(୨) ପାଦ ଯୁଗଳ ପ୍ରଭୁ ପାଦ ଯୁଗଳ

ଜୀବନ ଯିବ ମୋହର(୩) ତୋ ନାମ ଧରି, ପର ହେଲି କିପରି
ହାତରେ ମୋ ମୁଠା  ମୁଠା ଶରଧାବାଲି
ନରେନ୍ଦ୍ରର ଜଳ ପଡ଼େ ମଥାରୁ ଝରି

## 3.163 ହାତୀ ଆସନ୍ତି ମୋ ଅଚଳ ମହାମେରୁ।

(କବି - ମାଗୁଣି ପଟ୍ଟନାୟକ)
ହାତୀ ଆସନ୍ତି ମୋ ଅଚଳ ମହାମେରୁ।
ଭକତି ଭାବକୁ ଆସନ୍ତି ହରି ଶ୍ରୀନୀଳକନ୍ଦରୁ।
ପଦ ଦ୍ୟୁତି କଳା ଦୋହଲାଇ ମାଳା ଚନ୍ଦ୍ର ସୂର୍ଯ୍ୟ ବେନି ଆଖି,
ଭକ୍ତଜନମାନେ ମୁକତି ଲଭନ୍ତି କଳା ନୟନ କୁ ଦେଖି।
ହାତୀ ଆସନ୍ତି ମୋ।।୧।।
ହାତୀର ଓଜ ବିସ୍ତାର ଭୁଜ ଶୋଭା ଅଣ୍ଟା ଗୋଟି ତାର ସରୁ,
ସଧୀରେ ସଧୀରେ ଚଳାଇ ଆଣନ୍ତି ଶ୍ରୀନୀଳଗିରି ମଧ୍ୟରୁ।
ହାତୀ ଆସନ୍ତି ମୋ।।୨।।
ବାହା ସୁବିସ୍ତାର ଗଳେ ବନମାଳ କଟିରେ କିଙ୍କିଣୀ ସାଜେ,
ଚରଣ କମଳ ବଜେଣି ନୂପୁର ଝୁମୁକୁ ଝୁମୁକୁ ବାଜେ।
ହାତୀ ଆସନ୍ତି ମୋ।।୩।।
ବଜାଇ ମୃଦଙ୍ଗ ଭେରୀ ତୂରୀ ବାଦ୍ୟ ଶଙ୍ଖ ଧ୍ୱନି ନିରନ୍ତରେ,
ଦୁଲୁ ଦୁଲୁ ହୋଇ ଦୁଲକି ପଡ଼ନ୍ତି ପାଟ ମୁଚୁଳି ଉପରେ।
ହାତୀ ଆସନ୍ତି ମୋ।।୪।।
ମୃଦଙ୍ଗ ନିନାଦ ଅତି ହିଁ ଶବଦ କିଣି କିଣି ବାଦ୍ୟ ବାଜେ,

ବ୍ରହ୍ମାଣ୍ଡଯାକକୁ ଚଲାଇ ଆଣନ୍ତି ଚତୁରଙ୍ଗ ବଳ ସାଜେ।
ହାତୀ ଆସନ୍ତି ମୋ।।୫।।
ଦଇତାପତିଏ ଡୋର ଧରିଥାନ୍ତି ହୋଇଥାନ୍ତି ଏକ ମେଳ,
କେହି ବୋଲୁଥାନ୍ତି ମଣିମା ମଣିମା କେହୁ ବୋଲେ ଚାଲ ଚାଲ।
ହାତୀ ଆସନ୍ତି ମୋ।।୬।।
ଲକ୍ଷେ ପାଟଛତ୍ର ଉପରେ ଚାମର ଥରେ ବିଜେ କଲେ ହରି,
ଅଧମ ମାଗୁଣି ଶରଣ ପଶୁଛି ଗୀତ ସାତ ପଦ ସାରି।
ହାତୀ ଆସନ୍ତି ମୋ।।୭।।

## 3.164 ହେ ଚକାନୟନ, ଅଗତିର ଗତି ଦୀନ ଦୁଃଖ ନାଶନ

(କବି - ନଗେନ୍ଦ୍ର ମହାପାତ୍ର)
ହେ ଚକାନୟନ, ଅଗତିର ଗତି ଦୀନ ଦୁଃଖ ନାଶନ(୨)
ପତିତପାବନ ବୋଲି(୩) ଉଡେ କେତନ, ହେ ଚକାନୟନ ....
ବସିଛ ଠାକୁରେ ଗମ୍ଭିରା ଭିତରେ(୨), ରତନ ବେଦୀରେ ନୀଳ କନ୍ଦରରେ
ମେଘକୁ ଛୁଉଁଛି ଯାର ଉଚ୍ଚା ମଥାନ, ହେ ଚକାନୟନ ....
କେତେ ଜଣାକରେ ବାଜୁନି କାନରେ(୨),ତୁଠେ ଶଢ଼ିମରେ ସିଂହ ଦୁଆରରେ
ଉଡ଼ିଲା ଫାତାସି ମୋର(୨) ହଜିଲା ଜ୍ଞାନ, ହେ ଚକାନୟନ ....
ଚନ୍ଦନ ଅର୍ଗଳୀ ପାଶେ ମୁହିଁ ଚଳି(୨), ନ ପାରିଲି ଗଳି ଏତିକି ମୋ ଅଳି
ନୀଳଚକ୍ର ଚାହିଁ ଯାଉ(୨), ଏ ଛାର ଜୀବନ, ହେ ଚକାନୟନ ....

## 3.165 ହେ ଜଗନ୍ନାଥ ନ ଜାଣ କି ମୋହର ଆରତ ପଦ

(ଗୀତ – )
ହେ ଜଗନ୍ନାଥ ନ ଜାଣ କି ମୋହର ଆରତ ପଦ
ଗଜ ପୁଣି ଯେ ମୃଗୁଣୀ, ଡାକ କର୍ଣ୍ଣେ ଅଛ ଶୁଣି
ପ୍ରହଲାଦ ଭକ୍ତ ଜାଣି, ସ୍ତମ୍ଭୁ ଜାତ ହେଲ ପୁଣି
ଶୁଣିଅଛି ଏଡ଼େ ପୁରୁଷୋଥ ହେ
ଭାବୁକ ନିକଟେ ହରି, ସୁଗ୍ରୀବକୁ ମିତ କରି
ଉଚ୍ଛିଷ୍ଟ ଦେଲା ଶବରୀ, ତାହା ଦେଲ ଗ୍ରାସ କରି
ବାହୁଥିଲ ପରା ପାର୍ଥ ରଥ ହେ
ଶରଣ ଜେ ବିଭୀଷଣ, ଲଙ୍କେ କଲ ନୃପରାଣ
ସମୁଦ୍ରେ ବନ୍ଧ ବାନ୍ଧିଣ, ସଙ୍ଗେ ଘେନି କପିଗଣ
କାଟି ପକାଇଲ ଦଶମାଥ ହେ
ଶ୍ରୀ ନୀଳକନ୍ଦରେ ରହି, ଡାକ କର୍ଣ୍ଣେ ଶୁଭୁନାହିଁ
ଏଡେ ନିଷ୍ଠୁର ସେ ଦେହୀ, ଦୀନ ପଦନ କହ ଇ
ପଦ୍ମପାଦେ ରହୁ ମୋର ମାଥ ହେ

## 3.166 ହେଲା କରନା ହେ

**(କବି - ବୈଷ୍ଣବ ପାଣି)**
ହେଲା କରନା ହେ ନୀଳାଚଳ ନାଥ ଆଉ ।
ବଳାଇଲା ଦୁଃଖ କଳାକାର ମୁଖ   ତୋ ପରା ଚାଳକ ଥାଉ । ୧।
ମିଳାଇଲ ଦେହ ଜଳେ ଲୁଣ ପରି  ପଳାଇ ଯିବ ଏ ଜୀବ ।

ଟଳାଟଳି କଲେ ଲୀଳା ବିନୋଦିଆ, କେ କିମ୍ପା ତୋତୋ ଭଜିବ ।୨।
ଗଳାକଟା ଛଟା କା' ଠାରୁ ଶିଖିଲୁ              କୁଳବୁଡ଼ା ନନ୍ଦବଳା ।
ଦୁରୁବଳେ ବଧି କି ଫଳ ପାଇବୁ              କୁରୁବଳ ଦମ୍ଭ ଟଳା ।୩।
ତୁଳାପଟ ପରି ଶଇଳ ତୋଳିଲୁ              ଗୋକୁଳ ଆକୁଳ ଦେଖି ।
ମୋ' ବେଳକୁ ଏବେ ପଛକୁ ଘୁଞ୍ଚୁଛୁ  ଲାଞ୍ଚ ଦେଇଥିଲେ ସେ କି । ୪।
ଅରଜୁନ ଶଳା ହୋଇ ନନ୍ଦୀଘୋଷ              ଚଳାଇଲୁ ଭାରତରେ ।
ଦେଲେକି ପୁଳାଏ କୁନ୍ତୀ ପାଞ୍ଚ ପୁଏ ହୀରା ନୀଳା ତୋ ହାତରେ ।୫।
ନିଜ ଗୋହି ନିଜେ ଖୋଳନା ସହଳେ              ଜଳଧିଜେମା ବଲ୍ଲଭ ।
ବଇଷ୍ଣବ ଭାଳେ ଭାସେ ଶୋକଜଳେ              ବଢ଼ା ତୋ କରପଲ୍ଲବ ।୬।

## 3.167 ହୋଟେଲର ନାମ ଆନନ୍ଦବଜାର ମାଲିକର ନାମ କାଳିଆ

(ଗୀତ – )
ହୋଟେଲର ନାମ ଆନନ୍ଦବଜାର ମାଲିକର ନାମ କାଳିଆ
ଅନ୍ନ ଡାଲି ବିକି ପଇସା ପାଉଛି ହାତ ଗୋଡ଼ୋ ଅଧା ଖଣ୍ଡିଆ |୦|
ଚାରିପାଶେ ସବୁ ତିଆରି କରୁଛି ନାହିଁ ରାଗ ନାହିଁ ମସଲା
ଶୁଖିଲାରୁ ବାଛି କିଏ ବା ଖାଉଛି କିଏ ବା ଶଙ୍ଖୁଡ଼ି ମାଗିଲା
ଚଉକି ରଖିନି ଟେବୁଲ ରଖିନି ନାହିଁ ଥାଳି ନାହିଁ ଥାଳିଆ |୧|
କାନିକା ଖେଚୁଡ଼ି ବେସର ଡାଲମା ଶାଗ ରାଇ ଖଟା ମହୁର
ଗଜା ଖଜା ନାଡ଼ି ଛେନା ସର ପୁଳୀ ଖାଇବୁ ଯେଉଁଟା ଆଦର
ଖାଇଥିଲେ ପରେ ଜୀବନରେ କେବେ ନୁହେଁ ଭୁଲିଗଲା ଭଳିଆ |୨|

# 4 ଆତ୍ମା ଚେତନା

## 4.1 ଅଜା ଥାଉ ଥାଉ ନାତି ଯାଏ ଚାଲି

(ଗୀତ – )

ଅଜା ଥାଉ ଥାଉ ନାତି ଯାଏ ଚାଲି, ବାପ ଥାଉ ଥାଉ ପୁଅ ଯାଏ ଚାଲି(୨)

ଗର୍ଭଧାରିଣୀ ତ କାନ୍ଦିବ ବାହୁନି(୨)

ଝୁରି ମରିବ ତୋ ଘରର ଘରଣୀ(୨)

ବେଳ ଥାଉଁ ଧ୍ୟାନ ରଖ୍(୨) ଭଜ ରେ ଗୋବିନ୍ଦ, ଭଜ ଭଜ ରେ

ଭଜ ଭଜ ରେ ମନୁଆ ରାଧା ଗୋବିନ୍ଦ (୪)

ଆଜି ମଲେ କାଲି ହେବ ଦୁଇ ଦିନ(୨)

କେଉଁ ମାତ୍ର ଗରବରେ ଟେକିଛୁ ମଥାନ

ମାଟି ପିଣ୍ଡ ତୋର....(୨), ହେବ ଖଣ୍ଡ  ଖଣ୍ଡ

କେହି ନ ବୋଲିବେ ମଲା ବୋଲି (ଆହା..) ଭଜ ଭଜ ରେ

କୋଠାବାଡ଼ି ତୋର ପଡ଼ି ରହିଥିବ(୨)

ମଲା ବେଳେ କିଏ ସଙ୍ଗେ ତୋର ଯିବ

ଭୁଲି ଏ ସମ୍ପତ୍ତି ....(୨) ମୋହ ମାୟା ଚିନ୍ତି

ମୁକତି ଆପତ୍ତି କର ଧ୍ୟାୟୀ ପଦ୍ମ ପାଦ, ଭଜ ଭଜ ରେ

ମିଛମାୟା ସଂସାର କେ ନୁହେଁ ତୋହର(୨)

ଏକା ତୋର ଆପଣାର ଶ୍ରୀକ୍ଷେତ୍ର ଠାକୁର

ତାଙ୍କ ନାମାବଳି...(୨) କର ଜପା ମାଳି

ଦେହାନ୍ତ ବେଳକୁ ନ ଲାଗିବ ଯମଦଣ୍ଡ, ଭଜ ଭଜ ରେ

## 4.2 ଅଦେହି ଦେହେ ଅଛି ସେ ଦିନ ଦିଶୁଛି(୨)

(ଗୀତ - ସନ୍ଥକବି ଭୀମଭୋଇ)
ଅଦେହି ଦେହେ ଅଛି ସେ ଦିନ ଦିଶୁଛି(୨)
ଆତ୍ମ ଭୁତ ପ୍ରାୟେ ଅବୋରିଛି କାହିଁ(୨)
ସକଳ ଠାରେ ଅଛି(୨), ଅଦେହି ଦେହେ ଅଛି ...
ଘଟ ନିରୁପଣ କର ହେ ସୁଜନ(୨) ବ୍ରହ୍ମକୁ ଧର ବାଛି
ସର୍ବାଙ୍ଗ ଶରୀର ଭିତର ବାହାରେ(୨)
ଭେଦକଲେ ହେଉଛି(୨), ଅଦେହି ଦେହେ ଅଛି ...
ଆତ୍ମାରେ ନିଃମଜ ସୁଧାରସ ଭୁଞ୍ଜି(୨) ଆମେ ନୁହଁଇ କିଛି
ମନ ମଧ୍ୟେ ତତ୍ତ୍ୱ ଏବେ କର ହେତୁ(୨)
ଗୁପତରେ ରହିଛି(୨), ଅଦେହି ଦେହେ ଅଛି ...
ସେ ବ୍ରହ୍ମ ପୁରୁଷ ଘଟେ ଘଟେ ବାସ(୨), ଅରୂପେ ବିହରୁଛି
ପିଣ୍ଡପ୍ରାଣ ମୋର ଅଟନ୍ତି ଆଦ୍ୟରୁ(୨),
ଗୁଣନୁହେଁ ମରୁଛି, ଅଦେହି ଦେହେ ଅଛି ...
ଯହିଁ ତହିଁ ଦେଖ ମହିମା ଅଲେଖ(୨) ସର୍ବ ଘଟେ ପୁରିଛି
ଗୁରୁନାମ ସାର ଦୃଢ କରି ଧରି(୨)
ତେଣୁ ମୁଁ ବତାଉଛି(୨), ଅଦେହି ଦେହେ ଅଛି ...
ଭଣେ ଭୀମ ହୀନ ପାମର ଅଜ୍ଞାନ(୨) ଭବାର୍ଣ୍ଣବେ ପଡ଼ିଛି
ଅଲେଖ ପ୍ରଭୁଙ୍କୁ ଭଜି ଲଢିବାକୁ(୨)

ଭାଗ୍ୟ ମୁଁ କାହିଁ ଅଛି , ଅଦେହି ଦେହେ ଅଛି ...

## 4.3 ଓଲଟ ବୃକ୍ଷେ ଖେଳୁଛି ଲୋଟଣୀ ପାରା

( ଗୀତ – ରାଧୁ ଦାସ)
ଓଲଟ ବୃକ୍ଷେ ଖେଳୁଛି ଲୋଟଣୀ ପାରା (୨)
ଅଠାକାଠି ପଞ୍ଜୁରୀରେ ନପଡ଼େ ଧରା ||
ଓଲଟ ବୃକ୍ଷେ ଖେଳୁଛି ଲୋଟଣୀ ପାରା
ଓଲଟ ବୃକ୍ଷେ ଖେଳୁଛି
ସେ ପାରାର ଡ଼େଣା ନାହିଁ ଲକ୍ଷେ ଯୋଜନ ଉଡ଼ଇ(୨)
ଜଳ ଫଳ ନଭୁଞ୍ଜଇ ଅଟେ ଅମରା(ଅଜରା) ||
ଓଲଟ ବୃକ୍ଷେ ଖେଳୁଛି ଲୋଟଣୀ ପାରା
ଓଲଟ ବୃକ୍ଷେ ଖେଳୁଛି
ପାରା ଅଛି ଯେଉଁଠାରେ କେହି ତ ଦେଖି ନପାରେ (୨)
ଶୀତଳ କ୍ରୋଟ ଛାୟାରେ ନପଡ଼େ ଖରା ||
ଓଲଟ ବୃକ୍ଷେ ଖେଳୁଛି ଲୋଟଣୀ ପାରା
ଓଲଟ ବୃକ୍ଷେ ଖେଳୁଛି
ପାରା ଯେବେ ଯିବ ଉଡ଼ି ବୃକ୍ଷ ପଡ଼ିବ ଉପୁଡ଼ି(୨)
ଦାସ ରାଧୁ ବୋଲେ ଭଜ ଦୁଃଖ ପାସୋରା ||
ଓଲଟ ବୃକ୍ଷେ ଖେଳୁଛି ଲୋଟଣୀ ପାରା
ଓଲଟ ବୃକ୍ଷେ ଖେଳୁଛି

## 4.4 କପିଳା ବୋଲିଣ ଗାଇ ସେ ସଦା ସର୍ବଦା ଯୁବା

( ଗୀତ – ପର୍ଶୁରାମ ବିହାରୀ)
କପିଳା ବୋଲିଣ ଗାଇ ସେ ସଦା ସର୍ବଦା ଯୁବା
ଷଡ଼ ମୁଖ, ତିନି ଲୋଚନ, ଏକ ପାଦରେ ଉଭା
ଭଲା ବିପରିତ ଗାଇ ସେ ଲାଞ୍ଜ ବାଟେ ଚରଇ
ମୁଖ ବାଟେ ତାର ମଳ ଯେ ଚକ୍ଷୁ ବାଟେ ପ୍ରସଇ
ଧବଳ ମୁରତି ଗାଇ ସେ ତା'ର ନାମଟି ହୀରା
ସଦଗୁରୁ ସେବା କଲେତୁ ଭେଦ ପାଇବୁ ପରା
ଦଶ ଖୁରା ସେହି ଗାଇର ତା'ର ଚାରଟି ପାଦ
ଗୁରୁସେବା କଲେ ପାଇବୁ ଆର ମରମ ଭେଦ
ଅଢାଇ ଦିନର ଗାଇ ସେ ତ ହେଲା ବଣୁଆ
ଗୁରୁକୃପା କଲେ ଗୋପାଳେ ହେବ ସେ ଗାଇ ଦୁହାଁ
ଗାଇକି ଗୁହାଳ ସଜାଡ଼ ପାଞ୍ଚ ଖମ୍ବ ବସାଇ
ତହିଁ ତିନି ଶ୍ରେଣୀ ନିରୋଧି ବତା ଛାଟେଣୀ ଦେଇ
ଷଡ଼ ଗୁଣ କରି ଲଇ ସେ ଗଣ୍ଡି ତ୍ରିଗୁଣେ ଦେଇ
କହେ ପର୍ଶୁରାମ ବିହାରୀ ଗୁରୁ ସେବିଲେ ପାଇ

## 4.5 କି ହେବ ଶୁଆ ପୋଷିଲେ

( ଗୀତ – ବନମାଳୀ ଦାସ)
କି ହେବ ଶୁଆ ପୋଷିଲେ
ହରିନାମ ନ ଘୋଷିଲେ କୃଷ୍ଣନାମ ନ ଘୋଷିଲେ
କି ହେବ ଶୁଆ ପୋଷିଲେ

ଦେଉଳକୁ ଶୋଭାଦିଶେ ଧ୍ୱଜା ବାନ୍ଧିଲେ ଧ୍ୱଜା ବାନ୍ଧିଲେ
ଧ୍ୱଜା ବାନ୍ଧିଲେ କି ହେବ ଦେଉଳେ ଦିଅଁ ନ ଥିଲେ
କି ହେବ ଶୁଆ ପୋଷିଲେ
ବୃକ୍ଷକୁ ସୁନ୍ଦର ଦିଶେ ଫଳ ଫଳିଲେ  ଫଳ ଫଳିଲେ
ଫଳ ଫଳିଲେ  କି ହେବ ଜନ ମୁଖେ ନ ପଡ଼ିଲେ
କି ହେବ ଶୁଆ ପୋଷିଲେ
ଘରକୁ ସୁନ୍ଦର ଦିଶେ ବାଳକ ଥିଲେ ବାଳକ ଥିଲେ
ବାଳକ ଥିଲେ କି ହେବ ବିଦ୍ୟା ଶିକ୍ଷା ନ କରିଲେ
କି ହେବ ଶୁଆ ପୋଷିଲେ
ଜୀବକୁ କାରଣ ଅଟେ ମାଳା ଜପିଲେ ମାଳା ଜପିଲେ
ମାଳା ଜପିଲେ କି ହେବ ପରମାତ୍ମା ନ ଚିହ୍ନିଲେ
କି ହେବ ଶୁଆ ପୋଷିଲେ
ଘରକୁ ସୁନ୍ଦର ଦିଶେ ଯୁବତୀ ଥିଲେ ଯୁବତୀ ଥିଲେ
ଯୁବତୀ ଥିଲେ କି ହେବ ସ୍ୱାମୀ ସେବା ନ କରିଲେ
କି ହେବ ଶୁଆ ପୋଷିଲେ
ପୁଷ୍କରିଣୀ ଶୋଭା ଦିଶେ ପଦ୍ମ ଫୁଟିଲେ ପଦ୍ମ ଫୁଟିଲେ
ପଦ୍ମ ଫୁଟିଲେ କି ହେବ ଭ୍ରମର ତା ଚୁମ୍ବିଲେ
କି ହେବ ଶୁଆ ପୋଷିଲେ
ଗୀତେ କହେ ବନମାଳୀ ପଦ ବସିଲେ ପଦ ବସିଲେ
ପଦ ବସିଲେ କି ହେବ ଗୁରୁ ସେବା ନ କରିଲେ
କି ହେବ ଶୁଆ ପୋଷିଲେ

## 4.6 କେହି ରହିନାହିଁ ରହିବେ ନାହିଁ ଟି ଭବରଙ୍ଗ ଭୂମି ତଳେ

(ଗୀତ - ଅଚ୍ୟୁତ ଦାସ)
କେହି ରହିନାହିଁ ରହିବେ ନାହିଁ ଟି ଭବରଙ୍ଗ ଭୂମି ତଳେ
ସର୍ବେ ନିଜ ନିଜ ଅଭିନୟ ସାରି ବାହୁଡ଼ିବେ କାଳ ବଳେ
ନ ଭଜିଲୁ ତୁ କୃଷ୍ଣ ନାମ ରେ ବାଇମନ(୨)
ଏ ମର୍ତ୍ତ୍ୟ ମଣ୍ଡଳେ ଜନମ ହୋଇଲେ(୨)
ଅବଶ୍ୟ ଥରେ ନେବ ଯମ ରେ ବାଇମନ
ନ ଭଜିଲେ ତୁ କୃଷ୍ଣ ନାମ ରେ ବାଇମନ(୨)
ଯେତେବେଳେ ଥିଲୁ ଜନନୀ ଜଠରେ ଜଳରେ ଯେଶନେ ମୀନ(୨)
ମଳମୁତ୍ର ବେଢି ମଧ୍ୟରେ ରହିଲୁ ଲେଖାରେ ତିନିଶ ଦିନ ରେ ବାଇମନ
ନ ଭଜିଲୁ ତୁ କୃଷ୍ଣ ନାମ ରେ ବାଇମନ(୨)
ଗର୍ଭରୁ ପଡ଼ିଲୁ ମହୀରେ ରହିଲୁ ଏନ୍ତୁଡ଼ିରେ ଥିଲୁ ଶୋଇ(୨)
ଏହିପରି ତୋର କେତେଦିନ ଗଲା(୨) ଗୋବିନ୍ଦ ଭଜିଲୁ ନାହିଁ ରେ ବାଇମନ
ନ ଭଜିଲୁ ତୁ କୃଷ୍ଣ ନାମ ରେ ବାଇମନ(୨)
ବାଳୁତଙ୍କ ସଙ୍ଗେ ଖେଳି ନାନା ରଙ୍ଗେ ବାଇ ପ୍ରାୟେ ତୁହି ବୁଲୁ(୨)
ଯୁବା ବୟସରେ କାମ ବାଧାକଲା(୨) ଭବ ସାଗରେ ବୁଡ଼ିଲୁ ରେ ବାଇମନ
ନ ଭଜିଲୁ ତୁ କୃଷ୍ଣ ନାମ ରେ ବାଇମନ(୨)
ବୃଦ୍ଧ ତୁ ହୋଇଲୁ ଅନେକ କହିଲୁ ଦୟା ଧର୍ମ ଚିତ୍ତେ ନାହିଁ(୨)
ଭଣଇ ଅଚ୍ୟୁତ ପଦ୍ମପାଦ ଚିନ୍ତ(୨) ଏ ଦେହ ପାଇବୁ ନାହିଁ ରେ ବାଇମନ
ନ ଭଜିଲୁ ତୁ କୃଷ୍ଣ ନାମ ରେ ବାଇମନ(୨)
ଏ ମର୍ତ୍ତ୍ୟମଣ୍ଡଳେ ଜନମ ହୋଇଲେ(୨)

ଅବଶ୍ୟ ଥରେ ନେବ ଯମରେ ବାଇମନ
ନ ଭଜିଲୁ ତୁ କୃଷ୍ଣ ନାମ ରେ ବାଇମନ(୨)

## 4.7 ଛ ଖଣ୍ଡ କାଠରେ ହେବ ସବାରି

(ଗୀତ – ଅଲେଖ ବିଶ୍ୱାଳ)

ଛ ଖଣ୍ଡ କାଠରେ ହେବ ସବାରି ସେଇ ସବାରିରେ ମୁଁ ଯିବି ସେପାରି (୨)
ଅଗଣା ତୋର ଦାଣ୍ଡ ଦୁଆର ଟପି ଗଲା ପରେ ସବୁ ଖେଳ ଯିବ ମୋର ସରି
ଛ ଖଣ୍ଡ କାଠରେ ହେବ ସବାରି ସେଇ ସବାରି ରେ ମୁଁ ଯିବି ସେ ପାରି
ଯୌତୁକ ନେବି ନାହିଁ ଖାଲି ହାତେ ଯିବି ମୁହିଁ
ସାଙ୍ଗ ସାଥି ବାପ ଭାଇ ଛାଡ଼ି ଯିବି ଏକା ହୋଇ
ଛାଡ଼ି ଯିବି ଏକା ହୋଇ
ଅଫେରା ସବାରି ମୋ ଚାଲିବ ଥିରି ସେଇ ସବାରିରେ ମୁଁ ଯିବି ସେପାରି (୨)
ଅଗଣା ତୋର ଦାଣ୍ଡ ଦୁଆର ଟପି ଗଲା ପରେ ସବୁ ଖେଳ ଯିବ ମୋର ସରି
ଛ ଖଣ୍ଡ କାଠରେ ହେବ ସବାରି ସେଇ ସବାରି ରେ ମୁଁ ଯିବି ସେ ପାରି
ଯେତିକି ମୋ ଥିବ ପୁଣ୍ୟ ସେ ପାରିରେ ସେଇ ଧନ
ଭେଟି ଦେବି ସେ ଧନକୁ ମୋ ପରମ ପୁରୁଷକୁ
ମୋ ପରମ ପୁରୁଷକୁ
ମିଛ ଦୁନିଆରେ ସେ ସତ ସବାରି ସେଇ ସବାରିରେ ମୁଁ ଯିବି ସେପାରି (୨)
ଅଗଣା ତୋର ଦାଣ୍ଡ ଦୁଆର ଟପି ଗଲା ପରେ ସବୁ ଖେଳ ଯିବ ମୋର ସରି
ଛ ଖଣ୍ଡ କାଠରେ ହେବ ସବାରି ସେଇ ସବାରି ରେ ମୁଁ ଯିବି ସେ ପାରି

## 4.8 ତାତ ମାତ କରୁଛନ୍ତି ରୋଦନ

(ଗୀତ - ସନ୍ଥକବି ଭୀମଭୋଇ)
ତାତ ମାତ କରୁଛନ୍ତି ରୋଦନ
ଚଉଦିଗେ ଘେରି ପଚାରି ପଚାରି
ଚଉଦିଗେ ଘେରି ପଚାରି ପଚାରି
କାହିଁ ଗଲେ ଏକ ନନ୍ଦନ । ୧।
ପିତା ବିଜାମୃତ ଚୋଳି ନଦେଇ,
ମାତା ପ୍ରସବିଲେ ଦୁଃଖ ନପାଇ
ଗର୍ଭୁ ନପଡନ୍ତେ ଗଲେ କେଉଁ ପଥେ
ବୁଦ୍ଧି ନଶିଖୁଣୁ ହେଲେ ସିଆଣ ।୨।
ଜନ୍ମ ଦିନୁ କ୍ଷୁଧା ତୃଷା ନଥାଇ
ଉଦର ପୁରିଛି କିଛି ନ ଖାଇ
ତଇଳ କୁଙ୍କୁମ ଅଙ୍ଗେ ନ ଲାଗଇ
ଦେହ ଦିଶେ ଯେସନେକ ସୁବର୍ଣ୍ଣ ।୩।
ଅନୁମାନ କରୁଛନ୍ତି ସଂସାରେ
ବୁଦ୍ଧି ନାହିଁ ଅବିବେକ ବିଚାରେ
ଭଣେ ଭୀମଭୋଇ କାନ୍ଦ କାନ୍ଦ ହୋଇ
ନ ଚାହିଁ ପୁତ୍ରର ବଦନ ।୪।

## 4.9 ଦେଖ ମୁଁ ଯାଉଛି ସରି କ୍ଷୀରୋଦ ସିନ୍ଧୁ ବେହାରୀ

(ଗୀତ - ସନ୍ଥକବି ଭୀମଭୋଇ)

ଦେଖ ମୁଁ ଯାଉଛି ସରି କ୍ଷୀରୋଦ ସିନ୍ଧୁ ବେହାରୀ
ଏକ ପାଦ ବିନ୍ଦ ଧ୍ୟାୟୀ ଜୀବନ୍ତେ ଅଛି ନ ମରି ।୧।
ଏଡେ ବଡ ପ୍ରଭୁ ଥାଇ ନିରେଖ ହେଉଛି ମୁହିଁ
ଚାତକ ପରାଏ ଚାହିଁ ଶ୍ରୀଗୁରୁଙ୍କୁ ଅନୁସରି ।୨।
ସମୁଦ୍ର ପରାଏ ଆଶା ମନରେ କରି ଭରସା
ଫେଡ଼ ମୋ ଅଖିଳ ଦଶା ଅନ୍ତର୍ଗତେ ଦୟା କରି । ୩।
ଗଳାରେ ବାନ୍ଧି ବନ୍ଧନ ଦନ୍ତରେ ଧରି ତିରଣ
ପାଦେ ପଶୁଛି ଶରଣ ବେନି ହସ୍ତ ଯୋଡି କରି ।୪।
ଶ୍ରୀଗୁରୁ ଯେମନ୍ତେ ସତ ରଖିବ ମାନମହତ୍ତ୍ୱ
ଭଣେ ଭୀମ ଅରକ୍ଷିତ ନିଶ୍ଚୟେ ମୁଁ ଯିବି ତରି। ୫।

## 4.10 ଧର ଦୃଢ ବନ୍ଧେ, ସର୍ବେ ସେହି ସେ କରତା

(ଗୀତ - ସନ୍ଥକବି ଭୀମଭୋଇ)
ଧର ଦୃଢ ବନ୍ଧେ ....(୨) ସର୍ବେ ସେହି ସେ କରତା,
ସେହି ସେ କରତା ନକର ଚିନ୍ତା
ଧର ଦୃଢ ବନ୍ଧେ ସର୍ବେ ସେହି ସେ କରତା,
ଆହା ସେହି ସେ କରତା ନକର ଚିନ୍ତା
ଗତି ପ୍ରାଣ ଭକତ ହିତା(୨) ବର୍ଗ ବନ୍ଧୁ ତାତମାତ ମୋ ଇଷ୍ଟ ଦେବତା
ଆହା ଇଷ୍ଟ ଦେବତା, ନକର ଚିନ୍ତା, ଧର ଦୃଢ ବନ୍ଧେ .....
ଧନ ଦାରା ସୁତ ପଡ଼ି ଦାତା (୨) ଛପନା କୋଟି ଜୀବ ପିଣ୍ଡ(୨)
ବ୍ରହ୍ମାଣ୍ଡ ଗଢନ୍ତା, ନକର ଚିନ୍ତା, ଧର ଦୃଢ ବନ୍ଧେ .....
କର୍ମ ଧର୍ମ ଧନ ଧ୍ୟାନ ଜିତା(୨) ଜପ ତପ ତୀର୍ଥ ବ୍ରତ(୨)

ଉପରେ ସକତା, ନକର ଚିନ୍ତା, ଧର ଦୃଢ ବନ୍ଧେ .....
ପୂର୍ଣ୍ଣ ଅଖଣ୍ଡିତ ବ୍ରହ୍ମ ବେତା(୨) ରବି ତଳେ ଯୁଗେ ଯୁଗେ(୨)
ରୁହାଇଲେ କଥା, ନକର ଚିନ୍ତା, ଧର ଦୃଢ ବନ୍ଧେ .....
କରିଛନ୍ତି କଷା ବସ୍ତ୍ର ଗଣ୍ଠା(୨) ସ୍ୱଦେହରେ ଉଦେ ହୋଇ(୨)
ପୃଥିବୀ ଧରନ୍ତା, ନକର ଚିନ୍ତା, ଧର ଦୃଢ ବନ୍ଧେ .....
ଭଣେ ଭୀମଭୋଇ ଅରକ୍ଷିତା(୨) ନାମ ବ୍ରହ୍ମ ଭଜିହୁଅ(୨)
ସକଳେ ସୁଚେତା, ନକର ଚିନ୍ତା, ଧର ଦୃଢ ବନ୍ଧେ .....

## 4.11 ନାଉରିଆ, କରିଦେ ପାରି ରେ କରିଦେ ପାରି

(ଗୀତ - କବିଚନ୍ଦ୍ର କାଳୀଚରଣ ପଟନାୟକ)
ନାଉରିଆ(ରେ ୨), କରିଦେ ପାରି ରେ କରିଦେ ପାରି (୨)
ନାଉରିଆ(ରେ ୨), କରିଦେ ପାରି ରେ କରିଦେ ପାରି (୨)
କାଳିଆ ବଉଦ ଆସେ(୨) ବିଜୁଳି ମାରି ରେ,କରିଦେ ପାରି ......
ପାଣି ତ କଳା ଭ ଅଁର ଚାହିଁଲେ ମାଡୁଛି ଡର(୨ ରେ)
ଭଣ୍ଡି ନଦିଅ ତୁ ଆଉ(୨) ଏତେ ବେଳେ ପର କରି, କରିଦେ ପାରି ......
ପାରି ମୂଲ ଦେବାପାଇଁ(୨) କଡ଼ାଏ କଉଡ଼ି ନାହିଁ (ରେ )
ପାରି ମୂଲ ଦେବାପାଇଁ(୨) କଡ଼ାଏ କଉଡ଼ି ନାହିଁ (ରେ )
କବିଚନ୍ଦ୍ର କହେ ଯାଇ ଶୁଝିବି ତୋ ସେବା କରି, କରିଦେ ପାରି......
ନାଉରିଆ(ରେ ୨), କରିଦେ ପାରି ରେ କରିଦେ ପାରି (୨)

## 4.12 ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ

(ଗୀତ - ସନ୍ଥକବି ଭୀମଭୋଇ)
ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁ ଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ(୨)
ଜଣାଉଛି ମୁଁ ଯେ ଭକ୍ତିଭାବରଞ୍ଜେ ଆହେ ଅଣୀମା ଅନନ୍ତ
ତିନି ବ୍ରହ୍ମାଣ୍ଡରେ ଯେତେ ଜୀବଛନ୍ତି ସମସ୍ତେ ତୁମ୍ଭ ଭକତ(୨)
ନବ ଲକ୍ଷ ତାରା ସୁରାଟ ବିରାଟ ଧ୍ରୁବଲୋକ ଆଦି ଯେତେ
ସମସ୍ତେ ତୁମ୍ଭ ପାଦତଳେ ଆଶ୍ରିତ ଠୁଳ ଶୂନ୍ୟ ପରିଯନ୍ତେ
କିବା ଦୁଷ୍ଟ ସନ୍ଥ ଶାବକ ସାମନ୍ତ କୀଟ ପତଙ୍ଗରେ ପୁରି
ତୁମ୍ଭେ ପୂରିଅଛ କାହିଁ ଊଣାନାହିଁ ସର୍ବଘଟେ ସମସରି
ମେଦିନୀ ପାଷାଣ କାଠ ତରୁ ତୃଣ ନିର୍ଜୀବରେ ଯେହୁ ଗଛି
ମୁଁ ଯେ ଜାଣୁଅଛି ମନର ଭିତରେ ଶବ୍ଦ ବ୍ରହ୍ମ ହେଲେ ଅଛି
ମୁଁ ଯେ ମୁର୍ଖ କବି ଭେଦ ମାର୍ଗେ ଜଗି ତୁମ୍ଭ କରୁଣା ମାତର
ସମାନରେ ଦେଖି ସତ୍ୟ ଧର୍ମ ସାକ୍ଷୀ କରି ନପାରେ ଅନ୍ତର
ଅଗ୍ନି ଚୁଲା ପରେ ତାରଣ ଭାଣ୍ଡରେ ଯେଶନେ ଫୁଟାଇ ଅନ୍ନ
ତେସନ ପରାଏ ହୃଦେ ତେଉଁଥାଇ ପଞ୍ଚଭୁତ ଆଜ୍ଞାମାନ
ଏକ ଖଣ୍ଡ ହାଡ଼ କୁଣ୍ଡାଇ ରୁଧୀର ଫୁଟେ ମାଉଁସ ଜାଣଇ
ତେଣୁ କରି ଶିବ ପ୍ରାଣୀଙ୍କ ବିକଳ ସହି ନପାରିବି ମୁହିଁ
ଆତ୍ମା ଭଗତିରେ ଦୋଷାଦୋଷ ହେଲେ ବଜ୍ର ପଡୁ ମୋ ମୁଣ୍ଡକୁ
କହେ ଭୀମଭୋଇ ବ୍ରହ୍ମ ଶାପଦେଇ(୨) ଜାଳିଦିଅ ମୋ ପିଣ୍ଡକୁ

## 4.13 ବଡ଼ ମାୟାବୀ ଜୀବ, ନୁହେଁ କାହାରି

( ଗୀତ - ଯଶୋବନ୍ତ ଦାସ)
ବଡ଼ ମାୟାବୀ ଜୀବ ନୋହେ କାହାରି
ଦିନେ ନ ଭଜୁ ରାମ କୃଷ୍ଣ ଶ୍ରୀହରି ।।
ଯେତେବେଳେ ମାତା ଗର୍ଭେ ହେଲୁ ସଞ୍ଚାର
ଅଣାକାର ଭୂମି ସେ ଯେ ନାହିଁ ଆକାର ।
ପ୍ରଥମମାସେ ତୁ ଯେ ହେଲୁ ଧବଳ ବର୍ଣ୍ଣ,
ଦ୍ୱିତୀୟ ମାସେ ତୁ ଯେ ଜଳେ ଯେସନ ମୀନ,
ତୃତୀୟ ମାସେ ତୁ ଯେ ଶୂନ୍ୟେ ମେଲିଲୁ ଡାଳ,
ଚତୁର୍ଥେ ଅସ୍ଥିଖଞ୍ଜା ତୋହରି ।୧।
ପଞ୍ଚମେ ନାଭି କମଳ କଲା ଭିଆଣ,
ଷଷ୍ଠରେ ବାସ୍ତରୀ ନାଡ଼ି ଖଞ୍ଜିଲା ଜାଣ ।
ସପ୍ତମେ ନାସା ଜିହ୍ୱା ଆବର ମୁଖ କର୍ଣ୍ଣ,
ଚକ୍ଷୁ ଭୂଲତା କାମ କମାଣରେ ନିର୍ମାଣ।
ଗଙ୍ଗା ଜମୁନା ନଦୀ ବହଇ ଅନୁକ୍ଷଣ,
ଆପେ ମନକୁ କଲା ବିଚାରି ।୨।
ଅଷ୍ଟମେ ଅଙ୍ଗୁଷ୍ଠି ହସ୍ତ ପାଦ ଖଞ୍ଜିଲା,
ନବ ମାସେ ଚମଡ଼ାକୁ ଢାଙ୍କୁଣି ଦେଲା।
ଦଶ ମାସରେ ଶେଷ କଲା ହୋଇ ହରଷ
ସ୍ତୁତି ଯେ କଲୁ ତୁହି ଭୋ ଦେବ ନନ୍ଦଶିଶ୍ୟ,
ଯଦି ମର୍ତ୍ତ୍ୟମଣ୍ଡଳେ ମୁହିଁ କରିବି ବାସ,

ତୋ ନାମ ଗାଉଥିବି ସୁମରି ।୩।
ଯେଉଁ ବିନ୍ଧାଣୀ ତୋତେଟି କଲା ନିର୍ମାଣ,
ସେହି ତୋ ଦେହେ ରହିଲା ଏହା ତୁ ଜାଣ ।
ରଖିଣ ଦଶବାଟ ଲଗାଇଲା କବାଟ
ସୁଷୁମ୍ନା ଦୁଆରେ ରହିଲେ ନନ୍ଦଚାଟ,
ଯେବେ ପାଇବୁ ଭେଟ ମାୟାକୁ ତୁହି କାଟ,
ଗୁରୁ ସେବିଣ ଦେଖ ଶ୍ରୀହରି ।୪।
ଜନମ ହୋଇ ପଡିଲୁ ମର୍ତ୍ତ୍ୟମଣ୍ଡଳ,
କୁଆଁ ବୋଲନ୍ତେ ସବୁ ଗଲା ପାଶୋର ।
ଅନ୍ତୁଡ଼ିଶାଳେ ରହି ହରି ଭଜିଲୁ ନାହିଁ,
ପାଞ୍ଚ ବରଷ ଗଲା ବାଳ ଭାବରେ ବହି
ବାର ବରଷେ ବସ୍ତ୍ର ପିନ୍ଧୁ ହରଷ ହୋଇ,
ତେବେ ନ ବୋଲୁ ମୁଖେ ଶ୍ରୀହରି ।୫।
ପନ୍ଦର ବରଷେ ହେଲୁ ଅମରମତା,
କୋଡ଼ିଏ ବରଷେ କଲୁ କାମିନୀ ଚିନ୍ତା।
କାମିନୀ ସଙ୍ଗେ ରହି ଦିନ ହରିଲୁ ତୁହି,
ସେ ରୂପେ ଗଲା ତୋର ଯୁବା ବୟସ ବହି,
ହରି କଥାକୁ ଦିନେ ମନ ନ କଲୁ ତୁହି,
ହେବୁ କେମନ୍ତେ ଏ ଭବୁ ପାରି ।୬।
ବୃଦ୍ଧ ବୟସ ଯେ ଏବେ ହେଲା ତୋହରି,
ଅବଶ୍ୟ ଦେଖିବୁ ଥରେ ଶମନପୁରୀ ।
କହଇ ଯଶୋବନ୍ତ ଗୁରୁଙ୍କୁ ସେବା କର,

ସେ ନାମ ଧରି ହୃଦେ ଭବୁ ହୋଇବୁ ପାର,
ପୂର୍ବଜନ୍ମ କଲୁଷ ଚିତ୍ତରୁ ହେବ ଦୂର
ବସିବୁ ବଇକୁଣ୍ଠ ଆବୋରି ।୭।

## 4.14 ବ୍ରହ୍ମ ହୁଅ ପରକାଶ

(ଗୀତ - ସନ୍ଥକବି ଭୀମଭୋଇ)
ବ୍ରହ୍ମ ହୁଅ ପରକାଶ
ପିଣ୍ଡ ବ୍ରହ୍ମାଣ୍ଡ ଦୁରିତ ଝଟତିରେ ନାଶ
ବ୍ରହ୍ମ ହୁଅ ପରକାଶ ||୦||
ଅଲେଖ ଅରୂପ ଅଟ ଶୂନ୍ୟାଦି ପୁରୁଷ
କେଉଁ ପାଦେ ସେବାକରି ବୋଲାଇବି ଦାସ ||୧||
ନାମ ନାହିଁ ଅନାମିକା ଅବର୍ଣ୍ଣ ଅଦୃଶ୍ୟ
କି ରୂପ ଚିହ୍ନିବି ଯାର ମହିମା ଅଶେଷ ||୨||
ଅବ୍ୟକତ ନିଶବଦ ନାହିଁ ବେଦ ଲେଶ
କବିକୃତେ ବର୍ଣ୍ଣିବାକୁ ନକ୍ଷୁରେ ସାହସ ||୩||
ସୁଦୟା ହୋଇଲେ ସିନା ହେବ ମୋତେ ଦୃଶ୍ୟ
ଶୁଣ ନ ଶୁଣ ଗୁହାରି କରିଛି ମୁଁ ଆଶ ||୪||
ସତେ ଯେବେ ଅନ୍ତର୍ଯ୍ୟାମୀ ଭକତ ବିଶ୍ୱାସ
ବୋଲେ ଭୀମ ଭୋଇ ଅରକ୍ଷିତ ଜଣାଇବି କିସ ||୫||

## 4.15 ବାବୁରେ, ପ୍ରଭୁନାମ କେବେ ତୁ ଭଜିବୁ

(ଗୀତ – )
ବାବୁରେ, ପ୍ରଭୁନାମ କେବେ ତୁ ଭଜିବୁ(୨)
ଆଉ ବେଶି ଦିନ ନାହିଁ....(ହୋ) ନରକକୁ ଯିବୁ |୦|
ଦଶମାସ ମା ପେଟେ ରହି ଜନମିଲୁ
ଭୁଇଁ କୁ ତୁ ଛୁଁ ଛୁଁ କୁଆଁ କୁଆଁ କଲୁ
ବାପ କଲା ଗେଲ ତୋତେ ମା ଦେଲା କୋଳ
ଖେଳି ଖେଳି ଚାଲିଗଲା ଶଇଶବ କାଳ
ଦିନ ରାତି ଅଳିକଲୁ, କଣ୍ଢେଇକୁ ସାଥୀ କଲୁ(୨)
ବାବୁରେ ... ଓଓ...ବାବୁରେ, ଧୀରେ ଧୀରେ ବଡ଼ ହୋଇଯିବୁ(୨)
ଏଣିକି ଏଣିକି ବେଶି ମୋହରେ ପଡ଼ିବୁ |୧|
ଯଉବନ ଫୁଟେଇଲେ ତୋର ଦୁଇ ଆଖି
ଆଖି ଥାଇ ହେଲୁ ଅନ୍ଧ ପାରିଲୁନି ଦେଖି
ଧନ କଲା ବାଇ ତୋତେ ନାରୀ କଲା ମାୟା
ଭୋଗ ଲାଳସାରେ ମାତି ମିଛେ ହେଲୁ ବାୟା
ନିଶାରେ ତୁ ହଜିଗଲୁ, ପ୍ରଭୁ ନାମ ଭୁଲିଗଲୁ(୨)
ବାବୁରେ ... ଓଓ...ବାବୁରେ, ଧୀରେ ଧୀରେ ବୁଢ଼ା ହୋଇଯିବୁ(୨)
ବୟସ ବଢିବ ଯେତେ ପାପରେ ବୁଡ଼ିବୁ |୨|
ବଳଦ ଭଳି ବୋହିଲୁ ସଂସାରର ଭାର
କୁକୁର ଭଳି ଚାଟିଲୁ ଅଇଁଠା ପତର
ପେଚା ହୋଇ ଢୁଲୁ ଢୁଲୁ ଖାଲି ତୁ ଚାହିଁଲୁ
ମାଉଁସ ପିଣ୍ଡୁଳା ହୋଇ ଭୂଇଁରେ ଗଡ଼ିଲୁ

ଲୀଳା ଖେଳା ସାରିଦେଲୁ, ବହୁ ଡ଼େରି କରିଦେଲୁ(୨)
ବାବୁରେ ... ଓଓ...ବାବୁରେ, କୋକେଇ ରେ ବନ୍ଧା ହୋଇଯିବୁ(୨)
ମୁଠାଏ ପାଉଁଶ ହୋଇ ମାଟିରେ ମିଶିବୁ |୩|

## 4.16 ବୋହୁ ଚାଲି ନ ଜାଣ ଇ ଲୋ ପାଦ ପଡୁଥାଏ ବଙ୍କା

( ଗୀତ – ରଘୁନାଥ ଦାସ)
ବୋହୁ ଚାଲି ନ ଜାଣଇ ଲୋ ପାଦ ପଡୁଥାଏ ବଙ୍କା
ଯେଉଁ ଦିନୁ ବୋହୁ ସଳଖି ଚାଲିବ ଘରେ ପଡ଼ିଯିବ ଡ଼କା
ବୋହୁ ଚାଲି ନ ଜାଣଇ ଲୋ ପାଦ କରୁଥାଏ ବଙ୍କା
ଯେଉଁ ଦିନୁ ବୋହୁ ବାପ ଘରୁଠାରୁ ଅଇଲା ଶ୍ୱଶୁର ଘରକୁ
ଆପଣା ପତିର ସଙ୍ଗେ ସଙ୍ଗ ନାହିଁ ରସରେ ରସାଏ ପରକୁ
ବୋହୁ ଚାଲି ନ ଜାଣଇ ଲୋ ପାଦ ପଡୁଥାଏ ବଙ୍କା
ପାଞ୍ଚ ଭଲ ଲୋକ ବୁଝାଇ କହିଲେ ନ ବୁଝିଲା ବୋହୁ ତିଳେ
ଅନ୍ନପାଣି ବୋହୁ କିଛି ନ ଖାଇଣ ରହିଛି ଶୁନ୍ୟ ଆହାରେ
ବୋହୁ ଚାଲି ନ ଜାଣଇ ଲୋ ପାଦ ପଡୁଥାଏ ବଙ୍କା
ପଚିଶ ନଣନ୍ଦ ଜଞ୍ଜାଳ କରନ୍ତି ବୋହୁ ମୋର ବାରୁଆଳି
ବହୁଦୂରୁ ଦଣ୍ଡି ସହି ନ ପାରଇ ବୁଲଇ ପଡ଼ିଶା ଓଳି
ବୋହୁ ଚାଲି ନ ଜାଣଇ ଲୋ ପାଦ ପଡୁଥାଏ ବଙ୍କା
ବୋହୁ ଗୋଟିକ ମୁଁ କରି ଆଣିଅଛି ଖାଉନ୍ଦା ଘରର ଝିଅ
ବାଞ୍ଝ କରକଟୀ ନ ହୁଅଇ ଲମ୍ପଟୀ ବୋହୁ ଆଡ଼େ ତିନି ପୁଅ
ବୋହୁ ଚାଲି ନ ଜାଣ ଇ ଲୋ ପାଦ ପଡୁଥାଏ ବଙ୍କା
ପୁଅବୋହୁ ଦୁହେଁ ଏକତ୍ର ହୋଇଲେ ଚତୁଃବର୍ଗ ଫଳ ପାଇଁ
ରଘୁନାଥ ଦାସ ଭରସା କରିଛି ବୋହୁ କୁ ଭେଟିବା ପାଇଁ

ବୋହୁ ଚାଲି ନ ଜାଣଇ ଲୋ ପାଦ ପଡୁଥାଏ ବଙ୍କା

## 4.17 ଭାଗବତ ଭଜନମାଳା ମନ ସୁତ୍ରେ ଗୁନ୍ଥ ନ କରି ହେଳା

( ଗୀତ - ଯଶୋବନ୍ତ ଦାସ)

ଭାଗବତ ଭଜନମାଳା ମନ ସୁତ୍ରେ ଗୁନ୍ଥ ନ କରି ହେଳା
ପ୍ରଥମ ଦ୍ୱିତୀୟ ଆଗମୟେ ଏ ବାଣି ତୃତୀୟେ ବ୍ରହ୍ମଣ୍ଡ ସର୍ଜନା ହେଲା
ଚତୁର୍ଥରେ ଧ୍ରୁବ ତପ ଆଚରିଣ ଅଜପା ମନ୍ତ୍ରକୁ ହୃଦେ ଧରିଲା ||
ଭାଗବତ ଭଜନମାଳା ମନ ସୁତ୍ରେ ଗୁନ୍ଥ ନ କରି ହେଳା
ପଞ୍ଚମରେ ପୃଥ୍ୱୀ ସାତ ଭାଗ କରି ବାଣ୍ଟିଣ ଭରତ ପୁଅଙ୍କୁ ଦେଲା
ସଷ୍ଠ ସ୍କନ୍ଧେ ପୁଣି ପାପି ଅଜାମ୍ଳିଳ ନାରାୟଣ ନାମ ମୁଖେ ଧରିଲା ||
ଭାଗବତ ଭଜନମାଳା ମନ ସୁତ୍ରେ ଗୁନ୍ଥ ନ କରି ହେଳା
ସପ୍ତମ ସ୍କନ୍ଧରେ ପ୍ରହଲ୍ଲାଦ ଜନ୍ମ ହିରଣାକ୍ଷ ବିଦାରଣ ହୋଇଲା
ଅଷ୍ଟମ ସ୍କନ୍ଧରେ ସମୁଦ୍ର ମନ୍ଥନ ଗଜ କୁମ୍ଭୀରଙ୍କ ଯୁଦ୍ଧ ଲାଗିଲା ||
ଭାଗବତ ଭଜନମାଳା ମନ ସୁତ୍ରେ ଗୁନ୍ଥ ନ କରି ହେଳା
ନବମ ସ୍କନ୍ଧରେ ବଂଶାନୁଚରିତ ଦଶମେ କହ୍ନାଇ ଜନ୍ମ ହୋଇଲା
ଗୋପ, ବୃନ୍ଦାବନ, ମଥୁରା, ଦ୍ୱାରିକା ବାଳଲୀଳା ଭାବ ଏଥୁ ସଇଲା ||
ଭାଗବତ ଭଜନମାଳା ମନ ସୁତ୍ରେ ଗୁନ୍ଥ ନ କରି ହେଳା
ଏକାଦଶ ସ୍କନ୍ଧେ ତତ୍ତ୍ୱ ନିରୁପଣ, ଉଦ୍ଧବେ ଶ୍ରୀହରି କରୁଣ ହେଲା
ଏକାକ୍ଷର ବ୍ରହ୍ମ ଯହିଁ ବିରାଜିତ ଅଧ ଉର୍ଦ୍ଧ ତହିଁ ବାରି ନ ହୋଇଲା ||
ଭାଗବତ ଭଜନମାଳା ମନ ସୁତ୍ରେ ଗୁନ୍ଥ ନ କରି ହେଳା
ଦ୍ୱାଦଶ ସ୍କନ୍ଧରେ ଆଗତ ଭବିଷ୍ୟ ପରିକ୍ଷୀତ ଆଗେ ଶୁକ କହିଲା
କହେ ଯଶୋବନ୍ତ ସେ ପାଦେ ଶରଣ ଅକାରଣେ ମୋର ଜନମ ଗଲା ||

ଭାଗବତ ଭଜନମାଳା ମନ ସୁତ୍ରେ ଗୁନ୍ଥ ନ କରି ହେଳା

## 4.18 ଭାଗ୍ୟ ଥିଲେ ଧର ଧର ପଦ୍ମପାଦ ଯେ

(ଗୀତ - ସନ୍ଥକବି ଭୀମଭୋଇ)
ଭାଗ୍ୟ ଥିଲେ ଧର ଧର ପଦ୍ମପାଦ ହେ
ଖଣ୍ଡିବ କାଳ ବିପତ୍ତି ପରମାଦ ହେ ।୧।
କରିଅଛ ଯେବେ ଦୋଷ ଜଣାଅ ଶ୍ରୀଗୁରୁ ପାଶ
ଛେଦି ହୋଇବ ଉଶ୍ୱାସ ଅପରାଧ ହେ ।୨।
ପାପ ପୋଡିବ ବ୍ରହ୍ମରେ ନାମ ଅଲେଖ ଧର୍ମରେ
ଭଜ ସାତ୍ତ୍ୱିକ କର୍ମରେ ନିରିବେଦ ହେ ।୩।
ସତ୍ୟ ଅଟେ ଏ ଦୁଆର ମନେ ଅପ୍ରତେ ନକର
ପଶ୍ଚାତେ ହେବ ଅସାର ପରମାଦ ହେ ।୪।
ଓମ୍ କାର ପରମ ପଦୁଁ ପିଅ ମକରନ୍ଦ ମଧୁ
କହେ ଭୀମ ଅରକ୍ଷିତ ଅତି ସ୍ୱାଦ ହେ ।୫।

## 4.19 ମୋର ଯେଦିନ ଜଳିବ ଜୁଇ, ଗଲା ଜାଣିବୁ ଦିଃଖିଟିଏ

(ଗୀତ - ଅଲେଖ ବିଶ୍ୱାଳ)
ମୋର ଯେଦିନ ଜଳିବ ଜୁଇ, ଗଲା ଜାଣିବୁ ଦିଃଖିଟିଏ କେହି(୨)
ତୁ କଳାଠାକୁର, ମୋପାଇଁ ପଥର(୨) ତୋର ଲୁହ ତ ଝରିବ ନାହିଁ
ମୋର ଯେଦିନ ଜଳିବ ଜୁଇ, ଗଲା ଜାଣିବୁ ଦିଃଖିଟିଏ କେହି
ସାରା ଜୀବନ ଜଳିଲା ଯିଏ, ଜୁଇ ତା ପାଇଁ ନୂଆ କିଛି ନୁହେଁ(୨),

ଜୁଇ ତା ପାଇଁ ନୂଆ କିଛି ନୁହେଁ
ଗଲାବେଳେ ମୁଁହିଁ ଯିବି ଏକା ହୋଇ(୨) ମୋର ଆପଣା ଭାଗ୍ୟକୁ ନେଇ
ମୋର ଯେଦିନ ଜଳିବ ଜୁଇ, ଗଲା ଜାଣିବୁ ଦିଃଖିଟିଏ କେହି
ତୋର ଦେବତା ହୋଇବା ଧନ୍ୟ, ମଣିଷ ଜନ୍ମ ମୋର ନେବା ଧନ୍ୟ(୨)
ମଣିଷ ଜନ୍ମ ମୋର ନେବା ଧନ୍ୟ
ପୁଣି ଆଉଥରେ ଏଇ ଦୁନିଆରେ(୨) ମୋତେ ମଣିଷ କରିବୁ ନାହିଁ
ମୋର ଯେଦିନ ଜଳିବ ଜୁଇ, ଗଲା ଜାଣିବୁ ଦିଃଖିଟିଏ କେହି(୨)

## 4.20 ରୂପରେଖ ନାହିଁ ହେ

( ଗୀତ - ସନ୍ଥକବି ଭୀମ ଭୋଇ)

| | |
|---|---|
| ରୂପରେଖ ନାହିଁ ହେ | ଶୁନ୍ୟ ଦେହି ଅଛ ଉଦେ ହୋଇ\|\|୦\|\| |
| ବରଷୁଛି ଜଳ ନଥାଇ ପବନ | ଅଣଚାଶ ବାୟୁ ବହେ ଘନ ଘନ |
| ବହୁ ଅଛି ଜଳ ନାହିଁ ନଦୀକୂଳ | ଉଲ୍କାପାତ ଧରା ବହି ହେ \|\|୧\|\| |
| ଜକଜକ ଓଦା ଶୁଖିଲା ହୋଇଛି | କବାଟ ନଥିରୁ ନେତ୍ରରେ ଦିଶୁଛି |
| ସେଠାରେ ଆଶ୍ରମ ଅନାଦିତ ବ୍ରହ୍ମ | ଉଦେ ଅସ୍ତ ନାହିଁ ତହିଁ ହେ \|\|୨\|\| |
| ଛାଇ ପଡ଼ିଅଛି ନାହିଁ ବୃକ୍ଷ ମୂଳ | ପୁଷ୍ପ କଢିନାହିଁ ଫଳିଅଛି ଫଳ |
| ଫୁଟିଛି ପତର ଡ଼େମ୍ଫନାହିଁ ତାର | ଅସାଧନା ମାର୍ଗେ ପାଇ ହେ \|\|୩\|\| |

## 4.21 ଲତାବନେ ବୁଲି ଦେଖ ବେନି ଗୋଟି ପୁଷ୍ପ ଗୋ

( ଗୀତ - ସନ୍ଥକବି ଭୀମ ଭୋଇ)
ଲତାବନେ ବୁଲି ଦେଖ ବେନି ଗୋଟି ପୁଷ୍ପ ଗୋ

ପ୍ରତିଦିନ ତିନିପୁରେ ଫେଡୁଛନ୍ତି ବେଶ ଗୋ
ଲତାବନେ ବୁଲି ଦେଖ ବେନି ଗୋଟି ପୁଷ୍ପ
ରୂପ ବୃକ୍ଷମୂଳେ ଚେର ନାହିଁ ତ ବିକାଶ ଗୋ
ମେରୁ କୁ ଦିଗୁଣେ ମୋଟ ହୋଇଛି ପ୍ରକାଶ ଗୋ
ଲତାବନେ ବୁଲି ଦେଖ ବେନି ଗୋଟି ପୁଷ୍ପ
ଅବସନ୍ତେ ପଲ୍ଲବୁଛି ନାହିଁ ମଧୁ ମାସ ଗୋ
ନିତିଫୁଟେ ନିତିତୁଟେ ନକରଇ ବାସ ଗୋ
ଲତାବନେ ବୁଲି ଦେଖ ବେନି ଗୋଟି ପୁଷ୍ପ
ଅଣଛାୟା ତରୁତଳେ କରିଛନ୍ତି ବାସ ଗୋ
କଢରୁ ପଡ଼ିଲେ ଝଡ଼ି ସର୍ବେ ଯିବେ ନାଶ ଗୋ
ଲତାବନେ ବୁଲି ଦେଖ ବେନି ଗୋଟି ପୁଷ୍ପ

## 4.22 ସମର୍ପି ଦେଲି ପାଇଲ ସର୍ବ

( ଗୀତ - ସନ୍ଥକବି ଭୀମ ଭୋଇ)
ସମର୍ପି ଦେଲି ପାଇଲ ସର୍ବ
ବୁଝ ନ ବୁଝ ସ୍ୱାମୀ ଗୁରୁଦେବ
ସମର୍ପି ଦେଲି ପାଇଲ ସର୍ବ ।୧।
ଚିନ୍ତା ଅର୍ଥ ବାଡି ବୃତ୍ତି ସ୍ୱଭାବ
କର୍ମ ଧର୍ମ ସତ୍ୟ ସୁକୃତ ମାର୍ଗ
ପିଣ୍ଡ ପ୍ରାଣ ବାନା ପାଣି ଯେ ଭୋଗ
ଲଲାଟ ପଟେ ଯାହା ଲେଖା ଯୋଗ ।୨।
ସଦା ଅପରାଧୀ ଅଟଇ ଜୀବ
ନାମ ଭଜିବାକୁ ନାହିଁ ମୋ ଭାଗ୍ୟ

ଭସୁଅଛି ମୁଁ ଜଳ ଭବାର୍ଣବ
ଗୁରୁ ପାଦବିନ୍ଦ ଅଟଇ ନାବ ।୩।
ସ୍ଥିତି ବସ୍ତୁ ଯାହା ଦେଇଛ ଠାବ
ଧନ ଦାରା ସୁତ ସଂସାର ଭାବ
ଆୟ ଅଳଙ୍କାର ଶୋଭା ସୁଲଭ
ଦାନ ଦେଲି ନିଅ ଗୁରୁଦେବ ।୪।
ଗୁରୁ ସ୍ୱାମୀ ଯେବେ କୃପା ନୋହିବ
ଏଠାରୁ ସର୍ବ ବିଭୂତି ସରିବ
ଜଗତରେ ଅପଖ୍ୟାତି ଶୁଭିବ
ଭଣେ ଭୀମ ଭୋଇ ବାନା ବୁଡ଼ିବ।୫।

## 4.23 ହରି ନାମେ କି ରସ ଅଛି

ହରି ନାମେ କି ରସ ଅଛି
ପାନ କଲା ଲୋକ ସିନା ଜାଣୁଛି ।
ଶୂନ୍ୟରୁ ପବନ ପବନରୁ ନାଦ ନାଦରୁ ବିନ୍ଦୁ ଜନମ ହୋଇଛି
ବିନ୍ଦୁ ମଧ୍ୟେ ଜଳ ଜଳ ମଧ୍ୟେ କ୍ଷିତି କ୍ଷିତି ପରେ ଯାର ଲୀଳା ଲାଗିଛି ।

# 5 କଳାକଳେବର ଚଉତିଶା

(ଗୀତ - **କବି ଭକ୍ତଚରଣ ଦାସ**)
କଳାକଳେବର କହ୍ନାଇ ସଙ୍ଗେ ରୋହିଣୀ ସୁତ,
କରନ୍ତି ମଥୁରା ବିଜୟେ ଦାଣ୍ଡେ ଦେଖ ସଙ୍ଗାତ ।

ଖସି ପଡୁଛି କି ଆକାଶୁ କି ଏ ଗଙ୍ଗା ଯମୁନା,
କ୍ଷୀର ସଙ୍ଗେ ପ୍ରାଣ ଶୋଷିଲେ ନାଶ ଗଲା ପୂତନା ।
ଗହନ କାନନ ବନରେ ଘୋର ବରଷା କାଳ,
ଗିରି ବାମ କରେ ଧଇଲେ ନନ୍ଦ ଯଶୋଦାବାଳ ।
ଘରେ ନ ରହନ୍ତି ଗଉଡେ ବଡ ଅଧମ ଜାତି,
ଘେନି ବତ୍ସାବୃନ୍ଦ ବାଳକେ ବନେ ବୁଲନ୍ତି ନିତି ।
ଉଇଁ ଆସୁଛିକି ପୂର୍ଣ୍ଣିମା ଶଶି କ୍ଷୀର ସାଗରୁ,
ଉଠ ମଧୁପୁର ଯୁବତୀ ଓଗାଳିବା ଆଗରୁ ।
ଚନ୍ଦନ ବେଶ ମୁଁ କରନ୍ତି ମୋର ହେଉଛି ମନ,
ଚିତ୍ତ କେ ଧରିବ ଯୁବତୀ ଚାହିଁ ଚନ୍ଦ୍ର ବଦନ ।
ଛନକା ପଶିଲା ଛାତିରେ ଜାତି କୁଳ ଉପେକ୍ଷି,
ଛାଡିବେ ଜୀବନ ଯଶୋଦା ଗୋପେ କୃଷ୍ଣ ନ ଦେଖି ।
ଜହର ସଙ୍ଗରେ ମହୁରା ଆସି ହେଲା ନିୟତ,
ଯୁବତୀ କୁଳକୁ ଦଇବ କଲା ଏ ଉତପାତ ।
ଝଡି ପଡୁଛି କି ଝୁଣ୍ଟିଆ ଝସକେତନ ଘାତେ,
ଝାଳ ବିନ୍ଦୁ ବିନ୍ଦୁ ଶ୍ରୀମୁଖୁ ବହୁଅଛି ନିରତେ ।
ନୟନ ଉପରେ ଭ୍ରୂଲତା ଏ କି କାମ କମାଣ,
ନୁହଁନ୍ତି ଏ ପୋଏ କାହାରି ସବୁ ଗୋପୀଙ୍କ ପ୍ରାଣ ।
ଟୋପି ଟୋପି କରି ଚନ୍ଦନ ମଣ୍ଡିଛନ୍ତି କି ସଜେ,
ଟେକିବାରେ ଚାହାଁ ମଥୁରା ଦାଣ୍ଡେ ଗୋବିନ୍ଦ ବିଜେ ।
ଠାବେ ଠାବେ ଗୋଳ ଚହଳ ଶିଙ୍ଘା ବେଣୁ ବଇଁଶୀ,
ଠିଆ ହୋଇ ଭକ୍ତ ଦାସ ତା ଦାଣ୍ଡେ ଦେଖନ୍ତି ଆସି ।

ଡାକନ୍ତି ଏକକୁ ଆରେକ ଆସ ଜୀବ ଜୀବନ,
ଡୋଳାରେ ଏ ରୂପ ଦେଖିବା ବିଜେ ମଧୁସୂଦନ ।
ଢଳି ଢଳି କୃଷ୍ଣ ନାଚନ୍ତି ଭଙ୍ଗୀ ଦେଖ ମିତଣୀ,
ଢାଳନ୍ତି କିରୂପେ ଡୋଳାକୁ କେଉଁ ଛଟକେ ଆଣି ।
ଅଳକାରେ ସରୁ କାଇଁଚ ମଣ୍ଡିଛନ୍ତି ରଙ୍ଗରେ,
ଅଣହେଳା ପାଉଥିବେ ଗୋ ନନ୍ଦ ଗଉଡ ଘରେ ।
ତିଳକ ଉପରେ କସ୍ତୁରୀ ଗୋରଚନା ଖଞ୍ଜିଛି,
ତେରେଛେଇଁ ଚାହିଁ ଦେବାରୁ ତରଳାଇ ଦେଉଛି ।
ଥକା ହୋଇ ଥୋକେ ରହିଲେ ଥୋକେ ଗଲେ ଗୋଡାଇ,
ଥିର ମଦନ ସଂଘାତରେ କାମ ଦେଲା ଭୁଲାଇ ।
ଦୁଃଖୀ ଲୋକଙ୍କର ସଂଖାଳି ସେ ତ ଦରିଦ୍ର ଧନ,
ଦହି ଦୁଧ ସର ଖିଆ ଗୋ ତେଣୁ ବଡ ଲାବଣ୍ୟ ।
ଧରଣୀ ମଣ୍ଡିଲା ପରାଏ ହୋଇଛନ୍ତି କି ଉଭା,
ଧଳା କଳା ବେନି ଭାଇ ଗୋ ଦୁହେଁ ଦୁହିଁଙ୍କ ଶୋଭା ।
ନାସାବିନ୍ଧା ଅପତିଆଣୀ ସେ ଯେ ଯଶୋଦାସୁତ,
ନକଲା ଦଇବ ନରେନ୍ଦ୍ର ଘରେ ଏ ପୁଅ ଜାତ ।
ପୁଅ ହୋଇ ଏଡେ ସୁନ୍ଦର ନାହିଁ କାହାର ଘରେ,
ପାହିଲା କି ଯୋଗେ ରଜନୀ ଆଜି ମଧୁନଗରେ ।
ଫୁଲରେ ଏହାଙ୍କ ଶରଧା ଫୁଲେ ଦିଶନ୍ତି ତୋରା,
ସ୍ଫୁରୁଛି ତ ବାମ ନୟନ ମୋତେ ଚାହିଁବେ ପରା ।
ବୁଦ୍ଧି ବଣା ହେଲା ଶୁଣିଣ ଅମୃତ ଜିଣା ବାଣୀ,
ବସି କେତେ କାଳ ଗଢିଲା ତାକୁ କେଉଁ ବିନ୍ଧାଣି ।

ଭଜିବାକୁ ହେଲା ଭଜନ ମାଳା କଲା ଏ ରୂପ,
ଭଜିବକି ଭକ୍ତ ଦାସ ତା କ୍ଷୟ କରିବ ପାପ ।
ମନ୍ଦ ବୁଦ୍ଧିକଲେ ନନ୍ଦ ଗୋ ସେ ତ ଆମ କରମ,
ମିଛେ ନନ୍ଦ ପୁଅ ବୋଲନ୍ତି ମଥୁରାରେ ଜନମ ।
ଯଦୁକୁଳ ଚନ୍ଦ୍ର ବୋଲିବା ସେ ତ ଯଦୁବିହାରୀ,
ଜାତି ଯଉବନ ଜୀବନ ସବୁ ନେଲା ଆମ୍ଭରି ।
ରାମକୃଷ୍ଣ ବେନି ଭାଇ ଗୋ ଦୁହେଁ ଦୁହିଁଙ୍କି ତୋରା,
ରଙ୍ଗେ ନାଚି ଆସୁଥାନ୍ତି ଗୋ ଯେହ୍ନେ ଗଗନ ତାରା ।
ଲାଜ ଭୟ ତେଜି କରିଲେ କୃଷ୍ଣ ସଙ୍ଗେ ପୀରତି,
ଲାଭ ହେଉଥିବ ଆମ୍ଭର ହସୁଥିବା ଗୋ ନିତି ।
ବଳିଣ ଦିଶେ କି ମଳିନ ବାହୁ ଶ୍ରୀଭୁଜ ସ୍ଥଳ,
ବିନ୍ଧୁଛି କି ଝସ କେତନ ମିଶି ହେଲା ତରଳ ।
ଶ୍ରୀମନ୍ତ ବଢାଇ ଏ ପୁଅ ଲକ୍ଷ୍ମୀ ଏହାଙ୍କ ଦାସୀ,
ଶ୍ରୀମୁଖ ଏ ପରା ଦିଶୁଛି କିବା ପୂର୍ଣ୍ଣିମା ଶଶୀ ।
ସରଳବଣୀ ଗୋଟିକା ଯେ ଖାଇ ନନ୍ଦର ବସ୍ତି,
ସବୁ ଗୋପୀଙ୍କ ମନକୁ ବଂଶୀସ୍ୱନେ ମୋହିଛି ।
ସଧୀରେ ପବନ ବହଇ ସରୁ କଟି ମେଖଳା,
ଶିବ ଡମ୍ବରୁ କି କୈଳାସୁ ଶ୍ୟାମ ବଦନ କଳା ।
ହେଲେ ହେବୁ ପଛେ କୁଳଟା ହାର କରିବୁ ଗଳେ,
ହସୁଥିବୁ ତାର ସଙ୍ଗତେ ବସିଥିବୁ ଗୋ କୋଳେ ।
ଛାଡି ଲଜ୍ଜାଭୟ ତା ରୂପ ଦରପଣେ ମାଜିବା,
ଛାର ଭକ୍ତ ଦାସ କହେ ତା ଧ୍ୟାୟୀ ରଜନୀ ଦିବା ।

# 6 କେଶବ କୋଇଲି

(ଗୀତ - କବି ମାର୍କଣ୍ଡ ଦାସ)

କୋଇଲି, କେଶବ ଯେ ମଥୁରାକୁ ଗଲା,
କାହା ବୋଲେ ଗଲା ପୁତ୍ର ବାହୁଡି ନଇଲା ଲୋ, କୋଇଲି ।
କୋଇଲି, ଖଣ୍ଡକ୍ଷୀର ଦେବି ମୁଁ କାହାକୁ,
ଖାଇବାର ପୁତ୍ର ଗଲା ମଥୁରାପୁରକୁ ଲୋ, କୋଇଲି ।
କୋଇଲି, ଗଲା ପୁତ୍ର ବାହୁଡି ନଇଲା,
ଗହନ ତ ବୃନ୍ଦାବନ ଶୋଭା ନ ପାଇଲା ଲୋ, କୋଇଲି ।
କୋଇଲି, ଘର ମୋର ନ ମଣନ୍ତି ନନ୍ଦ,
ଘଟଣ ନ ଦିଶେ ପୁର ନ ଥିଲେ ଗୋବିନ୍ଦ ଲୋ, କୋଇଲି ।
କୋଇଲି, ନନ୍ଦ ଦେହ ପାଷାଣେ ଗଢିଲା,
ନୟନେ କଜ୍ଜଳ ଦେଇ ରଥେ ବସାଇଲା ଲୋ, କୋଇଲି ।
କୋଇଲି, ଚଳୁଥାଇ କଟିସ୍ଥ ମେଖଳୀ,
ଚକିତ ହୋଇଲେ ଶୁଣି ଗୋପପୁର ବାଳୀ ଲୋ, କୋଇଲି ।
କୋଇଲି, ଛାଟକେ ମୁ ମାଇଲି ପୂରୁବେ,
ଛାଡି ଅବା ଗଲେ କୃଷ୍ଣ ସେହି ପରାଭବେ ଲୋ, କୋଇଲି ।
କୋଇଲି, ଦୂତପଣେ ଅ ଇଲା ଅକ୍ରୂର,
ଯାତ୍ରା ବୋଲି ଭଣ୍ଡିନେଲା ବସାଇ ରଥର ଲୋ, କୋଇଲି ।
କୋଇଲି, ଝୁରୁ ଝୁରୁ ଲୁହ ନ ରହିଲା,
ଝଗଡା ସାରିଣ କୃଷ୍ଣ ମଥୁରା ରହିଲା ଲୋ, କୋଇଲି ॥

କୋଇଲି, ନିଶା କାଳେ ହରି ମାଗେ ଚାନ୍ଦ,
ନୟନ ଟେକିଣ ତାକୁ ରାଉଥାନ୍ତି ନନ୍ଦ ଲୋ, କୋଇଲି ॥
କୋଇଲି, ଟହ ଟହ ହସୁଥାନ୍ତି କୋଳେ,
ଟଳଟଳ ହେଉଥାନ୍ତି ଝୁଲିବାର ବେଳେ ଲୋ, କୋଇଲି ॥
କୋଇଲି, ଠଣ ଯେ ସୁନ୍ଦର ବେନି ପୋଏ,
ଠକି ଭଣ୍ଡି ଗଲେ କୃଷ୍ଣ ନ ଇଲେ ବେଡାଏ ଲୋ, କୋଇଲି ॥
କୋଇଲି, ଡାକିଲେ ଭାଷ ଇ ଯେହ୍ନେ ଶାରୀ,
ଡାଳ ରତ୍ନ ଶୁଆ ପ୍ରାୟେ ଭାଷୁଥାନ୍ତି ହରି ଲୋ, କୋଇଲି ॥
କୋଇଲି, ଢାଳୁଥାନ୍ତି ମାଏ ଯଶୋବନ୍ତି,
ଢାଳେ ହରାଇଲି ମୋର ପୁତ୍ର ଶିରୀପତି ଲୋ, କୋଇଲି ॥
କୋଇଲି, ଅନେକ ହିଂସିଲା ରାୟ କଂସ,
ଅଣହେଳା କରିଣ ଆପଣେ ଗଲା ନାଶ ଲୋ, କୋଇଲି ॥
କୋଇଲି, ତନୁରେ ତା' ଲେପ ଇ କୁଙ୍କୁମ,
ତନୟ ଖେଳାଉଥାନ୍ତି ଭାଇ ବଳରାମ ଲୋ, କୋଇଲି ॥
କୋଇଲି, ଥନ ଭାଙ୍ଗି କ୍ଷୀରପାନ ଦେଲି,
ଥ ଅର କାଳକୁ ପୁତ୍ର ଦେଖି ନ ପାରିଲି ଲୋ, କୋଇଲି ॥
କୋଇଲି, ଦଉଡିରେ ବାନ୍ଧିଲି ପୁତ୍ରକୁ,
ଦାମୋଦର ରାଗେ ଗଲେ ମଥୁରା ପୁରକୁ ଲୋ, କୋଇଲି ॥
କୋଇଲି, ଧନ୍ୟ ସେହୁ ଦ ଇବକି ନାରୀ,
ଧର୍ମ ଥିଲା ପୁତ୍ରଗୋଟି ହୋଇଲା ତାହାରି ଲୋ, କୋଇଲୋ ॥
କୋଇଲି, ନ ଶୋଭ ଇ ଗୋପପୁର ମୋର,
ନାରାୟଣ ଗଲାଦିନୁ ମଥୁରା ନଗର ଲୋ, କୋଇଲି ॥

କୋଇଲି, ପବିତ୍ର ପୁରୁଷ ମୋ ମାଧୋଇ,
ପବିତ୍ର ମୁଁ ହେଉଥିଲି କୃଷ୍ଣ ମୁଖ ଚାହିଁ ଲୋ, କୋଇଲି ॥
କୋଇଲି, ଫଳିବାକୁ ନାହିଁ ମୋର ଆଶ,
ଫଳିବାର ଫଳ ଗଲା ବାସୁଦେବ ପାଶ ଲୋ, କୋଇଲି ॥
କୋଇଲି, ବହୁତ ସହିଲି ତାଙ୍କ ଅଳି,
ବଡ ଇ ଶରଧା ଭାଙ୍ଗି ଗଲେ ବନମାଳୀ ଲୋ, କୋଇଲି ॥
କୋଇଲି, ଭଣ୍ଡି ମୋତେ ଗଲେ ବେନି ପୋଏ,
ଭାଇତାଙ୍କ ବଳରାମ ନ ଇଲେ ବେଡାଏ ଲୋ, କୋଇଲି॥
କୋଇଲି, ମଥୁରାକୁ ଯିବି ମୁଁ କି ଧାଇଁ,
ମାଧବ ମଧୁସୂଦନ ଆଣିବି କଢାଇ ଲୋ, କୋଇଲୋ ॥
କୋଇଲି, ଯିବେ ଯେ ଆସିବେ ବୋଲି ଗଲେ,
ଜଗତଜିଇବନ ପ୍ରଭୁ ବାହୁଡି ନ ଇଲେ ଲୋ, କୋଇଲି ॥
କୋଇଲି, ରତ୍ନ ବସ୍ତ୍ର ଅଳଙ୍କାର ମାନ,
ରାମ କୃଷ୍ଣ ଶ୍ରୀଅଙ୍ଗକୁ ଦିଶେ ଶୋଭାବନ ଲୋ, କୋଇଲି ॥
କୋଇଲି, ଲକ୍ଷ୍ମୀବନ୍ତ ଅଟେ ନାରାୟଣ,
ଲଳିତରେ ନାମ ଦେଲେ ଗାର୍ଗବ ବ୍ରାହ୍ମଣ ଲୋ, କୋଇଲି ॥
କୋଇଲି, ବୃନ୍ଦାବନ ନ ଶୋଭ ଇ ମୋର,
ବତ୍ସା କିଏ ଚରାଇବ ଯମୁନାର ତିଇର ଲୋ, କୋଇଲି ॥
କୋଇଲି, ଶ୍ରୀମନ୍ତ ପୁରୁଷ ମୋ ମାଧୋ ଇ,
ଶିରିରଙ୍ଗ ଗଲାଦିନୁ ନନ୍ଦ ହେଲେ ବାଇ ଲୋ, କୋଇଲି ॥
କୋଇଲି, ଶଶୀ ଯେହ୍ନେ ଦିନୁ ଦିନୁ କ୍ଷୀଣ,
ସେହିପରି କ୍ଷୀଣ ହେଲେ ମୋ ନନ୍ଦ ରାଜନ ଲୋ, କୋଇଲି ॥

କୋଇଲି, ସାତ ଦିନ ଇନ୍ଦ୍ର ବୃଷ୍ଟି କଲା,
ସପତ ବରଷ ପୁତ୍ର ମନ୍ଦର ଧ ଇଲା ଲୋ, କୋଇଲି ॥
କୋଇଲି, ହାଇ ଯେ ମାର ଇ ପୁତ୍ର ତୁଣ୍ଡ,
ହୃଦରେ ଦିଶିଲା ତା'ର ସପତ ବ୍ରହ୍ମାଣ୍ଡ ଲୋ, କୋଇଲି ॥
କୋଇଲି, କ୍ଷନ୍ଦଣି ବନ୍ଦଣି ଭୁଜଦଣ୍ଡ,
କ୍ଷମାକର ଦୋଷ ମୋର ଭଣେ ମାରକଣ୍ଡ ଲୋ, କୋଇଲି ॥

## 7 ମନବୋଧ ଚଉତିଶା

(ଗୀତ - ଭକ୍ତ ଚରଣ ଦାସ)

କହଇ ମନ ଆରେ ମୋ ବୋଲ କର,
କଳା ଶ୍ରୀମୁଖ ବାରେ ଦେଖିବା ଚାଲ ।
କେତେ ଦିନ କୁ ମନ ବାନ୍ଧିଛୁ ଆଣ୍ଟ,
କି ଘେନି ଯିବୁ ତୋର ଛୁଟିଲେ ଘଟ ।।୧।।

ଖଣ୍ଡି ଯେ ଖଣ୍ଡି ତୋର ପିଞ୍ଜରା କାଠି,
ଖାଉଣ ଥିବେ ଶ୍ୱାନ ଶୃଗାଳ ବାଣ୍ଟି ।
ଖଟ ପଲଙ୍କେ ମନ ଶେଯାଇ ଶୋଉ,
ଖଳ ଦୁର୍ଗନ୍ଧ ହେବ ଏ ତୋର ଦେହୁ ।।୨।।

ଗଲେଣି ତୋ ସଙ୍ଗରୁ ଯେତେକ ଜନ,

ଗଣ୍ଠିରେ ବାନ୍ଧିନେଲେ କେ କେତେ ଧନ ।
ଗୁରୁ ଗୋବିନ୍ଦ ନାମ ତୁଣ୍ଡେ ନ ବୋଲୁ,
ଗାଢ଼େ ମଜ୍ଜିଣ ନିତ୍ୟ ଧନ ଅର୍ଜିଲୁ।।୩।।

ଘର ବୋଲି ଅର୍ଜିଛୁ ଯେତେ ପଦାର୍ଥ,
ଘଟ ଛୁଟିଲେ ତୋତେ ବୋଲିବେ ଭୂତ ।
ଘର ଘରଣି ଦେହ କୀଳାଉଥିବେ,
ଘେନି ବନ୍ଧୁ କୁଟୁମ୍ବ ଶୁଦ୍ଧ ହୋଇବେ ।।୪।।

ଉଦ୍ଧାର ହେବୁ ଯେବେ ଭବ ସାଗରୁ,
ଉପାୟ କରି ଭଜ ଏବେ ଶ୍ରୀଗୁରୁ ।
ଊଣା ହେଉଛି ଦିନୁ ଦିନ ଆୟୁଷ,
ଆଉ ଏଣିକି ଅଛି କେତେ ବୟସ ।।୫।।

ଚିତ୍ର ପ୍ରତିମା ପ୍ରାୟେ ଦିଶୁ ସୁନ୍ଦର,
ଚିରି ଭିତରେ ଦେଖ କି ନାରଖାର ।
ଚର୍ମ ବେଢ଼ିଛି ସିନା ଚଉରାଶିକି,
ଚିତ୍ତ ତୁ ଦିଅ ନୀଳଗିରିବାସୀଙ୍କି ।।୬।।

ଛାର ଦେହକୁ ମନ କରୁଛୁ ସଜ,
ଛନ୍ଦ କପଟ ତେଜି ଗୋବିନ୍ଦ ଭଜ ।
ଛୁଇଁବେ ନାହିଁ ତୋତେ ବୋଲିବେ ମଡ଼ା,

ଛ'ଖଣ୍ଡି କାଠ ହେବ ତୋପାଇଁ ଲୋଡ଼ା ।।୭।।

ଯମ ଯେ ନ ଜାଣଇ ବାଳୁତ ଯୁବା,
ଜୀଇଁବୁ ବୋଲି ମନେ କରିଛୁ ଅବା ।
ଜଣେହିଁ ଏଥୁ କେହି ନାହିଁ ଅମର,
ଜଗନ୍ନାଥଙ୍କୁ ଭଜ ହେବୁ ଉଦ୍ଧାର ।।୮।।

ଝେଲା ଗନ୍ଥା ପାଛୋଡ଼ା ପିନ୍ଧାକୁ ରସୁ,
ଝଡ଼ ସଂସାରେ ମନ ନ ବୁଝି ପଶୁ ।
ଝୁଣ୍ଟି ପଡ଼ିଲେ ଉଠି ପାରିବୁ ନାହିଁ,
ଝଡ଼ିଲା ପତ୍ର ବୃକ୍ଷେ ଲାଗିଛି କାହିଁ ।।୯।।

ନିଶି ଦିବସ ଥୟ ନୋହୁଛି ମନ,
ନିଦ୍ରାରେ ଦେଖୁଅଛୁ ଯଥା ସ୍ୱପନ ।
ନଯିବେ ସଙ୍ଗେ କେହି ଯିବୁ ତୁ ଏକା,
ନାମ ମାତ୍ର ଅଟଇ ପଥକୁ ସଖା ।।୧୦।।

ଟାଣ କରୁଛୁ ମନ ସବୁ ମୋହରି,
ଟଳି ପଡ଼ିଲେ କେହି ନୁହେଁ କାହାରି ।
ଟେରା ଭିତରେ ଯେହ୍ନେ ଅପୂର୍ବ ନାରୀ,
ଟୋପ ଚଉଁରା ଅଛି ତୋ ଦେହେ ପୁରି ।।୧୧।।

ଠିକେ ମୁଁ କହୁଅଛି କର ମୋ କଥା,
ଠିକେ ଦେହରେ ଅଛି ଶୂନ୍ୟ ଦେବତା ।
ଠିକ ଯିବୁଟି ମନ ମୁଣ୍ଡ ପଡ଼ିଲେ,
ଠିକେ ଗୁରୁଙ୍କ ସେବା କର ତୁ ଭଲେ ।।୧୨।।

ଡାକି କହୁଛି ମନ ଡାକ ଗୋବିନ୍ଦ,
ଡର ଜଞ୍ଜାଳ ଯାଉ ମୋହର ହୃଦ ।
ଡେରିଥାନ୍ତି ଶ୍ରବଣ ଭକ୍ତ ଡାକକୁ,
ଡଙ୍ଗା ଯେହ୍ନେ ଜଳରେ ଚାହେଁ ପଛକୁ ।।୧୩।।

ଢୋଲ ଯେସନେ ଢାଉଁ ଢାଉଁ ବାଜଇ,
ଢଳେ ତହିଁ ଭିତରେ କିଛି ହିଁ ନାହିଁ ।
ଢାଙ୍କି ରହିଛି ଦେହ ସବୁଟି ତୁଚ୍ଛ,
ଢଳି ପଡ଼ିଲେ ସବୁ ହେବଟି ମିଛ ।।୧୪।।

ଏଣେ ତୁ ଦେଇଥିଲେ ତେଣେ ପାଇବୁ,
ଅଣଆୟତ୍ତ ବେଳେ କି ଘେନି ଯିବୁ ।
ଅଣବିଶ୍ୱାସୀ ହୋଇ ରହିବୁ ଦିନେ,
ଅନେକ ଦୁଃଖ ଦେବେ ଯମ ଭୁବନେ ।।୧୫।।

ତୁ ଯେ ବୋଲୁଛୁ ମୋର ଅର୍ଜିଲା ଧନ,
ତୋ ଦେହ ନୁହେଁ ତୋର ଦେଖ ଏ ମନ ।

ତୋହରି ସଙ୍ଗୁ ମନ ଗଲେଣି କେତେ,
ତୁ ମିଥ୍ୟା କଥାକୁ ତ ଯାଉ ପରତେ ।।୧୬।।

ଥିଲେ ଏ ସଂସାରେ ଯେତେ ନୃପତି,
ଥୟ କରି କେ ଭୋଗକଲା ଏ ପୃଥିବୀ ।
ଥୋଇଲା ଧନ ତୋର ଖୁଣ୍ଟି ଖାଇବେ,
ଥାନେ ତୋହର ଘର କରି ରହିବେ ।।୧୭।।

ଦେହେ ପୂରିଛି ତୋର ଅଶେଷ ରୋଗ,
ଦିନ ଚାରିକ ସିନା ଏ ସୁଖ ଭୋଗ ।
ଦଣ୍ଡେ ହେ ବେଳ ତୋତେ ରଖିବେ ନାହିଁ,
ଦଣ୍ଡୁ ଯେ ଥିବେ ଯମ ଡଗର ନେଇ ।।୧୮।।

ଧର୍ମ ଅଧର୍ମ କଥା ନଜାଣୁ ତୁହି,
ଧନ୍ଦି ହେଉଛୁ ଧନ ଅର୍ଜିବା ପାଇଁ ।
ଧୋକା ରଖିଲେ ଧନ୍ଦା ଫିଟିବ ନାହିଁ,
ଧର୍ମରେ ଆତଯାତ ହେଉଛି ମହୀ ।।୧୯।।

ନିନ୍ଦି ଅକର୍ମ କଲେ ନିନ୍ଦା ପାଇବୁ,
ନରକେ ପଡ଼ି କେତେ ଦୁଃଖ ସହିବୁ ।
ନିମିଷେ ମାତ୍ର ତୁଣ୍ଡେ ନନେଲୁ ହରି,
ନାଶ-ହେତୁକୁ କିମ୍ପା ଅଛୁ ଆବୋରି ।।୨୦।।

ପାହିଲା ନିଶି ଯେହ୍ନେ ରବି ଉଦୟ,
ପଦ୍ମଲୋଚନ ସବୁ ଦେହେ ଉଦୟ ।
ପ୍ରଭୁଙ୍କୁ ଆଶ୍ରେ କର ତରିବୁ ଯେବେ,
ତା ପାଦପଦ୍ମେ ଚିତ୍ତ ଦିଅନ୍ତୁ ଏବେ ।।୨୧।।

ଫୁଲ ଯେସନେ ଫୁଲେ ଫୁଲେ ବିହରେ,
ଫୁଲ ସମୀରେ ଆଉ ନଦିଶେ ତାରେ ।
ଫୁଲ ସଂସାରେ ଲାଭ ହରି ଭଜନ,
ଫାଶ ଗଳାକୁ କିମ୍ପା କରିଛୁ ମନ ।।୨୨।।

ବେଳକୁ ବେଳ ତୋତେ କହୁଛି ମୁହିଁ,
ବାନ୍ଧିଣ ନେବ ଯମ କି ଦୁଃଖ ଦେଇ ।
ବିକଳେ କାନ୍ଦୁଥିବୁ ଆକୁଳ ହୋଇ,
ବେଳହୁଁ ଆଶ୍ରେକରି ଭଜ ଗୋସାଇଁ ।।୨୩।।

ଭେଳା ବୁଡ଼ିବ ହେଳା କଲେ କହୁଛି,
ଭଙ୍ଗା ନାଗରେ କିଏ ସିନ୍ଧୁ ତରିଛି ।
ଭାବକୁ ନିକଟ ସେ ଅଭାବେ ଦୂର,
ଭକତ ଦାସ କହେ ଜୀବନ ଛାର ।।୨୪।।

ମିଥ୍ୟା ଭାୟା ସଂସାର ନୋହେ କାହାରି,

ମଲା ବୋଲିଣ ଦିନେ ପଡ଼ିବ ହୁରି ।
ମହୀ ଭିତରେ କେହି ଦେଖିବ ନାହିଁ,
ମଲା ବୋଲି କାନ୍ଦୁଛୁ ମରିବୁ ତୁହି ।।୨୫।।

ଜନମ ହେଲେ ପ୍ରାଣୀ ଅବଶ୍ୟ ମରି,
ଯଶ ରଖିବୁ ଯେବେ ଭଜ ଶ୍ରୀହରି ।
ଯମ ବାନ୍ଧିନେବଟି ହେବୁ ମେଲାଣି,
ଜଗନ୍ନାଥ ମହିମା ଲଣିକି ଆଣି ।।୨୬।।

ରଙ୍ଗ ପସରା ସିନା ଭବ ସାଗର,
ରଙ୍ଗ ଭିତରେ ଅଛି କି ନାରଖାର ।
ରୂପ ପ୍ରତିମାକୁ ତୁ ପରତେ ନଯା,
ରହିବେ ନାହିଁ କେହି ରଜା ପରଜା ।।୨୭।।

ଲୋଚନେ ଦେଖି କର୍ଣ୍ଣେ ଶୁଣୁଛି ନିତି,
ଲୋଭକରି ଅର୍ଜିଲୁ ଧନ ସମ୍ପତ୍ତି ।
ଲୋଭଟି ସବୁ ନାଶ କରଇ ମନ,
ଲୋଡ଼ିଲେ ନପାଇବୁ ଆଉ ଜୀବନ ।।୨୮।।

ବିଅର୍ଥ ରହିଅଛି ଦୁର୍ଲଭ ଦେହ,
ବିଷୟା ବିଷେ ଆଉ ନବଳା ସ୍ନେହ ।
ବୁଡ଼ିଯିବଟି ମୂଳ ଲାଭ ସରିବ,

ବେଳହୁଁ ଆଶ୍ରେକରି ଭଜ ମାଧବ ।।୨୯।।

ଶ୍ରୀକୃଷ୍ଣ ପାଦପଦ୍ମେ ଦିଅନ୍ତୁ ମନ,
ସରମେ ନପାଇବୁ ଆଉ ଜୀବନ ।
ଶ୍ରୀକୃଷ୍ଣ ନାମାଗରଟି କର ଭଜନ,
ଶ୍ରୀକୃଷ୍ଣ ପାଦପଦ୍ମେ କର ତୁ ଧ୍ୟାନ ।।୩୦।।

ସନ୍ତୋଷ ଚିତ୍ତେ ତୁହି ହରିଙ୍କି ଭଜ,
ସଂସାରେ ପଡ଼ି ଆଉ ନ ପାଅ ଲାଜ ।
ସବୁଟି ମିଛ ହରି ନାମଟି ସତ,
ଶ୍ରୀକୃଷ୍ଣ ପାଦପଦ୍ମେ ଦିଅତୁ ଚିତ୍ତ ।।୩୧।।

ସତ୍ୟ ମଣୁଛୁ ତୁହି ଭବସାଗର,
ସରିଯାଉଛି ପରମାୟୁ ତୋହର ।
ସନ୍ତୋଷ ହୋଇ ଦୃଢ଼େ ଭଜ ଶ୍ରୀହରି,
ଶୋକ ସାଗରୁ ଯେବେ ହୋଇବୁ ପାରି ।।୩୨।।

ହୁଡ଼ିଲେ ଯେତେ ଜନ ହରି ନାମକୁ,
ହୀନ ଗତିକୁ ଗଲେ ବୁଡ଼ି ତଳକୁ ।
ହାରିଲେ ଦେହ ଆଉ ପାଇବୁ କାହିଁ,
ହାଟ ବସାଇଥିବେ ତୋ ଦେହ ପାଇଁ ।।୩୩।।

କ୍ଷୟେ ଦୁର୍ଲ୍ଲଭ ଦେହେ ହୁଏ ଆୟୁଷ,
କ୍ଷୟ ନ ଯିବ ନାମ ହୃଦରେ ଘୋଷ ।
ଛାର ଦେହକୁ ମନ ନଯା ବିଶ୍ୱାସ,
ଛାର ଦୁର୍ବୁଦ୍ଧି କହେ ଭକତ ଦାସ ।।୩୪।।

## ୪ ଜୀବନ ଚିନ୍ତା

(ଗୀତ - ଭକ୍ତକବି ମଧୁସୂଦନ ରାଓ)
ରେ ଆତ୍ମନ୍! ନିଦ୍ରା ପରିହରି
ଫେଡି ଚିନ୍ତାର ଲୋଚନ କର କର ନିରୀକ୍ଷଣ,
ନିଃଶବ୍ଦେ ଜୀବନସ୍ରୋତ ଧାଉଁଛି କିପରି
ଭେଟିବାକୁ ମୃତ୍ୟୁ-ସିନ୍ଧୁ-କରାଳ-ଲହରୀ|୧|
କି ବେଗରେ ଯାଉଅଛି ଚାଲି
ସେହି ସ୍ରୋତ ସଙ୍ଗେ ଭାସି ଜୀବନର ସୁଖରାଶି,
ଯାହାର ସ୍ମରଣେ ନର ଶୋକଶ୍ୱାସ ଢାଳି
ଅତୀତକୁ ଉଦ୍ବୋଧଇ ବୃଥା ଭାଳି ଭାଳି|୨|
ସ୍ୱପ୍ନ ସମ ନିଦ୍ରା-ପାରାବାରେ
କ୍ଷଣକେ ହୁଅଇ ଲୀନ ଗର୍ବ ଦମ୍ଭ ଅଭିମାନ
ସଂସାରରେ ଆଡମ୍ବର ବୁଦ୍‌ବୁଦ ଆକାରେ
ସକଳ ଗ୍ରାସଇ କାଳ-ମୁଖ ନିର୍ବିଚାରେ|୩|
ସେ ସିନ୍ଧ-ତରଙ୍ଗ ମୁଖ ପ୍ରତି
ଆକୃଷ୍ଟ ଅଦୃଶ୍ୟଭାବେ ହେଉଅଛି ସବୁ ଭବେ,

ମୃଦୁ ନିର୍ଝରିଣୀ, ମହାବେଗା ସ୍ରୋତସ୍ୱତୀ,
ସୁଦୀନ ମନୁଷ୍ୟ, ମହାଯଶା ମହୀପତି|୪|
ଭବସିନ୍ଧୁ ମାୟାଶୈଳମୟ,
ସମସ୍ତ ଛଳନାପୂର୍ଣ୍ଣ, ସେ ଶୈଳେ ସର୍ବଦା ଚୂର୍ଣ୍ଣ
ହୁଅଇ ଆଶାର ତରୀ, କାମନାନିଚୟ
ବିଫଳ ସତତ, ଚିତ୍ତ ନୈରାଶ୍ୟ-ଆଳୟ|୫|
ଜଗତର ଲୋଚନନନ୍ଦନ
ଯୁବତୀର ରକ୍ତାଧାର, ରମ୍ୟ ଜ୍ୟୋତି ନୟନର
ସ୍ୱର୍ଣ୍ଣ ଗନ ସମ ବକ୍ଷ, ଚାରୁ ପଦ୍ମାନନ,
ଇନ୍ଦ୍ରଧନୁ ଶୋଭା ସମ ପଳାନ୍ତି ବହନ|୬|
ଯୁବକର ତେଜ ବୀର୍ଯ୍ୟ ବଳ
ପୌଢ଼ର ଚତୁର ଜ୍ଞାନ ସୁକୌଶଳ କାର୍ଯ୍ୟମାନ
କାଳର ପ୍ରଭାବେ ଦିନେ ହୋଇବ ବିଫଳ,
କିସ ଏ ଜଗତେ କହ ସ୍ଥିର ଅଚଞ୍ଚଳ! |୭|
ଧନ ମାନ ଯଶ ଆଦି ଯାହା
ଭାଗ୍ୟଦେବୀ ପ୍ରସାଦରେ ଏ ଭବେ ଲଭନ୍ତି ନରେ
କାଳଚକ୍ର ଆବର୍ତ୍ତନେ କି ବେଗରେଆହା
ପଳାନ୍ତିରେ ଅନୁସରି ନିଜ ନିଜ ରାହା! |୮|
ବିମୋହନ ମନ୍ମଥ ବିଳାସ
ଟାଣେ ମନ ମାୟାଯନ୍ତ୍ରେ, ଭୁଲାଏ କପଟ ମନ୍ତ୍ରେ,
କୌଶଳେ ଜନ୍ମଇ ଚିତ୍ତେ, କ୍ଷଣିକ ଉଲ୍ଲାସ
ରିପୁକୁଳ ବିପ୍ଳବକୁ କରାଏ ପ୍ରକାଶ|୯|

ଆତ୍ମାରାଜ୍ୟେ ସେ ଭୀମ ବିପ୍ଳବେ
ଧର୍ମର ପୂଣ୍ୟ ରାଜତ୍ୱ ପ୍ରଜ୍ଞାର ମହତ ତତ୍ତ୍ୱ
ହୁଏ ପରହତ, ପାପ ଗର୍ଜଇ ଭୈରବେ,
ପଳାୟନ କରେ ଶାନ୍ତି ସେହି ଉପଦ୍ରବେ।୧୦।
ମୁକୁଟମଣ୍ଡିତ ରାଜଶିର
ନୁହଇ ଶାନ୍ତି-ଆସ୍ୱଦ, ଆଶଙ୍କା ଭୟ ବିପଦ
ନିରନ୍ତର ରାଜ ମନ କରଇ ଅସ୍ଥିର।
ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର।୧୧।
ଏ ସଂସାରେ ନାହିଁ ସୁଖ ଶାନ୍ତି
ଅହଙ୍କାର ଦ୍ୱେଷ ରୋଷ ଲୋଭ ମୋହ ଅସନ୍ତୋଷ
ଦୁଷ୍ଟ ରିପୁକୁଳ ଘୋର ଅନର୍ଥ ଘଟାନ୍ତି,
ପାପର ଭୀଷଣାବର୍ତ୍ତେ ନରେ ନିକ୍ଷେପନ୍ତି।୧୨।
କାହିଁ ଶାନ୍ତି, କାହିଁ ନିତ୍ୟସୁଖ,
ଯାହା ଲଭିବାର ଲାଗି ଅଛି ଅବିରତ ଜାଗି
ଚିତ୍ତଗୃହେ ଆଶାଦୀପ ଉଜ୍ଜ୍ୱଳମୟୁଖ,
କାହିଁ ଗଲେ ପାସୋରିବି ମୃତ୍ୟୁ ପାପ ଦୁଃଖ।୧୩।
ରେ ହୃଦୟ! ନ ହୁଅ କାତର,
ସଂସାରର ବିଡମ୍ବନା ପାପ ସନ୍ତାପ ଯାତନା
ବିପଦ ଦୁର୍ଦ୍ଦିନତମ ଘୋର ଭୟଙ୍କର
ନିରେଖି ନିରାଶାବିଷେ ନ ହୁଅ ଜର୍ଜର।୧୪।
ଧର ଧୈର୍ଯ୍ୟ ଘେନ ରେ ସାନ୍ତ୍ୱନା,
ଅଛି ସେହି ମହାଧନ, ସେ ମହାସ୍ୱର୍ଗରତନ,

ସେ ଅମୃତ ମହୌଷଧ, ଯାହାର କାମନା
ଆଶା, ଜାଗ୍ରତ ସତତ, କରେ ଉଦ୍ଦୀପନା।୧୫।
ସ୍ଥିର ହୁଅ ରେ ଚଞ୍ଚଳ ମନ,
ଘେନ ମହାତତ୍ତ୍ୱ ଦୀକ୍ଷା, ଜୀବନ ପରମ ଶିକ୍ଷା,
ତେବେ ରେ ଲଭିବୁ ସେହି ପ୍ରାଣାରାମ ଧନ,
ଆକୁଳ ହୃଦୟ କରେ ଯାହାର ଅନ୍ୱେଷଣ।୧୬।
ଧୂଳିର ଏ ମର କଳେବର,
ଆହୋ ମାନବ ଜୀବନ କି ଅଦ୍ଭୁତ ଉଦ୍ଭାବନ!
ବିରାଜେ ଅମର ଆତ୍ମା ଦିବ୍ୟ ସୌନ୍ଦର୍ଯ୍ୟରେ,
କମଳ ଶୋଭଇ ଯଥା ପଙ୍କମୟ ସରେ।୧୭।
ଏ ସଂସାର ଅନ୍ଧକାର ସ୍ଥାନ
ଅନ୍ଧାରେ ହେଲେ ଜଡିତ ନ ହୁଅଇ ବିକଶିତ
ଜୀବାତ୍ମା-କୁସୁମ ଏଥି, ହୁଏ ମ୍ରିୟମାଣ
ହରାଇଣ ଦିବ୍ୟ ଶୋଭା ପ୍ରେମ ଭକ୍ତି ଜ୍ଞାନ।୧୮।
ଦିବାକରେ ନିରେଖି ଗଗନେ
ହର୍ଷେ ଫୁଟେ ପଦ୍ମଫୁଲ ତେସନେ ଆତ୍ମା ପ୍ରଫୁଲ୍ଲ
ଅନନ୍ତ ମଙ୍ଗଳାଳୟ ବିଭୁ ଦରଶନେ
ପୂଣ୍ୟର ତପନ ଯେହୁ ପାପର ଭୁବନେ।୧୯।
ଯହିଁ ତେବେ ଭୁଞ୍ଜନ୍ତି ଅମୃତ
ବିଭୁପାଦପଦ୍ମ ପାଶେ, ପୁଣ୍ୟ ଜୋତିର୍ମୟ ବାସେ
ରୋଗ ପାପ ମୃତ୍ୟୁ ଆଦି ଯହିଁ ପରାଭୂତ,
ସେ ସୁଧାମ ଲାଗି ଆତ୍ମା ସଦା ପିପାସିତ।୨୦।

ଏ ପିପାସା ନୁହଇ ନିବାରି
ଅସାର ସଂସାର ଜଳେ, ରିପୁଚୟ କୋଳାହଳେ
ନୋହେ ନିର୍ବାପିତ କେଭେ; ଏକା ଧର୍ମବାରି
ଶମଇ ଏ ମହା ଅଗ୍ନି ଅମୃତ ସଞ୍ଚାରି।୨୧।
ତେବେ ଆରେ ଅସ୍ଥିର ହୃଦୟ,
ତ୍ୟଜି କୁତ୍ସିତ ବାସନା କର ତାଙ୍କ ଆରାଧନା
ଧର୍ମରାଜ ପ୍ରଭୁ ଯେହୁ ମଙ୍ଗଳ-ଆଳୟ,
ଅମୃତଜୀବନଦାତା ବ୍ରହ୍ମାଣ୍ଡ ଆଶ୍ରୟ।୨୨।
ପରିହରି ପାପ ପ୍ରଲୋଭନ
ଉଜ୍ଜ୍ୱଳ କର ବିଶ୍ବାସ, ସ୍ବାର୍ଥ ଅହଙ୍କାର ନାଶ,
କର ରେ ହୃଦୟାକାଶ ନିର୍ମଳ ବହନ,
ତେବେରେ ଲଭିବୁ ଧର୍ମରସ ଆସ୍ବାଦନ।୨୩।
ପ୍ରୀତିମୟ ଜୀବନରତନ
ତେବେ ତୋତେ ପରମେଶ, ତାଙ୍କର ପବିତ୍ରାଦେଶ
ନିଃସ୍ବାର୍ଥ ପବିତ୍ର ଚିତ୍ତେ କରରେ ସାଧନ,
ଜଗତର ହିତ ଅର୍ଥେ ଦିଅରେ ଜୀବନ।୨୪।
ହେ ଇଶ୍ବର ପରିତତାରଣ,
ପ୍ରାଣର ମୋ  ନିରଞ୍ଜନ, ଭୟ ବିଘ୍ନବିନାଶନ,
ତୁମ୍ଭେ ପ୍ରଭୁ ସନ୍ତାପିତ ପ୍ରାଣର ଚନ୍ଦନ,
ସଂସାର ବିଷାକ୍ତ ନେତ୍ରେ ତୁମ୍ଭେ ହେ ଅଞ୍ଜନ।୨୫।
ଆସ ନାଥ ଅଗତିର ଗତି,
ତୁମ୍ଭ ବିନା ଏ ସଂସାରେ ମରଇ ମୁଁ ହାହାକାରେ

ତାର ମୋତେ ମହାପ୍ରଭୁ ଦେଇଣ ସୁମତି,
ଅନନ୍ତ ଦୟା ତୁମ୍ଭର, ଅନନ୍ତ ଶକତି|୨୬|

## ୨ ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ

(ଗୀତ - ସନ୍ଥକବି ଭୀମ ଭୋଇ)
ବଖାଣି ମହିମା ଧୁନିକୁ ସ୍ଥାପିବା ଶ୍ରୀମୁଖରେ ଆଜ୍ଞା ଦେଲେ
ଦାସପଣେ କିଣି ଅର୍ଦ୍ଧବାଟେ ଆଣି କିମ୍ପା ଏତେ ସରି କଲେ |୧|
ନାହିଁ ମୋ ଭରସା ଉଡୁଛି ସହସା କି ବୁଦ୍ଧି କରିବି କହ
ଜଗତ ସମ୍ଭାଳି ଭଗତଙ୍କୁ ପାଳି ତୁମ୍ଭ ଭାରା ତୁମ୍ଭେ ବହ |୨|
ଭଗତଙ୍କ ଦୁଃଖ ନିରନ୍ତର ଦେଖ ଲାଗିଲାଟି ପଦାରବିନ୍ଦେ
ବାନ୍ଧିଥା ଯୋଗାଡ଼ି ଆଗପଛ କରି ବହିଥାଅ ନିଜ କାନ୍ଧେ |୩|
ସମ୍ପତ୍ତି ବିପତ୍ତି ମୁକତି ଦୁର୍ଗତି ଭିଆଣ କରିଛ ଯୋଡ଼ି
ପାପ ଦୁଃଖଭାର କେ ତୁମ୍ଭ ବହିବ ପାଦତଳେ ଥାଉ ପଡ଼ି |୪|
ବିଜେ କରିଅଛ କିମ୍ପା ନବୁଝୁଛ ପଳାଇ ପଶିବି କାହିଁ
ଅରଜି ପାପଭାରା କରିବି ପସରା ପାଦତଳେ ଦେବି ଥୋଇ |୫|
ଶରଣ ବାଞ୍ଛିତ କାନ୍ଦି କାନ୍ଦି ଭକ୍ତ ଗଡ଼ିଗଲେଣି ସକଳ
ଦୋଷ ଅପରାଧ କ୍ଷମା କରି ଗୁରୁ ଜାଗ୍ରତରେ ପ୍ରତିପାଳ |୬|
ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ ଦେଖୁଦେଖୁ କେବା ସହୁ
ମୋ ଜୀବନ ପଛେ ନର୍କେ ପଡ଼ିଥାଉ ଜଗତ ଉଦ୍ଧାର ହେଉ |୭|
ଜଣାଉଛି ମୁଁ ଯେ ଭକ୍ତି ଭାବରଞ୍ଜେ ଆହେ ଅଣିମା ଅନନ୍ତ

ତିନି ବ୍ରହ୍ମାଣ୍ଡରେ ଯେତେ ଜୀବଛନ୍ତି ସମସ୍ତେ ତୁମ୍ଭ ଭଗତ |୮|
ନବଲକ୍ଷ ତାରା ସୁରାଟ ବିରାଟ ଧ୍ରୁବଲୋକ ଆଦି ଯେତେ
ସମସ୍ତେ ତୁମ୍ଭ ପାଦତଳେ ଆଶ୍ରିତ ଠୁଳ ଶୂନ୍ୟ ପରିଯନ୍ତେ |୯|
ଠୁଳ ଶୂନ୍ୟଠାରୁ ତହିଁ ଉପରକୁ ଦେଖିଲଇଁ ନାହିଁ କିଛି
ଅବିକାର ବ୍ରହ୍ମ ଅନାମ ଅରୂପ ସିନ୍ଧୁ ପ୍ରାୟ ପୂରିଅଛି |୧୦|
କିବା ଦୁଷ୍ଟ ସନ୍ଥ ସେବକ ସାମନ୍ତ କୀଟ ପତଙ୍ଗରେ ପୂରି
ତୁମ୍ଭେ ପୂରିଅଛ କାହିଁ ଊଣା ନାହିଁ ସର୍ବଘଟେ ସମସରି |୧୧|
ମେଦିନୀ ପାଷାଣ କାଠ ତରୁ ତୃଣ ନିର୍ଜୀବରେ ଯେହ୍ନୁ ଗଛି
ମୁଁ ଯେ ଜାଣୁଅଛି ମନର ଭିତରେ ଶବ୍ଦବ୍ରହ୍ମ ହେଲେ ଅଛି |୧୨|
ମୁଁ ଯେ ମୂର୍ଖ କବି ଭେଦ ମାର୍ଗେ ଜଗି ତୁମ୍ଭ କରୁଣା ମାତର
ସମାନରେ ଦେଖି ସତ୍ୟ ଧର୍ମ ସାକ୍ଷୀ କରି ନପାରେ ଅନ୍ତର |୧୩|
ତ୍ରିପୁର ଜଗତେ ଜୀବଛନ୍ତି ଯେତେ ଅଛି ନାମ କଳା ଚିହ୍ନ
ସମସ୍ତେ ସଙ୍ଖୁଳି ଏକ ଆତ୍ମା ବୋଲି ନକରି ହୋ ଆନ ଭିନ୍ନ |୧୪|
କାଠର ଭିତରେ ସୁଢ଼ଳ ଧାତୁରେ ଜଳ ପୂରିଥାଇ ଯେତେ
ପ୍ରାଣୀଙ୍କ ଅଙ୍ଗରେ ଜୀବକର୍ମ ରୂପ ଫୁଟି ଦିଶୁଥାଇ ସତେ |୧୫|
ଦୋଷକୃତ ହାନି ଲାଭ ଧରା ମରା ଗାଳି ଦ୍ୱନ୍ଦ୍ୱ ହୁଅନ୍ତି ଯହିଁ
ରୁମ ଚର୍ମ ଭେଦି କାଟେ ଜୀବନକୁ କାତର ମୁଁ ହେଉଥାଇ |୧୬|
ଅଗ୍ନି ଚୁଲା ପରେ ତାରଣ ଭାଣ୍ଡରେ ଯେସନେ ଫୁଟଇ ଅନ୍ନ
ତେସନ ପରାଏ ହୃଦେ ଡେଉଁଥାଇ ପଞ୍ଚଭୂତ ଆତ୍ମାମାନ |୧୭|
ଏକ ଖଣ୍ଡ ହାଡ଼ ବୁନ୍ଦାଏ ରୁଧିର ଫୁଟେ ମାଉଁସ ଜାଣଇ
ତେଣୁକରି ସିନା ପ୍ରାଣୀଙ୍କ ବିକଳ ସହି ନ ପାରିବି ମୁହିଁ |୧୮|
ଏକା ଖଡ଼ଗରେ ଦଶ ପାଞ୍ଚ ମୁଣ୍ଡ ଛିଡ଼ଇ ଭାରତ ଯୁଦ୍ଧେ

ଆରେକ ଅଙ୍ଗକୁ ପାଦେ ପ୍ରହାରିଲେ ଏ ଅଙ୍ଗକୁ ମୋର ବାଧେ |୧୯|
ଆତ୍ମା ଭଗତିରେ ଦୋଷାଦୋଷ ହେଲେ ବଜ୍ର ପଡୁ ମୋ ମୁଣ୍ଡକୁ
କହେ ଭୀମ ଭୋଇ ବ୍ରହ୍ମଶାପ ଦେଇ ଜାଳି ଦିଅ ମୋ ପିଣ୍ଡକୁ |୨୦|

## 10 ଶାନ୍ତିପାଠ

ଓଁ ପୂର୍ଣ୍ଣମଦଃ ପୂର୍ଣ୍ଣମିଦମ୍ ପୂର୍ଣ୍ଣାତ୍ ପୂର୍ଣ୍ଣମୁଦଚ୍ୟତେ
ପୂର୍ଣ୍ଣସ୍ୟ ପୂର୍ଣ୍ଣମାଦାୟ ପୂର୍ଣ୍ଣମେବାବଶିଷ୍ୟତେ
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ||(ବୃହଦରାଣ୍ୟକ ଉପନିଷଦ ଓ ଈଶବସ୍ୟ ଉପନିଷଦ ରୁ)

ଓଁ ଶଂ ନୋ ମିତ୍ରଃ ଶଂ ବରୁଣଃ |
ଶଂ ନୋ ଭବତ୍ୱର୍ଯମା |
ଶଂ ନ ଇନ୍ଦ୍ରୋ ବୃହସ୍ପତିଃ |
ଶଂ ନୋ ବିଷ୍ଣୁରୁରୁକ୍ରମଃ |
ନମୋ ବ୍ରହ୍ମଣେ | ନମସ୍ତେ ବାୟୋ |
ତ୍ୱମେବ ପ୍ରତ୍ୟକ୍ଷଂ ବ୍ରହ୍ମାସି |
ତ୍ୱାମେବ ପ୍ରତ୍ୟକ୍ଷଂ ବ୍ରହ୍ମ ବଦିଷ୍ୟାମି |
ଋତଂ ବଦିଷ୍ୟାମି | ସତ୍ୟଂ ବଦିଷ୍ୟାମି |
ତନ୍ମାମବତୁ | ତଦ୍ ବକ୍ତାରମବତୁ |
ଅବତୁ ମାମ୍ | ଅବତୁ ବକ୍ତାରମ୍ |
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ || (ତୈତ୍ତିରିୟ ଉପନିଷଦ ରୁ)

ଓଁ ସହ ନାବ୍ ଅବତୁ
ସହ ନୌ ଭୁନକ୍ତୁ
ସହ ବୀର୍ଯ୍ୟଂ କରବାବହୈ
ତେଜସ୍ୱି ନାବ୍ ଅଧୀତମ୍ ଅସ୍ତୁ ମା ବିଦ୍ ବିଷାବହୈ |
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ || (ତୈତ୍ତିରିୟ ଉପନିଷଦ, କଠ ଉପନିଷଦ, ମଣ୍ଡୁକ୍ୟ ଉପନିଷଦ ଓ ଶ୍ୱେତଶ୍ୱତର ଉପନିଷଦ ରୁ)

ଓଁ ଆପ୍ୟାୟନ୍ତୁ ମମାଙ୍ଗାନି ବାକପ୍ରାଣଶ୍ଚକ୍ଷୁଃ
ଶ୍ରୋତ୍ରମଥୋ ବଲମିନ୍ଦ୍ରିୟାଣି ଚ ସର୍ବାଣି |
ସର୍ବମ୍ ବ୍ରହ୍ମୌପନିଷଦମ୍ ମାଽହଂ ବ୍ରହ୍ମ
ନିରାକୁର୍ୟାଂ ମା ମା ବ୍ରହ୍ମ
ନିରାକରୋଦନିରାକରଣମସ୍ତ୍ୱନିରାକରଣମ୍ ମେଽସ୍ତୁ |
ତଦାତ୍ମନି ନିରତେ ୟ ଉପନିଷତ୍ସୁ ଧର୍ମାସ୍ତେ
ମୟି ସନ୍ତୁ ତେ ମୟି ସନ୍ତୁ |
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ || (କେନ ଉପନିଷଦ ଓ ଚନ୍ଦୋଗ୍ୟ ଉପନିଷଦ ରୁ)

ଓଁ ବାଙ୍ ମେ ମନସି ପ୍ରତିଷ୍ଠିତା
ମନୋ ମେ ବାଚି ପ୍ରତିଷ୍ଠିତ-ମାବୀରାବୀର୍ମ ଏଧି |
ବେଦସ୍ୟ ମ ଆଣିସ୍ଥଃ ଶ୍ରୁତଂ ମେ ମା ପ୍ରହାସୀରନେନାଧୀତେନାହୋରାତ୍ରାନ୍
ସଂଦଧାମ୍ୟୃତମ୍ ବଦିଷ୍ୟାମି ସତ୍ୟଂ ବଦିଷ୍ୟାମି ତନ୍ମାମବତୁ
ତଦ୍ ବକ୍ତାରମବଦ୍ୱବତୁ ମାମବତୁ ବକ୍ତାରମବତୁ ବକ୍ତାରମ୍ |
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ || (ଐତରେୟ ଉପନିଷଦ ରୁ)

ଓଁ ଭଦ୍ରଂ କର୍ଣ୍ଣେଭିଃ ଶ୍ରୁଣୁୟାମ ଦେବାଃ |
ଭଦ୍ରଂ ପଶ୍ୟେମାକ୍ଷଭିର୍ଯଜତ୍ରାଃ
ସ୍ଥିରୈରଙ୍ଗୈସ୍ତୁଷ୍ଟୁବାଂସସ୍ତନୂଭିଃ |
ବ୍ୟଶେମ ଦେବହିତମ୍ ୟଦାୟୁଃ |
ସ୍ୱସ୍ତି ନ ଇନ୍ଦ୍ରୋ ବୃଦ୍ଧଶ୍ରବାଃ |
ସ୍ୱସ୍ତି ନଃ ପୂଷା ବିଶ୍ୱବେଦାଃ |
ସ୍ୱସ୍ତି ନସ୍ତାର୍କ୍ଷ୍ୟୋ ଅରିଷ୍ଟନେମିଃ |
ସ୍ୱସ୍ତି ନୋ ବୃହସ୍ପତିର୍ଦଧାତୁ
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ || (ମୁଣ୍ଡକ ଉପନିଷଦ, ମଣ୍ଡୁକ୍ୟ ଉପନିଷଦ ଓ
ପ୍ରଶ୍ନ ଉପନିଷଦ ରୁ)

ଓଁ ଦ୍ୟୌଃ ଶାନ୍ତିରନ୍ତରିକ୍ଷଁ ଶାନ୍ତିଃ
ପୃଥିବୀ ଶାନ୍ତିରାପଃ ଶାନ୍ତିରୋଷଧୟଃ ଶାନ୍ତିଃ
ବନସ୍ପତୟଃ ଶାନ୍ତିର୍ବିଶ୍ୱେଦେବାଃ ଶାନ୍ତିର୍ବ୍ରହ୍ମ ଶାନ୍ତିଃ
ସର୍ବଂ ଶାନ୍ତିଃ ଶାନ୍ତିରେବ ଶାନ୍ତିଃ ସା ମା ଶାନ୍ତିରେଧି ||
ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ || ---- ଯଜୁର୍ବେଦ ୩୬:୧୭

ଓଁ ଅସତୋ ମା ସଦ୍ଗମୟ
ତମସୋ ମା ଜ୍ୟୋତିର୍ ଗମୟ
ମୃତ୍ୟୋର୍ମାମୃତଂ ଗମୟ
ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ || ---- ବୃହଦରାଣ୍ୟକ ଉପନିଷଦ(୧.୩.୨୮)

---

Resources and inspirations from the following and many other INTERNET sites:

http://livinginbhubaneswar.blogspot.de
http://www.odia.org/
http://www.youtube.com/
https://www.fullodisha.com/odia-lyrics/
https://www.odiaweb.in/odialyrics
http://www.nuaodisha.com/Odia-Oriya-Bhajan-Lyrics-Images.aspx
https://odialive.com/chha-khanda-kathare-heba-sabari-song-lyrics/
http://bhaktisamachar.blogspot.de/2016/08/eka-to-bhakta-jibana-song-lyrics-in-enlish-text.html
https://incubator.wikimedia.org/wiki/Wq/or
www.jagannathculture.com
http://www.odiamusic.com/